

ସାମାଜିକ ବିଜ୍ଞାନ
(ଭାଗ - ୧)



GFTT9T

# ଇତିହାସ
# ଓ
# ରାଜନୀତି ବିଜ୍ଞାନ

## ସପ୍ତମ ଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର



# ଇତିହାସ ଓ ରାଜନୀତି ବିଜ୍ଞାନ

## ସପ୍ତମ ଶ୍ରେଣୀ

**ସଂପାଦକ ମଣ୍ଡଳୀ :**

ଶ୍ରୀ ପ୍ରତାପ କୁମାର ପଟ୍ଟନାୟକ
ଡ. ହରିହର ପଣ୍ଡା
ଶ୍ରୀ ବିଷ୍ଣୁ ଚରଣ ପାତ୍ର
ଶ୍ରୀମତୀ ଶୈଳବାଳା ପାଢ଼ୀ

**ସମୀକ୍ଷକ ମଣ୍ଡଳୀ :**

ଡ. ଶମ୍ଭୁପ୍ରସାଦ ସାମନ୍ତରାୟ
ଶ୍ରୀ ବୈଷ୍ଣବ ଚରଣ ଦାସ
ଶ୍ରୀ ପ୍ରତାପ କୁମାର ପଟ୍ଟନାୟକ
ଶ୍ରୀମତୀ ରେଣୁବାଳା ଦାସ
ଶ୍ରୀମତୀ ରତ୍ନମଂଜରୀ ଦାଶ
ପ୍ରଫେସର ଡ. ଅଶୋକନାଥ ପରିଡ଼ା
ପ୍ରଫେସର ଡ. ସୂର୍ଯ୍ୟନାରାୟଣ ମିଶ୍ର
ଡ. ହରେକୃଷ୍ଣ ସାହୁ
ଡ. ପୁଷ୍ପାଞ୍ଜଳି ପାଣୀ

**ସଂଯୋଜନା :**

ଶ୍ରୀ ସତ୍ୟଜିତ୍ ଦାସ ମହାପାତ୍ର
ଡ. ମିନାକ୍ଷୀ ପଣ୍ଡା
ଡ. ତିଲୋତ୍ତମା ସେନାପତି
ଡ. ସବିତା ସାହୁ

**ପ୍ରକାଶକ :**

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୧୧
୨୦୧୯

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଆଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି

# ସାମାଜିକ ବିଜ୍ଞାନ

## ଇତିହାସ ବିଭାଗ


| ଅଧ୍ୟାୟ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ପ୍ରଥମ | ନୂତନ ଶକ୍ତିର ଅଭ୍ୟୁତ୍ଥାନ | ୧ |
| ଦ୍ୱିତୀୟ | ଦିଲ୍ଲୀରେ ସୁଲତାନୀ ଶାସନ | ୨୬ |
| ତୃତୀୟ | ମୋଗଲ ସାମ୍ରାଜ୍ୟ (୧୫୨୬-୧୭୦୭) | ୪୫ |
| ଚତୁର୍ଥ | ଇଉରୋପୀୟମାନଙ୍କର ଭାରତ ଆଗମନ | ୬୨ |
| ପଞ୍ଚମ | ଧର୍ମ ସଂସ୍କାର ଆନ୍ଦୋଳନ ଏବଂ ଆଞ୍ଚଳିକ ସଂସ୍କୃତିର ବିକାଶ ଭକ୍ତି ଏବଂ ସୁଫି ଧର୍ମ ଆନ୍ଦୋଳନ | ୬୯ |
| ଷଷ୍ଠ | ମୋଗଲ ସାମ୍ରାଜ୍ୟର ପତନ | ୭୮ |
| ସପ୍ତମ | ଓଡ଼ିଶାରେ ସୂର୍ଯ୍ୟବଂଶୀ ନରପତିଗଣ | ୮୨ |


## ରାଜନୀତି ବିଜ୍ଞାନ ବିଭାଗ


| | | |
|---|---|---|
| ପ୍ରଥମ | ସମ୍ବିଧାନ | ୯୧ |
| ଦ୍ୱିତୀୟ | ସ୍ୱାଧୀନତା ସଂଗ୍ରାମ ଓ ଭାରତ ସମ୍ବିଧାନର ଗଠନ ପ୍ରକ୍ରିୟା | ୯୯ |
| ତୃତୀୟ | ଭାରତ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ | ୧୦୪ |
| ଚତୁର୍ଥ | ମାନବିକ ଅଧିକାର | ୧୧୬ |

GG3PBG

# ପ୍ରଥମ ଅଧ୍ୟାୟ

# ନୂତନ ଶକ୍ତିର ଅଭ୍ୟୁତ୍‌ଥାନ

## (କ) ଐତିହାସିକମାନେ ଏବଂ ସେମାନଙ୍କର ଉପାଦାନ

ଯେ କୌଣସି ସମୟର ଇତିହାସ ରଚନା କରିବା ପାଇଁ ଉପାଦାନ ଆବଶ୍ୟକ । ଐତିହାସିକ ଉପାଦାନକୁ ବିଶ୍ଳେଷଣ କରି ଇତିହାସ ରଚନା କରାଯାଏ । ମଧ୍ୟଯୁଗୀୟ ଭାରତର ଇତିହାସ ରଚନା କରିବା ପାଇଁ ବହୁ ଉପାଦାନ ରହିଅଛି । ତାହାକୁ ଆଧାର କରି ଐତିହାସିକମାନେ ତୁର୍କ ଆକ୍ରମଣ, ରାଜପୁତମାନଙ୍କର ଅଭ୍ୟୁଦୟ, ଗଙ୍ଗବଂଶର ଶାସନ, ଭକ୍ତି ଆନ୍ଦୋଳନ, ମୋଗଲମାନଙ୍କର ଶାସନ ଓ ଭାରତରେ ୟୁରୋପୀୟମାନଙ୍କର ଆଗମନ ଉପରେ ଆଲୋକପାତ କରିଛନ୍ତି ।

ସୁଲତାନ ମାମୁଦଙ୍କ ଶାସନ ସଂପର୍କରେ ଫିର୍ଦୋସିଙ୍କ 'ଶାହାନାମା' ସୂଚନା ପ୍ରଦାନ କରିଥାଏ । ମିନ୍‌ହାଜ୍-ଉଦ୍ଦିନ୍-ସିରାଜଙ୍କ 'ତବାକତ୍-ଇ-ନାସିରୀ'ରେ ମହମ୍ମଦ ଘୋରୀ, ଇଲତୁତ୍‌ମିସ୍ ଏବଂ ବଲବନଙ୍କ ବିଷୟରେ ବର୍ଣ୍ଣନା କରାଯାଇଅଛି । ଏହା ବ୍ୟତୀତ ଅମୀର ଖୁସ୍ରୁଙ୍କ 'ତୁଗ୍‌ଲକ୍ ନାମା' ମହମ୍ମଦ-ବିନ୍- ତୁଗ୍‌ଲକ୍‌ଙ୍କ କାର୍ଯ୍ୟକଳାପ ସଂପର୍କରେ ବର୍ଣ୍ଣନା କରିଥାଏ । ବାବରଙ୍କ ଆତ୍ମଚରିତ 'ବାବରନାମା'ଏବଂ ଆବୁଲ ଫାଜଲଙ୍କ 'ଆକବରନାମା' ଯଥାକ୍ରମେ ମୋଗଲ ଶାସକ ବାବର ଓ ଆକବରଙ୍କ ବିଷୟରେ ତଥ୍ୟ ପ୍ରଦାନ କରିଥାଏ । ଏହିପରି ଭାବରେ ମଧ୍ୟଯୁଗରେ ରଚିତ ବହୁ ପୁସ୍ତକ ସେ ସମୟର ବିଭିନ୍ନ ଶାସକମାନଙ୍କ ସଂପର୍କରେ ତଥ୍ୟ ପ୍ରଦାନ କରିଥାଏ ।

### ତୁମେ ଜାଣିଛ କି?

- ଅମୀର ଖୁସ୍ରୁଙ୍କ 'ଖାଜାଇନ-ଉଲ-ଫୁତୁ' ଆଲ୍ଲାଉଦ୍ଦିନ ଖିଲିଜୀଙ୍କ ରାଜ୍ୟ ଜୟ ସଂପର୍କରେ ବର୍ଣ୍ଣନା କରିଥାଏ ।
- ଫିରୋଜଶାହା ତୁଗ୍‌ଲକ୍‌ଙ୍କ ସଂପର୍କରେ ଅଫିଫ୍‌ଙ୍କ 'ତାରିଖ୍-ଇ-ଫିରୋଜଶାହୀ' ପୁସ୍ତକ ଅନେକ ସୂଚନା ଦେଇଥାଏ ।
- ହୁମାୟୁନଙ୍କ ଭଉଣୀ ଗୁଲବଦନ ବେଗ୍ 'ହୁମାୟୁନନାମା'ରେ ହୁମାୟୁନଙ୍କ ବିଷୟରେ ଅନେକ କଥା ଆଲୋଚନା କରିଛନ୍ତି ।
- ଇନାୟତ୍ ଖାଁଙ୍କ 'ଶାହାଜାହାନନାମା'ରୁ ମୋଗଲ ସମ୍ରାଟ ଶାହାଜାହାନ୍‌ଙ୍କ ସଂପର୍କରେ ଅନେକ ତଥ୍ୟ ମିଳିଥାଏ ।
- 'ବାବରନାମା'ର ଅନ୍ୟନାମ 'ତୁଜୁକ୍-ଇ-ବାବରୀ' ।

ମୋଗଲମାନଙ୍କ ସମୟରେ ରଚିତ ଐତିହାସିକ କୃତିମାନ ମୋଗଲ ସମ୍ରାଟମାନଙ୍କର କେଉଁ କାର୍ଯ୍ୟକଳାପଗୁଡ଼ିକ ବିଷୟରେ ବର୍ଣ୍ଣନା କରିଥିବ, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

ମିନ୍‌ହାଜ୍-ଉଦ୍ଦିନ୍-ସିରାଜ୍ 'ତବାକତ୍-ଇ-ନାସିରୀ'ଲେଖିଥିଲେ । ସେହିପରି ଦିଲ୍ଲୀର ସୁଲତାନମାନଙ୍କ ବିଷୟରେ ଅନ୍ୟ ଲେଖକଙ୍କ ଐତିହାସିକ କୃତିମାନ ଅନ୍ୟସହ ଆଲୋଚନା କରି ଲେଖ ।

'ବୀଜକ' ଗ୍ରନ୍ଥରେ ଥିବା 'ଦୋହା'ରୁ କବୀରଙ୍କ ଧର୍ମବାଣୀ ସମ୍ବନ୍ଧରେ ଜାଣି ହୋଇଥାଏ । 'ଆଦିଗ୍ରନ୍ଥ' ବା 'ଗୁରୁଗ୍ରନ୍ଥ ସାହେବ'ରୁ ନାନକଙ୍କ ନୀତିବାଣୀ ସଂପର୍କରେ ସୂଚନା ମିଳିଥାଏ । ଶ୍ରୀ ଚୈତନ୍ୟଙ୍କ ବାଣୀ 'ଚୈତନ୍ୟ ଚରିତାମୃତ' ନାମକ ପୁସ୍ତକରୁ ଜାଣି ହୋଇଥାଏ । କୃଷ୍ଣଦେବ ରାୟଙ୍କର 'ଆମୁକ୍ତ ମାଲ୍ୟଦ' ପୁସ୍ତକରୁ ବିଜୟନଗର ରାଜ୍ୟ ଏବଂ ଏହାର ଶାସନ ବିଷୟରେ ଜଣାପଡ଼ିଥାଏ ।

**ତୁମେ ଜାଣିଛ କି?**

❖ ଦୋହା: ଏହା ଦୁଇ ଧାଡ଼ିର ରଚିତ ଏକ ପଦ । ପ୍ରତ୍ୟେକ ଦୋହାରେ କେବଳ ଗୋଟିଏ ଭାବ ହିଁ ପ୍ରକାଶ ପାଇଥାଏ ।

ତୁମେ ଜାଣିଥିବା ଅନ୍ୟାନ୍ୟ ସନ୍ଥମାନଙ୍କର ନାମ ଏବଂ ସେମାନଙ୍କ ରଚିତ ପୁସ୍ତକର ନାମ ଲେଖ ।

ଗୋଆରେ ଥିବା ସେଣ୍ଟ ଜାଭିୟର୍ସ ଚର୍ଚ୍ଚ ନଥିରୁ ଭାରତରେ ପର୍ତ୍ତୁଗୀଜ୍‌ମାନଙ୍କ କାର୍ଯ୍ୟକଳାପ ସଂପର୍କରେ ସୂଚନା ମିଳେ । କଲିକତାରେ ଥିବା ଦୁର୍ଗ ଫୋର୍ଟ ଉଇଲିୟମର ନଥିରୁ ଭାରତରେ ଇଂରେଜମାନଙ୍କର ପ୍ରାଥମିକ କାର୍ଯ୍ୟକଳାପ ବିଷୟରେ ଜାଣି ହୋଇଥାଏ ।



ଉଇଲିୟମ୍ ଫୋର୍ଟ

**ତୁମେ ଜାଣିଛ କି?**

❖ ଅଭିଲେଖ– ଜଣେ ଶାସକଙ୍କ ସଂପର୍କରେ ଧାରଣା ଦେଇଥାଏ । ଏହା ପ୍ରସ୍ତର, ତାମ୍ର ପଟା ଏବଂ ମୁଦ୍ରାରେ ବିଭିନ୍ନ ଲିପିରେ ଖୋଦିତ ହୋଇଥାଏ ।

ଓଡ଼ିଶାର ସୋମବଂଶୀ ଏବଂ ଗଙ୍ଗବଂଶୀମାନଙ୍କର ଇତିହାସ ଜାଣିବା ପାଇଁ ଏହି ରାଜବଂଶର ରାଜାମାନେ ଛାଡ଼ି ଯାଇଥିବା ଅଭିଲେଖମାନ ସହାୟକ ହୋଇଥାଏ । ଦକ୍ଷିଣ ଭାରତରେ ରାଜତ୍ୱ କରୁଥିବା ଚୋଳ, ପାଣ୍ଡ୍ୟ, ଯାଦବ ଆଦି ରାଜବଂଶର ଇତିହାସ ଜାଣିବା ପାଇଁ ମଧ୍ୟ ସେହି ବଂଶର ରାଜାମାନଙ୍କ ଦ୍ୱାରା ଖୋଦିତ ହୋଇଥିବା ଅଭିଲେଖରୁ ଜଣା ପଡ଼ିଥାଏ । ଏହି ଅଭିଲେଖ ଗୁଡ଼ିକରୁ ରାଜାମାନଙ୍କର ରାଜ୍ୟ ଜୟ, ଶାସନ ପ୍ରଣାଳୀ, ଭୂମିଦାନ ଆଦି ବିଷୟ ସଂପର୍କରେ ଜାଣି ହୋଇଥାଏ ।



ତାମ୍ର ପଟା

मध्ययुगରେ ଛାପାଖାନା ନଥିଲା । ତେଣୁ ପାଣ୍ଡୁଲିପିଗୁଡ଼ିକ ମୁଦ୍ରିତ ହୋଇ ପାରୁ ନ ଥିଲା । ଜଣେ ଲେଖକଙ୍କର ପାଣ୍ଡୁଲିପି ଦେଖି ତାହାକୁ ଅନ୍ୟଜଣେ ଲେଖୁଥିଲା । ଲେଖାକୁ ଅନୁସରଣ କରି ଲେଖିଲା ବେଳେ ଅଧିକାଂଶ ଅକ୍ଷରର ପରିବର୍ତ୍ତନ ହୋଇ ଯାଉଥିଲା । ବେଳେବେଳେ ଅନୁକରଣ କରୁଥିବା ବ୍ୟକ୍ତି ମଧ୍ୟ ନିଜ ମନରୁ ଧାଡ଼ିଏ ଦୁଇ ଧାଡ଼ି ତଥ୍ୟ ଲେଖି ଦେଉଥିଲା । ଏହି ଐତିହାସିକ ପ୍ରମାଦ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଦୂରୀଭୂତ ହୋଇପାରି ନାହିଁ । ଫଳରେ ଅଧିକାଂଶ ଲେଖକ, କବି ଏବଂ ଐତିହାସିକମାନଙ୍କର ମୂଳଲେଖା ହସ୍ତଗତ ହୋଇ ପାରିନାହିଁ । ତଥାପି ମିଳିଥିବା ଗ୍ରନ୍ଥକୁ ଆଧାର କରି ଇତିହାସ ଲେଖା ହେଉଅଛି ।


ପାଣ୍ଡୁଲିପିର ଅନୁକରଣ


ମଧ୍ୟଯୁଗରେ ଛାପାଖାନା ଥିଲେ କି ସୁବିଧା ହୋଇଥାଆନ୍ତା ?

ବିଭିନ୍ନ ଗ୍ରନ୍ଥ ତଥା ନଥି ଅଭିଲେଖାଗାରରେ ସଂଗୃହୀତ ହୋଇ ରହିଥାଏ । ଐତିହାସିକମାନେ ସେଗୁଡ଼ିକୁ ପଢ଼ି ବିଭିନ୍ନ ସମୟରେ ଇତିହାସ ରଚନା କରିଥାନ୍ତି । ଅଧିକାଂଶ ସମୟରେ ତଥ୍ୟ ସମ୍ବଳିତ ତାଳପତ୍ର ପୋଥି ତଥା ପୁସ୍ତକର କାଗଜକୁ ଉଇ ଖାଇ ଦେବାର ଭୟ ଥାଏ । ତେଣୁ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ଏହି ଉପାଦେୟ ଗ୍ରନ୍ଥଗୁଡ଼ିକୁ ଅଭିଲେଖାଗାରରେ ସଂଗ୍ରହ କରି ରଖାଯାଏ । ସେହିପରି ଭାବରେ ବିଭିନ୍ନ ସଂଗ୍ରହାଳୟରେ ଅଭିଲେଖମାନ ରହିଅଛି । ସେଗୁଡ଼ିକୁ ପଢ଼ି ଐତିହାସିକମାନେ ଇତିହାସ ରଚନା କରିବାକୁ ସକ୍ଷମ ହେଉଛନ୍ତି । ଅତଏବ,ଇତିହାସ ଲେଖିବା ପାଇଁ ଉପାଦାନ ଯେ ନିତାନ୍ତ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ ।

### ତୁମେ ଜାଣିଛ କି ?

ଅଭିଲେଖାଗାରରେ ବହୁ ନଥିପତ୍ର, ଦିନଲିପି (ଡାଏରୀ) ତଥା ପୁସ୍ତକ ଆଦି ରହିଥାଏ । ଗବେଷକମାନେ ସେମାନଙ୍କର ଗବେଷଣା ପାଇଁ ଏହିଠାରୁ ଉପାଦାନ ସଂଗ୍ରହ କରିଥାନ୍ତି ।

- ତାଳପତ୍ର ପୋଥି ତଥା ଅନ୍ୟାନ୍ୟ ଉପାଦେୟ ପୁସ୍ତକଗୁଡ଼ିକୁ କିପରି ସଂରକ୍ଷଣ କରାଯାଇ ପାରିବ, ଅନ୍ୟମାନଙ୍କଠାରୁ ବୁଝି ଲେଖ ।
- ଆମରାଜ୍ୟ ଅଭିଲେଖାଗାର କେଉଁଠାରେ ଅଛି ?


ତାଳପତ୍ର ପୋଥି

## (ଖ) ତୁର୍କମାନଙ୍କର ଆକ୍ରମଣ:

ଦଶମ ଶତାବ୍ଦୀରେ ଭାରତର ରାଜନୈତିକ ଅବସ୍ଥା ଅସ୍ଥିର ଥିଲା । ବିଭିନ୍ନ ରାଜବଂଶର ରାଜାମାନେ ପରସ୍ପର ମଧ୍ୟରେ ଯୁଦ୍ଧ ଏବଂ କଳହରେ ଲିପ୍ତ ଥିଲେ । ଏହାର ସୁଯୋଗ ନେଇ ଉତ୍ତର-ପଶ୍ଚିମରୁ ତୁର୍କମାନେ ଭାରତ ଆକ୍ରମଣ କରିଥିଲେ । ତନ୍ମଧ୍ୟରେ ପ୍ରଥମ ଥିଲେ ଗଜନୀର ସୁଲତାନ ମାମୁଦ୍ ।

### ମାମୁଦ୍ ଗଜନୀଙ୍କର ଭାରତ ଆକ୍ରମଣ:



ସୁଲତାନ ମାମୁଦ୍

ଦଶମ ଶତାବ୍ଦୀରେ ଆଫଗାନିସ୍ତାନରେ ଆଲପ୍ତଗିନ୍ ଗଜନୀ ନାମକ ଏକ କ୍ଷୁଦ୍ର ରାଜ୍ୟ ସ୍ଥାପନ କରିଥିଲେ । ୯୭୭ ଖ୍ରୀଷ୍ଟାବ୍ଦରେ ସାବୁକ୍ତଗିନ୍ ଏହାର ଶାସନକର୍ତ୍ତା ହୋଇଥିଲେ । ତାଙ୍କ ମୃତ୍ୟୁ ପରେ ସୁଲତାନ ମାମୁଦ୍ ୯୯୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲେ । ଗଜନୀକୁ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିବା ପାଇଁ ସେ ସ୍ୱପ୍ନ ଦେଖିଥିଲେ । ମଧ୍ୟ-ଏସିଆ ଜୟ କରି ଏକ ବିଶାଳ ସାମ୍ରାଜ୍ୟ ସୃଷ୍ଟି କରିବାର କଳ୍ପନା ତାଙ୍କ ମନରେ ଉଙ୍କି ମାରିଲା । ସେଥିପାଇଁ ସେ ଏକ ବିରାଟ ସୈନ୍ୟବାହିନୀ ଗଠନ କଲେ । ଭାରତର ଧନ ରତ୍ନ ତାଙ୍କୁ ପ୍ରଲୋଭିତ କରିଥିଲା । ସେ ୧୦୦୦ ଖ୍ରୀଷ୍ଟାବ୍ଦରୁ ୧୦୨୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ୧୭ ଥର ଭାରତ ଆକ୍ରମଣ କରିଥିଲେ ।

> ଗଜନୀକୁ ଶକ୍ତିଶାଳୀ କରିବା ପାଇଁ ସୁଲତାନ ମାମୁଦ ଆଉ କେଉଁ କେଉଁ ପଦକ୍ଷେପ ନେଇଥିବେ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

ମାମୁଦ୍ ପଞ୍ଜାବ, ମୁଲତାନ୍, ଥାନେଶ୍ୱର ଆଦି ଅଧିକାର କରି ନିଜ ବୀରତ୍ୱର ପରିଚୟ ପ୍ରଦାନ କରିଥିଲେ । ସେ ପଞ୍ଜାବକୁ ନିଜ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ । ୧୦୨୫ ଖ୍ରୀଷ୍ଟାବ୍ଦରେ ମାମୁଦ୍ ଗୁଜରାଟର ପ୍ରସିଦ୍ଧ ସୋମନାଥ ମନ୍ଦିର ଲୁଣ୍ଠନ କରି ବହୁ ଧନରତ୍ନ ଭାରତରୁ ଗଜନୀକୁ ନେଇ ଯାଇଥିଲେ । ହିନ୍ଦୁ ମନ୍ଦିର ଧ୍ୱଂସ ଏବଂ ଲୁଣ୍ଠନ କରି ଇସଲାମ ଧର୍ମର ଗୌରବ ରକ୍ଷା କରିବା ପାଇଁ ସେ ଚେଷ୍ଟିତ ଥିଲେ ।

> ସୁଲତାନ ମାମୁଦ୍ ସୋମନାଥ ମନ୍ଦିର ଲୁଣ୍ଠନ କଲା ବେଳେ ଏହି ମନ୍ଦିରକୁ ରକ୍ଷା କରିବା ପାଇଁ ସେତେବେଳେ ପୂଜକମାନେ କି କି ପଦକ୍ଷେପ ନେଇଥିବେ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

୧୦୩୦ ଖ୍ରୀଷ୍ଟାବ୍ଦରେ ସୁଲତାନ ମାମୁଦ୍ ମୃତ୍ୟୁବରଣ କଲେ । ସମଗ୍ର ଉତ୍ତର ଭାରତ ଏକ ଆକ୍ରମଣକାରୀ ଏବଂ ଲୁଣ୍ଠନକାରୀ କବଳରୁ ମୁକ୍ତ ହେଲା । ମାମୁଦ୍ କିନ୍ତୁ ଗଜନୀର ବହୁ ଉନ୍ନତି ସାଧନ କରିଥିଲେ । ସେ ସେଠାରେ ଏକ ବିରାଟ ପାଠାଗାର ଏବଂ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିଥିଲେ ।

**ତୁମେ ଜାଣିଛ କି?**

- ମାମୁଦ ତାଙ୍କ ୧୭ ଥର ଭାରତ ଆକ୍ରମଣ ମଧ୍ୟରେ ଭାରତର ଆହୁରି ଅନେକ ରାଜ୍ୟ ଉପରେ ଆକ୍ରମଣ କରିଥିଲେ । ସେଗୁଡ଼ିକ ହେଲା- କାଶ୍ମୀର, ବଙ୍ଗ, ବୁନ୍ଦେଲଖଣ୍ଡ, ମାଳବ, ଆଜମୀର
- ସୋମନାଥ ମନ୍ଦିର ଆକ୍ରମଣ ବେଳେ ଗୁଜୁରାଟର ରାଜା ଭୀମଦେବ ରାଜ୍ୟ ଛାଡ଼ି ପଳାୟନ କରିଥିଲେ ।
- ସୋମନାଥ ମନ୍ଦିର ଗୁଜରାଟର କାଥିଆୱାଡ ସମୁଦ୍ର କୂଳରେ ଅବସ୍ଥିତ ଥିଲା ।
- ମାମୁଦଙ୍କୁ ବାଗ୍‌ଦାଦ୍‌ର ଖଲିଫା 'ଇସଲାମ ଧର୍ମର ରକ୍ଷକ' ବୋଲି ସମ୍ମାନିତ କରିଥିଲେ ।

ମାମୁଦ୍ ତାଙ୍କ ଦରବାରରେ ବହୁ ଜ୍ଞାନୀ ଏବଂ ଗୁଣୀମାନଙ୍କୁ ସ୍ଥାନ ଦେଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରସିଦ୍ଧ ଥିଲେ ପାରସିକ କବି ଫିର୍ଦ୍ଦୋସି । ସେ 'ଶାହାନାମା' ନାମକ ଏକ ବିରାଟ ଗ୍ରନ୍ଥ ରଚନା କରି ଜନମାନସରେ ଅମର ହୋଇ ରହିଛନ୍ତି । ମାମୁଦ୍ ଆଲ୍‌ବେରୁଣୀ ନାମକ ଜଣେ ବିଦ୍ୱାନ ବ୍ୟକ୍ତିଙ୍କୁ ଭାରତ ସଂପର୍କରେ ଜ୍ଞାନ ଆହରଣ କରିବା

ପାଇଁ ପଠାଇଥିଲେ । ସେ ଭାରତରେ ବହୁ ବର୍ଷ ରହି ଭାରତ ଉପରେ ଏକ ସୁନ୍ଦର ପୁସ୍ତକ ରଚନା କରିଥିଲେ । ତାହାର ନାମ ହେଉଛି 'ତହକିକ୍-ଇ-ହିନ୍ଦ୍' ଅର୍ଥାତ 'ଭାରତ ବିଷୟରେ ଯାହା ସତ୍ୟ' ।

ତୁମେ ମାମୁଦ୍‌ଙ୍କ ରାଜଦରବାରରେ ଜଣେ ଐତିହାସିକ ବା କବି ରୂପେ ସ୍ଥାନ ପାଇଥିଲେ, ତାଙ୍କ ଚରିତ୍ରକୁ କିପରି ଭାବରେ ଚିତ୍ରଣ କରିଥାନ୍ତ ?

ମାମୁଦ୍‌ଙ୍କ ମୃତ୍ୟୁପରେ ଗଜନୀ ରାଜ୍ୟ ନିଜର ଗୌରବ ହରାଇ ବସିଲା । ତାଙ୍କର ଉତ୍ତରାଧିକାରୀମାନେ ଦୁର୍ବଳ ହୋଇ ପଡ଼ିଲେ । ଗଜନୀ ରାଜ୍ୟର ପତନ ଘଟିଲା । ଏହା ପରେ ଆଫଗାନିସ୍ତାନରେ ଘୋର ନାମକ ଅନ୍ୟ ଏକ ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ଏହାର ଶାସକ ମହମ୍ମଦ ଘୋରୀ ମଧ୍ୟ ଭାରତ ଆକ୍ରମଣ କରିଥିଲେ ।

## ମହମ୍ମଦ ଘୋରୀଙ୍କ ଭାରତ ଆକ୍ରମଣ


ମହମ୍ମଦ ଘୋରୀ

ଦ୍ୱାଦଶ ଶତାବ୍ଦୀର ଶେଷ ଆଡ଼କୁ ଘୋର ରାଜ୍ୟର ଶାସକ ମହମ୍ମଦଘୋରୀ ଭାରତ ଆକ୍ରମଣ କରିଥିଲେ । ଉତ୍ତର ଭାରତ ଜୟ କରି ଏହାକୁ ନିଜ ରାଜ୍ୟରେ ମିଶାଇବା ତାଙ୍କର ଚରମ ଲକ୍ଷ୍ୟ ଥିଲା । ଭାରତର ଧନରତ୍ନ ମଧ୍ୟ ତାଙ୍କୁ ଭାରତ ଆକ୍ରମଣ କରିବା ପାଇଁ ପ୍ରେରଣା ଯୋଗାଇ ଥିଲା ।

ମହମ୍ମଦ ଘୋରୀ ୧୧୭୫ ଖ୍ରୀଷ୍ଟାବ୍ଦରେ ମୁଲତାନ ଅଧିକାର କରି ଭାରତ ଆକ୍ରମଣ ପାଇଁ ପଥ ପ୍ରସ୍ତୁତ କରିଥିଲେ । ଏହା ପରେ ସେ ସିନ୍ଧୁ ପ୍ରଦେଶ ଏବଂ ପଞ୍ଜାବ ଅଧିକାର କରି ଦିଲ୍ଲୀ ଆଡ଼କୁ ଅଗ୍ରସର ହେଲେ । ଦିଲ୍ଲୀରେ ସେତେବେଳେ ଚୌହାନ ବଂଶର ରାଜା ପୃଥ୍ୱୀରାଜ ଶାସନ କରୁଥିଲେ । ସେ ରାଜପୁତମାନଙ୍କୁ ସଂଗଠିତ କରି ସେମାନଙ୍କ ସହାୟତାରେ ମହମ୍ମଦ ଘୋରୀଙ୍କୁ ୧୧୯୧ ଖ୍ରୀଷ୍ଟାବ୍ଦରେ ତିରୋରୀଠାରେ ପରାସ୍ତ କରିଥିଲେ । ଏହା ଥିଲା ପ୍ରଥମ ତିରୋରୀ ଯୁଦ୍ଧ ।

**ତୁମେ ଜାଣିଛ କି?**
ମହମ୍ମଦ ଘୋରୀଙ୍କ ଅନ୍ୟନାମ ଥିଲା ସାହାବ୍-ଉଦ୍-ଦିନ୍-ମହମ୍ମଦ ।

ରାଜପୁତମାନଙ୍କର କେଉଁ କେଉଁ ଗୁଣଥିବାରୁ ପୃଥ୍ୱୀରାଜ ସେମାନଙ୍କ ସହାୟତା ନେଇଥିଲେ ? ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।


ପୃଥ୍ୱୀରାଜ ଚୌହାନ

ମହମ୍ମଦ ଘୋରୀ ଏହି ପରାଜୟକୁ ଭୁଲି ପାରି ନଥିଲେ । ସେ ପୁନର୍ବାର ଭାରତ ଆକ୍ରମଣ କଲେ । ୧୧୯୨ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ତିରୋରୀ ଯୁଦ୍ଧରେ ସେ ପୃଥ୍ୱୀରାଜଙ୍କୁ ପରାସ୍ତ କରି ଦିଲ୍ଲୀ ଅଧିକାର କରିଥିଲେ । ଏହା ଦେଖି କନୌଜର ରାଠୋର ବଂଶୀୟ ଶାସକ ଜୟଚନ୍ଦ୍ର ରାଜପୁତମାନଙ୍କୁ ଏକତ୍ରିତ କରି ମହମ୍ମଦ ଘୋରୀଙ୍କୁ ଚାନ୍ଦୱାର (ଚାନ୍ଦେରୀ) ଯୁଦ୍ଧ କ୍ଷେତ୍ରରେ ଭେଟିଥିଲେ । ଏହି ଯୁଦ୍ଧରେ ମହମ୍ମଦ ଘୋରୀ ଜୟଚନ୍ଦ୍ରଙ୍କୁ ପରାଜିତ କରି ଭାରତରୁ ବିପୁଳ ଧନରତ୍ନ ସ୍ୱଦେଶକୁ ନେଇ ଯାଇଥିଲେ । ସେ ଯିବା ପରେ ତାଙ୍କର ମୁଖ୍ୟ ସେନାପତି କୁତବୁଦ୍ଦିନ ଆଇବାକ୍ ବୁନ୍ଦେଲଖଣ୍ଡ, କାଲିଞ୍ଜର ଏବଂ ମାହୋବା ଆଦି ଅଂଚଳ ଅଧିକାର କରିଥିଲେ । ତାଙ୍କର ଅନ୍ୟତମ ସେନାପତି ଇକ୍ତିୟାରଉଦ୍ଦିନ୍ ଖିଲଜୀ ବଙ୍ଗ ଏବଂ ବିହାର ଅଧିକାର କରିଥିଲେ । ମହମ୍ମଦ ଘୋରୀ ଲାହୋରଠାରେ ୧୨୦୬ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

**ତୁମେ ଜାଣିଛ କି?**
ମହମ୍ମଦ ଘୋରୀଙ୍କର ମୁଖ୍ୟ ସେନାପତି କୁତବୁଦ୍ଦିନ ଆଇବାକ୍ ଦିଲ୍ଲୀରେ 'ଦାସବଂଶ' ଶାସନ ପ୍ରତିଷ୍ଠା କରିଥିଲେ ।

ପୃଥ୍ୱୀରାଜ ଏବଂ ଜୟଚନ୍ଦ୍ରଙ୍କ ମଧ୍ୟରେ କି ସଂପର୍କ ରହିଥିଲା, ଅନ୍ୟମାନଙ୍କ ଠାରୁ ବୁଝି ଲେଖ ।

❖ ପୃଥ୍ୱୀରାଜଙ୍କ ବୀରତ୍ୱ ସଂପର୍କରେ ଚାନ୍ଦ ବର୍‌ଦାୟୀଙ୍କ 'ପୃଥ୍ୱୀରାଜ ରାସୋ' ଗ୍ରନ୍ଥରୁ ଜଣାପଡ଼େ ।

## (ଗ) ପ୍ରତିହାର, ଚୋଳ, ପାଣ୍ଡ୍ୟ, ହୟଶାଳ ଏବଂ ଯାଦବ ବଂଶ

ଭାରତର ରାଜନୈତିକ ପୃଷ୍ଠଭୂମିରେ ଅଷ୍ଟମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଅନେକ ରାଜବଂଶର ଉତ୍‌ଥାନ ଘଟିଥିଲା । ପ୍ରତିହାରମାନେ ଉତ୍ତର ଭାରତରେ ଶାସନ କରୁଥିଲାବେଳେ ଦକ୍ଷିଣ ଭାରତରେ ଚୋଳ, ପାଣ୍ଡ୍ୟ, ହୟଶାଳ ଏବଂ ଯାଦବ ବଂଶର ଶାସକମାନେ ଶାସନ କରୁଥିଲେ ।




ପ୍ରତିହାର, ଚୋଳ, ପାଣ୍ଡ୍ୟ, ହୟଶାଳ ଓ ଯାଦବ ବଂଶର ରାଜ୍ୟ ।

### ପ୍ରତିହାର ବଂଶ:

ପ୍ରତିହାରମାନେ ଥିଲେ ଏକ ଶକ୍ତିଶାଳୀ ରାଜପୁତ ଜାତି । 'ପ୍ରତିହାର'ର ଅର୍ଥ ଜଗୁଆଳୀ । ସେତେବେଳେ ଉତ୍ତର-ପଶ୍ଚିମ ଗିରିପଥ ଦେଇ ଭାରତ ମଧ୍ୟକୁ ବହୁ ବୈଦେଶିକ ଶତ୍ରୁ ପ୍ରବେଶ କରୁଥିଲେ । ସେମାନଙ୍କୁ ପ୍ରତିରୋଧ କରି ଗିରିପଥକୁ ଜଗୁଥିବାରୁ ପ୍ରତିହାରମାନଙ୍କର ସେହିପରି ନାମକରଣ ହୋଇଥିବାର ଅନୁମାନ କରାଯାଏ ।

ଭାରତ ମାନଚିତ୍ର ଦେଖି ଉତ୍ତର ଭାରତର ରାଜପୁତ ରାଜ୍ୟ ସମୂହର ଏବଂ ଦକ୍ଷିଣ ଭାରତର ରାଜ୍ୟ ସମୂହର ନାମ ଲେଖ ।

ପ୍ରତିହାର ବଂଶର ରାଜାମାନଙ୍କ ମଧ୍ୟରେ ପ୍ରଥମ ମିହିର ଭୋଜ ଥିଲେ ଅନ୍ୟତମ । ସେ ୮୪୦ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ଯୁଦ୍ଧ ଏବଂ ରାଜ୍ୟଜୟ ଦ୍ୱାରା ସେ ଏକ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ । ସେ ୮୯୦ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ପରେ ତାଙ୍କର ପୁତ୍ର ମହେନ୍ଦ୍ର ପାଳ ୮୯୦ ଖ୍ରୀଷ୍ଟାବ୍ଦରୁ ୯୦୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ବଙ୍ଗ ଅଧିକାର କରି ତାହାକୁ ନିଜ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ । ପ୍ରତିହାରମାନଙ୍କର ରାଜଧାନୀ ଥିଲା

**ତୁମେ ଜାଣିଛ କି?**

❖ ପ୍ରତିହାରମାନଙ୍କୁ ମଧ୍ୟ ଗୁର୍ଜ୍ଜର-ପ୍ରତିହାର କୁହାଯାଏ ।

❖ ପ୍ରତିହାରମାନଙ୍କର ରାଜ୍ୟ ଉତ୍ତରରେ କାଶ୍ମୀରଠାରୁ ଦକ୍ଷିଣରେ ନର୍ମଦା ନଦୀ ପର୍ଯ୍ୟନ୍ତ ଓ ପଶ୍ଚିମରେ କାଥିଆୱାଡ଼୍ ଠାରୁ ପୂର୍ବରେ ବିହାର ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

❖ 'କାବ୍ୟ ମୀମାଂସା' ପୁସ୍ତକ ରାଜଶେଖରଙ୍କ ଦ୍ୱାରା ରଚିତ ହୋଇଥିଲା ।

କନୌଜ । ଏମାନେ ବିଷ୍ଣୁ ଏବଂ ସୂର୍ଯ୍ୟଙ୍କ ଉପାସକ ଥିଲେ । ସେମାନଙ୍କ ରାଜଦରବାରରେ ବହୁ କବି ଏବଂ ବିଦ୍ୱାନମାନେ ସ୍ଥାନ ପାଇଥିଲେ । ସେମାନଙ୍କ ମଧ୍ୟରୁ ରାଜଶେଖର ଥିଲେ ଅନ୍ୟତମ ।

### ଚୋଳ ବଂଶ:

ଦଶମ ଶତାବ୍ଦୀରେ ଦକ୍ଷିଣ ଭାରତରେ ସୃଷ୍ଟି ହୋଇଥିବା ରାଜ୍ୟମାନଙ୍କ ମଧ୍ୟରୁ ଚୋଳ ରାଜ୍ୟ ଥିଲା ଅନ୍ୟତମ । ଏହାର ରାଜା ପ୍ରଥମ ରାଜରାଜ ୯୮୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ଚାଲୁକ୍ୟ, ପାଣ୍ଡ୍ୟ ଏବଂ ଚେରିମାନଙ୍କୁ ପରାସ୍ତ କରିଥିଲେ । ସେ ମଧ୍ୟ ବେଙ୍ଗୀ (ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳ) ଅଧିକାର କରିଥିଲେ । ଚେରିମାନଙ୍କୁ ପରାସ୍ତ କରି ସେ ତାଙ୍କଠାରୁ ଏକ ବିଶାଳ ନୌବାହିନୀ ଛଡ଼ାଇ ଆଣିଥିଲେ । ବିଭିନ୍ନ ରାଜ୍ୟ ଜୟକରି ସେ ଏକ ବିଶାଳ ସାମ୍ରାଜ୍ୟ ସୃଷ୍ଟି କରିଥିଲେ । ସେ ୧୦୦୦ ଖ୍ରୀଷ୍ଟାବ୍ଦରେ ତାଙ୍କ ରାଜ୍ୟର ଜମିମାପ କାର୍ଯ୍ୟ ସମାପ୍ତ କରିଥିଲେ ।

> ମାନଚିତ୍ର ଦେଖି ଚୋଳମାନଙ୍କର ରାଜ୍ୟ ଏବଂ ସେମାନଙ୍କର ପଡୋଶୀ ରାଜ୍ୟମାନ ଚିହ୍ନଟ କର ।

ପ୍ରଥମ ରାଜରାଜ ଧର୍ମ କ୍ଷେତ୍ରରେ ସହନଶୀଳତା ଅବଲମ୍ବନ କରିଥିଲେ । ତାଞ୍ଜୋରଠାରେ ଥିବା ରାଜ ରାଜେଶ୍ୱର ଶିବ ମନ୍ଦିର ଓ ବିଷ୍ଣୁ ମନ୍ଦିର ତାଙ୍କର ଅକ୍ଷୟ କୀର୍ତ୍ତି । ସେ ମଧ୍ୟ ନେଗାପଟ୍ଟନମ୍‌ଠାରେ ଏକ ବୌଦ୍ଧ ମନ୍ଦିର ନିର୍ମାଣରେ ସହାୟତା କରିଥିଲେ । ସେ ସମୁଦ୍ର ପଥରେ ମସଲା, ଚା, ମୂଲ୍ୟବାନ ପଥର, କାର୍ପାସ ବସ୍ତ୍ର ଆଦି ପଶ୍ଚିମ ଏସିଆକୁ ପଠାଇ ବହୁ ଅର୍ଥ ଉପାର୍ଜନ କରି ନିଜ ରାଜ୍ୟକୁ ସମୃଦ୍ଧ କରିଥିଲେ ।

> **ତୁମେ ଜାଣିଛ କି?**
>
> ମୁତ୍ତାରାୟର ନାମକ ଏକ ଛୋଟ ଶାସକ ବଂଶ କାବେରୀ ନଦୀର ତ୍ରିକୋଣ ଭୂମି ଅଂଚଳରେ ବାସ କରୁଥିଲେ । ସେମାନେ କାଞ୍ଚିପୁରମ୍‌ର ପଲ୍ଲବ ରାଜବଂଶର କରଦ ରାଜା ଥିଲେ । ଉରାୟୁରର ଚୋଳ ବଂଶର ବିଜୟାଳୟ ମୁତ୍ତାରାୟରମାନଙ୍କୁ ପରାସ୍ତକରି ତାଞ୍ଜାଭୁର (ତାଞ୍ଜୋର) ନଗର ସ୍ଥାପନ କଲେ । ତାଙ୍କର ପରବର୍ତ୍ତୀ ବଂଶଧରମାନେ ପଲ୍ଲବ ଏବଂ ପାଣ୍ଡ୍ୟ ରାଜ୍ୟ ଅଧିକାର କରି ଚୋଳ ସାମ୍ରାଜ୍ୟ ସୃଷ୍ଟି କଲେ ।

> ଧର୍ମ କ୍ଷେତ୍ରରେ ସହନଶୀଳ ହେବା ପାଇଁ ଜଣେ ରାଜାଙ୍କଠାରେ କେଉଁ କେଉଁ ଗୁଣ ରହିବା ଆବଶ୍ୟକ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ପ୍ରଥମ ରାଜରାଜଙ୍କ ପରେ ତାଙ୍କ ପୁତ୍ର ରାଜେନ୍ଦ୍ର ଚୋଳ ୧୦୧୨ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ପିତାଙ୍କ ପରି ସେ ଥିଲେ ଜଣେ ବିଚକ୍ଷଣ ଯୋଦ୍ଧା । ତାଙ୍କ ସମୟରେ ନୌବାହିନୀର ଦକ୍ଷତା ବୃଦ୍ଧି ପାଇଥିଲା । ସେ ପଲ୍ଲବ ଏବଂ ଗଙ୍ଗମାନଙ୍କୁ ପରାସ୍ତ କରିବା ସହିତ ଓଡ଼ିଶା ମଧ୍ୟ ଦେଇ ସୈନ୍ୟ ଚାଳନା କରି ଗଙ୍ଗାନଦୀ କୂଳରେ ପାଳମାନଙ୍କୁ ପରାସ୍ତ କରିଥିଲେ । ସେ ନିଜର ସୁଦୃଢ଼ ନୌବାହିନୀ ସାହାଯ୍ୟରେ ସିଂହଳ ଅଧିକାର କରିଥିଲେ । ସେ ମଧ୍ୟ ଦକ୍ଷିଣ-ପୂର୍ବ ଏସିଆର କେତେକ ରାଜ୍ୟ ଜୟ କରିଥିଲେ । ଏହା ଦ୍ୱାରା ଏକ ବିଶାଳ ଚୋଳ ସାମ୍ରାଜ୍ୟ ଗଠିତ ହୋଇଥିଲା ।

ରାଜେନ୍ଦ୍ର ଚୋଳ ଥିଲେ ଜଣେ ଜନମଙ୍ଗଳକାରୀ ରାଜା । କୃଷିର ଉନ୍ନତି ପାଇଁ ସେ ବହୁ କେନାଲ ଏବଂ ହ୍ରଦ ଖନନ କରିବା ସହିତ ଅନେକ ନଦୀବନ୍ଧ ମଧ୍ୟ ନିର୍ମାଣ କରିଥିଲେ । ତାଙ୍କ ଆଦେଶରେ ଚୋଳ ରାଜ୍ୟରେ ବହୁ ଦେବଦେବୀ, ରାଜା ଓ ରାଣୀଙ୍କର ସୁନ୍ଦର ସୁନ୍ଦର ମୂର୍ତ୍ତିମାନ ନିର୍ମାଣ କରାଯାଇଥିଲା । ସେଗୁଡ଼ିକ ମଧ୍ୟରୁ ନୃତ୍ୟ ମୁଦ୍ରାରେ ଶିବ ବା ନଟରାଜଙ୍କ ମୂର୍ତ୍ତି ଅତ୍ୟନ୍ତ ମନୋରମ ଓ ଆକର୍ଷଣୀୟ । ଚୋଳମାନଙ୍କର ରାଜଧାନୀ ଥିଲା ତାଞ୍ଜାଭୁର (ତାଞ୍ଜୋର) ।

ତ୍ରୟୋଦଶ ଶତାବ୍ଦୀର ଶେଷଭାଗକୁ ରାଜେନ୍ଦ୍ର ଚୋଳଙ୍କର ଉତ୍ତରାଧିକାରୀମାନେ ଅତ୍ୟନ୍ତ ଦୁର୍ବଳ ହୋଇଥିଲେ । ଏହା ଫଳରେ ମୁସଲମାନଙ୍କ ଆକ୍ରମଣ ଦ୍ୱାରା ଚୋଳ ରାଜ୍ୟର ପତନ ଘଟିଲା ।



ନଟରାଜ

ନଦୀବନ୍ଧ ହେବା ଦ୍ୱାରା ଲୋକମାନଙ୍କର କି କି ଉପକାର ହୋଇଥିବ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ଚୋଳମାନଙ୍କ ଦ୍ୱାରା ନିର୍ମିତ ମନ୍ଦିରଗୁଡ଼ିକ ଥିଲା ଜନବସତିର କେନ୍ଦ୍ରବିନ୍ଦୁ । ଏହି ମନ୍ଦିରଗୁଡ଼ିକର ଚାରିପାଖରେ ଜନବସତି ଗଡ଼ି ଉଠିଥିଲା । ମନ୍ଦିରଗୁଡ଼ିକ ଅଧୀନରେ ବହୁ ଜମି ରହିଥିଲା । ମନ୍ଦିରର ପୂଜକ, ମାଳାକାର, ପାଚକ, ବାଦ୍ୟ-ବାଦକ, ନୃତ୍ୟ-ପରିବେଷଣକାରୀମାନେ ମନ୍ଦିର ପାଖ ବସତିରେ ଅବସ୍ଥାନ କରୁଥିଲେ । ସମୟକ୍ରମେ ଚୋଳମାନଙ୍କ ଦ୍ୱାରା ନିର୍ମିତ ମନ୍ଦିରଗୁଡ଼ିକ ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନର କେନ୍ଦ୍ରବିନ୍ଦୁ ରୂପେ ପରିଗଣିତ ହୋଇଥିଲା ।

ଚୋଳମାନଙ୍କ ଦ୍ୱାରା ନିର୍ମିତ ମନ୍ଦିରଗୁଡ଼ିକ କେଉଁ କେଉଁ କାର୍ଯ୍ୟ ସବୁ ତୁଲାଉଥିଲା, ଅନ୍ୟମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଲେଖ ।

ଚୋଳମାନେ କୃଷି ଏବଂ ଜଳସେଚନ ଉପରେ ଗୁରୁତ୍ୱ ଦେଉଥିଲେ । କାବେରୀ ନଦୀରୁ କେନାଲ ମାଧ୍ୟମରେ ଜଳସେଚନର ବ୍ୟବସ୍ଥା କରାଯାଉଥିଲା । ହ୍ରଦ ଏବଂ ପୁଷ୍କରିଣୀ ଖନନ କରି ଏହା ମାଧ୍ୟମରେ ଜଳସେଚନର ବ୍ୟବସ୍ଥା କରାଯାଉଥିଲା । ଉନ୍ନତ କୃଷି ଫଳରେ ଚୋଳମାନଙ୍କର ରାଜ୍ୟ ଶସ୍ୟଶ୍ୟାମଳା ହୋଇପାରିଥିଲା ।

ଚୋଳମାନେ ଏକ ଉତ୍କୃଷ୍ଟ ଶାସନର ପ୍ରବର୍ତ୍ତକ ଥିଲେ । ରାଜା ଥିଲେ କେନ୍ଦ୍ର ଶାସନର ମୁଖ୍ୟ । ତାଙ୍କୁ ଉପଦେଶ ଦେବା ପାଇଁ ଏକ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା । ଯୁଦ୍ଧ, ରାଜସ୍ୱ ଆଦାୟ, ନ୍ୟାୟ ପ୍ରଦାନ ଆଦି କେନ୍ଦ୍ରୀୟ ଶାସନର ପରିସରଭୁକ୍ତ ଥିଲା । କୃଷକମାନଙ୍କୁ ନେଇ ଗଢ଼ି ଉଠିଥିବା ଗ୍ରାମକୁ 'ଉର୍' କୁହାଯାଉଥିଲା । କେତେଗୁଡ଼ିଏ ଉର୍‌କୁ ନେଇ ଏକ ଗ୍ରାମ ପରିଷଦ ଗଠିତ ହୋଇଥିଲା, ଯାହାର ନାମ ଥିଲା 'ନାଡୁ'। ବେଲ୍ଲାଳ ଜାତିର ଧନୀ କୃଷକମାନେ ନାଡୁର ଶାସନକୁ ନିୟନ୍ତ୍ରଣ କରୁଥିଲେ ।

ବର୍ତ୍ତମାନର ଶାସନ ବ୍ୟବସ୍ଥା ସହିତ ଚୋଳମାନଙ୍କର ଶାସନ ବ୍ୟବସ୍ଥାର ଏକ ତୁଳନାତ୍ମକ ବିବରଣୀ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

ଚୋଳ ରାଜାମାନେ ବ୍ରାହ୍ମଣମାନଙ୍କୁ ଜମି ଦାନ କରୁଥିଲେ । ବ୍ରାହ୍ମଣମାନେ ବାସ କରୁଥିବା ଗ୍ରାମଗୁଡ଼ିକୁ 'ବ୍ରହ୍ମଦେୟ' କୁହାଯାଉଥିଲା । ପ୍ରତ୍ୟେକ ବ୍ରହ୍ମଦେୟର ଶାସନ ବ୍ରାହ୍ମଣମାନଙ୍କୁ ନେଇ ଗଠିତ 'ସଭା' ଦ୍ୱାରା ପରିଚାଳିତ ହେଉଥିଲା । ସଭା ବିଭିନ୍ନ କମିଟି ବା 'ଭାରିୟମ'ର ସଦସ୍ୟମାନଙ୍କୁ ନିର୍ବାଚିତ କରି ସେମାନଙ୍କ ସାହାଯ୍ୟରେ ଗ୍ରାମର ବଗିଚା, ପୋଖରୀ, ଜଳସେଚନ, ମନ୍ଦିର ଆଦିର ଉନ୍ନତି ମୂଳକ କାର୍ଯ୍ୟମାନ ତଦାରଖ କରୁଥିଲା । ଚୋଳମାନଙ୍କର ଏହି ଗ୍ରାମଶାସନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

### ତୁମେ ଜାଣିଛ କି?

'ଭାରିୟମ'ର ସଦସ୍ୟ ମାନଙ୍କୁ ନିର୍ବାଚିତ କରିବା ପାଇଁ ଏକ ଲଟେରୀ ବ୍ୟବସ୍ଥା ପ୍ରଚଳିତ ଥିଲା । ଗୋଟିଏ ପାତ୍ରରେ ବିଭିନ୍ନ ବ୍ୟକ୍ତିମାନଙ୍କର ନାମ ତାଳପତ୍ରରେ ଲେଖି ରଖାଯାଉଥିଲା । ଜଣେ ବାଳକକୁ ଡାକି ସେଥିରୁ ଗୋଟିଏ ପତ୍ର ଉଠାଇବାକୁ କୁହାଯାଉଥିଲା । ଉଠାଯାଇଥିବା ତାଳପତ୍ରରେ ଯେଉଁ ବ୍ୟକ୍ତିର ନାମ ଲେଖା ଯାଇଥିଲା, ସେ ନିର୍ବାଚିତ ହେଉଥିଲା ।

## ପାଣ୍ଡ୍ୟବଂଶ:




ମଧ୍ୟଯୁଗରେ ପାଣ୍ଡ୍ୟ ବଂଶ ଦକ୍ଷିଣ ଭାରତରେ ପ୍ରାଧାନ୍ୟ ଲାଭ କରିଥିଲା । ପାଣ୍ଡ୍ୟ ରାଜାମାନଙ୍କ ମଧ୍ୟରେ ପ୍ରଥମ ଜଟାବର୍ମନ ସୁନ୍ଦର ପାଣ୍ଡ୍ୟ (୧୨୫୧ ଖ୍ରୀଷ୍ଟାବ୍ଦ-୧୨୬୮ ଖ୍ରୀଷ୍ଟାବ୍ଦ) ଥିଲେ ଶକ୍ତିଶାଳୀ । ସେ ଚେର, ହୟଶାଳ, ଚୋଳ, କାଡଭ ଏବଂ ସିଂହଳୀମାନଙ୍କୁ ପରାଜିତ କରିଥିଲେ । ସେ 'ମହାରାଜାଧିରାଜ ଶ୍ରୀ ପରମେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ । ତାଙ୍କପରେ ମାରବର୍ମନ କୁଳଶେଖର ପାଣ୍ଡ୍ୟ (୧୨୬୮ ଖ୍ରୀଷ୍ଟାବ୍ଦ - ୧୩୧୦ ଖ୍ରୀଷ୍ଟାବ୍ଦ) ଶାସନ କରିଥିଲେ । ସେ ତୃତୀୟ ରାଜେନ୍ଦ୍ର ଚୋଳ ଏବଂ ରାମନାଥ ହୟଶାଳଙ୍କୁ ପରାଜିତ କରି ସେମାନଙ୍କ ରାଜ୍ୟ ଅଧିକାର କରିଥିଲେ । ତାଙ୍କ ସମୟରେ ପରିବ୍ରାଜକ ମାର୍କୋପୋଲୋ । ଭାରତ ଭ୍ରମଣରେ ଆସିଥିଲେ । କୁଳଶେଖରଙ୍କ ପରେ ତାଙ୍କର ଉତ୍ତରାଧିକାରୀମାନେ ଦୁର୍ବଳ ହୋଇ ପଡ଼ିଲେ । ମୁସଲମାନମାନଙ୍କ ଆକ୍ରମଣ ଫଳରେ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରଥମ ଭାଗରେ ପାଣ୍ଡ୍ୟମାନଙ୍କର ପତନ ଘଟିଥିଲା ।

ଭାରତ ପରିଭ୍ରମଣ କରିଥିବା ମାର୍କୋପୋଲୋଙ୍କ ପରି ଅନ୍ୟ ପରିବ୍ରାଜକମାନଙ୍କ ନାମ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

ପାଣ୍ଡ୍ୟ ରାଜ୍ୟର ରାଜଧାନୀ ଥିଲା ମଦୁରା (ବର୍ତ୍ତମାନ ତାମିଲନାଡୁର ମଦୁରାଇ ସହର) । କୟଲ ଥିଲା ତାଙ୍କ ରାଜ୍ୟର ବୃହତ୍ତମ ବନ୍ଦର। ଆରବ ସାଗର ଏବଂ ଚୀନରୁ ବହୁତ ଜାହାଜ ଏଠାକୁ ଆସୁଥିଲା । ଏହା ଦ୍ୱାରା ବହୁ ବୈଦେଶିକ ଶକ୍ତି ସହିତ ପାଣ୍ଡ୍ୟ ରାଜ୍ୟର ବାଣିଜ୍ୟିକ ସଂପର୍କ ରହିଥିଲା । ପାଣ୍ଡ୍ୟ ରାଜ୍ୟର ଲୋକମାନେ ପ୍ରାୟ ହିନ୍ଦୁ ଧର୍ମ ଗ୍ରହଣ କରିଥିଲେ । ସେହି ରାଜ୍ୟରେ ଜୈନମାନଙ୍କର ସଂଖ୍ୟା ଖୁବ୍ କମ୍ ଥିଲା । ବୌଦ୍ଧଧର୍ମର ସତ୍ତା ପାଣ୍ଡ୍ୟ ରାଜ୍ୟରେ ନଥିଲା । ନୌବାଣିଜ୍ୟ ତଥା ବୀରତ୍ୱ ପାଇଁ ପାଣ୍ଡ୍ୟମାନେ ସ୍ମରଣୀୟ ହୋଇପାରିଛନ୍ତି ।

କୟଲ ବନ୍ଦର କେଉଁ କେଉଁ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିଲା, ଲେଖ ।

### ହୟଶାଳ ବଂଶ:

ହୟଶାଳ ବଂଶ ଆଧୁନିକ ମହୀଶୂରଠାରେ ରାଜ୍ୟ ଶାସନ କରୁଥିଲେ । ଏହି ବଂଶର ରାଜାମାନଙ୍କ ମଧ୍ୟରେ ବିଟ୍ଟିଗ ବା ବିଷ୍ଣୁବର୍ଦ୍ଧନ ଥିଲେ ଅନ୍ୟତମ। ସେ ଦ୍ୱାରସମୁଦ୍ରଠାରେ ରାଜଧାନୀ ସ୍ଥାପନ କରିଥିଲେ । ସେ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ ।

ଦ୍ୱିତୀୟ ବୀରବଲ୍ଲାଳ ଏହି ବଂଶର ଅନ୍ୟତମ ନରପତି ଥିଲେ । ସେ ଚାଲୁକ୍ୟ ଏବଂ ଯାଦବମାନଙ୍କ ସହିତ ଯୁଦ୍ଧ କରି ନିଜ ରାଜ୍ୟକୁ ରକ୍ଷା କରିବା ପାଇଁ ସମର୍ଥ ହୋଇଥିଲେ । ତୃତୀୟ ବୀରବଲ୍ଲାଳ ଥିଲେ ଏହି ବଂଶର ଶେଷ ରାଜା । ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟ ଭାଗରେ ମୁସଲମାନ ଆକ୍ରମଣ ଫଳରେ ହୟଶାଳ ବଂଶର ପତନ ଘଟିଥିଲା ।

### ଯାଦବ ବଂଶ:

କଲ୍ୟାଣୀରେ ରାଜୁତି କରୁଥିବା ଚାଲୁକ୍ୟମାନଙ୍କର ପତନ ପରେ ଦକ୍ଷିଣ ଭାରତରେ ଯାଦବ ବଂଶର ଶାସନ ଆରମ୍ଭ ହୋଇଥିଲା । ଯାଦବମାଙ୍କର ରାଜଧାନୀ ଥିଲା ଦେବଗିରି (ମହାରାଷ୍ଟ୍ରର ଦୌଲତାବାଦ ସହର) । ଭିଲ୍ଲମା ଏହି ବଂଶର ଜଣେ ପ୍ରସିଦ୍ଧ ନରପତି ଥିଲେ । ତାଙ୍କର ପୁତ୍ର ଜୈତୁଗୀ ବା ଜୈତ୍ରପାଳ କାକତୀୟମାନଙ୍କୁ ଯୁଦ୍ଧରେ ପରାଜିତ କରିଥିଲେ ।

**ତୁମେ ଜାଣିଛ କି?**

ଦିଲ୍ଲୀର ସୁଲତାନ ଆଲ୍ଲାଉଦ୍ଦିନ ଖାଲ୍‌ଜୀଙ୍କ ସେନାପତି ମାଲିକ୍ କାଫୁର ଦକ୍ଷିଣ ଭାରତର ରାଜାମାନଙ୍କୁ ପରାଜିତ କରି ସେମାନଙ୍କର ରାଜ୍ୟ ଅଧିକାର କରିଥିଲେ ।

ଜୈତ୍ରପାଳଙ୍କ ପରେ ସିଂହତା ଯାଦବ ବଂଶର ରାଜା ହୋଇଥିଲେ । ଯୁଦ୍ଧ ଏବଂ ରାଜ୍ୟ ଜୟ ମାଧ୍ୟମରେ ସେ ଯାଦବ ରାଜ୍ୟକୁ ବିସ୍ତାର କରିଥିଲେ। ରାମଚନ୍ଦ୍ର ଦେବ ଥିଲେ ଏହି ବଂଶର ଜଣେ ଶକ୍ତିଶାଳୀ ରାଜା । ତାଙ୍କ ସମୟରେ ଦିଲ୍ଲୀର ସୁଲତାନ ଆଲ୍ଲାଉଦ୍ଦିନ ଖିଲ୍‌ଜୀ ଦେବଗିରି ଆକ୍ରମଣ କରି ବହୁ ଧନରତ୍ନ ଲୁଣ୍ଠନ କରି ନେଇ ଯାଇଥିଲେ । ରାମଚନ୍ଦ୍ର ଦେବଙ୍କପରେ ଶଙ୍କର ଦେବ ଏବଂ ହରପାଳ ଦେବ ଶାସନ କରିଥିଲେ । ଚତୁର୍ଦ୍ଦଶ ଶତାବ୍ଦୀର ପ୍ରଥମ ଭାଗରେ ମୁସଲମାନ ଆକ୍ରମଣ ଫଳରେ ଯାଦବ ବଂଶର ପତନ ଘଟିଥିଲା ।

ଜୈତ୍ରପାଳ ନିଜ ସାମ୍ରାଜ୍ୟ ବିସ୍ତାର ପାଇଁ କି କି ପଦକ୍ଷେପ ନେଇଥିବେ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

## (ଘ) ଓଡ଼ିଶାରେ ସୋମବଂଶୀ ଶାସନ : ରାଜନୈତିକ ଏବଂ ସାଂସ୍କୃତିକ କୃତିତ୍ୱ

ଦୀର୍ଘ ଦୁଇଶହ ବର୍ଷର ସୋମବଂଶୀ ଶାସନ ଓଡ଼ିଶାର ରାଜନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ଏହା ରାଜନୈତିକ ସ୍ଥିରତା ଆଣିବା ସହିତ ଓଡ଼ିଶାର କଳା ଓ ସ୍ଥାପତ୍ୟକୁ ସମୃଦ୍ଧ କରିଥିଲା ।

### ରାଜନୈତିକ କୃତିତ୍ୱ:

ସୋମବଂଶୀମାନେ ଥିଲେ ଚନ୍ଦ୍ରବଂଶୀୟ କ୍ଷତ୍ରୀୟ । ସୋମବଂଶ ମଧ୍ୟ କେଶରୀ ବଂଶ ନାମରେ ପ୍ରସିଦ୍ଧ । ଏହି ବଂଶର ଶାସକ ପ୍ରଥମ ଜନ୍ମେଜୟଙ୍କ ପୂର୍ବରୁ କିଛି ରାଜା ଶାସନ କରିଥିଲେ ମଧ୍ୟ ସେମାନଙ୍କର କୃତିତ୍ୱ ଉଲ୍ଲେଖନୀୟ ନ ଥିଲା । ୮୮୨ ଖ୍ରୀଷ୍ଟାବ୍ଦରେ ଜନ୍ମେଜୟ ସିଂହାସନ ଆରୋହଣ କରିଥିଲେ । ସେ ଭଞ୍ଜବଂଶର ରାଜା ରଣଭଞ୍ଜ ଦେବଙ୍କୁ ପରାସ୍ତ କରିଥିଲେ । କଳଚୁରୀମାନେ ମଧ୍ୟ ତାଙ୍କଠାରୁ ପରାଜିତ ହୋଇଥିଲେ । ସେ ନିଜକୁ 'ପରମେଶ୍ୱର', 'ପରମ ଭଟ୍ଟାରକ' ଏବଂ 'ତ୍ରିକଳିଙ୍ଗାଧିପତି' ଆଦି ଉପାଧିରେ ଭୂଷିତ କରିଥିଲେ । ତାଙ୍କ ରାଜ୍ୟର ରାଜଧାନୀ ଥିଲା ସୁବର୍ଣ୍ଣପୁର (ବର୍ତ୍ତମାନର ସୋନପୁର) ।

> ଜନ୍ମେଜୟ ବହୁ ଉପାଧି ବହନ କରିଥିବା କଥା ତମେ ଜାଣିଲ । ସେ ସମୟରେ ରାଜାମାନେ ଆଉ କେଉଁ କେଉଁ ଉପାଧିରେ ଭୂଷିତ ହେଉଥିଲେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ଜନ୍ମେଜୟଙ୍କ ପରେ ପ୍ରଥମ ଯଯାତି ୯୨୨ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ପ୍ରଥମେ ସୁବର୍ଣ୍ଣପୁରରୁ ବିନୀତପୁର ଏବଂ ଏହା ପରେ ଯଯାତିନଗରକୁ ନିଜର ରାଜଧାନୀ ସ୍ଥାନାନ୍ତରିତ କରିଥିଲେ । ସେ ମଧ୍ୟ କଳଚୁରୀମାନଙ୍କୁ ପରାଜିତ କରିଥିଲେ । ସେ ଭଞ୍ଜମାନଙ୍କୁ ପରାଜିତ କରିବା ସହିତ ଉତ୍କଳରେ ରାଜୁତି କରୁଥିବା ଭୌମକରମାନଙ୍କ ରାଜ୍ୟର କିଛି ଅଂଶ ଅଧିକାର କରିଥିଲେ ।

> ଓଡ଼ିଶା ମାନଚିତ୍ର ଆଙ୍କି ଏଥିରେ ବିରଜା କ୍ଷେତ୍ରକୁ ଚିହ୍ନାଅ ।

ପ୍ରଥମ ଯଯାତିଙ୍କ ପରେ ଭୀମରଥ, ଧର୍ମରଥ, ଏବଂ ନହୁଷ ଶାସନ କରିଥିଲେ । ଏହା ପରେ ଦ୍ୱିତୀୟ ଯଯାତି ୧୦୨୩ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ଭୌମକରମାନଙ୍କୁ ପରାସ୍ତ କରି ଉତ୍କଳ ଅଧିକାର କରିଥିଲେ । ସେ ନିଜକୁ 'ମହାରାଜାଧିରାଜ' ଉପାଧିରେ ଭୂଷିତ କରିଥିଲେ । ସେ ଥିଲେ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକ । ଜନଶ୍ରୁତି ଅନୁସାରେ ସେ କନୌଜରୁ ଯାଜପୁରକୁ ୧୦,୦୦୦ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଆଣିଥିଲେ । ତାଙ୍କ ପରେ ଉଦ୍ୟୋତ କେଶରୀ, ଦ୍ୱିତୀୟ ଜନ୍ମେଜୟ, ପୁରଞ୍ଜୟ ଆଦି ରାଜାମାନେ ଶାସନ କରିଥିଲେ । ସୋମବଂଶର ଶେଷ ରାଜା କର୍ଣ୍ଣଦେବ ବା କର୍ଣ୍ଣକେଶରୀଙ୍କୁ ପରାସ୍ତ କରି ୧୧୧୦ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ରାଜା ଚୋଡଗଙ୍ଗଦେବ ଉତ୍କଳ ଅଧିକାର କରିଥିଲେ ।

> **ତୁମେ ଜାଣିଛ କି?**
> - ସୋମବଂଶୀମାନଙ୍କ ସମୟରେ ବିରଜା କ୍ଷେତ୍ର ଥିଲା ଏକ ଧର୍ମପୀଠ ।
> - ଏହା ଯାଜପୁର ଜିଲ୍ଲାର ବୈତରଣୀ ନଦୀ କୂଳରେ ଅବସ୍ଥିତ ଏବଂ ବିରଜା ମନ୍ଦିର, ନାଭିଗୟା, ଦଶାଶ୍ୱମେଧ ଘାଟ ତଥା ସପ୍ତମାତୃକା ପୀଠ ପାଇଁ ବିଖ୍ୟାତ ।

## ସାଂସ୍କୃତିକ କୃତିତ୍ୱ:-

ସୋମବଂଶୀମାନଙ୍କର ମନ୍ଦିର ନିର୍ମାଣ ଶୈଳୀ ଅତି ସୁନ୍ଦର ଥିଲା । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର ଏବଂ ଚଣ୍ଡିଖୋଲର ମହାବିନାୟକ ମନ୍ଦିର ଆଦି ସୋମବଂଶୀମାନଙ୍କର ପ୍ରମୁଖ କୀର୍ତ୍ତି । ମନ୍ଦିରଗୁଡ଼ିକର ସ୍ଥାପତ୍ୟ ଏବେ ମଧ୍ୟ ପର୍ଯ୍ୟଟକମାନଙ୍କୁ ମୁଗ୍ଧ କରିଥାଏ । ସେ ସମୟରେ ନିର୍ମିତ ମନ୍ଦିରଗୁଡ଼ିକ ମଧ୍ୟରୁ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ପ୍ରସିଦ୍ଧ । ଦ୍ୱିତୀୟ ଯଯାତିଙ୍କ ସମୟରେ ଏହି ମନ୍ଦିର ନିର୍ମିତ ହୋଇଥିଲା । ଦେଉଳର ଉଚ୍ଚତା ପ୍ରାୟ ୫୫ ମିଟର । ଦେଉଳ, ଜଗମୋହନ, ନାଟମନ୍ଦିର ଓ ଭୋଗମଣ୍ଡପର ସମଷ୍ଟିରେ ଏହି ମନ୍ଦିର ଗଠିତ । ଏହି ବିରାଟ ମନ୍ଦିର ଚାରିପାଖରେ ଅନେକ ଗୁଡ଼ିଏ ଛୋଟ ଛୋଟ ମନ୍ଦିର ରହିଅଛି । ଲିଙ୍ଗରାଜ ମନ୍ଦିର କଳିଙ୍ଗ ସ୍ଥାପତ୍ୟର ସର୍ବଶ୍ରେଷ୍ଠ ନିଦର୍ଶନ ।

ତୁମ ଅଂଚଳରେ ଥିବା ବିଭିନ୍ନ ମନ୍ଦିରର ନାମ ଲେଖି ସେଗୁଡ଼ିକ କାହିଁକି ପ୍ରସିଦ୍ଧ, ଉଲ୍ଲେଖ କର ।

**ତୁମେ ଜାଣିଛ କି?**

ଭୁବନେଶ୍ୱରରେ ଥିବା ରାଜାରାଣୀ ମନ୍ଦିରରେ କୌଣସି ଦେବତା ପୂଜା ପାଆନ୍ତି ନାହିଁ ।



ଲିଙ୍ଗରାଜ ମନ୍ଦିର

## (ଙ) ଓଡ଼ିଶାରେ ଗଙ୍ଗବଂଶର ଶାସନ:

### ଚୋଡ଼ଗଙ୍ଗଦେବ, ପ୍ରଥମ ନରସିଂହଦେବ, ପୁରୀର ଜଗନ୍ନାଥ ମନ୍ଦିର ଏବଂ କୋଣାର୍କର ସୂର୍ଯ୍ୟ ମନ୍ଦିର:

ସୋମବଂଶୀ ଶାସନର ଅବସାନ ପରେ ଓଡ଼ିଶାରେ ଗଙ୍ଗବଂଶର ରାଜତ୍ୱ ଆରମ୍ଭ ହୋଇଥିଲା । ଦୀର୍ଘ ତିନିଶହ ବର୍ଷର ଗଙ୍ଗମାନଙ୍କର ଏହି ଶାସନ ମଧ୍ୟଯୁଗୀୟ ଓଡ଼ିଶାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ଓଡ଼ିଶାର ପଡୋଶୀ ହିନ୍ଦୁ ରାଜ୍ୟଗୁଡ଼ିକ ମୁସଲମାନ ଆକ୍ରମଣର ଶିକାର ହେଉଥିଲା ବେଳେ ଓଡ଼ିଶା ଥିଲା ଏହାର ବ୍ୟତିକ୍ରମ । ଗଙ୍ଗମାନଙ୍କର ବୀରତ୍ୱ ବଳରେ ଦୀର୍ଘଦିନ ଧରି ଓଡ଼ିଶା ଏକ ସ୍ୱାଧୀନ ହିନ୍ଦୁ ରାଷ୍ଟ୍ର ରୂପେ ତିଷ୍ଠି ରହି ପାରିଥିଲା । ଗଙ୍ଗମାନଙ୍କର ସ୍ଥାପତ୍ୟର ଶ୍ରେଷ୍ଠ ନିଦର୍ଶନ ରୂପେ ପୁରୀର ଜଗନ୍ନାଥ ମନ୍ଦିର ଏବଂ କୋଣାର୍କର ସୂର୍ଯ୍ୟମନ୍ଦିର ଏବେ ମଧ୍ୟ ଦଣ୍ଡାୟମାନ ।

### ଚୋଡ଼ଗଙ୍ଗଦେବ:

ଗଙ୍ଗମାନେ ପ୍ରଥମେ ଶ୍ରୀକାକୁଲମ୍ ଜିଲ୍ଲାର ମୁଖଲିଙ୍ଗମ୍ ଅଂଚଳରେ ଶାସନ କରୁଥିଲେ । ବଜ୍ରହସ୍ତଦେବ ଏବଂ ତାଙ୍କ ପରେ ରାଜରାଜଦେବଙ୍କ ପ୍ରଚେଷ୍ଟାରେ ଏହି ରାଜବଂଶ ପରାକ୍ରମଶାଳୀ ହୋଇଥିଲା । ବଂଶଧାରା ନଦୀ କୂଳରେ ଥିବା କଳିଙ୍ଗନଗର (ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଥିବା ମୁଖଲିଙ୍ଗମ) ଥିଲା ଗଙ୍ଗମାନଙ୍କର ରାଜଧାନୀ । ରାଜରାଜଦେବଙ୍କ ମୃତ୍ୟୁ ପରେ ଚୋଡ଼ଗଙ୍ଗଦେବ ୧୦୭୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ରାଜ୍ୟଜୟ ମାଧ୍ୟମରେ ଏକ ବିଶାଳ ଗଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ତାଙ୍କର ଦୀର୍ଘ ୭୦ ବର୍ଷର ରାଜତ୍ୱ କାଳରେ ଓଡିଶା ଏକ ସମୃଦ୍ଧ ଏବଂ ଶକ୍ତିଶାଳୀ ରାଜ୍ୟରେ ପରିଣତ ହୋଇଥିଲା । ଗଙ୍ଗବଂଶୀୟ ରାଜତ୍ୱ ଅଧୁନା ଶ୍ରୀକାକୁଲମ୍ ଜିଲ୍ଲାରେ ଆରମ୍ଭ ହୋଇଥିଲା ଓ "କଳିଙ୍ଗନଗର" ଚୋଡ଼ଗଙ୍ଗ ଦେବଙ୍କ ରାଜଧାନୀଥିଲା ।

### ସାମ୍ରାଜ୍ୟ ବିସ୍ତାର:

ଚୋଡ଼ଗଙ୍ଗଦେବ ଜଣେ ଦିଗ୍‌ବିଜୟୀ ସମ୍ରାଟ ରୂପେ ଖ୍ୟାତି ଅର୍ଜନ କରିଥିଲେ । ସେ ସୋମବଂଶୀମାନଙ୍କର ଶେଷ ରାଜା କର୍ଣ୍ଣଦେବଙ୍କୁ ପରାଜିତ କରି ୧୧୧୦ ଖ୍ରୀଷ୍ଟାବ୍ଦରେ ଉତ୍କଳ ଅଧିକାର କରିଥିଲେ । ଏହାପରେ ସେ ବଙ୍ଗ ଆକ୍ରମଣ କରି ଆରମ୍ୟ ଏବଂ ରାଢ଼ ଅଂଚଳ ତାଙ୍କ ଅଧୀନକୁ ଆଣିଥିଲେ । ସେ ମଧ୍ୟ ଦକ୍ଷିଣ ଭାରତରେ ଥିବା ବେଙ୍ଗି ରାଜ୍ୟକୁ ତାଙ୍କ ସାମ୍ରାଜ୍ୟଭୁକ୍ତ କରିଥିଲେ । ଏହା ଫଳରେ ତାଙ୍କ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସେ ବାରଙ୍ଗ, କଟକ, ଚୌଦ୍ୱାର, ଯାଜପୁର ଏବଂ ଅମରାବତୀ (କଟକ ଜିଲ୍ଲାର ଛତିଆ)ଠାରେ ଦୁର୍ଗମାନ ନିର୍ମାଣ କରିଥିଲେ ବୋଲି କେତେକ ଐତିହାସିକ ବିଶ୍ୱାସ କରନ୍ତି । ଏକ ବିଶାଳ ସାମ୍ରାଜ୍ୟ ସୃଷ୍ଟି କରି ଚୋଡ଼ଗଙ୍ଗଦେବ ନିଜକୁ 'ମହାରାଜାଧିରାଜ', 'ତ୍ରିକଳିଙ୍ଗାଧିପତି', 'ଶ୍ରୀଗଙ୍ଗଚୂଡାମଣି' ଆଦି ଉପାଧିରେ ଭୂଷିତ ହୋଇଥିଲେ । ସେ ୧୧୪୭ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

**ତୁମେ ଜାଣିଛ କି?**

କୋର୍ଣ୍ଣିତାମ୍ରପଟ୍ଟା ଅଭିଲେଖରେ ଚୋଡ଼ଗଙ୍ଗଦେବଙ୍କ ରାଜ୍ୟ ଜୟର ବର୍ଣ୍ଣନା ଅଛି । ଏଥିରେ ସେ ପ୍ରଥମେ ଉତ୍କଳର ରାଜା (କର୍ଣ୍ଣକେଶରୀ ବା କର୍ଣ୍ଣଦେବ)ଙ୍କୁ ପରାଜିତ କରିବା କଥା ଉଲ୍ଲେଖ ଅଛି ।

## ରାଜ୍ୟ ଶାସନ:

ଚୋଡ଼ଗଙ୍ଗଦେବ ଥିଲେ ଜଣେ ସୁଶାସକ। ସେ ଉତ୍ପନ୍ନ ଶସ୍ୟର ଏକ-ଷଷ୍ଠାଂଶ କର ରୂପେ ଆଦାୟ କରୁଥିଲେ । ଏହା ବ୍ୟତୀତ ବାଣିଜ୍ୟକର, ଲବଣକର, ବନ୍ୟଜାତ ଦ୍ରବ୍ୟ ଉପରେ ଧାର୍ଯ୍ୟ କର ଆଦିରୁ ରାଜକୋଷକୁ ବହୁ ଅର୍ଥ ଆସୁଥିଲା । ସେ ସମସ୍ତ ଅର୍ଥ ଲୋକ ହିତକର ତଥା ଧର୍ମାଦି କାର୍ଯ୍ୟରେ ବିନିଯୋଗ କରୁଥିଲେ । କିମ୍ବଦନ୍ତୀ ଅନୁସାରେ ସେ ଭୁବନେଶ୍ୱର ନିକଟବର୍ତ୍ତୀ କୌଶଲ୍ୟା ଗଙ୍ଗ ଜଳାଶୟ ଖନନ କରିଥିଲେ ।

> ଚୋଡ଼ଗଙ୍ଗଦେବ ଆଦାୟ କରୁଥିବା କରଗୁଡ଼ିକ ସେତେବେଳେ କେଉଁ କେଉଁ ଜନ ହିତକର କାର୍ଯ୍ୟରେ ଲାଗୁଥିବ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ଚୋଡ଼ଗଙ୍ଗଦେବ ସାହିତ୍ୟର ପୃଷ୍ଠପୋଷକତା କରୁଥିଲେ । ତାଙ୍କ ସମୟରେ ସତାନାଦ 'ଭାସ୍ୱତୀ' ନାମକ ଏକ ପୁସ୍ତକ ରଚନା କରିଥିଲେ  ଯାହା ସ୍ୱର୍ଗୀୟ ପିଣ୍ଡଗୁଡ଼ିକର ସ୍ଥିତି ଏବଂ ଚଳନ ସଂପର୍କରେ ସୂଚନା ପ୍ରଦାନ କରିଥାଏ । ଚୋଡ଼ଗଙ୍ଗଦେବ ଧର୍ମକ୍ଷେତ୍ରରେ ସହନଶୀଳତା ପ୍ରଦର୍ଶନ କରିଥିଲେ । ସେ ଶୈବ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ । ସେ ପୁରୀଠାରେ ବିଶ୍ୱବିଖ୍ୟାତ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ତାଙ୍କ ସମୟରେ ବୈଷ୍ଣବ ଧର୍ମର ବିଶିଷ୍ଟ ପ୍ରଚାରକ ରାମାନୁଜ ଓଡ଼ିଶାକୁ ଆସିଥିଲେ । ଚୋଡ଼ଗଙ୍ଗଦେବ ଯାଜପୁରଠାରେ ଗଙ୍ଗେଶ୍ୱର ଶିବ ମନ୍ଦିର ଏବଂ ସୀମାଚଳମ୍‌ଠାରେ ଏକ ବିଷ୍ଣୁ ମନ୍ଦିର ନିର୍ମାଣ କରିଥିଲେ । ତାଙ୍କର ରାଣୀ କସ୍ତୁରୀ କାମୋଦିନୀ ଟିକାଲ୍ଲିଠାରେ ଗୋଟିଏ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ।

> **ତୁମେ ଜାଣିଛ କି?**
>
> ❖ ଚୋଡ଼ଗଙ୍ଗଦେବ ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା କଥା 'ଦାସଗୋବା' ଅଭିଲେଖରୁ ଜଣାପଡ଼େ ।
>
> ❖ ସତାନାଦ 'ଭାସ୍ୱତୀ'ରେ ସ୍ୱର୍ଗୀୟ ପିଣ୍ଡଗୁଡ଼ିକର ସ୍ଥିତି ଓ ଚଳନ ସଂପର୍କରେ ଲେଖିଥିଲେ । ସେହିପରି ଭାବରେ ଓଡ଼ିଶାର କେହି ବରପୁତ୍ର ଗ୍ରହ-ନକ୍ଷତ୍ରମାନଙ୍କ ଉପରେ ଯଦି କିଛି ଉପାଦେୟ ପୁସ୍ତକ ଲେଖିଛନ୍ତି, ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ।

> ଚୋଡଗଙ୍ଗଦେବ ଥିଲେ ଜଣେ ଦିଗ୍‌ବିଜୟୀ ବୀର । ଉତ୍କଳ ଅଧିକାର କଲା ପରେ ସେ ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କି କି ପଦକ୍ଷେପ ନେଇଥିବେ, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

## ପ୍ରଥମ ନରସିଂହଦେବ:

ପ୍ରଥମ ନରସିଂହଦେବ ଥିଲେ ଗଙ୍ଗବଂଶର ଏକ ପ୍ରଖ୍ୟାତ ନରପତି । ସେ ୧୨୩୮ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ତାଙ୍କ ସମୟରେ ଗଙ୍ଗ ସାମ୍ରାଜ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ଓଡ଼ିଶା ଇତିହାସରେ ସେ ମଧ୍ୟ ଲାଙ୍ଗୁଳା ନରସିଂହଦେବ ରୂପେ ସୁପରିଚିତ ।

## ରାଜ୍ୟ ଜୟ:

ପ୍ରଥମ ନରସିଂହଦେବ ଜଣେ ଦିଗ୍‌ବିଜୟୀ ସମ୍ରାଟରୂପେ ପରିଚିତ ଥିଲେ । ସେ ବଙ୍ଗର ଶାସକ ତୁଘ୍ରିଲ୍ ତୁଘାନ୍ ଖାଁଙ୍କୁ ପରାଜିତ କରି ବଙ୍ଗଳାର ବର୍ଦ୍ଧମାନ, ହୁଗୁଳି ଏବଂ ମେଦିନାପୁର ଆଦି ଅଂଚଳ ଓଡ଼ିଶା ସାମ୍ରାଜ୍ୟରେ ମିଶାଇ ଥିଲେ । ସେ ତେଲେଙ୍ଗାନାର ରାଜା ଗଣପତିଙ୍କୁ ପରାସ୍ତ କରିଥିଲେ । ତାଙ୍କ ସମୟରେ ଗଙ୍ଗ ସାମ୍ରାଜ୍ୟ ଉନ୍ନତିର ଚରମ ଶିଖରରେ ଉପନୀତ ହୋଇଥିଲା ।

> **ତୁମେ ଜାଣିଛ କି?**
>
> ପ୍ରଥମ ନରସିଂହଦେବଙ୍କୁ ଲାଙ୍ଗୁଳା ନରସିଂହଦେବ କୁହାଯାଏ । ସେ ଚାଲିଲା ବେଳେ ତାଙ୍କ ରାଜକୀୟ ପୋଷାକ ଭୂମି ସ୍ପର୍ଶ କରୁଥିଲା। ତାହା ଲାଙ୍ଗୁଳ ପରି ଦେଖାଯାଉଥିବାରୁ ତାଙ୍କର ସେହିପରି ନାମକରଣ ହୋଇଅଛି ।

> ପ୍ରଥମ ନରସିଂହଦେବଙ୍କ ରାଜ୍ୟ ଜୟ ପଛରେ କେଉଁ କେଉଁ ଇଚ୍ଛାମାନ ରହିଥିଲା, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

### ରାଜ୍ୟ ଶାସନ:

ପ୍ରଥମ ନରସିଂହଦେବ ଜଣେ ସୁଶାସକ ଥିଲେ । ତାଙ୍କ ସମୟରେ ସାହିତ୍ୟ, କଳା ଓ ସ୍ଥାପତ୍ୟର ବିକାଶ ଘଟିଥିଲା । ସଂସ୍କୃତ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ରହିଥିଲା । ବିଦ୍ୟାଧର ତାଙ୍କ ରାଜସଭାର ବିଶିଷ୍ଟ କବି ଥିଲେ । ସେ 'ଏକାବଳୀ' ନାମକ ଏକ ପ୍ରସିଦ୍ଧ ଅଳଙ୍କାର ଶାସ୍ତ୍ର ରଚନା କରିଥିଲେ । ପ୍ରସିଦ୍ଧ ଗ୍ରନ୍ଥ 'ସାହିତ୍ୟ ଦର୍ପଣ'ର ରଚୟିତା ବିଶ୍ୱନାଥ କବିରାଜ ତାଙ୍କ ସମସାମୟିକ ଥିଲେ । ପ୍ରଥମ ନରସିଂହଦେବ କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ । ବାଲେଶ୍ୱର ଜିଲ୍ଲାର ରେମୁଣା ନିକଟସ୍ଥ କ୍ଷୀରଚୋରା ଗୋପୀନାଥ ମନ୍ଦିର ତାଙ୍କ ସମୟର କୀର୍ତ୍ତି । ସେ ମଧ୍ୟ ଭୁବନେଶ୍ୱରରେ ସଦାଶିବ ମଠ ନିର୍ମାଣ କରିଥିଲେ। ୧୨୯୪ ଖ୍ରୀଷ୍ଟାବ୍ଦରେ ପ୍ରଥମ ନରସିଂହଦେବ ମୃତ୍ୟୁବରଣ କରିଥିଲେ ।

> ପ୍ରଥମ ନରସିଂହଦେବଙ୍କ ରାଜ୍ୟରେ ତୁମେ ଜଣେ ପ୍ରଜା ହୋଇଥିଲେ, କେଉଁ କାର୍ଯ୍ୟ କରିବାକୁ ଏବଂ କାହିଁକି କରିବାକୁ ଆଗ୍ରହୀ ହୋଇଥାନ୍ତ, ଲେଖ ।

### ପୁରୀର ଜଗନ୍ନାଥ ମନ୍ଦିର:

ପୁରୀର ଜଗନ୍ନାଥ ମନ୍ଦିର ଚୋଡ଼ଗଙ୍ଗ ଦେବଙ୍କର ଏକ ଅମର କୀର୍ତ୍ତି । ଏହା କଳିଙ୍ଗ ସ୍ଥାପତ୍ୟର ବାସ୍ତବ ପରିପ୍ରକାଶ । ଜଗନ୍ନାଥ ମନ୍ଦିରର କାରୁକାର୍ଯ୍ୟ ଅତି ଉଚ୍ଚକୋଟୀର ଓ ରମଣୀୟ । ଏହାର ଉଚ୍ଚତା ପ୍ରାୟ ୬୬ ମିଟର । ଏହି ମନ୍ଦିରଟି ଏକ ବିରାଟ ପ୍ରାଚୀର ଦ୍ୱାରା ପରିବେଷ୍ଟିତ, ଯାହା 'ମେଘନାଦ ପାଚେରୀ' ନାମରେ ବିଖ୍ୟାତ । ଏହି ମନ୍ଦିରକୁ ପ୍ରବେଶ କରିବା ପାଇଁ ଚାରି ଦିଗରେ ଚାରିଗୋଟି ପ୍ରବେଶ ଦ୍ୱାର ରହିଅଛି । ମନ୍ଦିରର ପୂର୍ବ ଦ୍ୱାର ସମ୍ମୁଖରେ ୧୨ ମିଟର ଉଚ୍ଚତା ବିଶିଷ୍ଟ ଏକ ଅରୁଣ ସ୍ତମ୍ଭ ରହିଅଛି । ଜଗନ୍ନାଥ ମନ୍ଦିର ମଧ୍ୟରେ ବଳଭଦ୍ର, ସୁଭଦ୍ରା ଏବଂ ଜଗନ୍ନାଥଙ୍କର ମୂର୍ତ୍ତି ଶୋଭା ପାଉଅଛି ।

> **ତୁମେ ଜାଣିଛ କି?**
> ପୁରୀର ଜଗନ୍ନାଥ ମନ୍ଦିରକୁ ପ୍ରବେଶ ପାଇଁ ଥିବା ଚାରୋଟି ଦ୍ୱାର ମଧ୍ୟରୁ ଦକ୍ଷିଣ ଦ୍ୱାରକୁ **'ଅଶ୍ୱଦ୍ୱାର'**, ଉତ୍ତର ଦ୍ୱାରକୁ **'ହସ୍ତୀଦ୍ୱାର'**, ପୂର୍ବ ଦ୍ୱାରକୁ **'ସିଂହଦ୍ୱାର'** ଏବଂ ପଶ୍ଚିମ ଦ୍ୱାରକୁ **'ବ୍ୟାଘ୍ରଦ୍ୱାର'** କୁହାଯାଇଥାଏ ।



ଜଗନ୍ନାଥ ମନ୍ଦିର

ମନ୍ଦିର ବେଢ଼ାରେ କାଶୀ-ବିଶ୍ୱନାଥ ମନ୍ଦିର, ନୃସିଂହ ମନ୍ଦିର, ବିମଳା ମନ୍ଦିର, ମହାଲକ୍ଷ୍ମୀ ମନ୍ଦିର, ନବଗ୍ରହ ମନ୍ଦିର ଆଦି ଛୋଟ ଛୋଟ ମନ୍ଦିରମାନ ରହିଅଛି । ମୁକ୍ତିମଣ୍ଡପ ଏବଂ ଆନନ୍ଦ ବଜାର ପୁରୀ ଜଗନ୍ନାଥ ମନ୍ଦିରର ଦୁଇଟି ଆକର୍ଷଣୀୟ ସ୍ଥାନ । ପୁରୀକୁ 'ଶ୍ରୀକ୍ଷେତ୍ର' ଏବଂ 'ଶଙ୍ଖକ୍ଷେତ୍ର' ନାମରେ ନାମିତ କରାଯାଇଅଛି। ଜଗନ୍ନାଥ ମନ୍ଦିରର ରଥଯାତ୍ରା ବିଶ୍ୱବିଖ୍ୟାତ ।

ଯେପରି ପୁରୀକୁ 'ଶ୍ରୀକ୍ଷେତ୍ର' କୁହାଯାଏ । ସେହିପରି ଓଡ଼ିଶାର ଅନ୍ୟ କେଉଁ କେଉଁ ସ୍ଥାନକୁ କି କି କ୍ଷେତ୍ର ରୂପେ ବର୍ଣ୍ଣନା କରାଯାଇଛି, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

## କୋଣାର୍କର ସୂର୍ଯ୍ୟ ମନ୍ଦିର:

କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ପ୍ରଥମ ନରସିଂହଦେବଙ୍କର ଅମ୍ଳାନ କୀର୍ତ୍ତି । ଚନ୍ଦ୍ରଭାଗା ନଦୀ ମୁହାଣ ନିକଟରେ ବଙ୍ଗୋପସାଗର କୂଳରେ ଏହି ମନୋରମ ସୂର୍ଯ୍ୟମନ୍ଦିର ନିର୍ମିତ ହୋଇଥିଲା । କିମ୍ବଦନ୍ତୀ ଅନୁସାରେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟରେ ୧୨୦୦ ବଢ଼େଇ ନିଯୁକ୍ତ ହୋଇଥିଲେ । ଲାଙ୍ଗୁଳା ନରସିଂହଦେବଙ୍କ ମନ୍ତ୍ରୀ ଶିବେଇ ସାମନ୍ତରାୟ ଏବଂ ସେ ସମୟର ପ୍ରସିଦ୍ଧ ଶିଳ୍ପୀ ବିଶୁ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ନିର୍ମିତ ହୋଇଥିଲା । ବିଶୁ ମହାରଣାଙ୍କ ୧୨ ବର୍ଷର ପୁତ୍ର ଧରମା ଏହି ମନ୍ଦିରର ମୁଣ୍ଡି ମାରିବାକୁ ସକ୍ଷମ ହୋଇଥିଲା ।


କୋଣାର୍କ ମନ୍ଦିର

ତୁମେ କୋଣାର୍କ ମନ୍ଦିର ନିର୍ମାଣ ସମୟର ଏକ ଶିଳ୍ପୀ ହୋଇଥିଲେ କୋଣାର୍କକୁ ଆହୁରି ସୁନ୍ଦର କରିବା ପାଇଁ କଣ କଣ କରିଥାନ୍ତ?

କୋଣାର୍କ ମନ୍ଦିର ସୂର୍ଯ୍ୟଙ୍କର ରଥ ଆକାରରେ ନିର୍ମିତ । ଏଥିରେ ୨୪ଟି ଚକ ଓ ୭ ଗୋଟି ଘୋଡା ରହିଅଛି । ମନ୍ଦିରରେ ବିରାଟ ଲୌହ କଡ଼ି ଓ ପ୍ରସ୍ତର ଖଣ୍ଡମାନ ବ୍ୟବହୃତ ହୋଇଅଛି । କୋଣାର୍କର ମୁଖ୍ୟ ମନ୍ଦିର ବର୍ତ୍ତମାନ ଭଗ୍ନ ଅବସ୍ଥାରେ ରହିଅଛି । ସେଥିରେ ସୂର୍ଯ୍ୟଦେବଙ୍କର ସିଂହାସନ ଦେଖିବାକୁ ମିଳେ । ମନ୍ଦିର ଦେହରେ ବିଭିନ୍ନ ଦେବଦେବୀ, ଗନ୍ଧର୍ବ, ପରୀ, ନର୍ତ୍ତକୀ, ବୃକ୍ଷଲତା, ପୁଷ୍ପ, ଯୁଦ୍ଧର ଚିତ୍ର ଇତ୍ୟାଦି ଖୋଦିତ ହୋଇଅଛି । ମୁଖ୍ୟ ମନ୍ଦିର ସମ୍ମୁଖରେ କଳା ମୁଗୁନି ପଥରରେ ନିର୍ମିତ ନବଗ୍ରହ ମୂର୍ତ୍ତି ଏବେ କୋଣାର୍କ ମନ୍ଦିରର ବାମ ପାର୍ଶ୍ୱରେ ନିର୍ମିତ ନବଗ୍ରହ ମନ୍ଦିରରେ ସ୍ଥାପିତ । କୋଣାର୍କ ମନ୍ଦିର ପରିସରରେ ଥିବା ଛାୟାଦେବୀଙ୍କ ମନ୍ଦିର, ଗଜ-ସିଂହ ଏବଂ ଯୁଦ୍ଧଅଶ୍ୱର ମୂର୍ତ୍ତି ଅତ୍ୟନ୍ତ ଚିତ୍ତାକର୍ଷକ । କୋଣାର୍କ ମନ୍ଦିରର ସୌନ୍ଦର୍ଯ୍ୟ ଏବେ ମଧ୍ୟ ଦେଶ ବିଦେଶର ବହୁ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ ।

**ତୁମେ ଜାଣିଛ କି?**
କୋଣାର୍କ ମନ୍ଦିର ଦେହରେ ଅନ୍ୟାନ୍ୟ ଚିତ୍ରମାନଙ୍କ ମଧ୍ୟରେ ଏକ ଜିରାଫର ଚିତ୍ର ରହିଅଛି।

● କୋଣାର୍କ ମନ୍ଦିର ନିର୍ମାଣରେ ବ୍ୟବହୃତ ହେଉଥିବା ବଡ଼ ବଡ଼ ପଥରମାନ କିପରି ଉପରକୁ ଯାଉଥିଲା ଏବଂ କେମିତି ଯୋଡେଇ ହୋଇ ମନ୍ଦିର ତିଆରି ହେଉଥିଲା, ଅନୁମାନ କରି ଲେଖ ।

● କୋଣାର୍କ ମନ୍ଦିରରେ ଥିବା ୨୪ଟି ଚକ ଏବଂ ୭ଟି ଘୋଡା କାହାର ପ୍ରତୀକ ହୋଇଥିବେ, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

ପ୍ରଥମ ନରସିଂହଦେବଙ୍କ ପରେ ପ୍ରଥମ ଭାନୁଦେବ, ଦ୍ୱିତୀୟ ନରସିଂହଦେବ, ଦ୍ୱିତୀୟ ଭାନୁଦେବ ଆଦି ରାଜା ଶାସନ କରିଥିଲେ । ଚତୁର୍ଥ ଭାନୁଦେବ ବା ମତ୍ତଭାନୁଦେବ ଥିଲେ ଗଙ୍ଗବଂଶର ଶେଷ ରାଜା । ୧୪୩୫ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହା ସହିତ ଗଙ୍ଗବଂଶ ଲୋପ ପାଇଥିଲା ଏବଂ ସୂର୍ଯ୍ୟବଂଶୀ ଗଜପତିମାନଙ୍କର ଶାସନ ଆରମ୍ଭ ହୋଇଥିଲା ।

## (ଚ) ନୂତନ ଧର୍ମ ଏବଂ ଆଧ୍ୟାତ୍ମିକ ଗୋଷ୍ଠୀର ସୃଷ୍ଟି:

### ନୂତନ ଭାଷା ଓ ଲିପିର ଜନ୍ମ, କଳା କ୍ଷେତ୍ରରେ ନୂତନ ଶୈଳୀର ପ୍ରବର୍ତ୍ତନ

### ନୂତନ ଧର୍ମ ଓ ଆଧ୍ୟାତ୍ମିକ ଗୋଷ୍ଠୀର ସୃଷ୍ଟି

ମଧ୍ୟଯୁଗରେ ଭାରତର ଧର୍ମ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଥିଲା । ବୌଦ୍ଧଧର୍ମର ପତନ ଘଟିବା ସହିତ ଜୈନ ଧର୍ମର ପ୍ରଭାବ ମଧ୍ୟ ହ୍ରାସ ପାଇଥିଲା । ବ୍ରାହ୍ମଣ୍ୟ ଧର୍ମରେ ସଂସ୍କାର ଆସିବା ସହିତ ଭକ୍ତିବାଦର ଜନ୍ମ ଏବଂ ପ୍ରସାର ହୋଇଥିଲା । ଏହି ସମୟରେ ବହୁ ଧର୍ମ ସଂସ୍କାରକଙ୍କର ଆବିର୍ଭାବ ଘଟିଥିଲା । ସେମାନଙ୍କ ମଧ୍ୟରେ ଅଧିକାଂଶ ଦକ୍ଷିଣ ଭାରତରେ ଜନ୍ମ ନେଇଥିଲେ ମଧ୍ୟ ସମଗ୍ର ଭାରତରେ ଜନପ୍ରିୟ ହୋଇ ପାରିଥିଲେ। ଉତ୍ତର ଭାରତରେ ମଧ୍ୟ ଅନେକ ଧର୍ମ ସଂସ୍କାରକଙ୍କ ଆବିର୍ଭାବ ଘଟିଥିଲା ।

ଦକ୍ଷିଣ ଭାରତରେ କାହିଁକି ଭକ୍ତିବାଦର ସୃଷ୍ଟି ହୋଇଥିଲା, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ।

ଦକ୍ଷିଣ ଭାରତରେ ଜନ୍ମଗ୍ରହଣ କରିଥିବା ଧର୍ମ ସଂସ୍କାରକମାନଙ୍କ ମଧ୍ୟରୁ ଶଙ୍କର (ଶଙ୍କରାଚାର୍ଯ୍ୟ) ଅନ୍ୟତମ ଥିଲେ। ସେ ୭୮୮ ଖ୍ରୀଷ୍ଟାବ୍ଦରେ କେରଳର କାଲାଡିଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମତବାଦକୁ 'ଅଦ୍ୱୈତ ମତବାଦ' ବୋଲି କୁହାଯାଏ। ସେ ସମଗ୍ର ଜଗତକୁ ମିଥ୍ୟା ଏବଂ ବ୍ରହ୍ମ (ଈଶ୍ୱର)ଙ୍କୁ ସତ୍ୟ ବୋଲି ବର୍ଣ୍ଣନା କରିଥିଲେ । ଜ୍ଞାନ ବଳରେ ଈଶ୍ୱର ମିଳିପାରିବେ ବୋଲି ସେ ପ୍ରଚାର କରିଥିଲେ । ସେ ଭାରତରେ ବହୁ ଧର୍ମପୀଠ ଓ ମଠ ପ୍ରତିଷ୍ଠା କରିଥିଲେ । ସେ ଓଡ଼ିଶାର ପୁରୀଠାରେ ଏକ ମଠ ପ୍ରତିଷ୍ଠା କରିଥିଲେ । ତାଙ୍କ ଯୋଗୁଁ ହିନ୍ଦୁଧର୍ମର ପୁନରୁତ୍‌ଥାନ ହୋଇଥିଲା । ସେ ମାତ୍ର ୩୨ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ ।


ଶଙ୍କରାଚାର୍ଯ୍ୟ

ଏକାଦଶ ଶତାବ୍ଦୀରେ ଦକ୍ଷିଣ ଭାରତରେ ରାମାନୁଜ ଜନ୍ମଗ୍ରହଣ କରିଥିଲେ । ସେ 'ଭକ୍ତିବାଦ'ର ପ୍ରଚାର କରିଥିଲେ । ସେ ଈଶ୍ୱରଙ୍କ ନିକଟରେ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରିବା ପାଇଁ ଉପଦେଶ ଦେଇଥିଲେ । ପ୍ରେମ ଓ ଭକ୍ତି ଦ୍ୱାରା ଈଶ୍ୱର ମିଳିପାରିବେ ବୋଲି ସେ କହୁଥିଲେ । ଜ୍ଞାନ ଅପେକ୍ଷା ଭକ୍ତି ଈଶ୍ୱର ପ୍ରାପ୍ତିର ଶ୍ରେଷ୍ଠ ମାଧ୍ୟମ ବୋଲି ସେ ପ୍ରଚାର କରିଥିଲେ ।

ଶଙ୍କରାଚାର୍ଯ୍ୟଙ୍କଠାରୁ ରାମାନୁଜଙ୍କ ମତ ଭିନ୍ନ ଥିଲା । ତାଙ୍କ ମତରେ ମଣିଷ ଗୋଟିଏ ଜାତି । ସେଥିରେ ଉଚ୍ଚନୀଚର ସ୍ଥାନ ନାହିଁ । ତାଙ୍କର ଏହି ବାଣୀ ବହୁ ଲୋକଙ୍କୁ ପ୍ରଭାବିତ କରିଥିଲା । ରାମାନୁଜଙ୍କର ପ୍ରଧାନ ଶିଷ୍ୟ ଥିଲେ ରାମାନନ୍ଦ । ସେ ରାମାନୁଜଙ୍କ ଦ୍ୱାରା ପ୍ରଚାରିତ ଭକ୍ତିବାଦକୁ ଉତ୍ତର ଭାରତରେ ପ୍ରସାର କରାଇଥିଲେ । ସେ ରାମାନୁଜଙ୍କର ଆଦର୍ଶ ଏବଂ ନୀତିମୟ ଜୀବନକୁ ଲୋକମାନଙ୍କ ଆଗରେ ଉପସ୍ଥାପନ କରୁଥିଲେ ।

**ତୁମେ ଜାଣିଛ କି?**

❖ ଶଙ୍କରାଚାର୍ଯ୍ୟ ଭାରତରେ ୪ ଗୋଟି ମଠ ସ୍ଥାପନ କରିଥିଲେ । ସେଗୁଡ଼ିକ ହେଲା ପୁରୀରେ ଗୋବର୍ଦ୍ଧନ ମଠ, ବଦ୍ରିନାଥରେ ଜ୍ୟୋର୍ତି ମଠ, ଦ୍ୱାରକାରେ ଶାରଦା ମଠ ଏବଂ କର୍ଣ୍ଣାଟକର ଶୃଙ୍ଗେରମଠାରେ ଶୃଙ୍ଗେରୀ ମଠ

ଶଙ୍କରଙ୍କ ମତ ଦକ୍ଷିଣରେ ପ୍ରଚଳିତ ଥିଲା ବେଳେ ରାମାନୁଜଙ୍କ ଭକ୍ତିବାଦ ପ୍ରତି ଲୋକମାନେ କାହିଁକି ଆକର୍ଷିତ ହେଲେ, ଅନ୍ୟମାନଙ୍କ ସହ ଆଲୋଚନା କରି କାରଣମାନ ଲେଖ ।

ଭକ୍ତିବାଦର ସନ୍ଥମାନେ ଆଞ୍ଚଳିକ ଭାଷାରେ ଭଜନ ଓ ପ୍ରାର୍ଥନାମାନ ରଚନା କରି ଈଶ୍ୱରଙ୍କୁ ଆରାଧନା କରୁଥିଲେ । ସମାଜର ସବୁ ଶ୍ରେଣୀର ଲୋକମାନେ ଏହି ଧର୍ମ ଗ୍ରହଣ କରିପାରୁଥିଲେ । ଫଳରେ, ଉଭୟ ଦକ୍ଷିଣ ଏବଂ ଉତ୍ତର ଭାରତରେ ଭକ୍ତିବାଦର ପ୍ରସାର ଘଟିଥିଲା । ଏହା ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍‌ଥାନକୁ ପ୍ରତିହତ କରିଥିଲା ।

ଭକ୍ତିବାଦର ସନ୍ଥମାନେ ଆଂଚଳିକ ଭାଷାରେ ଭଜନ ଓ ପ୍ରାର୍ଥନାମାନ ରଚନା କରିଥିଲେ । ସେହିପରି ଭାବରେ ତୁମ ଅଂଚଳର ଆଞ୍ଚଳିକ ଭାଷାରେ ଥିବା ଭଜନ ଓ ପ୍ରାର୍ଥନା ମାନ ସଂଗ୍ରହ କରି ଏକ ବିବରଣୀ ପ୍ରସ୍ତୁତ କର ।

**ତୁମେ ଜାଣିଛ କି?**

❖ ଜନଶ୍ରୁତି ଅନୁସାରେ 'ଭକ୍ତି ଦ୍ରାବିଡ଼ ଉପୁଜି ଲାୟେ,ରାମାନନ୍ଦ ପରଗଟ କିଆ, କବୀରନେ ସପ୍ତଦ୍ୱୀପ ନବଖଣ୍ଡ' ଅର୍ଥାତ୍ 'ଭକ୍ତିବାଦ ଦକ୍ଷିଣରେ ଜନ୍ମ ନେଲା । ଏହାକୁ ରାମାନନ୍ଦ ଉତ୍ତର ଭାରତକୁ ଆଣିଲେ ଏବଂ କବୀର ସର୍ବତ୍ର ପ୍ରଚାର କଲେ'।

ଏହି ସମୟରେ ଉତ୍ତର ଭାରତରେ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟ ଲୋକପ୍ରିୟ ହୋଇଥିଲା । ରାମାନୁଜଙ୍କ ସମସାମୟିକ ନିମ୍ବାର୍କ ଦକ୍ଷିଣ ଭାରତରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଉତ୍ତର ଭାରତର ମଥୁରାଠାରେ ଅବସ୍ଥାନ କରୁଥିଲେ । ସେ ବୈଷ୍ଣବ ଥିଲେ । କୃଷ୍ଣଙ୍କ ବାଲ୍ୟକାଳ, ରାଧାଙ୍କ ପ୍ରତି ପ୍ରେମ, କଂସ ସହିତ ଯୁଦ୍ଧ ଆଦି ଘଟଣାମାନ ପ୍ରଚାର କରି ସେ କୃଷ୍ଣଙ୍କ ପ୍ରତି ଲୋକମାନଙ୍କୁ ଆକର୍ଷିତ କରିଥିଲେ । କୃଷ୍ଣଙ୍କ ସଂପର୍କିତ ଏହି କାହାଣୀମାନ ପଦ୍ୟ ଆକାରରେ ରଚିତ ହୋଇ ମନ୍ଦିର ଦେହରେ ସ୍ଥାନ ପାଇଲା । ଏହାଦ୍ୱାରା କୃଷ୍ଣଲୀଳା ସମଗ୍ର ଉତ୍ତର ଭାରତରେ ଜନପ୍ରିୟ ହୋଇପଡ଼ିଲା ।

**ତୁମେ ଜାଣିଛ କି?**

ଶିବଙ୍କ ଉପାସକ ଶୈବ, ବିଷ୍ଣୁଙ୍କ ଉପାସକ ବୈଷ୍ଣବ ଏବଂ ଶକ୍ତି(ଦେବୀ)ଙ୍କ ଉପାସକ ଶାକ୍ତ ରୂପେ ପରିଚିତ ।

ଏହି ସମୟରେ ଓଡ଼ିଶାରେ ବ୍ରାହ୍ମଣ୍ୟ ଧର୍ମର ମଧ୍ୟ ପ୍ରସାର ହୋଇଥିଲା । ସୋମବଂଶୀ ଶାସକମାନେ ଶାକ୍ତ, ବୈଷ୍ଣବ ଏବଂ ଶୈବ ଧର୍ମର ପୃଷ୍ଠପୋଷକତା କରିଥିଲେ । ଗଙ୍ଗମାନଙ୍କ ସମୟରେ ଜଗନ୍ନାଥ ଉପାସନା ଜନପ୍ରିୟ ହୋଇ ପଡ଼ିଲା । ଜଗନ୍ନାଥ ସବୁ ଧର୍ମର ସମନ୍ୱୟ ବୋଲି ଲୋକମାନଙ୍କର ଧାରଣା ହୋଇଥିଲା ।

ଜଗନ୍ନାଥ କାହିଁକି ସବୁଧର୍ମର ସମନ୍ୱୟ, ତାହା ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

## ନୂତନ ଭାଷା ଓ ଲିପିର ଜନ୍ମ:

ଅଷ୍ଟମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତର ସାଂସ୍କୃତିକ ଇତିହାସ ଗୌରବମୟ । ଏହି ସମୟ ମଧ୍ୟରେ ବହୁ ନୂତନ ଭାଷା ଓ ଲିପି ସୃଷ୍ଟି ହେବା ସହିତ ଆଂଚଳିକ ସାହିତ୍ୟର ବିକାଶ ମଧ୍ୟ ଘଟିଥିଲା ।

ଦକ୍ଷିଣ ଭାରତରେ ମୁଖ୍ୟତଃ ଦୁଇଟି ଭାଷା ପ୍ରଚଳିତ ଥିଲା । ପ୍ରଥମଟି ସଂସ୍କୃତ ଏବଂ ଅନ୍ୟଟି ନୂତନ ଭାବରେ ସୃଷ୍ଟି ହୋଇଥିବା ଆଂଚଳିକ ଭାଷା । ସଂସ୍କୃତ ଭାଷାକୁ ବିଦ୍ୟାଳୟରେ ଶିକ୍ଷକ ଏବଂ ଛାତ୍ରମାନେ ବ୍ୟବହାର କରୁଥିଲେ । ଏହା ମଧ୍ୟ ଧର୍ମାନୁଷ୍ଠାନ ଗୁଡ଼ିକରେ ବ୍ୟବହୃତ ହେଉଥିଲା । ଆଂଚଳିକ ଭାଷାର ବହୁଳ ବ୍ୟବହାର ଚୋଳ ରାଜ୍ୟରେ ଦେଖା ଦେଇଥିଲା । ସେଠାରେ ତାମିଲ ଆଂଚଳିକ ଭାଷା ରୂପେ ପ୍ରଚଳିତ ଥିଲା । ଏହି ତାମିଲ ଭାଷା ବହୁଳାଂଶରେ ସଂସ୍କୃତ ଭାଷା ଦ୍ୱାରା ପ୍ରଭାବିତ ହୋଇଥିଲା । ତାମିଲ ଭାଷା ସହିତ ଲିପିର ପ୍ରଣୟନ କରାଯାଇ ଏହି ଭାଷାରେ ବହୁ ସାହିତ୍ୟ ସୃଷ୍ଟି କରାଯାଇଥିଲା । କମ୍ବାନଙ୍କ ଦ୍ୱାରା ତାମିଲ ଭାଷାରେ ରଚିତ 'ରାମାୟଣ' ସେ ସମୟର ଏକ ପ୍ରସିଦ୍ଧ ଗ୍ରନ୍ଥ । ସେସମୟରେ ବହୁ ନାଟକ ଓ କବିତା ସୃଷ୍ଟି ହୋଇଥିଲା ।

ତୁମେ କେତୋଟି ଆଂଚଳିକ ଭାଷା ଜାଣିଛ ଲେଖ ।

ଏହି ସମୟରେ ଆନ୍ଧ୍ରରେ ତେଲୁଗୁ ଭାଷା ଓ ଲିପି ପ୍ରଚଳିତ ଥିଲା । ତେଲୁଗୁ ଭାଷାରେ 'ରାମାୟଣ' ଓ 'ମହାଭାରତ' ରଚିତ ହୋଇଥିଲା । ନାନାୟଙ୍କ ଦ୍ୱାରା ରଚିତ 'ମହାଭାରତ' ତେଲୁଗୁ ସାହିତ୍ୟର ଏକ ଅମ୍ଳାନ ସୃଷ୍ଟି । ପରବର୍ତ୍ତୀ ସମୟରେ ଟିକାନା ନାମକ ଏକ କବି ଏହାକୁ ଆନ୍ଧ୍ରରେ ଲୋକପ୍ରିୟ କରାଇଥିଲେ ।

ତୁମ ଅଂଚଳର ଏକ ପ୍ରସିଦ୍ଧ ଗ୍ରନ୍ଥକୁ କେଉଁ କେଉଁ ଉପାୟରେ ଲୋକପ୍ରିୟ କରାଯାଇ ପାରିବ, ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ ।

ମହୀଶୂରରେ ଏହି ସମୟରେ କନ୍ନଡ ଭାଷାର ସୃଷ୍ଟି ହୋଇଥିଲା । ଲିଙ୍ଗାୟତ ଗୋଷ୍ଠୀର କେତେକ ସନ୍ଥ ସଂସ୍କୃତ ଭାଷା ପରିବର୍ତ୍ତେ କନ୍ନଡ ଭାଷା ବ୍ୟବହାର କରି ସାହିତ୍ୟ ରଚନା କରିଥିଲେ । ପମ୍ପା,ପୋନା ଓ ରାଜା କନ୍ନଡ଼ ସାହିତ୍ୟର ବିଖ୍ୟାତ ସ୍ରଷ୍ଟା ।

ତୁମ ଅଂଚଳର ବିଖ୍ୟାତ କବି ଓ ଲେଖକଙ୍କ ନାମ ଲେଖି ସେମାନଙ୍କ କୃତି ସଂପର୍କରେ ଆଲୋଚନା କର ।

ଏହି ସମୟରେ ଉତ୍ତର ଭାରତରେ ବହୁ ଆଂଚଳିକ ଭାଷା ଓ ଲିପି ଜନ୍ମ ନେଇଥିଲା । ସାଧାରଣ ଲୋକମାନେ ବ୍ୟବହାର କରୁଥିବା ଅପଭ୍ରଂଶ ଭାଷାରୁ ଏ ସବୁର ଉତ୍ପତ୍ତି ହୋଇଥିଲା । ପଶ୍ଚିମ ଭାରତରେ ମରାଠୀ ଏବଂ ଗୁଜୁରାଟୀ ଭାଷା ଲୋକମାନଙ୍କର କଥିତ ଭାଷା ରୂପେ ବ୍ୟବହୃତ ହେଉଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ଏହି ସମୟରେ ସୃଷ୍ଟି ହୋଇଥିଲା । 'ଚର୍ଯ୍ୟାଗୀତିକା' ଏହି ସମୟର ସୃଷ୍ଟି ।

ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ଲୋକମାନେ କେଉଁ କେଉଁ ଭାଷା କହନ୍ତି, ତାହା ଲେଖ ।

## କଳା କ୍ଷେତ୍ରରେ ନୂତନ ଶୈଳୀର ପ୍ରବର୍ତ୍ତନ

କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ନୂତନ ଶୈଳୀର ପ୍ରବର୍ତ୍ତନ ଏ ଯୁଗର ଏକ ବୈଶିଷ୍ଟ୍ୟ । ଦକ୍ଷିଣ ଭାରତରେ ପ୍ରଥମେ ପଥର କାଟି ତା' ମଧ୍ୟରେ ମନ୍ଦିର ନିର୍ମାଣ କରାଯାଉଥିଲା । ଏହି ସମୟରେ ପଥର ଉପରେ ପଥର ରଖି ସ୍ୱତନ୍ତ୍ର ଭାବେ ମନ୍ଦିର ନିର୍ମାଣ କରାଗଲା । ଏଥିରେ ଦୁଇଟି କୋଠରୀ ରହୁଥିଲା । ଗୋଟିଏ ଥିଲା ପ୍ରଧାନ ଉପାସନା କୋଠରୀ ଓ ଅନ୍ୟଟି ପ୍ରବେଶ କୋଠରୀ । କ୍ରମେ ମନ୍ଦିରରେ ଅନେକ କୋଠରୀ ନିର୍ମିତ ହେଲା । ମନ୍ଦିର ଚାରିପଟେ ମଧ୍ୟ ପ୍ରାଚୀର ନିର୍ମାଣ କରାଗଲା । ମନ୍ଦିର ମଧ୍ୟକୁ ଯିବା ପାଇଁ ପ୍ରବେଶ ଦ୍ୱାର ନିର୍ମିତ ହେଲା । ତାହା 'ଗୋପୁରମ୍' ନାମରେ ବିଖ୍ୟାତ । ମନ୍ଦିରର ଅଗଣା ମଧ୍ୟରେ ଛୋଟ ଛୋଟ ମନ୍ଦିର ନିର୍ମାଣ କରାଯାଇ ସେଥିରେ ବିଭିନ୍ନ ଦେବାଦେବୀ ଏବଂ ସାଧୁସନ୍ଥମାନଙ୍କର ମୂର୍ତ୍ତିକୁ ପୂଜା କରାଗଲା । ପ୍ରଧାନ ମନ୍ଦିରଟିକୁ ଖୁବ୍ ବଡ଼ କରାଗଲା ।



ତାଞ୍ଜୋରର ବୃହଦେଶ୍ୱର ମନ୍ଦିର

> ମନ୍ଦିରରେ ପ୍ରାଚୀର ନ ଥିଲେ କେଉଁ ଅସୁବିଧା ସବୁ ହୋଇଥାନ୍ତା, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।



ଚୋଳ ସମୟର ବ୍ରୋଞ୍ଜ ମୂର୍ତ୍ତି

ଚୋଳମାନଙ୍କ ଦ୍ୱାରା ନିର୍ମିତ ମନ୍ଦିର ବହୁତ ବଡ଼, ସୁନ୍ଦର ଏବଂ ଆକର୍ଷଣୀୟ ଥିଲା । ତାଞ୍ଜୋରର ବୃହଦେଶ୍ୱର ମନ୍ଦିର ଏବଂ ଗଙ୍ଗଇକୋଣ୍ଡାଚୋଳପୁରମରେ ଥିବା ମନ୍ଦିର ସେମାନଙ୍କର ଅକ୍ଷୟ କୀର୍ତ୍ତି । ସେହି ମନ୍ଦିରର ମୂର୍ତ୍ତିଗୁଡ଼ିକ ପଥର ବା ବ୍ରୋଞ୍ଜରେ ତିଆରି ହୋଇଥିଲା । ସେ ସମୟରେ ଚୋଳମାନଙ୍କ ଦ୍ୱାରା ନିର୍ମିତ ବ୍ରୋଞ୍ଜ ମୂର୍ତ୍ତି ପୃଥିବୀ ପ୍ରସିଦ୍ଧ ।

> ବ୍ରୋଞ୍ଜ ପରିବର୍ତ୍ତେ ଅନ୍ୟ ଧାତୁ ବ୍ୟବହାର କରି ମନ୍ଦିର ଭିତରେ ମୂର୍ତ୍ତିସ୍ଥାପନ କଲେ କି କି ସୁବିଧା ଓ ଅସୁବିଧା ହେବ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ସେହି ସମୟରେ ମଧ୍ୟ-ଭାରତରେ ଚାନ୍ଦେଲ ରାଜାମାନଙ୍କଦ୍ୱାରା ନିର୍ମିତ ଖଜୁରାହୋ ମନ୍ଦିର ତା'ର କାରୁକାର୍ଯ୍ୟ ପାଇଁ ବିଖ୍ୟାତ ।

ରାଜସ୍ଥାନର ମାଉଣ୍ଟଆବୁରେ ନିର୍ମିତ ଦିଲ୍‌ୱାରା ଜୈନ ମନ୍ଦିର ତାର ମାର୍ବଲ କଳା ପାଇଁ ପ୍ରସିଦ୍ଧ । ଓଡ଼ିଶାରେ ଏହି ସମୟରେ ଭୁବନେଶ୍ୱରରେ ମୁକ୍ତେଶ୍ୱର ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ପୁରୀରେ ଜଗନ୍ନାଥ ମନ୍ଦିର ଏବଂ କୋଣାର୍କରେ ସୂର୍ଯ୍ୟ ମନ୍ଦିର ନିର୍ମିତ ହୋଇଥିଲା । ଏହି ମନ୍ଦିରଗୁଡ଼ିକ କଳିଙ୍ଗ ସ୍ଥାପତ୍ୟର ଅନନ୍ୟ ପରିପ୍ରକାଶ ।



ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିର

ଓଡ଼ିଶାର କିଛି ପ୍ରସିଦ୍ଧ ମନ୍ଦିରର ନାମ ଲେଖ । ଅନ୍ୟମାନଙ୍କ ସହିତ ଆଲୋଚନା କରି ଭାରତର କିଛି ବିଶିଷ୍ଟ ମନ୍ଦିରର ନାମ ଲେଖ ।

## ଆମେ କ'ଣ ଶିଖିଲେ

- ଇତିହାସ ରଚନା କରିବା ପାଇଁ ବହୁବିଧ ଉପାଦାନ ଆବଶ୍ୟକ ।
- ମଧ୍ୟଯୁଗୀୟ ଇତିହାସ ରଚନା କରିବା ପାଇଁ ଶାହାନାମା, ବାବରନାମା, ଆମୁକ୍ତ ମାଲ୍ୟବ ଏବଂ ଅନ୍ୟାନ୍ୟ ଅଭିଲେଖ ଗୁଡ଼ିକ ଆବଶ୍ୟକ ।
- ସୁଲତାନ ମାମୁଦ ୧୭ ଥର ଭାରତ ଆକ୍ରମଣ କରି ସୋମନାଥ ମନ୍ଦିର ଲୁଣ୍ଠନ କରିଥିଲେ ।
- ମହମ୍ମଦ ଘୋରୀ ଦ୍ୱିତୀୟ ତିରୋରୀ ଯୁଦ୍ଧରେ ପୃଥ୍ୱୀରାଜଙ୍କୁ ପରାସ୍ତ କରିଥିଲେ ।
- କନୌଜ ପ୍ରତିହାରମାନଙ୍କ ରାଜଧାନୀ ଥିଲା ।
- ଚୋଳମାନଙ୍କର ଶକ୍ତିଶାଳୀ ନୌବାହିନୀ ଥିଲା ଓ ସେମାନଙ୍କର ଶାସନ ଉତ୍କୃଷ୍ଟ ଥିଲା । ପାଣ୍ଡ୍ୟମାନଙ୍କର ରାଜଧାନୀ ମଦୁରା ଥିଲା ଏବଂ ତାଙ୍କ ସମୟରେ ମାର୍କୋପୋଲ ଭାରତ ଭ୍ରମଣରେ ଆସିଥିଲେ । ହୟଶାଳମାନଙ୍କର ରାଜଧାନୀ ଦ୍ୱାର ସମୁଦ୍ର ଥିଲା ଏବଂ ଦ୍ୱିତୀୟ ବୀର ବଲ୍ଲାଳ ଏହି ବଂଶର ଶ୍ରେଷ୍ଠ ରାଜା ଥିଲେ ।
- ଯାଦବମାନଙ୍କର ରାଜଧାନୀ ଦେବଗିରି ଥିଲା
- ଓଡ଼ିଶାରେ ସୋମବଂଶର ଜନ୍ମେଜୟ  ପ୍ରଥମ ଯଯାତି, ଦ୍ୱିତୀୟ ଯଯାତି, କର୍ଣ୍ଣ ଆଦି ରାଜାମାନେ ଶାସନ କରିଥିଲେ ।
- ଓଡ଼ିଶାରେ ଗଙ୍ଗବଂଶର ରାଜା ଚୋଡ଼ଗଙ୍ଗ ଦେବ ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଓ ପ୍ରଥମ ନରସିଂହ ଦେବ କୋଣାର୍କରେ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ ।
- ଶଙ୍କର, ରାମାନୁଜ, ରାମନନ୍ଦ, ନିମ୍ବାର୍କ ଆଦି ଆଧ୍ୟାତ୍ମିକବାଦୀମାନେ ସେମାନଙ୍କର ମତ ପ୍ରଚାର କରିଥିଲେ ।
- ଆଞ୍ଚଳିକ ଭାଷା ରୂପେ ତାମିଲ, ତେଲଗୁ, ଓଡ଼ିଆ ଆଦି ଭାଷାର ବିକାଶ ଘଟିଥିଲା ।
- ନୂତନ ଶୈଳୀରେ ମଧ୍ୟଯୁଗରେ ଦକ୍ଷିଣ ଭାରତ, ମଧ୍ୟ ଭାରତ ଏବଂ ଓଡ଼ିଶାରେ ବିଭିନ୍ନ ମନ୍ଦିରମାନ ନିର୍ମିତ ହୋଇଥିଲା ।

## ପ୍ରଶ୍ନାବଳୀ– ୧

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) ଅଧିକାଂଶ ମଧ୍ୟଯୁଗୀୟ ଲେଖକ, କବି ବା ଐତିହାସିକମାନଙ୍କର ମୂଳ ଲେଖା କାହିଁକି ହସ୍ତଗତ ହୋଇ ପାରି ନାହିଁ?

ଖ) ମାମୁଦଙ୍କ ଦରବାର ସଂପର୍କରେ ତୁମେ କଣ ଜାଣିଛ,ଲେଖ ।

ଗ) ମହମ୍ମଦ ଘୋରୀଙ୍କ ଭାରତ ଆକ୍ରମଣ ସଂପର୍କରେ ଲେଖ ।

ଘ) ଚୋଳମାନଙ୍କର ରାଜ୍ୟ ଶାସନ ବିଷୟରେ ସଂକ୍ଷେପରେ ଆଲୋଚନା କର ।

ଙ) ଯାଦବ ବଂଶର ରାଜାମାନଙ୍କର କୃତିତ୍ୱ ବିଷୟରେ ଲେଖ ।
ଚ) ପ୍ରଥମ ଜନ୍ମେଜୟଙ୍କ କୃତିତ୍ୱ ସଂପର୍କରେ ଆଲୋଚନା କର ।
ଛ) ସୋମବଂଶୀମାନଙ୍କର ସାଂସ୍କୃତିକ କୃତିତ୍ୱମାନ ଉଲ୍ଲେଖ କର ।
ଜ) ଚୋଡ଼ଗଙ୍ଗ ଦେବଙ୍କ ରାଜ୍ୟ ଜୟ ସଂମ୍ବନ୍ଧରେ ଲେଖ ।
ଝ) ପ୍ରଥମ ନରସିଂହଦେବଙ୍କ ରାଜ୍ୟ ଶାସନ ସଂପର୍କରେ ସମ୍ୟକ ଧାରଣା ଦିଅ ।
ଞ) ପୁରୀର ଜଗନ୍ନାଥ ମନ୍ଦିରର ନିର୍ମାଣ ଶୈଳୀ ସଂପର୍କରେ ଲେଖ ।
ଟ) ରାମାନୁଜଙ୍କ ମତ କଣ ଥିଲା ?
ଠ) ଦକ୍ଷିଣ ଭାରତରେ ସୃଷ୍ଟି ହୋଇଥିବା ଭାଷା ଓ ସାହିତ୍ୟ ବିଷୟରେ ଆଲୋଚନା କର ।
ଡ) ମଧ୍ୟଯୁଗୀୟ ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ବିଷୟରେ ଉଲ୍ଲେଖ କର ।

୨. ଭୁଲ ଥିଲେ ଠିକ୍ କରି ଲେଖ।

କ) ସୁଲତାନ ମାମୁଦଙ୍କ ସଂପର୍କରେ ଅମୀର ଖୁସ୍ରୁଙ୍କ 'ଖାଜାଇନ-ଉଲ-ଫୁତୁ' ବର୍ଣ୍ଣନା କରିଥାଏ ।
ଖ) ଓଡ଼ିଶାରେ ସୋମବଂଶୀମାନଙ୍କର ଶାସନ ବିଷୟରେ ସାହିତ୍ୟିକ ଉପାଦନରୁ ଜଣାପଡ଼ିଥାଏ ।
ଗ) ପ୍ରତିହାରମାନେ ଶିବ ଏବଂ ଦୁର୍ଗାଙ୍କର ଉପାସକ ଥିଲେ ।
ଘ) ଦ୍ୱିତୀୟ ବୀରବଲ୍ଲାଳ ପାଣ୍ଡ୍ୟ ବଂଶର ଶାସକ ଥିଲେ ।
ଙ) ସୋମବଂଶୀମାନେ ସୂର୍ଯ୍ୟବଂଶୀୟ ଶାସକ ଥିଲେ ।
ଚ) ମୁକ୍ତେଶ୍ୱର ମନ୍ଦିର ଗଙ୍ଗମାନଙ୍କର ବିଶିଷ୍ଟ କୃତି ।
ଛ) ସତାନନ୍ଦଙ୍କ 'ଭାସ୍ୱତୀ' ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ରଦେବଙ୍କ ସମୟରେ ରଚିତ ହୋଇଥିଲା ।
ଜ) କ୍ଷୀରଚୋରା ଗୋପୀନାଥ ମନ୍ଦିର ଲାଙ୍ଗୁଳା ନରସିଂହଦେବଙ୍କର ଅନନ୍ୟ କୃତି ।
ଝ) ନୀମ୍ବାର୍କ 'ଅଦ୍ୱୈତ ମତବାଦ' ପ୍ରଚାର କରିଥିଲେ ।
ଞ) ନାନାୟ କନ୍ନଡ ଭାଷାରେ 'ମହାଭାରତ' ରଚନା କରିଥିଲେ ।
ଟ) ଲିଙ୍ଗାୟତ ଗୋଷ୍ଠୀର ସନ୍ଥମାନେ ସଂସ୍କୃତ ଭାଷା ବ୍ୟବହାର କରିଥିଲେ ।
ଠ) ବିହାରର ଆବୁ ପର୍ବତରେ ଥିବା ଦିଲ୍‌ୱାରା ଜୈନ ମନ୍ଦିର ତାର ମାର୍ବଲ କଳା ପାଇଁ ପ୍ରସିଦ୍ଧ ।

୩. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

କ) 'ତୁଗ୍‌ଲକ୍‌ନାମା' ___________ ଙ୍କ ଦ୍ୱାରା ରଚିତ ହୋଇଥିଲା ।
(ଫିର୍ଦ୍ଦୋସି, ଆବୁଲ୍ ଫାଜଲ୍, ଅମୀର ଖୁସ୍ରୁ, ଇନାୟତ ଖାଁ)

ଖ) ସୁଲତାନ ମାମୁଦ ___________ ଥର ଭାରତ ଆକ୍ରମଣ କରିଥିଲେ ।
(୧୪,୧୫,୧୬,୧୭)

ଗ) ପୃଥ୍ୱୀରାଜ ମହମ୍ମଦ ଘୋରୀଙ୍କୁ ___________ ଯୁଦ୍ଧରେ ପରାସ୍ତ କରିଥିଲେ ।
(ପ୍ରଥମ ତିରୋରୀ, ଦ୍ୱିତୀୟ ତିରୋରୀ, ଚାନ୍ଦେରୀ, ହଳଦୀଘାଟ)

ଘ) ମହେନ୍ଦ୍ର ପାଳ ___________ ବଂଶର ରାଜା ଥିଲେ ।
(ପାଳ, ପ୍ରତିହାର, ପାଣ୍ଡ୍ୟ, ଚୋଳ)

ଙ) ଚୋଳ ମାନଙ୍କର ରାଜଧାନୀ ___________ ଥିଲା ।
(ତାଞ୍ଜୋର, କନୌଜ, ମଦୁରା, ଦ୍ୱାରସମୁଦ୍ର)

ଚ) ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର __________ ଙ୍କ ସମୟରେ ନିର୍ମିତ ହୋଇଥିଲା ।

(ପ୍ରଥମ ଜନମେଜୟ, ପ୍ରଥମ ଯଯାତି, ଦ୍ୱିତୀୟ ଯଯାତି, କର୍ଣ୍ଣଦେବ)

ଛ) 'ଭାସ୍ୱତୀ' ନାମକ ଗ୍ରନ୍ଥ __________ ରଚନା କରିଥିଲେ ।

(ବିଦ୍ୟାଧର, ସତାନନ୍ଦ, ଶାରଳା ଦାସ, ଜଗନ୍ନାଥ ଦାସ)

ଜ) କାମ୍ବାନ __________ ଭାଷାରେ 'ରାମାୟଣ' ରଚନା କରିଥିଲେ ।

(ତେଲୁଗୁ, ତାମିଲ, କନ୍ନଡ, ଓଡ଼ିଆ)

ଝ) ଗୋପୁରମ୍ __________ ଭାରତୀୟ ମନ୍ଦିରଗୁଡ଼ିକରେ ଦେଖାଯାଏ ।

(ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ)

ଞ) __________ କଳିଙ୍ଗ ସ୍ଥାପତ୍ୟର ନିଦର୍ଶନ ।

(ସୋମନାଥ ମନ୍ଦିର, ରାଜରାଜେଶ୍ୱର ମନ୍ଦିର, ଦିଲ୍‌ୱାରା ମନ୍ଦିର, ମୁକ୍ତେଶ୍ୱର ମନ୍ଦିର)

ଟ) __________ 'ଅଦ୍ୱୈତ ମତବାଦ'ର ପ୍ରଚାରକ ।

(ରାମାନନ୍ଦ, ରାମାନୁଜ, ଶଙ୍କର, ନିମ୍ବାର୍କ)

୪. 'କ' ସ୍ତମ୍ଭର ଖ୍ରୀଷ୍ଟାବ୍ଦ ସହିତ 'ଖ' ସ୍ତମ୍ଭର ଘଟଣାକୁ ସଠିକ୍ ଭାବରେ ଯୋଡି ବାକ୍ୟ ଗଠନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧୧୯୨ ଖ୍ରୀଷ୍ଟାବ୍ଦ | ପ୍ରଥମ ନରସିଂହ ଦେବଙ୍କ ସିଂହାସନ ଆରୋହଣ |
| ୧୦୨୫ ଖ୍ରୀଷ୍ଟାବ୍ଦ | ଚୋଡ଼ଗଙ୍ଗଙ୍କ ଉତ୍କଳ ଅଧିକାର |
| ୧୧୧୦ ଖ୍ରୀଷ୍ଟାବ୍ଦ | ପ୍ରଥମ ମହିର ଭୋଜଙ୍କ ସିଂହାସନ ଆରୋହଣ |
| ୧୨୩୮ ଖ୍ରୀଷ୍ଟାବ୍ଦ | ସୋମନାଥ ମନ୍ଦିର ଲୁଣ୍ଠନ |
| ୮୪୦ ଖ୍ରୀଷ୍ଟାବ୍ଦ | ଦ୍ୱିତୀୟ ତିରୋରୀ ଯୁଦ୍ଧ |

୫. ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

ପ୍ରଥମ ତିରୋରୀ ଯୁଦ୍ଧ, ପ୍ରଥମ ରାଜରାଜଙ୍କ ରାଜ୍ୟଜୟ, ସଭାର କାର୍ଯ୍ୟ, କୟଲ ବନ୍ଦର, ପ୍ରଥମ ଯଯାତିଙ୍କ ରାଜ୍ୟଜୟ, ଚୋଡ଼ଗଙ୍ଗଦେବଙ୍କ ଦୁର୍ଗ ନିର୍ମାଣ, ପୁରୀର ଜଗନ୍ନାଥ ମନ୍ଦିର, ଶଙ୍କର, ରାମାନୁଜ, କବୀର, ନାନକ, ଶ୍ରୀଚୈତନ୍ୟ, ଗୋପୁରମ, ତେଲୁଗୁ ଭାଷାରେ ସାହିତ୍ୟ

୬. ପ୍ରଥମ ତିରୋରୀ ଯୁଦ୍ଧ ଏବଂ ଦ୍ୱିତୀୟ ତିରୋରୀ ଯୁଦ୍ଧର ଏକ ତୁଳନାତ୍ମକ ବିବରଣୀ ପ୍ରସ୍ତୁତ କର ।

୭. ଚୋଳ, ପାଣ୍ଡ୍ୟ, ହୟଶାଳ, ଯାଦବ ଏବଂ ପ୍ରତିହାର ବଂଶୀୟ ରାଜାମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।

୮. ମହମ୍ମଦ ଘୋରୀ ଏବଂ ମାମୁଦ ଗଜନୀଙ୍କ ଭାରତ ଆକ୍ରମଣ ମଧ୍ୟରୁ ତୁମେ କେଉଁଟିକୁ ବେଶୀ ଗୁରୁତ୍ୱପୂର୍ଣ୍ଣ ଭାବୁଛ ଏବଂ କାହିଁକି ?

୯. ମାନଚିତ୍ର ଅଙ୍କନ କରି ଚୋଳ, ପାଣ୍ଡ୍ୟ ଏବଂ ହୟଶାଳମାନଙ୍କର ରାଜ୍ୟ ଚିହ୍ନଟ କର ।

୧୦. ଶଙ୍କର ଏବଂ ରାମାନୁଜଙ୍କ ମତ ସଂପର୍କରେ ଆଲୋଚନା କରି ତମେ କେଉଁଟିକୁ ଏବଂ କାହିଁକି ପ୍ରାଧାନ୍ୟ ଦେବ ଲେଖ ।

୧୧. ପଠିତ ବିଷୟରୁ ଆଞ୍ଚଳିକ ଭାଷାରେ ଲିଖିତ ସାହିତ୍ୟର ଏକ ତାଲିକା ପ୍ରସ୍ତୁତ କର ।

## ତୁମପାଇଁ କାମ:

ମୁକ୍ତେଶ୍ୱର, ଅନନ୍ତବାସୁଦେବ, ମହାବିନାୟକ ଓ ଏହିପରି ଅନ୍ୟ ତିନୋଟି ମନ୍ଦିରର ଚିତ୍ର ସଂଗ୍ରହ କରି ସେଗୁଡ଼ିକ କେଉଁ ସ୍ଥାନରେ ଅବସ୍ଥିତ,ଦର୍ଶାଅ ।

## ଦ୍ୱିତୀୟ ଅଧ୍ୟାୟ

# ଦିଲ୍ଲୀରେ ସୁଲତାନୀ ଶାସନ

GGCKD4

ଦିଲ୍ଲୀରେ ତୁର୍କ ସୁଲତାନମାନେ ୩୦୦ ବର୍ଷ ଶାସନ କରିଥିଲେ । ଏହି ସୁଲତାନମାନେ ଦିଲ୍ଲୀକୁ ସେମାନଙ୍କର ରାଜଧାନୀ କରି ତ୍ରୟୋଦଶ ଶତାବ୍ଦୀ ଆରମ୍ଭରେ ଭାରତ ଉପମହାଦେଶରେ ଅନେକ ଗୁଡ଼ିଏ ଅଂଚଳକୁ ନିଜ ନିୟନ୍ତ୍ରଣରେ ରଖିଥିଲେ । ସମୁଦାୟ ୫ଟି ରାଜବଂଶ ୧୨୦୬ ଖ୍ରୀଷ୍ଟାବ୍ଦଠାରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦିଲ୍ଲୀରେ ସୁଲତାନୀ ଶାସନ ଚଳାଇଥିଲେ । ଏହି ସମୟ ଭାରତ ଇତିହାସ ଓ ସଂସ୍କୃତି କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ।

**ତୁମେ ଜାଣିଛ କି?**

ଯେତେବେଳେ ଗୋଟିଏ ପରିବାରର ଜଣଙ୍କ ପରେ ଜଣେ ଦେଶ ଶାସନ କରନ୍ତି ସେହି ପରିବାରକୁ ରାଜବଂଶ କୁହାଯାଏ ।

### ଦିଲ୍ଲୀରେ ସୁଲତାନୀ ଶାସନ

**ଟେବୁଲ – ୧**

**ତୁର୍କୀ ଶାସନ (୧୨୦୬–୧୨୯୦)**

କୁତ୍‌ବୁଦ୍ଦିନ୍ ଆଇବାକ୍ : ୧୨୦୬–୧୨୧୦

ସାମସୁଦ୍ଦିନ୍ ଇଲତୁତ୍‌ମିସ୍: ୧୨୧୦–୧୨୩୬

ରେଜିୟା ସୁଲତାନ : ୧୨୩୬–୧୨୪୦

ଗିୟାସୁଦ୍ଦିନ୍ ବଲବନ୍: ୧୨୬୬–୧୨୮୭



ଇଲ୍‌ତୁତମିସ୍‌ଙ୍କ କବର



ଆଲାଇ ଦରୱାଜା

**ଖିଲ୍‌ଜି ବଂଶ: ୧୨୯୦–୧୩୨୦**

ଜଲ୍ଲାଉଦ୍ଦିନ୍ ଖିଲ୍‌ଜୀ : ୧୨୯୦–୧୨୯୬

ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ : ୧୨୯୬–୧୩୧୬

**ତୁଗ୍‌ଲକ୍ ବଂଶ: ୧୩୨୦–୧୪୧୪**

ଗିୟାସୁଦ୍ଦିନ୍ ତୁଗ୍‌ଲକ୍ : ୧୩୨୦–୧୩୨୪

ମହମ୍ମଦ ବିନ୍ ତୁଗ୍‌ଲକ୍ : ୧୩୨୪–୧୩୫୧

ଫିରୋଜଶାହ ତୁଗ୍‌ଲକ୍ : ୧୩୫୧–୧୩୮୮

**ସୟଦ ବଂଶ ୧୪୧୪–୧୪୫୧**

ଖିଜିର୍ ଖାନ: ୧୪୧୪–୧୪୨୧

**ଲୋଦୀ ବଂଶ : ୧୪୫୧–୧୫୨୬**

ବାହାଲୁଲ୍ ଲୋଦୀ: ୧୪୫୧–୧୪୮୯

ସିକନ୍ଦର ଲୋଦୀ : ୧୪୮୯ – ୧୫୧୨

ଇବ୍ରାହିମ୍ ଲୋଦୀ : ୧୫୧୨ – ୧୫୨୬



ଫିରୋଜଶାହା ତୁଘ୍‌ଲକ୍‌ଙ୍କ କବର

ଟେବୁଲ-୧ ଦେଖି ୧୨୦୬ ଖ୍ରୀଷ୍ଟାବ୍ଦଠାରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିବା ରାଜବଂଶ, ସମ୍ରାଟ ଓ ସେମାନଙ୍କର ଶାସନ ସମୟ ତାଲିକା କର ।

## ଭାରତରେ ତୁର୍କ ଶାସନ: (୧୨୦୬-୧୨୯୦)

ଦିଲ୍ଲୀରେ ସୁଲତାନୀ ଶାସନର ମୂଳଦୁଆ ଦାସବଂଶ ଦ୍ୱାରା ପଡ଼ିଥିଲା । ଏହି ବଂଶର ସୁଲତାନମାନଙ୍କ ମଧ୍ୟରୁ କେତେକ ନିଜେ ଦାସ ବା ଦାସଙ୍କର ପୁତ୍ର ଥିଲେ । ଏମାନେ ଦାସ ବା କ୍ରୀତଦାସ ଥିବାରୁ ସେମାନେ ପ୍ରତିଷ୍ଠା କରିଥିବା ବଂଶକୁ ଦାସବଂଶ କହାଯାଏ । ୧୨୦୬ ଖ୍ରୀଷ୍ଟାବ୍ଦରୁ ୧୨୮୭ ଖ୍ରୀଷ୍ଟାବ୍ଦ ମଧ୍ୟରେ କୁତ୍‌ବୁଦ୍ଦିନ୍ ଆଇବାକ୍, ଇଲତୁତ୍‌ମିସ୍, ରେଜିୟା ଓ ବଲବନ୍ ଦିଲ୍ଲୀ ସିଂହାସନରେ ବସି ଶାସନ କାର୍ଯ୍ୟ ଚଳାଇଥିଲେ ।

### ତୁମେ ଜାଣିଛ କି ?

ଆରବ ଓ ତୁର୍କୀମାନେ ଉଚ୍ଚ ବୁଦ୍ଧି ସଂପନ୍ନ ଦାସମାନଙ୍କୁ କିରାଣୀ, ସୈନିକ, ପ୍ରଶାସକ ପଦରେ ନିଯୁକ୍ତି ଦେଉଥିଲେ। ଏହି ଦାସମାନେ ଭଲ କାମକରି ତାଙ୍କ ମାଲିକଙ୍କୁ ଖୁସି କଲେ ଦାସତ୍ୱ କବଳରୁ ମୁକ୍ତ ହେଉଥିଲେ ।

## କୁତବୁଦ୍ଦିନ୍ ଆଇବାକ୍: (୧୨୦୬-୧୨୧୦)

କୁତ୍‌ବୁଦ୍ଦିନ୍ ଆଇବାକ୍ ଦାସ ବଂଶର ପ୍ରଥମ ସମ୍ରାଟ ଥିଲେ । ତାଙ୍କ ଦ୍ୱାରା ଦାସ ବଂଶର ମୂଳଦୁଆ ପଡ଼ିଥିଲା । ସେ ସମ୍ରାଟ ହେବା ପୂର୍ବରୁ ମହମ୍ମଦ ଘୋରୀଙ୍କ ଜଣେ ଦାସ ଥିଲେ । ତାଙ୍କର ଅସାଧାରଣ ପ୍ରତିଭା ଥିଲା । ତେଣୁ ମହମ୍ମଦ ଘୋରୀ ତାଙ୍କୁ ସେନାଧ୍ୟକ୍ଷ କରି ଉତ୍ତର ଭାରତ ଜୟ କରିବା ଦାୟିତ୍ୱ ଦେଇଥିଲେ । କୁତ୍‌ବୁଦ୍ଦିନ୍ ଆଇବାକ୍ ସମ୍ରାଟ ହେବା ପୂର୍ବରୁ ଦିଲ୍ଲୀ, କୋଲି(ଆଲିଗଡ଼), କନୌଜ, ବିହାର ଇତ୍ୟାଦି ରାଜ୍ୟ ଜୟ କରିଥିଲେ । ମହମ୍ମଦ ଘୋରୀଙ୍କର ମୃତ୍ୟୁ ପରେ ତାଙ୍କର ପୁଅ ନଥିବାରୁ ୧୨୦୬ ଖ୍ରୀଷ୍ଟାବ୍ଦରେ କୁତ୍‌ବୁଦ୍ଦିନ୍ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ସେ ଅନେକ ଜ୍ଞାନୀ ଗୁଣୀ ଲୋକଙ୍କର ପୃଷ୍ଠପୋଷକତା କରିଥିଲେ । ସେମାନଙ୍କ ମଧ୍ୟରେ ହାସାନ ନିଜାମି ଅନ୍ୟତମ । ସେ ଦିଲ୍ଲୀ ଓ ଆଜମିରରେ ମସଜିଦ ନିର୍ମାଣ କରିଥିଲେ । ଦିଲ୍ଲୀରେ ଥିବା କୁତବ୍‌ମିନାର ନିର୍ମାଣ କାର୍ଯ୍ୟ ତାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ପୋଲୋ ଖେଳୁଥିବା ସମୟରେ ଘୋଡ଼ାରୁ ପଡ଼ି ୧୨୧୦ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା ।



କୁତ୍‌ବୁଦ୍ଦିନ୍ ଆଇବାକ୍

### ତୁମେ ଜାଣିଛ କି ?

କୁତ୍‌ବୁଦ୍ଦିନ୍ ଆଇବାକ୍ ମାତ୍ର ୪ବର୍ଷ ଶାସନ କରିଥିଲେ । ସେ ଦିଲ୍ଲୀଠାରେ କ୍ୱାତ୍ ଉଲ-ଇସଲାମ ଓ ଆଜମୀରଠାରେ 'ଢାଇ ଦିନ୍‌କା ଝୋଁପରା' ମସଜିଦ ନିର୍ମାଣ କରିଥିଲେ ।

କୁତବମିନାର ଦିଲ୍ଲୀର ମେହେରୋଲିଠାରେ ଅବସ୍ଥିତ ।

ବର୍ତ୍ତମାନ ଦିଲ୍ଲୀଠାରେ ସୁଲତାନମାନଙ୍କ ଦ୍ୱାରା ତିଆରି କେଉଁ କେଉଁ ମସଜିଦ୍ ଅଛି ଅନ୍ୟମାନଙ୍କୁ ପଚାରି ଲେଖ ।

## ଇଲ୍ତୁତ୍ମିସ୍: (୧୨୧୦-୧୨୩୬)



ଇଲ୍ତୁତ୍ମିସ୍

କୁତ୍‌ବୁଦ୍ଦିନ୍ ଆଇବାକଙ୍କ ପରେ ତାଙ୍କ ଜ୍ୱାଇଁ ଇଲ୍ତୁତ୍ମିସ୍ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ରାଜା ହେବା ପୂର୍ବରୁ ସେ ମଧ୍ୟ କ୍ରୀତଦାସ ଥିଲେ । ଇଲ୍ତୁତ୍ମିସ୍ ରାଜା ହେବା ସମୟରେ ଅନେକ ଗୁଡ଼ିଏ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଏହି ସମସ୍ୟାଗୁଡ଼ିକ କୁତ୍‌ବୁଦ୍ଦିନ୍‌ଙ୍କ ପୁତ୍ର ଆରାମ ଶାହା, ମୁଲତାନ ଓ ବିହାରର ପ୍ରଶାସକ ଏବଂ ରାଜପୁତମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା । ଏହି ସମସ୍ୟା ଗୁଡ଼ିକ ସେ ଧୈର୍ଯ୍ୟ ସହ ସଫଳ ଭାବେ ମୁକାବିଲା କରିଥିଲେ । ଏମାନଙ୍କ ମଧ୍ୟରୁ କେତେକଙ୍କୁ ସେ ଯୁଦ୍ଧରେ ପରାସ୍ତ କରିଥିଲେ । ଆଉ କେତେକଙ୍କ ସହ ବନ୍ଧୁତା ସ୍ଥାପନ କରିଲେ । ଫଳରେ ତାଙ୍କ ସାମ୍ରାଜ୍ୟ ପୂର୍ବରେ ବଙ୍ଗଠାରୁ ପଶ୍ଚିମରେ ସିନ୍ଧୁପ୍ରଦେଶ ପର୍ଯ୍ୟନ୍ତ ବ୍ୟାପୀଥିଲା ।

ଏହା ବ୍ୟତୀତ ତାଙ୍କ ରାଜତ୍ୱ ସମୟରେ ମହାପରାକ୍ରମଶାଳୀ ମଧ୍ୟଏସିଆର ମଙ୍ଗୋଲ ଶାସକ ଚେଙ୍ଗିଜ୍ ଖାଁ ଭାରତ ଆକ୍ରମଣ କରିଥିଲେ । ସେ ସିନ୍ଧୁ ନଦୀ କୂଳରେ ଥିବା ଅନେକ ଅଂଚଳ ଦଖଲ କରିଥିଲେ । ମାତ୍ର ଇଲ୍ତୁତ୍ମିସଙ୍କ ବିଚକ୍ଷଣ ବୁଦ୍ଧି ଯୋଗୁଁ ଚେଙ୍ଗିଜ୍ ଖାଁ ଭାରତର ଅଧିକ ଅଂଚଳ ଦଖଲ ପାଇଁ ଅଗ୍ରସର ହୋଇ ନ ଥିଲେ । ଏପରି ଭାବରେ ସେ ବିଭିନ୍ନ ସମସ୍ୟା ସଫଳ ଭାବେ ସମାଧାନ କରି ଦିଲ୍ଲୀ ଶାସନକୁ ସୁଦୃଢ଼ କରିଥିଲେ । ଏହି ସବୁ କାରଣ ପାଇଁ ସେ ଭାରତରେ ସୁଲତାନୀ ଶାସନ ପ୍ରତିଷ୍ଠା କରିଥିଲେ ବୋଲି କହାଯାଏ ।

ଇଲ୍ତୁତ୍ମିସ୍ ଜଣେ ବିଚକ୍ଷଣ ବ୍ୟକ୍ତି ଓ ଦକ୍ଷ ଶାସକ ଥିଲେ । ସେ ଟଙ୍କା ନାମକ ଏକ ମୁଦ୍ରା ପ୍ରଚଳନ କରିଥିଲେ । ସେ ବିଚାର ବିଭାଗରେ ଅନେକ ସଂସ୍କାର ଆଣିଥିଲେ । ତାଙ୍କ ସମୟରେ କଳା, ସ୍ଥାପତ୍ୟ ଓ ଶିକ୍ଷାର ବହୁତ ଉନ୍ନତି ହୋଇଥିଲା । କୁତବୁଦ୍ଦିନ୍‌ଙ୍କଦ୍ୱାରା ଆରମ୍ଭ ହୋଇଥିବା କୁତୁବ୍‌ମୀନାରର ନିର୍ମାଣ କାର୍ଯ୍ୟ ତାଙ୍କ ଦ୍ୱାରା ସମାପ୍ତ ହୋଇଥିଲା । ଇଲ୍ତୁତ୍ମିସ୍‌ଙ୍କ ୧୨୩୬ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ହୋଇଥିଲା ।

**ତୁମେ ଜାଣିଛ କି ?**

- ଇଲ୍ତୁତ୍ମିସ୍‌ଙ୍କ ପୁରାନାମ ସାମସୁଦ୍ଦିନ ଇଲ୍ତୁତ୍ମିସ୍ ଥିଲା ।
- ଛୋଟ ଥିବା ସମୟରେ ତାଙ୍କ ଭାଇମାନେ ତାଙ୍କୁ ଜମାଲ୍‌ଉଦ୍ଦିନ୍ ନାମକ ଜଣେ ବଣିକକୁ ବିକ୍ରି କରି ଦେଇଥିଲେ ।
- ପରେ ଇଲ୍ତୁତ୍ମିସ୍‌ଙ୍କୁ କୁତବୁଦ୍ଦିନ ଆଇବାକ୍ କ୍ରୀତଦାସ କରିଥିଲେ ।
- ଇଲ୍ତୁତ୍ମିସ୍‌ଙ୍କ ସମୟରେ ଦିଲ୍ଲୀ ଦ୍ୱିତୀୟ ବାଗ୍‌ଦାଦ ରୂପେ ବିବେଚିତ ହୋଇଥିଲା ।
- ଇଲ୍ତୁତମିସ୍ ତାଙ୍କ ରାଜ୍ୟକୁ କେତେକ ଇକ୍ତାରେ ଭାଗ କରିଥିଲେ ।
- ଇଲ୍ତୁତ୍ମିସ୍ ୪୦ଜଣ ସମ୍ଭ୍ରାନ୍ତ ଦକ୍ଷ କ୍ରୀତଦାସଙ୍କୁ ପ୍ରଶାସନିକ ତାଲିମ ଦେଇ ବିଭିନ୍ନ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ନିଯୁକ୍ତି ଦେଇଥିଲେ । ଏମାନେ ୪୦ ସେନା (ଚିହାଲ ଗାନି) ନାମରେ ଅଭିହିତ ।

ଇଲ୍ତୁତ୍ମିସ୍ ଟଙ୍କା ନାମକ ମୁଦ୍ରା ପ୍ରଚଳନ କରିଥିବାରୁ ଏହା ଦ୍ୱାରା ଲୋକମାନଙ୍କର କ'ଣ କ'ଣ ସୁବିଧା ହୋଇଥିବ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

## ରେଜିଆ ( ୧୨୩୬–୧୨୪୦ ଖ୍ରୀଷ୍ଟାବ୍ଦ):

ଇଲ୍‌ତୁତ୍‌ମିସ୍‌ଙ୍କ ମୃତ୍ୟୁ ପରେ ତାଙ୍କ ଝିଅ ରେଜିଆ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ସେ ଶାସନ କାର୍ଯ୍ୟରେ ତୁର୍କ ସାମନ୍ତମାନଙ୍କ ସହଯୋଗ ପାଇଥିଲେ ମଧ୍ୟ କେତେକ ପ୍ରାଦେଶିକ ଶାସକମାନେ ତାଙ୍କୁ ବିରୋଧ କରିଥିଲେ। ସେଥିପାଇଁ ସେ ଶାସନ କାର୍ଯ୍ୟ ପରିଚାଳନା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତାଙ୍କ ପରେ କେତେକ ଦୁର୍ବଳ ସୁଲତାନମାନେ ଶାସନ କାର୍ଯ୍ୟ ଠିକ୍ ଭାବେ ପରିଚାଳନା କରି ନ ଥିଲେ । ଯାହାର ଫଳସ୍ୱରୂପ ଇଲତୁତ୍‌ମିସଙ୍କ ପୁତ୍ର ନାସିରୁଦ୍ଦିନ୍ ମାମୁଦଙ୍କ ମୃତ୍ୟୁ ପରେ ଗିୟାସୁଦ୍ଦିନ୍ ବଲ୍‌ବନ୍ ଦିଲ୍ଲୀର ସୁଲତାନ ହୋଇଥିଲେ ।

**ତୁମେ ଜାଣିଛକି ?**

ରେଜିଆ ହେଉଛନ୍ତି ଦିଲ୍ଲୀ ସିଂହାସନରେ ବସିଥିବା ପ୍ରଥମ ଓ ଶେଷ ମୁସଲମାନ ଶାସିକା ।

ସୁଲତାନ ରେଜିଆଙ୍କ ପରି ତୁମେ ଜାଣିଥିବା ଆମ ଦେଶର ଓ ବିଦେଶର କେତେ ଜଣ ଶାସିକାଙ୍କର ନାମ ତାଲିକା କର ।

## ଗିୟାସୁଦ୍ଦିନ୍ ବଲ୍‌ବନ୍ ( ୧୨୬୬–୧୨୮୭ ଖ୍ରୀଷ୍ଟାବ୍ଦ)

ଗିୟାସୁଦ୍ଦିନ୍ ବଲ୍‌ବନ୍ ସୁଲତାନ ହେବା ପୂର୍ବରୁ ଇଲ୍‌ତୁତ୍‌ମିସ୍‌ଙ୍କର ୪୦ ଜଣ କ୍ରୀତଦାସମାନଙ୍କ ମଧ୍ୟରୁ ଜଣେ ଥିଲେ । ସିଂହାସନ ଆରୋହଣ ପରେ ଇଲ୍‌ତୁତ୍‌ମିସ୍ ସୁଲତାନ ପଦବୀର ମର୍ଯ୍ୟାଦା, କ୍ଷମତା, ପ୍ରଭାବ ବଢ଼ାଇବା ପାଇଁ ଲାଗି ପଡ଼ିଥିଲେ। ବଲ୍‌ବନ୍ ତାଙ୍କ ସୈନ୍ୟବାହିନୀକୁ ପୁନଃ ସଂଗଠିତ କରିଥିଲେ । ଏହାଛଡ଼ା ସେ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଦୁର୍ଗମାନ ନିର୍ମାଣ କରିଥିଲେ । ସେ ଏକ ସୁଦୃଢ଼ ଗୁପ୍ତଚର ସଂସ୍ଥା ଗଠନ କରିଥିଲେ । କଠୋର ପଦକ୍ଷେପ ଗ୍ରହଣ କରି ଦିଲ୍ଲୀ ଓ ଦୋଆବର ଆଖପାଖ ଅଂଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିଥିଲେ । ବଲ୍‌ବନ୍‌ଙ୍କର ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଥିବାରୁ ସେ ମଙ୍ଗୋଲମାନଙ୍କ ଆକ୍ରମଣରୁ ଉତ୍ତର ଭାରତକୁ ରକ୍ଷା କରିଥିଲେ ।



ଗିୟାସୁଦ୍ଦିନ୍ ବଲ୍‌ବନ୍

ବଲ୍‌ବନ୍ କାହିଁକି ଏକ ଶକ୍ତିଶାଳୀ ଗୁପ୍ତଚର ସଂସ୍ଥା ଗଠନ କରିଥିଲେ ? ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

ବଲ୍‌ବନ୍ ତାଙ୍କ ସମ୍ରାଜ୍ୟର ସୁପରିଚାଳନା ପାଇଁ ଶାସନ ଓ ସାମାଜିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଥିଲେ । କଳା ଓ ସାହିତ୍ୟର ବିକାଶ ତାଙ୍କ ପୃଷ୍ଠପୋଷକତାରେ ହୋଇଥିଲା । ସେ ଅନେକ ଜ୍ଞାନୀ ଓ ବିଦ୍ୱାନ ଲୋକମାନଙ୍କୁ ତାଙ୍କ ଦରବାରରେ ସ୍ଥାନ ଦେଇଥିଲେ । ଏମାନଙ୍କ ମଧ୍ୟରେ କବି ଅମୀର ଖୁସ୍ରୁ

**ତୁମେ ଜାଣିଛ କି ?**

- ବଲବନ ରାଜଶକ୍ତିର ପୁନଃ ପ୍ରତିଷ୍ଠା ପାଇଁ ସ୍ୱର୍ଗୀୟ ରାଜତନ୍ତ୍ର ନୀତି ( *Divine Right of Kingship* ) ଅନୁସରଣ କରିଥିଲେ ।
- ସୁଲତାନ ନିଜକୁ ଭଗବାନଙ୍କ ପ୍ରତିନିଧି ବୋଲି କହୁଥିଲେ ।
- ସୁଲତାନଙ୍କୁ ଦର୍ଶନ କରିବାକୁ ହେଲେ ସାଷ୍ଟାଙ୍ଗ ପ୍ରଣାମ ବା ପାଦ ଚୁମ୍ବନ କରିବାକୁ ପଡୁଥିଲା ।
- ରକ୍ତ ଓ ଲୁହାନୀତି (କଠୋର ନୀତି) ଅବଲମ୍ବନ କରି ସେ ସାମ୍ରାଜ୍ୟକୁ ସୁଦୃଢ଼ କରିଥିଲେ ।

ଅନ୍ୟତମ । ବଲ୍‌ବନ୍ ଅନେକ ମସଜିଦ୍ ନିର୍ମାଣ କରିଥିଲେ । ଏହିସବୁ କାର୍ଯ୍ୟ ପାଇଁ ବଲ୍‌ବନ୍ ଦାସବଂଶର ଶ୍ରେଷ୍ଠ ସମ୍ରାଟ ରୂପେ ପରିଗଣିତ ହୁଅନ୍ତି । ୧୨୮୭ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁ ପରେ ଦାସବଂଶର ପତନ ଆରମ୍ଭ ହୋଇଥିଲା । ଦାସବଂଶର ପରବର୍ତ୍ତୀ ଶାସକମାନେ ଦୁର୍ବଳ ଥିଲେ । ଏଣୁ ଦିଲ୍ଲୀରେ ଖିଲ୍‌ଜି ବଂଶ ଶାସନ ଆରମ୍ଭ ହୋଇଥିଲା ।



ଜଲାଲ ଉଦ୍ଦିନ୍ ଖିଲ୍‌ଜି

ବଲ୍‌ବନ୍ ସମ୍ରାଟଙ୍କ କ୍ଷମତା ବୃଦ୍ଧି ପାଇଁ କେଉଁ ପଦକ୍ଷେପ ନେଇଥିଲେ ତଥ୍ୟ ସଂଗ୍ରହ କରି ଲେଖ ।

## ଖିଲ୍‌ଜୀ ବଂଶ (୧୨୯୦–୧୩୨୦ ଖ୍ରୀଷ୍ଟାବ୍ଦ)

୧୨୯୦ ଖ୍ରୀଷ୍ଟାବ୍ଦରେ ଜଲାଲଉଦ୍ଦିନ ଖିଲ୍‌ଜୀ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କ ଜାମାତା ଆଲ୍ଲାଉଦ୍ଦିନ ଖିଲ୍‌ଜୀ ଦିଲ୍ଲୀ ସିଂହାସନରେ ବସିଥିଲେ ।

## ଆଲ୍ଲାଉଦ୍ଦିନ ଖିଲ୍‌ଜୀ (୧୨୯୬–୧୩୧୬ ଖ୍ରୀଷ୍ଟାବ୍ଦ)

ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ୧୨୯୬ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସିଂହାସନ ଆରୋହଣ କରି ୧୩୧୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୨୦ ବର୍ଷ ଶାସନ କରିଥିଲେ । ସୁଲତାନୀ ଇତିହାସରେ ଆଲ୍ଲାଉଦ୍ଦିନ୍‌ଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି । ସେ ଦ୍ୱିତୀୟ ଆଲେକ୍‌ଜାଣ୍ଡାର୍ ହୋଇ ସମଗ୍ର ପୃଥିବୀକୁ ଜୟ କରିବାକୁ ଇଚ୍ଛା କରିଥିଲେ । ମାତ୍ର ବୃଦ୍ଧ ପାରିଷଦ ଆଲ୍ଲା ଉଲ୍ ମୁଲକ୍‌ଙ୍କ ପରାମର୍ଶ କ୍ରମେ ସେ ପ୍ରଥମେ ସାରା ଭାରତ ଜୟ କରିବାକୁ ନିଷ୍ପତ୍ତି ନେଇଥିଲେ ।



ଆଲ୍ଲାଉଦ୍ଦିନ୍ ଖିଲ୍‌ଜି

ମନେକର, ତୁମେ ସେତେବେଳେ ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ହୋଇଥାନ୍ତ ପୃଥିବୀ ଜୟ କରିବା ପାଇଁ କେଉଁ ଯୋଜନା କରିଥାନ୍ତ, ତାହା ଉଲ୍ଲେଖ କର ।

ଏହାଛଡ଼ା ତିନୋଟି କାର୍ଯ୍ୟ ପାଇଁ ସେ ଦୃଢ଼ ଇଚ୍ଛା ପ୍ରକାଶ କରିଥିଲେ । ସେଗୁଡ଼ିକ ହେଉଛି ତୁର୍କ ସାମନ୍ତ ମାନଙ୍କ କ୍ଷମତା ହ୍ରାସ, ଦାକ୍ଷିଣାତ୍ୟ ଓ ରାଜସ୍ଥାନ ବିଜୟ, ମଙ୍ଗୋଲ ଶକ୍ତିର ଧ୍ୱଂସ ସାଧନ

ଏହି ଇଚ୍ଛା ପୂରଣପାଇଁ ତାଙ୍କର ଏକ ବିରାଟ ସୈନ୍ୟବାହିନୀର ଆବଶ୍ୟକତା ପଡ଼ିଥିଲା । ସୈନ୍ୟବାହିନୀର ଖର୍ଚ୍ଚ ତୁଲାଇବା ପାଇଁ ସେ ଗଙ୍ଗା–ଯମୁନା ମଧ୍ୟବର୍ତ୍ତୀ ଦୋଆବ ଅଂଚଳରେ ବାସ କରୁଥିବା ଧନୀ ଲୋକମାନଙ୍କ ଉପରେ ଅଧିକ କର ବସାଇଥିଲେ । ଏହାଛଡ଼ା ଜମି ମାପ କରାଇ ତଦନୁସାରେ କର ବସା ଯାଇଥିଲା । ଏହିପରି ଭାବରେ ଆଲ୍ଲାଉଦ୍ଦିନ ବିଭିନ୍ନ ସୂତ୍ରରୁ କର ସଂଗ୍ରହ ମାଧ୍ୟମରେ ଅର୍ଥ ଆଣି ରାଜକୋଷ ବୃଦ୍ଧି କରିଥିଲେ । ଜିନିଷପତ୍ର ଦରଦାମ ନିୟନ୍ତ୍ରଣ କରାଯାଇଥିଲା ।

### ତୁମେ ଜାଣିଛ କି ?

- ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଜଲାଲଉଦ୍ଦିନ୍ ଖିଲିଜ୍‌ଙ୍କ ପୁତୁରା ଥିଲେ ।
- ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ କହୁଥିଲେ ସୁଲତାନ ଧରାପୃଷ୍ଠରେ ଈଶ୍ୱରଙ୍କ ସ୍ୱରୂପ ଏବଂ ସେ ସାଧାରଣ ଜନତାଙ୍କ ସହ ତୁଳନୀୟ ନୁହଁନ୍ତି ।
- ତାଙ୍କର ବାକ୍ୟ ହିଁ ଆଇନ ଏବଂ ରାଜ୍ୟର ମଙ୍ଗଳ ପାଇଁ ଯାହା କରିବେ ତାହା ଠିକ୍ ।

୧୨୯୯ ଖ୍ରୀଷ୍ଟାବ୍ଦରେ ଆଲ୍ଲାଉଦ୍ଦିନ୍ ଉଲଘୁ ଖାଁ ଓ ନସ୍‌ରତ୍ ଖାଁଙ୍କ ନେତୃତ୍ୱରେ ଏକ ସେନାବାହିନୀ ଗୁଜୁରାଟର ରାଜଧାନୀ ଅନହିଲ୍‌ୱାରା ଆକ୍ରମଣ କରିବାକୁ ପଠାଇଥିଲେ । ଏହି ସୈନ୍ୟ ବାହିନୀ ଗୁଜୁରାଟ ଓ ମାଳବ ଜୟ କରିଥିଲେ । ଏହା ପରେ ଆଲ୍ଲାଉଦ୍ଦିନ୍ ରଣଥମ୍ବର ଓ ମେୱାରର ଚିତୋର ଦୁର୍ଗ ଅଧିକାର କରିଥିଲେ ।

ସେ ରାଣୀ ପଦ୍ମିନୀଙ୍କୁ ପାଇବା ପାଇଁ ମେୱାର ଆକ୍ରମଣ କରି ତାକୁ ଅଧିକାର କରିଥିଲେ କିନ୍ତୁ ରାଣୀ ପଦ୍ମିନୀ ଓ ଅନ୍ୟାନ୍ୟ ରାଜପୁତ୍ ରାଣୀମାନେ ଜହର ବ୍ରତ ପାଳନ କରି ଅଗ୍ନିରେ ଝାସ ଦେଇଥିଲେ । ଉପରୋକ୍ତ ରାଜ୍ୟଗୁଡ଼ିକ ବ୍ୟତୀତ ଆଲ୍ଲାଉଦ୍ଦିନ୍ ସିୱାନା ଓ ଜାଲୋର୍ ଇତ୍ୟାଦି ରାଜ୍ୟ ଜୟ କରିଥିଲେ ।




ଆଲ୍ଲାଉଦ୍ଦିନଙ୍କ ସାମ୍ରାଜ୍ୟ

ଉତ୍ତର ଭାରତର ଅନେକ ଗୁଡ଼ିଏ ରାଜ୍ୟ ଜୟ କଲା ପରେ ୧୩୦୭ ଖ୍ରୀଷ୍ଟାବ୍ଦରେ ମାଲିକ୍ କାଫୁରଙ୍କ ସେନାପତିତ୍ୱରେ ଆଲ୍ଲାଉଦ୍ଦିନ୍ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟ ଜୟ କରିବା ପାଇଁ ଏକ ବିରାଟ ସୈନ୍ୟବାହିନୀ ପଠାଇଥିଲେ । ମାଲିକ କାଫୁର ଦକ୍ଷିଣ ଭାରତର ଦେବଗିରି, ତେଲେଙ୍ଗାନା, ଦ୍ୱାରସମୁଦ୍ର, ପାଣ୍ଡ୍ୟ ଓ ହୟଶାଳ ଇତ୍ୟାଦି ରାଜ୍ୟ ଜୟ କରି ପ୍ରଚୁର ପରିମାଣର ଟଙ୍କା ଓ ସୁନା ନେଇ ଆସିଥିଲେ । ଏହି ସବୁ ରାଜ୍ୟର ରାଜାମାନେ ନିଜ ନିଜ ରାଜ୍ୟର ଶାସକ ରହିବାକୁ ସୁଲତାନ ଅନୁମତି ଦେଲେ । ଏହା ବଦଳରେ ସେମାନେ ସୁଲତାନଙ୍କୁ ନିୟମିତ କର ଦେଉଥିଲେ । ଏହିପରି ଭାବରେ ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଏକ ବିରାଟ ସାମ୍ରାଜ୍ୟର ଶାସନ କର୍ତ୍ତା ହୋଇଥିଲେ ।

ଚିତ୍ର ଦେଖି ଆଲ୍ଲାଉଦ୍ଦିନ୍‌ଙ୍କ ରାଜ୍ୟଗୁଡ଼ିକର ନାମ ଲେଖ ।

ସାମ୍ରାଜ୍ୟ ଓ ରାଜ୍ୟ ମଧ୍ୟରେ ଗୋଟିଏ ପ୍ରଭେଦ ହେଉଛି ସାମ୍ରାଜ୍ୟର ଆୟତନ ବଡ଼ ଓ ରାଜ୍ୟର ଆୟତନ ଛୋଟ ।

ସେହିପରି ଅନ୍ୟ ପ୍ରଭେଦଗୁଡ଼ିକ ଲେଖ ।

ଖିଲ୍‌ଜୀ ବଂଶର ଶେଷ ସୁଲତାନ କୁତବୁଦ୍ଦିନ୍ ମୁବାରକ ଶାହଙ୍କୁ ୧୩୨୦ ଖ୍ରୀଷ୍ଟାବ୍ଦରେ ହତ୍ୟା କରାଯାଇଥିଲା । ତାଙ୍କ ପରେ ନାସିରଉଦ୍ଦିନ୍ ଖୁସ୍ରୁ ଶାହ ଦିଲ୍ଲୀ ସିଂହାସନରେ ବସିଥିଲେ । ତାଙ୍କୁ ତୁର୍କ ଆଫଗାନ ସାମନ୍ତମାନେ ହତ୍ୟା କରିଥିଲେ ।

**ତୁମେ ଜାଣିଛ କି?**

ଆଲ୍ଲାଉଦ୍ଦିନ୍‌ଙ୍କ ଇସଲାମ ଧର୍ମ ପ୍ରତି ଗଭୀର ଶ୍ରଦ୍ଧା ଥିବାରୁ ତାଙ୍କୁ ଇସଲାମ ଧର୍ମ ରକ୍ଷକ ପଦବୀ ମିଳିଥିଲା ।

ଆଲ୍ଲାଉଦ୍ଦିନ୍ ହିନ୍ଦୁମାନଙ୍କ ଉପରେ ନିର୍ଦ୍ଦୟ ଥିଲେ ଓ ସେମାନଙ୍କଠାରୁ ଜିଜିଆ, ଅବକାରୀ, ଆମଦାନୀ ଓ ରପ୍ତାନୀ ଶୁଳ୍କ ଆଦାୟ କରୁଥିଲେ ।

ତାଙ୍କ ସ୍ଥାନରେ ଘାଜି ମାଲିକ୍ ଗିୟାସୁଦ୍ଦିନ୍ ତୁଗ୍‌ଲକ୍ ନୂଆ ସୁଲତାନ ହୋଇ ତୋଗଲକ ବଂଶ ପ୍ରତିଷ୍ଠା କରିଥିଲେ ।

## ମହମ୍ମଦ ବିନ୍ ତୁଗ୍‌ଲକ୍ (୧୩୨୫-୧୩୫୧ ଖ୍ରୀଷ୍ଟାବ୍ଦ)



ମହମ୍ମଦ ବିନ୍ ତୁଗ୍‌ଲକ୍

ଗିୟାସୁଦ୍ଦିନ୍ ତୁଗ୍‌ଲକ୍ ଏକ ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କ ପୁତ୍ର ଜୁନା ଖାଁ ମହମ୍ମଦ ବିନ୍ ତୁଗ୍‌ଲକ୍ ନାମଧାରଣ କରି ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ସେ ସମୁଦାୟ ୨୬ ବର୍ଷ ଶାସନ କାର୍ଯ୍ୟ ଚଳାଇଥିଲେ । ତାଙ୍କର ଅଦ୍‌ଭୁତ ପ୍ରକୃତି ଓ ଅଭିନବ କାର୍ଯ୍ୟକଳାପ ପାଇଁ ସେ ଦିଲ୍ଲୀର ସୁଲତାନମାନଙ୍କ ମଧ୍ୟରେ ପ୍ରସିଦ୍ଧ ଥିଲେ । ତାଙ୍କ ଶାସନ ବିଷୟରେ ଉତ୍ତର ଆଫ୍ରିକାରୁ ଆସିଥିବା ଆରବ ପର୍ଯ୍ୟଟକ ଇବନ୍ ବତୁତା ଏକ ବିବରଣୀ ଲେଖି ଯାଇଛନ୍ତି । ଏହି ବିବରଣୀରେ ସେତେବେଳର ଭାରତର ଅବସ୍ଥା ସ୍ଥାନ ପାଇଥିଲା ।



ଇବନ୍ ବତୁତା

ଇବନ୍ ବତୁତାଙ୍କ ପରି ଅନ୍ୟ କେଉଁ ବିଦେଶୀ ପର୍ଯ୍ୟଟକମାନେ ଭାରତ ଆସିଥିଲେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ମହମ୍ମଦ ଜଣେ ଆଦର୍ଶବାଦୀ ରାଜା ଥିଲେ । ତାଙ୍କର ତର୍କଶାସ୍ତ୍ର, ଦର୍ଶନ, ଗଣିତ ଓ ଧର୍ମ ଶାସ୍ତ୍ର ବିଦ୍ୟାରେ ବହୁତ ଜ୍ଞାନ ଥିଲା । ସେ ଜଣେ ସୁପ୍ରତିଷ୍ଠିତ କବି ଓ ସାହିତ୍ୟିକ ଥିଲେ । ସେ ଦାନଶୀଳ, ସରଳ ଓ ନିରାଡ଼ମ୍ବର ବ୍ୟକ୍ତିଥିଲେ । ମହମ୍ମଦ ତାଙ୍କ ସାମ୍ରାଜ୍ୟ ଓ ଜନସାଧାରଣମାନଙ୍କ ଉନ୍ନତିପାଇଁ ଅନେକ ଯୋଜନା କରିଥିଲେ । ମାତ୍ର ତାଙ୍କର ଦୃଢ଼ ମନୋବଳର ଅଭାବ ଥିବାରୁ ସେ କୌଣସି କାର୍ଯ୍ୟକୁ ଶେଷ ପର୍ଯ୍ୟନ୍ତ ଚଳାଇ ରଖି ପାରୁ ନ ଥିଲେ । ତାଙ୍କର ନିଷ୍ଠା, ଦୂରଦୃଷ୍ଟି ଓ ଧୈର୍ଯ୍ୟର ଅତ୍ୟନ୍ତ ଅଭାବ ଥିବାରୁ ତାଙ୍କର ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହୋଇ ପାରୁ ନ ଥିଲା । ଏଥିପାଇଁ ଲୋକମାନେ ତାଙ୍କୁ ଆଡ଼ବାୟା ରାଜା ବୋଲି କହିଥାନ୍ତି । ମହମ୍ମଦ କରିଥିବା ବିଭିନ୍ନ ଯୋଜନା ଗୁଡ଼ିକ ନିମ୍ନରେ ଆଲୋଚିତ ହୋଇଛି ।

## ଦୋଆବ ଅଂଚଳରେ କର ବୃଦ୍ଧି ( ୧୩୨୬ ଖ୍ରୀଷ୍ଟାବ୍ଦରେ)

ମହମ୍ମଦ ବିନ୍ ତୁଗ୍ଲକ୍ ଭାରତ ତଥା ମଧ୍ୟ ଏସିଆର କେତେକ ରାଜ୍ୟ ଜୟ କରିବା ପାଇଁ ଇଚ୍ଛା କରିଥିଲେ । ଏହି କାର୍ଯ୍ୟ କରିବା ପାଇଁ ବିରାଟ ସୈନ୍ୟବାହିନୀର ଆବଶ୍ୟକତା ଥିଲା । ସୈନ୍ୟବାହିନୀର ଖର୍ଚ୍ଚ ତୁଲାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଯୋଗାଡ଼ କରିବା ପାଇଁ ସେ ଗଙ୍ଗା ଓ ଯମୁନାର ମଧ୍ୟବର୍ତ୍ତୀ ଦୋଆବ ଅଂଚଳରେ ବାସ କରୁଥିବା ଚାଷୀମାନଙ୍କ ଠାରୁ ଅଧିକ କର ଆଦାୟ ପାଇଁ ଅଦେଶ ଦେଇଥିଲେ । ଦୁର୍ଭାଗ୍ୟବଶତଃ ସେହି ବର୍ଷ ଭଲ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଯାଇଥିଲା। ସେଥିପାଇଁ ଲୋକମାନେ ବର୍ଦ୍ଧିତ କର ଦେଇ ପାରିନଥିଲେ । ମହମ୍ମଦ ଚାଷୀମାନଙ୍କଠାରୁ ଜବରଦସ୍ତ କର ଆଦାୟ ପାଇଁ ଆଦେଶ ଦେଇଥିଲେ । କର ଆଦାୟ ପାଇଁ ସୁଲତାନଙ୍କ କର୍ମଚାରୀମାନେ ଲୋକମାନଙ୍କ ଉପରେ ବଳ ପ୍ରୟୋଗ କଲେ ।ତେଣୁ ଚାଷୀମାନେ ଅତ୍ୟାଚାର ସହି ନପାରି ଜଙ୍ଗଲକୁ ପଳାୟନ କରିଥିଲେ । ରାଜସ୍ୱ ଆଦାୟକାରୀମାନେ ସେମାନଙ୍କୁ ଗୋଡ଼ାଇ କେତେ ଜଣଙ୍କୁ ହତ୍ୟା କରିଥିଲେ । ଏହିସବୁ କାରଣ ପାଇଁ ଉର୍ବର ଦୋଆବ ଅଂଚଳରେ ଫସଲ ନହୋଇ ଦୁର୍ଭିକ୍ଷ ଦେଖା ଦେଇଥିଲା। ମହମ୍ମଦ ନିଜର ଭୁଲ ବୁଝିପାରି ଲୋକମାନଙ୍କୁ କ୍ଷମା ଦେଇ ବର୍ଦ୍ଧିତ କର ଆଦାୟ ନକରିବାକୁ ଅଦେଶ ଦେଇଥିଲେ ।ଲୋକମାନଙ୍କୁ ଚାଷ କରିବା ପାଇଁ ଋଣର ବ୍ୟବସ୍ଥା କରିଥିଲେ । ଜଳସେଚନର ସୁବିଧା ପାଇଁ ଅନେକ କୂଅ ଖୋଳାଇଥିଲେ । ମାତ୍ର ଏହି ସବୁ ପଦକ୍ଷେପ ବହୁ ଡେ଼ରିରେ ନିଆଯାଇଥିବାରୁ ତାହା ଫଳବତୀ ହୋଇ ପାରି ନ ଥିଲା।

> **ତୁମେ ଜାଣିଛ କି?**
>
> ଜଣେ ରାଜା ସୈନ୍ୟ ମାନଙ୍କ ବ୍ୟତୀତ ତିଷ୍ଠି ପାରିବେ ନାହିଁ। ଦରମା ନପାଇଲେ ସୈନିକ ମାନେ ବଞ୍ଚି ପାରିବେ ନାହିଁ । ସୈନିକମାନଙ୍କ ଦରମା ଦେବା ପାଇଁ କୃଷକମାନଙ୍କ ଠାରୁ ଭୂରାଜସ୍ୱ ଆଦାୟ କରିବାକୁ ପଡ଼େ। କୃଷକମାନେ ଧନୀ ଓ ଖୁସିରେ ଥିଲେ ଭୂରାଜସ୍ୱ ଦେଇଥାନ୍ତି ।

- ଭୂରାଜସ୍ୱ ପରି ଲୋକମାନଙ୍କଠାରୁ ସରକାର ଆଉ କେଉଁ କେଉଁ କର ଆଦାୟ କରନ୍ତି ଲେଖ ।
- ତୁମେ ଯଦି ମହମ୍ମଦ ତୁଗ୍ଲକ୍ ସମୟରେ ତାଙ୍କର ପ୍ରଜା ହୋଇଥାନ୍ତ ଓ ତାଙ୍କ ଲୋକମାନେ ତୁମକୁ ଅଧିକ କର ଦେବାକୁ ବାଧ୍ୟ କରିଥାନ୍ତେ ତୁମେ ସେମାନଙ୍କ ସହ କିପରି ବାର୍ତ୍ତାଳାପ କରିଥାଆନ୍ତ, ଲେଖ ।

## ରାଜଧାନୀ ପରିବର୍ତ୍ତନ: ( ୧୩୨୭ ଖ୍ରୀଷ୍ଟାବ୍ଦ)

ମଙ୍ଗୋଲମାନଙ୍କ ଆକ୍ରମଣରୁ ଦେଶକୁ ରକ୍ଷା କରିବା ଓ ଦାକ୍ଷିଣାତ୍ୟର ବିଭିନ୍ନ ରାଜ୍ୟକୁ ସହଜରେ ନିୟନ୍ତ୍ରଣ କରିବା ପାଇଁ ମହମ୍ମଦ ନିଜ ରାଜ୍ୟର ରାଜଧାନୀ ଦିଲ୍ଲୀରୁ ଦୌଲତାବାଦ (ବର୍ତ୍ତମାନର ଔରଙ୍ଗାବାଦ)କୁ ଉଠାଇ ନେଇଥିଲେ । ମାତ୍ର ତାଙ୍କର ଏହି କାର୍ଯ୍ୟ ଠିକ୍ ଭାବେ ହୋଇ ପାରି ନ ଥିଲା କାରଣ ସେ କେବଳ

> **ତୁମେ ଜାଣିଛ କି?**
>
> - ମହମ୍ମଦ ଦିଲ୍ଲୀରୁ ଦୌଲତାବାଦ ରାଜଧାନୀ ପରିବର୍ତ୍ତନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସରାଇଖାନା (ପାନ୍ଥଶାଳା) ଓ ଡାକ ଚୌକି (ଡାକଘର) ନିର୍ମାଣ କରିଥିଲେ ।
> - ଇବନ ବତୁତାଙ୍କ ବିବରଣୀରୁ ଜଣାଯାଏ ଯେ, ଜଣେ ଅନ୍ଧ ଓ ଛୋଟାକୁ ଦିଲ୍ଲୀରେ ରହୁଥିବାର ଦେଖି ଛୋଟାକୁ ଘୋଡ଼ା ଲାଞ୍ଜରେ ବାନ୍ଧି ଦୌଲତାବାଦ ନେଇ ଯାଇଥିଲେ ।



ଲୋକମାନେ ଦିଲ୍ଲୀରୁ ଦୌଲତାବାଦ ଯାଉଥିବାର ଦୃଶ୍ୟ

ଦରବାର ଓ ରାଜକର୍ମଚାରୀମାନଙ୍କୁ ନ ନେଇ ଦିଲ୍ଲୀର ସମସ୍ତ ଅଧିବାସୀଙ୍କୁ ସ୍ଥାନାନ୍ତରିତ କରିଥିଲେ । ଦିଲ୍ଲୀରୁ ଦୌଲତାବାଦ ବହୁଦୂର (ପ୍ରାୟ ୧୫୦୦ କି.ମି.) ହୋଇଥିବାରୁ ବାଟରେ ବହୁ ଲୋକ ପ୍ରାଣ ହରାଇଥିଲେ । ଏହାଛଡ଼ା ଦୌଲତାବାଦର ପରିବେଶ, ଜଳବାୟୁ ଓ ଖାଦ୍ୟ ବହୁ ଲୋକମାନଙ୍କ ପାଇଁ ଅନୁକୂଳ ହୋଇ ନ ଥିବାରୁ ଅନେକ ଲୋକ ମୃତ୍ୟୁବରଣ କରିଥିଲେ । ଏହାଛଡ଼ା ଉତ୍ତର ଭାରତ ଦୌଲତାବାଦଠାରୁ ବହୁତ ଦୂର ହୋଇଥିବାରୁ ଏହି ଅଂଚଳ ଉପରେ ତାଙ୍କର ନିୟନ୍ତ୍ରଣ ରହିଲା ନାହିଁ । ଫଳରେ ଏକ ବର୍ଷ ପରେ ମହମ୍ମଦ ନିଜ ରାଜଧାନୀ ଦୌଲତାବାଦରୁ ଦିଲ୍ଲୀକୁ ଫେରାଇ ଆଣିଥିଲେ । ଏହି କାର୍ଯ୍ୟ ତାଙ୍କ ଦୁର୍ବଳତାର ନଗ୍ନ ପରିଚୟ ଦେଇଥିଲା। ଯାହାର ଫଳସ୍ୱରୂପ ଦକ୍ଷିଣ ଭାରତରେ ବାହାମନୀ ଓ ବିଜୟନଗର ରାଜ୍ୟ ନିଜର ଶକ୍ତିର ପ୍ରଭାବ ବିସ୍ତାର କରିଥିଲେ । ଏମାନଙ୍କୁ ଦମନ କରିବା ପାଇଁ ସୁଲତାନ ଉପଯୁକ୍ତ ପଦକ୍ଷେପ ନେଇ ପାରି ନ ଥିଲେ ।

**ତୁମେ ଜାଣିଛ କି?**

ମହମ୍ମଦ ପ୍ରଥମେ (୨୦୦ ରତିର) ଦିନାର ନାମକ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ। ଏହା ପରେ ଅଦାଲି ନାମକ (୧୪୦ ରତିର) ରୌପ୍ୟ ମୁଦ୍ରା ପ୍ରଚଳନ କରିଥିଲେ।

ମହମ୍ମଦଙ୍କ ରାଜଧାନୀ ପରିବର୍ତ୍ତନ କିପରି ଯୁକ୍ତିଯୁକ୍ତ ଥିଲା, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ।

## ତାମ୍ର ମୁଦ୍ରା ପ୍ରଚଳନ (୧୩୨୯ – ୧୩୩୦ ଖ୍ରୀଷ୍ଟାବ୍ଦ)

ମହମ୍ମଦଙ୍କର ଆଉ ଗୋଟିଏ ଯୋଜନା ସଫଳ ଭାବେ କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ସେଇଟି ହେଉଛି ତାଙ୍କ ଶୂନ୍ୟ ରାଜକୋଷ ପୂରଣ ପାଇଁ ସେ ତାମ୍ର ମୁଦ୍ରା ପ୍ରଚଳନ କରିଥିଲେ । ଏଗୁଡ଼ିକ ଦେଇ ଲୋକମାନେ ରାଜକୋଷରୁ ସୁନା ଓ ରୂପା ଟଙ୍କା ବଦଳାଇ ନେବା ବ୍ୟବସ୍ଥା କରିଥିଲେ । ଏହାର ସୁଯୋଗ ନେଇ ଲୋକମାନେ ତମ୍ବା ଟଙ୍କା ତିଆରି କରି ଏହାକୁ ବଦଳାଇ ରାଜକୋଷରୁ ସୁନା ଓ ରୂପା ଟଙ୍କା ନେଇ ଗଲେ। ଏହା ଫଳରେ ରାଜକୋଷରୁ ଟଙ୍କା କମି ଯାଇ ରାଜ୍ୟ ଗରିବ ହୋଇଗଲା। ଏଥିପାଇଁ ରାଜ୍ୟର ବାଣିଜ୍ୟ କାରବାର ଅଚଳାବସ୍ଥାରେ

ପହଞ୍ଚିଲା। ଦେଶକୁ ଆର୍ଥିକ ନିଅଣ୍ଟରୁ ରକ୍ଷା କରିବା ପାଇଁ ଶେଷରେ ସୁଲତାନ ତାଙ୍କ ଆଦେଶ ପ୍ରତ୍ୟାହାର କରିଥିଲେ ।

ମହମ୍ମଦଙ୍କ ତାମ୍ରମୁଦ୍ରା ପ୍ରଚଳନ କେତେ ଦୂର ଯୁକ୍ତିଯୁକ୍ତ ଥିଲା, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

**ତୁମେ ଜାଣିଛ କି?**

ସୁଲତାନୀ ଶାସନର ଅନ୍ୟ ମନ୍ତ୍ରୀମାନେ ହେଲେ –

ସଦର–ଉସ ସଦର–ଧର୍ମ ବିଭାଗ ମନ୍ତ୍ରୀ

ମଜଲିସ–ଇ–ଖାଲଓ୍ୱାଜ୍ – ସୁଲତାନଙ୍କ ପରାମର୍ଶଦାତା

ବାରିଦ୍–ଇ–ମାମଲିକ – ଗୁପ୍ତଚର ବିଭାଗ ମନ୍ତ୍ରୀ

ଦିଓ୍ୱାନ–ଇ–ଅମୀର କୋହି – କୃଷିମନ୍ତ୍ରୀ

ଲୋକମାନଙ୍କ ବହୁବିଧ ଉନ୍ନତି ପାଇଁ ମହମ୍ମଦ ଅନେକ ଶାସନ ନୀତି ପ୍ରଣୟନ କରିଥିଲେ ମାତ୍ର ତାଙ୍କର ଦୂରଦୃଷ୍ଟି ଅଭାବରୁ ଏଗୁଡ଼ିକ ସବୁ କାର୍ଯ୍ୟକାରୀ ହୋଇ ପାରିନଥିଲା। ଫଳରେ ସେ ପ୍ରଜା, ସାମନ୍ତ, ଉଲେମା (ଧର୍ମଗୁରୁ) ମାନଙ୍କ ସହଯୋଗ ପାଇନଥିଲେ । ତେଣୁ ଇତିହାସରେ ସେ ଜଣେ ବିଫଳ ଶାସକ ରୂପେ ପରିଗଣିତ ହୁଅନ୍ତି ।

ସଫଳ ଶାସକ ହେବା ପାଇଁ ଜଣେ ରାଜାଙ୍କ ପାଖରେ କେଉଁ କେଉଁ ଗୁଣଥିବା ଦରକାର, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ତୋଗଲକ ବଂଶ ପରେ ଭାରତରେ ସୟଦ୍ ବଂଶ ଓ ଲୋଦୀ ବଂଶ ଶାସନ କରିଥିଲେ। ଲୋଦୀ ବଂଶର ରାଜାମାନଙ୍କ ଉପରେ ଆଫଗାନମାନେ ଖୁସି ନ ଥିବାରୁ ଏମାନେ କାବୁଲ ରାଜା ବାବରଙ୍କ ସହ ସଂପର୍କ ସ୍ଥାପନ କରିଥିଲେ। ୧୫୨୬ ଖ୍ରୀଷ୍ଟାବ୍ଦରେ ଇବ୍ରାହିମ ଲୋଦୀ ଶାସନରୁ ବିତାଡ଼ିତ ହୋଇଥିଲେ। ତାଙ୍କ ପରେ ଦିଲ୍ଲୀରେ ମୋଗଲ ବଂଶ ଶାସନ କରିଥିଲେ ।

## ସୁଲତାନ ଯୁଗର ଶାସନ ପଦ୍ଧତି:

ସୁଲତାନ୍ ଯୁଗର ଶାସନ ପଦ୍ଧତି ଭାରତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା। ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଓ ମହମ୍ମଦ ବିନ୍ ତୁଗ୍‌ଲକ୍ ପରି ଦିଲ୍ଲୀର ସୁଲତାନ୍‌ମାନେ ରାଜ୍ୟର ସୁପରିଚାଳନା ପାଇଁ ଅନେକ ଶାସନ ନୀତି ପ୍ରଣୟନ କରିଥିଲେ ।ଏହି ଶାସନ ନୀତିଗୁଡ଼ିକ ତିନୋଟି ସ୍ତରରେ କାର୍ଯ୍ୟକାରୀ ହେଉଥିଲା। ସେଗୁଡ଼ିକ ହେଲା– ୧.କେନ୍ଦ୍ରୀୟ ଶାସନ, ୨.ପ୍ରାଦେଶିକ ଶାସନ, ୩.ସ୍ଥାନୀୟ ଶାସନ ।

ତୁମ ଦେଶର ଶାସନ କେଉଁ କେଉଁ ସ୍ତରରେ ହେଉଅଛି, ସେଗୁଡ଼ିକ ଲେଖ।

## କେନ୍ଦ୍ର ଶାସନ:

ସୁଲତାନ୍ କେନ୍ଦ୍ର ଶାସନର ମୁଖ୍ୟ ଥିଲେ । ସେ ଶାସନ ବିଭାଗ ଓ ସୈନ୍ୟ ବିଭାଗର ସର୍ବୋଚ୍ଚ କର୍ତ୍ତା ଥିଲେ । ତାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ବହୁ ମନ୍ତ୍ରୀଙ୍କୁ ନିଯୁକ୍ତି କରିଥିଲେ । ଏହି ମନ୍ତ୍ରୀମାନଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀଙ୍କୁ ଓ୍ୱାଜିର

**ତୁମେ ଜାଣିଛ କି?**

ଜିଜିୟା କର– ଅଣମୁସଲମାନଙ୍କଠାରୁ ଆଦାୟ କରାଯାଏ।

ଜାକତ–ଧାର୍ମିକ କର ମୁସଲମାନଙ୍କଠାରୁ ଆଦାୟ ହୁଏ ।

ଉସ୍ର – ମୁସଲମାନଙ୍କ ଜଳସେଚିତ ଜମି ଉପରେ ଏହି କର ବସା ଯାଇଥିଲା।

ଖାମସ୍ – ରାଜ୍ୟଜୟ ଦ୍ୱାରା ଲୁଣ୍ଠିତ ଧନର କିଛି ଅଂଶ ରାଜକୋଷକୁ ଯାଉଥିଲା ।

ଖରଜ୍ – ଶସ୍ୟ କର

କୁହାଯାଉଥିଲା । ୱାଜିର ସାମରିକ ଓ ରାଜସ୍ୱ ବିଭାଗର ଦାୟିତ୍ୱରେ ଥିଲେ । କାଜି ବିଚାର ବିଭାଗ ଦାୟିତ୍ୱ ତୁଲାଉଥିଲେ। ଦିୱାନ-ଇ-ଇନଖା ଚିଠିପତ୍ର ଦାୟିତ୍ୱ ତୁଲାଇଥିଲା ବେଳେ ବାରିଦ-ଇ-ମାମାଲିକ ଖବର ସରବରାହ ସଂସ୍ଥାର ମୁଖ୍ୟ ଥିଲେ । ବକ୍ସି ସୈନ୍ୟ ବିଭାଗ ଦରମା ଦାୟିତ୍ୱ କଥା ବୁଝୁଥିଲେ । ଏହାଛଡ଼ା ରାଜ ପରିବାର, କୃଷି ଓ ନିର୍ମାଣ ବିଭାଗ ଇତ୍ୟାଦିରେ ଅନେକ କର୍ମଚାରୀ ନିଯୁକ୍ତ ହୋଇଥିଲେ ।

ସୁଲତାନ କେନ୍ଦ୍ର ଶାସନର ମୁଖ୍ୟ ହୋଇଥିବାରୁ ଲୋକମାନଙ୍କର କି କି ସୁବିଧା ଓ ଅସୁବିଧା ହେଉଥିବ, ସାଙ୍ଗ ମାନଙ୍କ ସହ ଆଲୋଚନା କରି ଲେଖ ।

ରାଜ୍ୟର ମୁଖ୍ୟ ଆୟ ଭୂ ରାଜସ୍ୱରୁ ମିଳୁଥିଲା । ଉତ୍ପନ୍ନ ଶସ୍ୟର ଏକ ତୃତୀୟାଂଶ କର ରୂପେ ଆଦାୟ କରାଯାଉଥିଲା । ଦିଲ୍ଲୀ ସୁଲତାନମାନେ ଖାମସ୍, ଖରଜ୍, ଜାକତ୍, ଜିଜିୟା ଏବଂ ଉସ୍ର ଆଦି ପାଞ୍ଚ ପ୍ରକାର କର ପ୍ରଜାମାନଙ୍କଠାରୁ ଆଦାୟ କରୁଥିଲେ । ସୁଲତାନମାନେ କୃଷି ବିଭାଗର ଉନ୍ନତି ପାଇଁ କୃଷି ବିଭାଗ ପ୍ରତିଷ୍ଠା କରିଥିଲେ। ବଜାର ଦର ତଥା ବିଭିନ୍ନ ଦ୍ରବ୍ୟର ମାପ ଓ ଓଜନ ଆଇନ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । କଳାବଜାରୀ ଓ ଖାଦ୍ୟଶସ୍ୟ ମହଜୁଦ୍‌କାରୀଙ୍କୁ କଠୋର ଦଣ୍ଡ ଦିଆଯାଉଥିଲା। ଜନସାଧାରଣମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଅନେକ ବିଦ୍ୟାଳୟ ଓ ଦାତବ୍ୟ ଚିକିତ୍ସାଳୟମାନ ସ୍ଥାପନ କରାଯାଇଥିଲା।

ତୁମ ଅଂଚଳରେ ମାପ ଓ ଓଜନ ଠକେଇ ନ ହେବା ପାଇଁ ସରକାରଙ୍କ ତରଫରୁ କି କି ବ୍ୟବସ୍ଥା ଅଛି, ତଥ୍ୟ ସଂଗ୍ରହ କରି ଲେଖ ।

## ପ୍ରାଦେଶିକ ଶାସନ:

ରାଜ୍ୟକୁ କେତେକ ପ୍ରଦେଶରେ ଭାଗ କରାଯାଇଥିଲା। ପ୍ରାଦେଶିକ ସ୍ତରରେ ଶାସନ ସୁପରିଚାଳନା ପାଇଁ ମୁକ୍ତି, ୱାଲି ଓ ନାଏବ୍ ସୁଲତାନ ଆଦି ଶାସନ କର୍ତ୍ତାମାନେ ନିଯୁକ୍ତ ହେଉଥିଲେ। ଏମାନେ କେନ୍ଦ୍ରରେ ସୁଲତାନ ଭୋଗ କରୁଥିବା ସମସ୍ତ କ୍ଷମତା ଉପଭୋଗ କରୁଥିଲେ । ପ୍ରଦେଶର ଆୟବ୍ୟୟ ଦିୱାନ-ଇ-ୱାଜିରତଙ୍କ ଦ୍ୱାରା ଯାଞ୍ଚ କରାଯାଉଥିଲା। ପ୍ରଦେଶରେ ନିଯୁକ୍ତ ଶାସନକର୍ତ୍ତାମାନେ ପ୍ରାଦେଶିକ ସ୍ତରରେ ବିଭିନ୍ନ ନୀତି ନିୟମ କାର୍ଯ୍ୟକାରୀ କରୁଥିଲେ।

## ସ୍ଥାନୀୟ ଶାସନ:

ପ୍ରତ୍ୟେକ ପ୍ରଦେଶକୁ କେତେଗୁଡ଼ିଏ ସିକ୍ ଓ ପ୍ରତ୍ୟେକ ସିକ୍‌କୁ କେତେଗୁଡ଼ିଏ ପ୍ରଗଣାରେ ବିଭକ୍ତ କରାଯାଇଥିଲା। ଏଗୁଡ଼ିକର ଶାସନ କାର୍ଯ୍ୟ ଜଣେ ଅମିଲ୍ ତୁଲାଉଥିଲେ । ମକଦ୍ଦମ, ପଟ୍ଟୱାରୀ ଓ ମୁଶ୍‌ରିଫ୍ ଆଦି ସ୍ଥାନୀୟ କର୍ମଚାରୀମାନେ ଖଜଣା ଆଦାୟରେ ସାହାଯ୍ୟ କରୁଥିଲେ । ମୁଶ୍‌ରିଫ୍ ଖଜଣା ଆଦାୟ ସମୟରେ ଉପସ୍ଥିତ ରହି ତାହାର ହିସାବ ଯାଞ୍ଚ କରୁଥିଲେ । ପଟ୍ଟୱାରୀ ଦଲିଲ ଓ କାଗଜପତ୍ରର ହିସାବ ରଖୁଥିଲେ। ଶାସନର ସର୍ବନିମ୍ନ ସ୍ତରଥିଲା ଗ୍ରାମ। ଗ୍ରାମର ଲୋକମାନେ ମିଳିତ ହୋଇ ପଞ୍ଚାୟତ ଗଠନ କରୁଥିଲେ। ପଞ୍ଚାୟତ ଗ୍ରାମର ପରିମଳ, ଶିକ୍ଷା ଓ ବିଚାର ଆଦି ବିଷୟରେ ବୁଝୁଥିଲେ। ଚୌକିଦାର ଗ୍ରାମର ଅପରାଧ ନିୟନ୍ତ୍ରଣ କରୁଥିଲେ ।

### ତୁମେ ଜାଣିଛ କି?

- ସୁଲତାନୀ ଶାସନରେ ପ୍ରତ୍ୟେକ ପ୍ରଗଣା ୧୦୦ କିମ୍ବା ୮୪ଟି ଗ୍ରାମକୁ ନେଇ ଗଠିତ ହେଉଥିଲା।
- ଗ୍ରାମର ମୁଖିଆଙ୍କୁ ମକଦ୍ଦମ କୁହାଯାଉଥିଲା।

- ସୁଲତାନମାନଙ୍କ ସ୍ଥାନୀୟ ଶାସନ ଭଳି ତୁମ ଅଂଚଳର ଶାସନ କିପରି ଚାଲୁଅଛି, ଅନ୍ୟମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଲେଖ ।
- ତୁମ ଅଂଚଳର ଲୋକମାନଙ୍କଠାରୁ ସରକାରଙ୍କ ଦ୍ୱାରା କେଉଁ କେଉଁ କର କାହିଁକି ଆଦାୟ କରାଯାଉଛି, ଅନ୍ୟମାନଙ୍କଠାରୁ ବୁଝି ଲେଖ ।

ଏହିପରି ଭାବରେ ସୁଲତାନମାନେ  ବିଭିନ୍ନ ନୀତି ନିୟମ ପ୍ରଣୟନ କରି ସୁଚାରୁ ରୂପେ ସେମାନଙ୍କର ଶାସନ କାର୍ଯ୍ୟ ଚଳାଉଥିଲେ । ଏହାଦ୍ୱାରା ସାରା ଦେଶରେ ଶାନ୍ତି ଶୃଙ୍ଖଳା ପରିସ୍ଥିତି ସନ୍ତୋଷ ଜନକ ଥିଲା ।

## ସୁଲ୍‌ତାନ୍‌ମାନଙ୍କ କଳା ଓ ସ୍ଥାପତ୍ୟ


ଏକ ପୁରୁଣା ମୁସ୍‌ଲିମ୍ ସ୍ଥାପତ୍ୟ

ତୁର୍କ ଆଫଗାନମାନେ ଭାରତକୁ ତାଙ୍କ ସହିତ ପାରସ୍ୟ ଓ ମଧ୍ୟଏସିଆରୁ କଳା ଓ ସ୍ଥାପତ୍ୟର ନୂଆ ଶୈଳୀ ଏବଂ କାରିଗରୀ କୌଶଳ ଆଣିଥିଲେ । ଏହି ନିର୍ମାଣ କୌଶଳ ବ୍ୟବହାର କରି ସେମାନେ ଭାରତରେ ଅନେକ ମସଜିଦ୍, ସମାଧି, ମନ୍ଦିର, ଦୁର୍ଗ, ରାଜପ୍ରସାଦ ଆଦି ତିଆରି କରିବା ପାଇଁ ଚେଷ୍ଟା କରିଥିଲେ ମାତ୍ର ଏଗୁଡ଼ିକର ନିର୍ମାଣ କାର୍ଯ୍ୟ ପାଇଁ ଭାରତରେ ଯଥେଷ୍ଟ ଆରବୀୟ ଶିଳ୍ପୀ ମିଳି ନ ଥିଲେ । ଫଳରେ ସୁଲତାନମାନେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଉଚ୍ଚ କୋଟୀର ଭାରତୀୟ ଶିଳ୍ପୀମାନଙ୍କ ଉପରେ ନିର୍ଭର କଲେ । ଏହାଦ୍ୱାରା ଭାରତୀୟ କଳା ଓ ସ୍ଥାପତ୍ୟ ଏବଂ ଇସ୍‌ଲାମୀୟ କଳା ସ୍ଥାପତ୍ୟର ସମ୍ମିଶ୍ରଣ ଘଟି ଏକ ନୂତନ କଳା ଜନ୍ମ ନେଲା । ଏହାକୁ ଇଣ୍ଡୋ-ଇସ୍‌ଲାମୀୟ କଳା ଓ ସ୍ଥାପତ୍ୟ କୁହାଯାଏ। ଭାରତୀୟ ସ୍ଥାପତ୍ୟରେ ଚାପ ଓ ଗମ୍ବୁଜର ବ୍ୟବହାର ଏହି ସମୟରେ ପ୍ରଥମେ ଦେଖା ଦେଇଥିଲା। ଗମ୍ବୁଜର ଛାତ ଅର୍ଦ୍ଧବୃତ୍ତାକାର କରିବା ପାଇଁ ଉଚ୍ଚତର ଗାଣିତିକ ଜ୍ଞାନ ଓ ଯାନ୍ତ୍ରିକ ବିଦ୍ୟା ପ୍ରୟୋଗ କରାଯାଉଥିଲା। ମୀନାର ତିଆରି କରିବା ପାଇଁ ପଥର ଉପରେ ପଥର ଲମ୍ବ ଓ ତୀର୍ଯ୍ୟକ ଭାରେ ରଖା ଯାଉଥିଲା।


କୁତୁବ୍ ମିନାର

ଭାରତୀୟମାନଙ୍କ ସ୍ଥାପତ୍ୟ ଶୈଳୀ ଦିଲ୍ଲୀ ସୁଲତାନମାନଙ୍କୁ ଆକୃଷ୍ଟ କରିଥିଲା। ଏମାନଙ୍କ ମଧ୍ୟରୁ ପ୍ରଥମେ କୁତ୍‌ବୁଦ୍ଦିନ୍ ଆଇବାକ୍ ଦିଲ୍ଲୀଠାରେ ପ୍ରସିଦ୍ଧ କ୍ୱାତ୍-ଉଲ-ଇସଲାମ ଓ ଢ଼ାଇ-ଦିନକା-ଝୋଁପରା ନାମକ ଦୁଇଟି ମସଜିଦ୍ ନିର୍ମାଣ କରିଥିଲେ । ଏହାଛଡ଼ା ସେ କୁତୁବ୍‌ମିନାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକୁ ଇଲ୍‌ତୁତ୍‌ମିସ୍ ପୂର୍ଣ୍ଣାଙ୍ଗ କରି ଇସଲାମୀୟ ସ୍ଥାପତ୍ୟର ଉତ୍କର୍ଷତା ପ୍ରତିପାଦନ କରିଥିଲେ ।

ଦିଲ୍ଲୀ ସୁଲତାନମାନେ ଆମୋଦ ପ୍ରମୋଦପୂର୍ଣ୍ଣ ଜୀବନଯାପନ କରୁଥିବାରୁ ବହୁ ସୁନ୍ଦର ସୁନ୍ଦର ପ୍ରାସାଦମାନ ନିର୍ମାଣ କରୁଥିଲେ । ଫିରୋଜଶାହଙ୍କ ଦ୍ୱାରା ନିର୍ମିତ ଫିରୋଜଶାହ କୋଟ୍‌ଲା ଏହାର ଏକ ନମୁନା।

ଇଲ୍‌ତୁତ୍‌ମିସ୍ ତାଙ୍କ ଜ୍ୟେଷ୍ଠପୁତ୍ରଙ୍କ ସମାଧି ହିନ୍ଦୁ ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରିଥିଲେ। ବଲବନ୍ ଦିଲ୍ଲୀଠାରେ ଲୋହିତ ପ୍ରାସାଦ ଇସଲାମୀୟ ଶୈଳୀରେ ତିଆରି କରିଥିଲେ। ବଲବନ୍‌ଙ୍କ ସମାଧି ସଂପୂର୍ଣ୍ଣ ଇସଲାମୀୟ ଶୈଳୀରେ ନିର୍ମିତ ହୋଇଥିଲା। ଏହି ସମାଧିର ଗୋଲାକୃତି ଖିଲାଣ ପଥ ତୁର୍କ ସ୍ଥାପତ୍ୟର ଏକ ନିଦର୍ଶନ।

**ତୁମେ ଜାଣିଛ କି?**

❖ ଖିଲ୍‌ଜି ରାଜତ୍ୱ ସମୟରେ ଜମାହତ୍ ଖାନା ମସଜିଦ୍ ଓ ହଦାର ସାତୁନ ରାଜପ୍ରାସାଦ ନିର୍ମିତ ହୋଇଥିଲା।

❖ ଶିରି ନାମକ ସ୍ଥାନରେ ଆଲ୍ଲାଉଦ୍ଦିନ ଖାଲ୍‌ଜୀ ଏକ ସୁଦୃଢ଼ ଦୁର୍ଗ ନିର୍ମାଣ କରିଥିଲେ।

❖ ଗିୟାସୁଦ୍ଦିନ ତୁଘ୍‌ଲକ୍ ଦିଲ୍ଲୀ ନିକଟରେ ତୁଘ୍‌ଲକାବାଦ ସହର ବସାଇଥିଲେ।

❖ ସୁଲତାନ ଅହମ୍ମଦ ଶାହା ୧୪୧୧ ଖ୍ରୀଷ୍ଟାବ୍ଦରେ ଅହମ୍ମଦାବାଦ ନଗରୀ ପ୍ରତିଷ୍ଠା କରିଥିଲେ।

ଖିଲ୍‌ଜୀଙ୍କ ରାଜତ୍ୱ କାଳରେ ତୁର୍କ ଓ ଆଫଗାନ ସ୍ଥାପତ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା। ଏହି ସମୟରେ ନିର୍ମିତ ଜମାହତ୍‌ଖାନା ମସଜିଦ୍ ଓ ଆଲ୍ଲା-ଇ-ଦରୱାଜା ମୁଖ୍ୟ ଅଟେ। ସୟଦ ଓ ଲୋଦୀ ବଂଶର ଶାସକମାନଙ୍କର ସ୍ଥାପତ୍ୟ କୀର୍ତ୍ତି ହେଉଛି ମୌତ-କି-ମସଜିଦ। ସାମନ୍ତମାନଙ୍କ କବରଗୁଡ଼ିକ ମଧ୍ୟରେ ବଡେ ଖାଁ ଓ ଛୋଟେ ଖାଁ କବର ତିଆରିରେ ଉନ୍ନତ ସ୍ଥାପତ୍ୟ କଳା ଦେଖାଯାଏ।

ପ୍ରାଦେଶିକ ଶାସକମାନେ ନିଜ ରାଜଧାନୀରେ ବହୁ ପ୍ରାସାଦ ଓ ସମାଧି ନିର୍ମାଣ କରିଥିଲେ। ଏଗୁଡ଼ିକ ମଧ୍ୟରେ ଗୁଜୁରାଟରେ ଅହମ୍ମଦ ଶାହାଙ୍କ ଦ୍ୱାରା ତିଆରି ଅହମ୍ମଦାବାଦ ସହର ଓ ମାଳବର ମାଣ୍ଡୁଠାରେ ଥିବା ଜାମି ମସଜିଦ୍, ହଜାଜ ମହଲ ଅନ୍ୟତମ। ଜୌନପୁରର ଅତଳ ଦେବୀ ମସଜିଦ୍, ଲାଲଦରୱାଜା ଏହି ସମୟର ଗୋଟିଏ ଗୋଟିଏ ଉତ୍କୃଷ୍ଟ କଳାକୃତି ଅଟେ। ଏହାଛଡ଼ା କାଶ୍ମୀରର କାରିଗରମାନେ ମଧ୍ୟଏସିଆ ଶୈଳୀରେ ସେ ସମୟରେ ସୁନ୍ଦର ସୁନ୍ଦର କାଠର ପ୍ରାସାଦମାନ ନିର୍ମାଣ କରିଥିଲେ।



ବିଜାପୁରର ଗୋଲଗମ୍ବୁଜ

ତୁମ ଅଂଚଳରେ ଥିବା ପ୍ରାଚୀନ ମନ୍ଦିର, ମସଜିଦ୍, ରାଜପ୍ରାସାଦ ଓ ଅନ୍ୟାନ୍ୟ କଳାକୃତିର ନାମ ଲେଖ।

ଦାକ୍ଷିଣାତ୍ୟରେ ବାହାମନୀ ଶାସକମାନେ ନିଜର ରାଜଧାନୀ ଗୁଲବର୍ଗା ଓ ବିଦରରେ ଦିଲ୍ଲୀ ସୁଲତାନମାନଙ୍କୁ ଅନୁକରଣ କରି ବହୁ ସୁନ୍ଦର ସୁନ୍ଦର ପ୍ରାସାଦ ଓ ମସଜିଦ୍‌ମାନ ନିର୍ମାଣ କରିଥିଲେ। ଗୁଲବର୍ଗର ଜାମା ମସଜିଦ୍, ଦୌଲତାବାଦର ଚାନ୍ଦମିନାର ଏବଂ ବିଦରଠାରେ ଥିବା ମହମ୍ମଦ ଗୱାନଙ୍କ ମାଦ୍ରାସା ଉନ୍ନତ ସ୍ଥାପତ୍ୟର ନିଦର୍ଶନ ବହନ କରିଥାଏ।

## ପ୍ରାଦେଶିକ ରାଜ୍ୟଗୁଡ଼ିକର ଉତ୍‌ଥାନ:

ଦିଲ୍ଲୀରେ ସୁଲତାନୀ ଶାସନ କାଳକ୍ରମେ ଦୁର୍ବଳ ହୋଇ ପଡ଼ିଲା। ଏହି ଦୁର୍ବଳତାର ସୁଯୋଗ ନେଇ ଦିଲ୍ଲୀ ସୁଲତାନଙ୍କ ଅଧିନରେ ଥିବା ଉତ୍ତର ଓ ଦକ୍ଷିଣ ଭାରତର ଅନେକ ପ୍ରାଦେଶିକ ରାଜା ସେମାନଙ୍କର ସ୍ୱାଧୀନତା ଘୋଷଣା କରି ଦିଲ୍ଲୀ ଶାସନଠାରୁ ଅଲଗା ହୋଇଗଲେ । ଏହାଛଡ଼ା କେତେକ ରାଜପୁତ ରାଜ୍ୟ, ଗୁଜରାଟର କେତେକ ପ୍ରଦେଶ ସେମାନଙ୍କର ସ୍ୱାଧୀନତା ଘୋଷଣା କଲେ । ଆହୁରି ମଧ୍ୟ ମାଳବ, କାଶ୍ମୀର ଓ ବେଙ୍ଗଲ ଇତ୍ୟାଦି ପ୍ରଦେଶରେ ସ୍ୱାଧୀନ ମୁସଲମାନରାଜ୍ୟ ଗଢ଼ି ଉଠିଥିଲା । ଏହାବ୍ୟତୀତ ମହମ୍ମଦବିନ୍ ତୋଗଲକ୍‌ଙ୍କ ରାଜତ୍ୱ ସମୟରେ ଦାକ୍ଷିଣାତ୍ୟରେ ତାଙ୍କର କର୍ତ୍ତୃତ୍ୱ କମି ଯିବାରୁ ଅନେକଗୁଡ଼ିଏ ରାଜ୍ୟ ମୁଣ୍ଡ ଟେକି ଉଠିଥିଲା। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ବାହାମନୀ ଓ ବିଜୟନଗର ରାଜ୍ୟ ଅନ୍ୟତମ ।

> ସୁଲତାନୀ ଶାସନର ଦୁର୍ବଳତାର ସୁଯୋଗ ନେଇ କେଉଁ କେଉଁ ରାଜ୍ୟ ସ୍ୱାଧୀନ ହୋଇଥିଲେ, ତାହାର ଏକ ତାଲିକା କର ।

## ବାହାମନୀ ରାଜ୍ୟ:

ମହମ୍ମଦ୍ ବିନ୍ ତୁଗ୍‌ଲକ୍‌ଙ୍କ ଶାସନ ସମୟରେ ଦାକ୍ଷିଣାତ୍ୟର କେତେକ ସାମନ୍ତ ସୁଲତାନଙ୍କ ବିରୁଦ୍ଧରେ ବିଦ୍ରୋହ କରି ଦୌଲତାବାଦ ଅଧିକାର କରିଥିଲେ । ସେମାନେ ସେମାନଙ୍କ ମଧ୍ୟରୁ ନାସିରଉଦ୍ଦିନ୍ ଶାହାଙ୍କୁ ରାଜା କରିଥିଲେ । ସେ ରାଜ୍ୟ ଚଳାଇବାକୁ ଅସମର୍ଥ ହେବାରୁ ରାଜପଦ ପରିତ୍ୟାଗ କରିଥିଲେ । ତାଙ୍କ ପରେ ସାମନ୍ତମାନେ ହାସାନ୍ ଗାଙ୍ଗୁଙ୍କୁ ରାଜା କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ହାସାନ୍ ଗାଙ୍ଗୁ ଅଗଷ୍ଟ ୧୩, ୧୩୪୭ ଖ୍ରୀଷ୍ଟାବ୍ଦରେ ବାହାମନୀ ରାଜ୍ୟ ଗଠନ କରିଥିଲେ । ଗୁଲବର୍ଗା ଏହାର ରାଜଧାନୀ ହୋଇଥିଲା। ପରେ ହାସାନ୍ ଗାଙ୍ଗୁ ବାହମନ ଶାହା ଉପାଧି ଧାରଣ କରି ବାହାମନୀ ରାଜ୍ୟ ଶାସନ କରିଥିଲେ ।

> **ତୁମେ ଜାଣିଛ କି ?**
>
> - ବାହାମନୀ ରାଜ୍ୟ ୧୮୦ ବର୍ଷ ତିଷ୍ଠି ରହିଥିଲା ।
> - ହାସାନ୍ ଗାଙ୍ଗୁ ପର୍ସିଆ ରାଜା ବାହାମନଙ୍କ ବଂଶଧର ଥିଲେ ବୋଲି କୁହାଯାଏ।
> - ହାସାନ୍ ଗାଙ୍ଗୁ ଆବୁଲ୍ ମୁଜାଫର ଆଲ୍ଲାଉଦ୍ଦିନ୍ ବାହାମନ ଶାହ ଉପାଧି ଧାରଣ କରିଥିଲେ ।

ହାସାନ୍ ଗାଙ୍ଗୁ ଜଣେ ଶକ୍ତିଶାଳୀ ରାଜା ଥିଲେ । କାଳକ୍ରମେ ତାଙ୍କ ରାଜ୍ୟରେ କୃଷ୍ଣା ନଦୀ ପର୍ଯ୍ୟନ୍ତ ଦାକ୍ଷିଣାତ୍ୟର ସମସ୍ତ ଉତ୍ତରଭାଗ ମିଶି ଯାଇଥିଲା। ସେ ତାଙ୍କ ରାଜ୍ୟର ଶାସନ କାର୍ଯ୍ୟ ସୁଚାରୁରୂପେ ପରିଚାଳନା ପାଇଁ ଏହାକୁ ଚାରି ଭାଗରେ ବିଭକ୍ତ କରିଥିଲେ। ପ୍ରତ୍ୟେକ ଭାଗକୁ ଜଣେ ଜଣେ ପ୍ରଶାସକଙ୍କ ଅଧୀନରେ ରଖିଥିଲେ । ବାହାମନୀ ରାଜ୍ୟରେ ୧୮ଜଣ ରାଜା ୧୮୦ବର୍ଷ ଶାସନ କରିଥିଲେ । ଏହି ରାଜା ମାନଙ୍କ ମଧ୍ୟରେ ଦ୍ୱିତୀୟ ଅହମ୍ମଦ୍ ଶାହା ଶ୍ରେଷ୍ଠ ଥିଲେ । ସେ ଜ୍ଞାନୀ ଓ ବିଦ୍ୱାନ ଲୋକମାନଙ୍କର ପୃଷ୍ଠପୋଷକତା କରୁଥିଲେ । ତାଙ୍କ ଦ୍ୱାରା ଅନେକ

ମସଜିଦ୍, ବିଦ୍ୟାଳୟ ଓ ଡାକ୍ତରଖାନା ନିର୍ମାଣ କରାଯାଇଥିଲା। ତାଙ୍କ ସମୟରେ ଲୋକମାନେ ଶାନ୍ତିରେ ବସବାସ କରୁଥିଲେ । ମାମୁଦ ଶାହା ବାହାମନୀ ରାଜ୍ୟର ଶେଷ ରାଜା ଥିଲେ । ତାଙ୍କ ମୃତ୍ୟୁ ପରେ ବାହମନୀ ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇ ବେରାର, ବିଦର, ଗୋଲକୁଣ୍ଡା, ଅହମ୍ମଦନଗର ଓ ବିଜାପୁର ଆଦି ୫ଟି ସ୍ୱାଧୀନ ମୁସଲମାନ ରାଜ୍ୟରେ ପରିଣତ ହୋଇଥିଲା ।

- ହାସାନ୍ ଗାଙ୍ଗୁ ତାଙ୍କ ରାଜ୍ୟକୁ ଚାରି ଭାଗରେ ଭାଗ କରିବାର କାରଣ କ'ଣ ହୋଇପାରେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।
- ଆଉ କେଉଁ କେଉଁ କାରଣରୁ ଦକ୍ଷିଣ ଭାରତରେ ୫ଟି ସ୍ୱାଧୀନ ରାଜ୍ୟ ଗଢ଼ି ଉଠିଥିଲା, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

**ତୁମେ ଜାଣିଛ କି?**

ବାହାମନୀ ରାଜ୍ୟର ପତନ ପରେ ସେଠାରେ ମୁଣ୍ଡ ଟେକି ଥିବା ୫ଟି ରାଜ୍ୟର ରାଜାଙ୍କ ନାମ ହେଉଛି:

ବେରାର– ଇମଦାଦ୍ ଶାହ
ଅହମ୍ମଦନଗର– ନିଜାମ ଅହମ୍ମଦଶାହ
ଗୋଲକୁଣ୍ଡା– କୁତୁବ୍ ଶାହ
ବିଜାପୁର– ଆଦିଲ ଶାହ
ବିଦର– ବାରିଡ୍ ଶାହ

## ବିଜୟନଗର ରାଜ୍ୟ:

ବିଜୟନଗର ରାଜ୍ୟ ବାହାମନୀ ରାଜ୍ୟର ଉତ୍ତରରେ ଅବସ୍ଥିତ। ମହମ୍ମଦ୍ ବିନ୍ ତୁଗ୍‌ଲକ୍‌ଙ୍କ ରାଜତ୍ୱ ସମୟରେ ହରିହର ଓ ବୁକା ନାମକ ଦୁଇଭାଇ ହୟଶାଳ ରାଜ୍ୟ (ଆଧୁନିକ ମହୀଶୁର) ଜୟ କରି ଏହି ରାଜ୍ୟର ମୂଳଦୁଆ ପକାଇଥିଲେ । ହସ୍ତିନାବତୀ ବା ଆଧୁନିକ ହାମ୍ପୀ ସେମାନଙ୍କର ରାଜ୍ୟର ରାଜଧାନୀ ଥିଲା।


ହରିହର ଏବଂ ବୁକା

ବିଜୟନଗର ରାଜ୍ୟକୁ ସମୁଦାୟ ଷୋଳ ଜଣ ରାଜା (୧୩୩୬–୧୫୬୫ ଖ୍ରୀଷ୍ଟାବ୍ଦ) ୨୩୦ ବର୍ଷ ଶାସନ କରିଥିଲେ ।ଏହି ସମୟ ମଧ୍ୟରେ ବିଭିନ୍ନ ରାଜବଂଶ ବିଜୟନଗର ରାଜ୍ୟକୁ ଶାସନ କରିଥିଲେ । ପ୍ରଥମେ ଏହାକୁ ହରିହର (୧୩୩୬–୧୩୫୬ ଖ୍ରୀଷ୍ଟାବ୍ଦ) ଓ ବୁକା (୧୩୫୬ – ୧୩୭୭ ଖ୍ରୀଷ୍ଟାବ୍ଦ) ପର୍ଯ୍ୟନ୍ତ ଶାସନ କରିଥିଲେ । ପରବର୍ତ୍ତୀ ସମୟରେ ଏହା ସଙ୍ଗମ ବଂଶ, ସାଳୁଭ ଓ ତୁଳୁଭ ବଂଶ ଦ୍ୱାରା ଶାସିତ ହୋଇଥିଲା।

ବିଜୟନଗର ରାଜାମାନେ ବିଦ୍ୱାନ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । ସେମାନେ ତେଲଗୁ ଓ ସଂସ୍କୃତ ସାହିତ୍ୟର ବିକାଶ ପାଇଁ ଅନେକ କାର୍ଯ୍ୟ କରୁଥିଲେ। କୃଷ୍ଣଦେବ ରାୟଙ୍କ ପରି ବିଜୟନଗରର କେତେକ ରାଜା କବି ଥିଲେ। କାଠ ଓ ହାତୀଦାନ୍ତର ଖୋଦେଇ କାମ ସେ ସମୟରେ ଶୀର୍ଷ ସ୍ଥାନରେ ପହଞ୍ଚିଥିଲା ।

**ତୁମେ ଜାଣିଛ କି?**

ତିନୋଟି କାରଣରୁ ବାହାମନୀ ଓ ବିଜୟନଗର ରାଜ୍ୟ ପରସ୍ପରର ଶତ୍ରୁ ଥିଲେ। ସେଗୁଡ଼ିକ ହେଲା

୧. ରାଇଚୁରକୁ ନିଜ ଅଧିନରେ ରଖିବା ।
୨. ଗୋଲକୁଣ୍ଡାରେ ପ୍ରଚୁର ହୀରା ମିଳୁଥିବାରୁ ଏହାକୁ ଦଖଲରେ ରଖିବା ।
୩. ଉଭୟ ରାଜ୍ୟର ରାଜାମାନଙ୍କର ରାଜ୍ୟ ଜୟ କରିବା ପାଇଁ ପ୍ରବଳ ଆଗ୍ରହ ।

ବିଜୟନଗର ରାଜାମାନେ ବହୁତ ମନ୍ଦିର ଓ ରାଜପ୍ରାସାଦ ନିର୍ମାଣ କରିଥିଲେ । ଏହି କୃତିମାନଙ୍କ ମଧ୍ୟରୁ ହଜରା ଓ ବିଠାଲ ସ୍ୱାମୀ ମନ୍ଦିର ଅନ୍ୟତମ । ବିଜୟନଗର ରାଜ୍ୟ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲା। ବିଜୟନଗର ରାଜ୍ୟର ଲୋକମାନେ ବର୍ମା, ଚୀନ, ଆରବ ଓ ଇଉରୋପ ମହାଦେଶର ଲୋକମାନଙ୍କ ସହ ବାଣିଜ୍ୟ କାରବାର କରୁଥିଲେ ।

ବାହାମନୀ ଓ ବିଜୟନଗର ରାଜ୍ୟ ପରସ୍ପର ମଧ୍ୟରେ ସଂଘର୍ଷରେ ମାତି ରହୁଥିଲେ ।ଏପରିକି ବାହାମନୀ ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇ ଯାଇଥିଲେ ମଧ୍ୟ ସେମାନେ ପରସ୍ପର ବନ୍ଧୁ ହୋଇ ପାରି ନ ଥିଲେ ।ଏହାର କାରଣ ଦୁଇଟି ଯାକ ରାଜ୍ୟ କୃଷ୍ଣା ଓ ତୁଙ୍ଗଭଦ୍ରା ନଦୀ ମଧ୍ୟରେ ଥିବା ରାଇଚୁରକୁ (ଉର୍ବର ଅଂଚଳ) ନିଜ ଅଧୀନକୁ ନେବାକୁ ଚାହୁଁଥିଲେ। ଉଭୟ ପକ୍ଷ ଯୁଦ୍ଧ ସମୟରେ ତୋପ ବ୍ୟବହାର କରୁଥିଲେ । ଯୁଦ୍ଧରେ ବନ୍ଧୁକ ବ୍ୟବହାର ପାଇଁ ବିଜୟନଗର ଶାସକମାନେ ଇଉରୋପୀୟମାନଙ୍କୁ ନିଯୁକ୍ତି କରିଥିବା ବେଳେ, ବାହାମନୀ ଶାସକମାନେ ତୁର୍କୀର ଭଡାଟିଆ ସୈନ୍ୟମାନଙ୍କୁ ନିଯୁକ୍ତ କରିଥିଲେ ।

ବାହାମନୀ ଓ ବିଜୟନଗରର ଶାସକମାନେ ରାଇଚୁରକୁ କାହିଁକି ନିଜ ନିଜ ଅକ୍ତିଆରରେ ରଖିବାକୁ ଚାହୁଁଥିଲେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ତୁଲୁଭ ବଂଶର କୃଷ୍ଣଦେବ ରାୟ ବିଜୟନଗର ରାଜ୍ୟର ଶ୍ରେଷ୍ଠ ରାଜା ଥିଲେ । ତାଙ୍କ ରାଜୁତି ସମୟରେ ବିଜୟନଗର ରାଜ୍ୟର ଖ୍ୟାତି ବଢ଼ି ଯାଇଥିଲା । ଶତ୍ରୁମାନଙ୍କ ପ୍ରତି ସେ କଠୋର ମନୋଭାବ ପୋଷଣ କରୁ ନ ଥିଲେ । ସେ ସବୁଧର୍ମର ଲୋକମାନଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ ।

ବିଜୟନଗର ରାଜା ରାମରାୟାଙ୍କ ଶାସନ ସମୟରେ ବାହାମନୀ ରାଜ୍ୟର ସବୁ ମୁସଲମାନ ଶକ୍ତି ମିଳିତ ହୋଇ ୧୫୬୫ ଖ୍ରୀଷ୍ଟାବ୍ଦରେ ଏକ ଯୁଦ୍ଧରେ ତାଲିକୋଟାଠାରେ ବିଜୟନଗର ରାଜା ରାମରାୟାଙ୍କୁ ପରାସ୍ତ କରିଥିଲେ । ଫଳରେ ବିଜୟନଗରର ପତନ ହୋଇଥିଲା। ପରବର୍ତ୍ତୀ କାଳରେ ସୁଲତାନମାନେ ମୋଗଲମାନଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ।

**ତୁମେ ଜାଣିଛ କି?**

- ବୀର ନରସିଂହ ତୁଳୁଭ ବଂଶର ମୂଳଦୁଆ ପକାଇଥିଲେ ।
- ଓଡ଼ିଶାର ଗଜପତି ପ୍ରତାପରୁଦ୍ରଦେବ କୃଷ୍ଣଦେବ ରାୟଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ।

## ଆମେ କଣ ଶିଖିଲେ

- ୧୨୦୬ ଖ୍ରୀଷ୍ଟାବ୍ଦଠାରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୫ଟି ରାଜବଂଶ ଦିଲ୍ଲୀରେ ସୁଲ୍‌ତାନୀ ଶାସନ ଚଳାଇଥିଲେ ।
- କୁତ୍‌ବୁଦ୍ଦିନ୍ ଆଇବାକ୍‌ଙ୍କ ଦ୍ୱାରା ଦିଲ୍ଲୀରେ ଦାସବଂଶର ମୂଳଦୁଆ ପଡ଼ିଥିଲା।
- କୁତୁବ୍‌ମିନାରର ନିର୍ମାଣ କାର୍ଯ୍ୟ କୁତବୁଦ୍ଦିନ୍ ଆଇବାକ୍ ଆରମ୍ଭ କରିଥିଲେ ।
- କୁତ୍‌ବୁଦ୍ଦିନ୍ ଆଇବାକ୍‌ଙ୍କ ପରେ ଇଲ୍‌ତୁତ୍‌ମିସ୍ ଦିଲ୍ଲୀ ସିଂହାସନରେ ବସିଥିଲେ ।

- ରେଜିଆ ଦିଲ୍ଲୀ ସିଂହାସନରେ ବସିଥିବା ପ୍ରଥମ ଓ ଶେଷ ମୁସଲମାନ ଶାସିକା ଅଟନ୍ତି।
- ଗିୟାସୁଦ୍ଦିନ୍ ବଲ୍‌ବନ୍ ସୁଲତାନ ପଦବୀର ମର୍ଯ୍ୟାଦା, କ୍ଷମତା ଓ ପ୍ରଭାବ ବଢ଼ାଇଥିଲେ ।
- ଖିଲ୍‌ଜୀ ବଂଶର ଶ୍ରେଷ୍ଠ ସୁଲତାନ୍ ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଉତ୍ତର ଓ ଦକ୍ଷିଣ ଭାରତର ଅନେକଗୁଡ଼ିଏ ରାଜ୍ୟ ଜୟ କରି ନିଜ ସାମ୍ରାଜ୍ୟର ପରିସୀମା ବଢ଼ାଇଥିଲେ ।
- ମହମ୍ମଦ ବିନ୍ ତୁଗ୍‌ଲକ୍ ନିଜ ସାମ୍ରାଜ୍ୟର ଉନ୍ନତି ପାଇଁ ଅନେକ ଗୁଡ଼ିକ ଅଭିନବ ଯୋଜନା ପ୍ରସ୍ତୁତ କରିଥିଲେ କିନ୍ତୁ ସେଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରି ପାରି ନ ଥିଲେ ।
- ସୁଲତାନୀ ଶାସନ ପ୍ରଣାଳୀ ତ୍ରିସ୍ତରୀୟ ଥିଲା।
- ସୁଲତାନମାନଙ୍କ ଶାସନ ସମୟରେ କଳା ଓ ସ୍ଥାପତ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା।
- ଦକ୍ଷିଣ ଭାରତର ପ୍ରାଦେଶିକ ରାଜ୍ୟଗୁଡ଼ିକ ମଧ୍ୟରେ ବାହାମନୀ ଓ ବିଜୟନଗର ରାଜ୍ୟ ପ୍ରଧାନ ଥିଲା।

## ପ୍ରଶ୍ନାବଳୀ

୧. ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) ଦିଲ୍ଲୀରେ ତୁର୍କ ସୁଲତାନ୍‌ମାନେ କେତେ ବର୍ଷ ଶାସନ କରିଥିଲେ ?

ଖ) କୁତ୍‌ବୁଦ୍ଦିନ୍ ପ୍ରତିଷ୍ଠା କରିଥିବା ବଂଶକୁ ଦାସ ବଂଶ କାହିଁକି କୁହାଯାଏ ?

ଗ) ଇଲ୍‌ତୁତ୍‌ମିସ୍ ବିଭିନ୍ନ ସମସ୍ୟାଗୁଡ଼ିକୁ କିପରି ସମାଧାନ କରିଥିଲେ ?

ଘ) ସୁଲତାନ ରେଜିଆ ଅନେକ ଗୁଡିଏ ସମସ୍ୟା ସମ୍ମୁଖୀନ ହେବାର କାରଣ କଣ ?

ଙ) ଗିୟାସୁଦ୍ଦିନ୍ ବଲ୍‌ବନ୍ ସମ୍ରାଟଙ୍କ ମର୍ଯ୍ୟାଦା ବଢ଼ାଇବା ପାଇଁ କି କି ପଦକ୍ଷେପ ନେଇଥିଲେ ?

ଚ) ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀଙ୍କର ଇତିହାସରେ ସ୍ୱତନ୍ତ୍ର ସ୍ଥାନ ରହିଛି କାହିଁକି ?

ଛ) ମହମ୍ମଦ୍ ବିନ୍ ତୁଗ୍‌ଲକ୍‌ଙ୍କୁ ଆଡ଼ବାୟା ରାଜା କୁହାଯାଏ କାହିଁକି ?

ଜ) ସୁଲତାନୀ ଯୁଗର ଶାସନ କିପରି ବିଭିନ୍ନ ସ୍ତରରେ କାର୍ଯ୍ୟକାରୀ ହେଉଥିଲା ?

ଝ) ଇଣ୍ଡୋ-ଇସଲାମୀୟ କଳା ଓ ସ୍ଥାପତ୍ୟ କିପରି ସୃଷ୍ଟି ହୋଇଥିଲା ?

ଞ) ହାସାନ୍ ଗାଙ୍ଗୁ ବାହାମନୀ ରାଜ୍ୟର ରାଜା ହୋଇଥିଲେ କିପରି ?

ଟ) କୃଷ୍ଣଦେବ ରାୟ କିଏ ? ତାଙ୍କର ବ୍ୟକ୍ତିତ୍ୱ କିପରି ଥିଲା ?

୨. ଭୁଲ ଥିଲେ ଠିକ୍ କରି ଲେଖ ।

କ) ଦିଲ୍ଲୀରେ ତୁର୍କ ସୁଲତାନ୍‌ମାନେ ୫୦୦ ବର୍ଷ ଶାସନ କରିଥିଲେ ।

ଖ) ରେଜିଆ ବଲ୍‌ବନ୍‌ଙ୍କ ଝିଅ ଥିଲେ ।

ଗ) କବି ଅମୀର ଖୁସ୍ରୁ ଇଲତୁତ୍‌ମିସ୍‌ଙ୍କ ରାଜଦରବାରରେ ସ୍ଥାନ ପାଇଥିଲେ ।

ଘ) ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ ଉଲୁଘ୍ ଖାଁଙ୍କ ସେନାପତିତ୍ୱରେ ଉତ୍ତର ଭାରତର ଅନେକ ରାଜ୍ୟ ଜୟ କରିଥିଲେ ।

ଙ) କୁତବୁଦ୍ଦିନ୍ ଆଇବାକ୍‌ଙ୍କ ସମୟରେ ଚେଙ୍ଗିଜ ଖାଁ ଭାରତ ଆକ୍ରମଣ କରିଥିଲେ ।

ଚ) ଇବନ୍ ବତୁତା ଇଉରୋପ ଦେଶର ପର୍ଯ୍ୟଟକ ଥିଲେ ।

ଛ) ମହମ୍ମଦ ତୁଗ୍‌ଲକ୍ ତାଙ୍କ ରାଜଧାନୀ ଦିଲ୍ଲୀରୁ ବିଜୟନଗରକୁ ଉଠାଇ ନେଇଥିଲେ ।

ଜ) ଦିୱାନ-ଇନ-ବନସା ରାଜସ୍ୱ ବିଭାଗ ଦାୟିତ୍ୱରେ ଥିଲେ ।

ଝ) ଡାଇ-ଦିନକା-ଝୋଁପରା ମସଜିଦ ମହମ୍ମଦ ବିନ୍ ତୁଘ୍‌ଲକ୍ ତିଆରି କରିଥିଲେ ।

ଞ) ମହମ୍ମଦ ଶାହଙ୍କ ଦ୍ୱାରା ଅହମ୍ମଦାବାଦ ସହର ପ୍ରତିଷ୍ଠା କରାଯାଇଥିଲା ।

୩. **ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ/ସଂଖ୍ୟା ବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) ୧୨୦୬ ଖ୍ରୀଷ୍ଟାବ୍ଦଠାରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦିଲ୍ଲୀରେ ସମୁଦାୟ ______ ଟି ରାଜବଂଶ ଶାସନ କରିଥିଲେ ।

(୪, ୫, ୬, ୭)

ଖ) କୁତ୍‌ବୁଦ୍ଦିନ୍ ଆଇବାକ୍ ______ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ ।

(୧୨୦୩, ୧୨୦୪, ୧୨୦୫, ୧୨୦୬)

ଗ) କୁତବ୍‌ମିନାରର ନିର୍ମାଣ କାର୍ଯ୍ୟ ______ ଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ।

(କୁତ୍‌ବୁଦ୍ଦିନ୍ ଆଇବାକ୍, ଇଲ୍‌ତୁତମିସ୍, ବଲ୍‌ବନ୍, ରେଜିଆ)

ଘ) ବଲ୍‌ବନ୍‌ଙ୍କର ______ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ହୋଇଥିଲା ।

(୧୨୮୪, ୧୨୮୫, ୧୨୮୬, ୧୨୮୭)

ଙ) ପଦ୍ମିନୀ ______ ରାଜ୍ୟର ରାଣୀ ଥିଲେ ।

(ମେୱାର, ରଣ୍ଥମ୍ବର, ଜାଲୋର, ଜୟପୁର)

ଚ) ମହମ୍ମଦ ବିନ୍ ତୁଗ୍‌ଲକ୍ ସମୁଦାୟ ______ ବର୍ଷ ଶାସନ କରିଥିଲେ ।

(୨୬, ୨୭, ୨୮, ୨୯)

ଛ) ମହମ୍ମଦ ବିନ୍ ତୁଗ୍ଲକ୍ ତାଙ୍କ ରାଜକୋଷ ପୂରଣ ପାଇଁ _____ ମୁଦ୍ରା ପ୍ରଚଳନ କରିଥିଲେ ।
(ସୁନା, ରୂପା, ତମ୍ବା, କଂସା)

ଜ) ସୁଲତାନମାନେ ଉତ୍ପନ୍ନ ଶସ୍ୟର _____ କର ରୂପେ ନେଉଥିଲେ ।
(ଏକ ତୃତୀୟାଂଶ, ଏକ ଚତୁର୍ଥାଂଶ, ଏକ ପଞ୍ଚମାଂଶ, ଏକ ଷଷ୍ଠାଂଶ)

ଝ) ଫିରୋଜ ଶାହ କୋଟଲା _____ ଙ୍କ ଦ୍ୱାରା ନିର୍ମିତ ହୋଇଥିଲା।
(କୁତବୁଦ୍ଦିନ୍, ଫିରୋଜଶାହ, ଅହମ୍ମଦଶାହ, ରେଜିଆ)

ଞ) ବିଜୟନଗର ରାଜ୍ୟକୁ ସମୁଦାୟ _____ ଜଣ ଶାସକ ଶାସନ କରିଥିଲେ ।
(୧୩, ୧୪, ୧୫, ୧୬)

**୪. କାଳକ୍ରମ ଅନୁସାରେ ସଜାଇ ଲେଖ ।**

ରେଜିଆ, ବଲ୍‌ବନ୍, କୁତ୍‌ବୁଦ୍ଦିନ୍, ଇଲ୍‌ତୁତ୍‌ମିସ୍, ମହମ୍ମଦ ବିନ୍ ତୁଗ୍‌ଲକ୍, ଆଲ୍ଲାଉଦ୍ଦିନ୍ ଖିଲ୍‌ଜୀ

## ତୁମ ପାଇଁ କାମ

ଦିଲ୍ଲୀରେ ଶାସନ କରିଥିବା ବିଭିନ୍ନ ସମ୍ରାଟମାନଙ୍କର ଫଟୋ ଚିତ୍ର ସଂଗହ କରି ସେମାନଙ୍କ କୃତି ବିଷୟରେ ଲେଖ ।

## ତୃତୀୟ ଅଧ୍ୟାୟ

GGLGER

# ମୋଗଲ ସାମ୍ରାଜ୍ୟ (୧୫୨୬-୧୭୦୭)

### ମୋଗଲମାନଙ୍କ ଭାରତ ଆଗମନ:

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ତୁଗ୍‌ଲକ୍ ବଂଶର ପତନ ପରେ ସୁଲତାନ ଶାସନ ଦୁର୍ବଳ ହୋଇପଡ଼ିଲା। ସାମନ୍ତ ଓ ପ୍ରାଦେଶିକ ଶାସକମାନେ ସୁଲତାନ୍‌ମାନଙ୍କୁ ଖାତିର ନ କରି ନିଜ ନିଜର ସ୍ୱାଧୀନତା ଘୋଷଣା କରିଥିଲେ । ଫଳରେ ଦେଶରେ ଅରାଜକତା ଓ ବିଶୃଙ୍ଖଳା ଦେଖାଦେଲା। ସେତେବେଳେ ଦିଲ୍ଲୀରେ ଲୋଦୀବଂଶର ସୁଲତାନ୍ ଇବ୍ରାହିମ୍ ଲୋଦୀ ରାଜତ୍ୱ କରୁଥିଲେ । ତାଙ୍କ ସ୍ୱେଚ୍ଛାଚାରୀ ଶାସନରେ ଆଫଗାନ ଅମୀରମାନେ ଅସନ୍ତୁଷ୍ଟ ହୋଇ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ । ତାଙ୍କୁ କ୍ଷମତାରୁ ବିତାଡ଼ିତ କରିବା ପାଇଁ ସେମାନେ କାବୁଲର ରାଜା ବାବରଙ୍କ ସାହାଯ୍ୟ ଲୋଡିଲେ । ଠିକ୍ ଏହି ସମୟରେ ବାବର ଭାରତ ଆକ୍ରମଣ କରିବା ପାଇଁ ଚେଷ୍ଟା କରୁଥିଲେ । ତେଣୁ ସେ ଆଫଗାନ ଅମୀରଙ୍କ ଅନୁରୋଧ ରକ୍ଷା କରି ଭାରତ ଆକ୍ରମଣ କରିଥିଲେ । ଦୀର୍ଘ ଦୁଇଶହ ବର୍ଷ ଧରି ମୋଗଲମାନଙ୍କ ଅଧୀନରେ ଭାରତୀୟମାନେ ରହିଥିଲେ । ବର୍ତ୍ତମାନ ଭାରତର ପ୍ରଧାନମନ୍ତ୍ରୀ, ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଦେଶକୁ ଯେଉଁ ଉଦ୍‌ବୋଧନ ଦିଅନ୍ତି, ତାହା ମୋଗଲ ସମ୍ରାଟମାନଙ୍କ ବାସଭବନ ଥିଲା।

**ତୁମେ ଜାଣିଛ କି?**

ମୋଗଲ ବଂଶର ନାମ 'ମୋଙ୍ଗଲ' ଶବ୍ଦରୁ ଆସିଛି, ଏହି ବଂଶ ଭାରତକୁ ଦୀର୍ଘଦିନ ଧରି ଶାସନ କରିଥିଲେ ।



ଲାଲ୍‌କିଲ୍ଲା

## ବାବର (୧୫୨୬–୧୫୩୦)


ବାବର

ବାବର ତୈମୁରଲଙ୍ଗ୍‌ଙ୍କ ବଂଶଧର ଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଉମରଶେଖ ମିର୍ଜା। ସେ ତୁର୍କୀସ୍ତାନ ଅନ୍ତର୍ଗତ ଫରଗଣାର ରାଜା ଥିଲେ । ବାବର ଜଣେ ସାହାସୀ ବୀର ଥିଲେ ଓ ସୈନ୍ୟ ଚାଳନାରେ ତାଙ୍କର ବିଶେଷ ଦକ୍ଷତା ଥିଲା। ସେ କାବୁଲ ଓ କାନ୍ଦାହାର ଜୟ କରିଥିଲେ । ତାପରେ ସେ ଭାରତ ଆକ୍ରମଣ କଲେ । ୧୫୨୬ ଖ୍ରୀଷ୍ଟାବ୍ଦରେ ପାନିପଥ ନାମକ ସ୍ଥାନରେ ବାବର ଓ ଇବ୍ରାହିମ ଲୋଦୀଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହୋଇଥିଲା। ଏହା ପ୍ରଥମ ପାନିପଥ ଯୁଦ୍ଧ ନାମରେ ପ୍ରସିଦ୍ଧ । ବାବର ଏହି ଯୁଦ୍ଧରେ ବିଜୟ ଲାଭ କଲା ପରେ ଦିଲ୍ଲୀ ଓ ଆଗ୍ରା ଅଧିକାର କରି ଭାରତରେ ବିଶାଳ ମୋଗଲ ସାମ୍ରାଜ୍ୟର ମୂଳଭିତ୍ତି ସ୍ଥାପନ କଲେ ।




ବାବର ୧୫୨୭ ଖ୍ରୀଷ୍ଟାବ୍ଦରେ ରାଣାସଙ୍ଗଙ୍କୁ ଖାନ୍‌ୱାଠାରେ ପରାସ୍ତ କରିଥିଲେ। ଯାହା 'ଖାନ୍‌ୱା ଯୁଦ୍ଧ' ନାମରେ ପରିଚିତ । ଏହା ପରେ ସେ ମେଦିନୀ ରାଓଙ୍କ ବିରୋଧରେ ୧୫୨୮ ଖ୍ରୀଷ୍ଟାବ୍ଦରେ ଯୁଦ୍ଧ କରି ଚାନ୍ଦେରୀ ଦୁର୍ଗ ଅଧିକାର କରିଥିଲେ । ୧୫୨୯ ଖ୍ରୀଷ୍ଟାବ୍ଦରେ ନୁସରତ୍ ଓ ମାହମୁଦଙ୍କୁ ପାଟନା ନିକଟବର୍ତ୍ତୀ ଘର୍ଘରା ନଦୀ କୂଳରେ ପରାସ୍ତ କରିଥିଲେ । ଏହା ଘର୍ଘରା ଯୁଦ୍ଧ ନାମରେ ପରିଚିତ । ଏହି ଯୁଦ୍ଧ ବାବରଙ୍କ ଶେଷ ଯୁଦ୍ଧ । ଶେଷରେ ବାବର ୧୫୩୦ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ । ବାବରଙ୍କ ମୃତ୍ୟୁ ବେଳକୁ ତାଙ୍କ ସାମ୍ରାଜ୍ୟ ପଞ୍ଜାବଠାରୁ ବିହାର ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା।

ବାବର କେବଳ ଏକ ଯୋଦ୍ଧା ନ ଥିଲେ ବରଂ ସୁସାହିତ୍ୟିକ ଥିଲେ । ତୁର୍କୀ ଭାଷାରେ ସେ ଯେଉଁ ଆତ୍ମଜୀବନୀ ରଚନା କରିଥିଲେ ତାହା 'ବାବରନାମା' ନାମରେ ପ୍ରସିଦ୍ଧ ।

ନିମ୍ନରେ ଅଙ୍କିତ ଭାରତ ମାନଚିତ୍ରରେ ପାନିପଥ, ଖାନ୍‌ୱା ଓ ଘର୍ଘରାକୁ ଚିହ୍ନିତ କର ।



**ତୁମେ ଜାଣିଛ କି?**

ପାନିପଥ: ଦିଲ୍ଲୀଠାରୁ କୁରୁକ୍ଷେତ୍ର ଆଡ଼କୁ ଯିବା ବେଳେ ପାନିପଥ ପଡେ ।

ଖାନ୍‌ୱା : ଆଗ୍ରାଠାରୁ ପ୍ରାୟ ୩୨ କି.ମି. ଦୂରରେ ଫତେପୁର ନିକଟରେ ଖାନ୍‌ୱା ନାମକ ସ୍ଥାନ ଅଛି ।

## ହୁମାୟୁନ୍ (୧୫୩୦–୧୫୫୬)

ବାବରଙ୍କ ମୃତ୍ୟୁ ପରେ ତାଙ୍କର ଜ୍ୟେଷ୍ଠପୁତ୍ର ହୁମାୟୁନ୍ ୧୫୩୦ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । କିନ୍ତୁ ମୋଗଲ ସାମ୍ରାଜ୍ୟର ଭିତ୍ତିଭୂମି ସୁଦୃଢ଼ ନଥିବା ହେତୁ ଏହାର ସୁରକ୍ଷା ସକାଶେ ହୁମାୟୁନ୍‌ଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ହୁମାୟୁନ୍‌ଙ୍କ ରାଜ୍ୟଶାସନର ଆରମ୍ଭରେ ଆଫଗାନମାନେ ପୁଣି ଦିଲ୍ଲୀ ଉପରେ ଆଖି ପକାଇଲେ । ଏହି ସମୟରେ ହୁମାୟୁନ୍‌ଙ୍କ ଭାଇମାନେ ସିଂହାସନ ଲାଭ ପାଇଁ ଚକ୍ରାନ୍ତ କରିଥିଲେ । କେତେକ ସମ୍ଭ୍ରାନ୍ତ ଓ ଉଚ୍ଚପଦସ୍ଥ କର୍ମଚାରୀ ମଧ୍ୟ ହୁମାୟୁନଙ୍କ ବିରୋଧରେ ଚକ୍ରାନ୍ତ କରିଥିଲେ । ନୂଆ କରି ଗଢ଼ା ଯାଇଥିବା ସେନାବାହିନୀ ମଧ୍ୟ ଦୃଢ଼ ନଥିଲା। ଏପରି ଭାବରେ ସବୁଆଡୁ ବିପଦ ମାଡ଼ି ଆସିଲା। ନିଜର ସାହସ ଓ ଦକ୍ଷତା ଅଭାବରୁ ହୁମାୟୁନ୍ ଏହି ପରିସ୍ଥିତିର ମୁକାବିଲା କରିପାରିଲେ ନାହିଁ । ପରିଣାମରେ ତାଙ୍କୁ ନିଜର ରାଜ୍ୟ ହରାଇବାକୁ ପଡ଼ିଥିଲା ।



ହୁମାୟୁନ୍

**ଚିନ୍ତା କର**

ହୁମାୟୁନଙ୍କ ସ୍ଥାନରେ ନିଜକୁ ରଖି, ଏହିପରି ପରିସ୍ଥିତିରେ ତୁମ ସାମ୍ରାଜ୍ୟକୁ ତୁମେ କିପରି ରକ୍ଷା କରିଥାନ୍ତ ?

## ଶେର୍‌ଶାହାଙ୍କ ସହିତ ସଂଘର୍ଷ



ଶେର୍‌ଶାହା

ହୁମାୟୁନ୍ ବାହାଦୂର ଶାହାଙ୍କୁ ପରାସ୍ତ କରି ଗୁଜୁରାଟ ଓ ମାଳବ ଅଧିକାର କରିଥିଲେ ।ପଶ୍ଚିମରେ ବାହାଦୂର ଶାହଙ୍କ ଭଳି ପୂର୍ବରେ ଶେର୍ ଖାଁ ପରାକ୍ରମୀ ଆଫଗାନ ବିଦ୍ରୋହୀଙ୍କ ମଧ୍ୟରେ ଅନ୍ୟତମ ଥିଲେ । ସିଂହାସନ ଆରୋହଣ ପରେ ହୁମାୟୁନ୍ ଶେର୍ ଖାଁଙ୍କ ବିରୋଧରେ ଯୁଦ୍ଧ ଯାତ୍ରା କରିଥିଲେ ଓ ଶେର ଖାଁ ଆତ୍ମସମର୍ପଣ କରିଥିଲେ ।

ପରେ ଯେତେବେଳେ ହୁମାୟୁନ୍ ବାହାଦୂର ଶାହଙ୍କ ସହିତ ଯୁଦ୍ଧରତ ଥିଲେ, ଶେର୍ ଖାଁ ପୁଣି ବଙ୍ଗ ରାଜ୍ୟ ଆକ୍ରମଣ କରିଥିଲେ ।ସେହି ସମୟରେ ବଙ୍ଗର ରାଜା ସୁଲତାନ ମାହାମୁଦ୍ ଶାହା ବହୁତ ଅର୍ଥ ଦେଇ ଶେର୍ ଖାଁଙ୍କ ସହିତ

ସନ୍ଧି କରିବା ପାଇଁ ବାଧ୍ୟ ହେଲେ । ଫଳରେ ଶେର୍ ଖାଁଙ୍କ ପ୍ରଭାବ ସମଗ୍ର ବିହାର ଓ ବଙ୍ଗଳାରେ ପ୍ରତିଷ୍ଠିତ ହେଲା।

**ତୁମେ ଜାଣିଛ କି?**
ହୁମାୟୁନ୍ ଶବ୍ଦର ଅର୍ଥ ହେଲା 'ଭାଗ୍ୟହୀନ'।

୧୫୩୭ ଖ୍ରୀଷ୍ଟାବ୍ଦରେ ହୁମାୟୁନ୍ ଗୁଜୁରାଟରୁ ଫେରି ଶେର୍ ଖାଁଙ୍କ ବିରୋଧରେ ଯୁଦ୍ଧ କରି ଚୁନାରଦୁର୍ଗ ଅଧିକାର କରିଥିଲେ । ଏହା ପରେ ସେ ବଙ୍ଗ ଯାତ୍ରା କରି ଗୌଡ଼ ଅଧିକାର କରିଥିଲେ । ଶେର୍ ଖାଁ ନାରା, ବନାରସ ଓ ଜୌନପୁର ଅଧିକାର କରିନେଲେ । କୋଶି ଓ ଗଙ୍ଗାନଦୀର ମଧ୍ୟବର୍ତ୍ତୀ ଅଂଚଳ ଶେର୍ ଖାଁଙ୍କ ଅଧିନକୁ ଆସିଲା। ଏହା ଶୁଣି ହୁମାୟୁନ୍ ଆଗ୍ରା ଅଭିମୁଖେ ଯାତ୍ରା କରିବା ବେଳେ, ଶେର୍ ଖାଁ ପଥ ଅବରୋଧ କରିଥିଲେ । ଚୌସାଠାରେ ୧୫୩୯ ଖ୍ରୀଷ୍ଟାବ୍ଦରେ ପରସ୍ପର ମଧ୍ୟରେ ଯୁଦ୍ଧ ହେଲା। ଏହି ଯୁଦ୍ଧରେ ହୁମାୟୁନ୍ ପରାସ୍ତ ହେଲେ । ଫଳରେ ଜୀବନ ରକ୍ଷାପାଇଁ ଆଗ୍ରାକୁ ଫେରିଗଲେ।

୧୫୪୦ ଖ୍ରୀଷ୍ଟାବ୍ଦରେ କନୌଜଠାରେ ହୁମାୟୁନ, ଶେର୍‌ଶାହାଙ୍କ ସହ ଯୁଦ୍ଧରେ ପରାସ୍ତ ହୋଇ ଦିଲ୍ଲୀ ସିଂହାସନ ହରାଇଲେ । ସେ ପରିବାର ସହ ପଞ୍ଜାବ ଓ ପରେ ପାରସ୍ୟ (ଇରାନ)କୁ ପଳାୟନ କଲେ ।

**ଚିନ୍ତା କର:**
ହୁମାୟୁନ୍ ଏକ ବିଫଳ ଶାସକ ରୂପେ କେଉଁ କାରଣରୁ ଇତିହାସରେ ନାମିତ, ଆଲୋଚନା କର ଏବଂ ଲେଖ ।

୧୫୪୦ ଖ୍ରୀଷ୍ଟାବ୍ଦରୁ ୧୫୫୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶେର୍‌ଶାହା ଭାରତରେ ଶାସନ କରିଥିଲେ । ଶେର୍‌ଶାହାଙ୍କ ମୃତ୍ୟୁ ପରେ ହୁମାୟୁନ୍ ନିଜ ରାଜ୍ୟ ଫେରି ପାଇବା ପାଇଁ ଚେଷ୍ଟା କଲେ । ସେ ପାରସ୍ୟ (ଇରାନ) ରାଜାଙ୍କ ସାହାଯ୍ୟରେ କାବୁଲ ଓ କାନ୍ଦାହାର ଅଧିକାର କରିଥିଲେ । ୧୫୫୫ ଖ୍ରୀଷ୍ଟାବ୍ଦରେ ପଞ୍ଜାବ ଜୟକରି ଦିଲ୍ଲୀ ଓ ଆଗ୍ରା ଅଧିକାର କଲେ କିନ୍ତୁ ଫେରି ପାଇଥିବା ସାମ୍ରାଜ୍ୟକୁ ସେ ଏକବର୍ଷରୁ ଅଧିକ ସମୟ ଭୋଗ କରି ପାରିଲେ ନାହିଁ । ନିଜ ପାଠାଗାର ଶିଡ଼ିରୁ ତଳକୁ ଓହ୍ଲାଇବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ସେ ୧୫୫୬ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କଲେ ।

## ମୋଗଲ ସାମ୍ରାଜ୍ୟର ବିସ୍ତାର

ଆକବରଙ୍କଠାରୁ ଔରଙ୍ଗଜେବଙ୍କ ରାଜତ୍ୱ କାଳ ମଧ୍ୟଯୁଗୀୟ ଇତିହାସର ଏକ ଉଲ୍ଲେଖନୀୟ ସମୟ । ଏହି ସମୟରେ ମୋଗଲମାନେ ଭାରତର ଅଧିକାଂଶ ଅଂଚଳରେ କ୍ଷମତା ବିସ୍ତାର କରିବା ସହ ରାଜନୈତିକ ଏକତା ଆଣିଥିଲେ । ଏହା ସହିତ ସାହିତ୍ୟ, କଳା, କୃଷି ଓ ବାଣିଜ୍ୟର ବିକାଶ ହୋଇଥିଲା । ହିନ୍ଦୁ ଓ ମୁସଲମାନ ସଂସ୍କୃତିର ସମନ୍ୱୟ ଫଳରେ ଭାରତରେ ଏକ ନୂତନ ସଂସ୍କୃତିର ଅଭ୍ୟୁଦୟ ହୋଇଥିଲା ।



## ଆକବର (୧୫୫୬-୧୬୦୫)

ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ମହାନୁଭବ ଆକବର ସର୍ବଶ୍ରେଷ୍ଠ ସମ୍ରାଟ ଥିଲେ । ତାଙ୍କ ପିତା ହୁମାୟୁନ୍‌ଙ୍କ ମୃତ୍ୟୁ ବେଳକୁ ଆକବରଙ୍କୁ ମାତ୍ର ୧୩ ବର୍ଷ ବୟସ ହୋଇଥିଲା। ସେ ସେତେବେଳେ ପଞ୍ଜାବର ଶାସନ ଦାୟିତ୍ୱରେ ଥିଲେ । ସେଠାରେ ସେ ମୋଗଲ ସମ୍ରାଟ ରୂପେ ଅଭିଷିକ୍ତ ହୋଇଥିଲେ କିନ୍ତୁ ପ୍ରକୃତ ପକ୍ଷେ ବୈରାମ୍ ଖାଁ ତାଙ୍କର ଅଭିଭାବକ ରୂପେ

ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ହୁମାୟୁନ୍‌ଙ୍କ ମୃତ୍ୟୁ ପରେ ହିମୁ ମୋଗଲମାନଙ୍କୁ ପରାସ୍ତ କରି ଦିଲ୍ଲୀ ଓ ଆଗ୍ରା ଅଧିକାର କଲେ । ସେ ଶେର୍‌ଶାହଙ୍କ ବଂଶର ଜଣେ ରାଜାଙ୍କର ସୁଯୋଗ୍ୟ ମନ୍ତ୍ରୀ ଓ ସେନାପତି ଥିଲେ । ଆକବର ବୈରାମ୍ ଖାଁଙ୍କ ସାହାଯ୍ୟରେ ହିମୁଙ୍କୁ ଦ୍ୱିତୀୟ ପାନିପଥ ଯୁଦ୍ଧରେ ୧୫୫୬ ଖ୍ରୀଷ୍ଟାବ୍ଦରେ ପରାସ୍ତ କରିଥିଲେ । ସେ ଦିଲ୍ଲୀ ଓ ଆଗ୍ରାକୁ ଅଧିକାର କରି ମୋଗଲ ସାମ୍ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିଥିଲେ ।

**ଚିନ୍ତା କର**

ତୁମ ମତରେ ପ୍ରଥମ ଓ ଦ୍ୱିତୀୟ ପାନିପଥ ଯୁଦ୍ଧ ମଧ୍ୟରୁ କେଉଁଟି ଅଧିକ ମହତ୍ତ୍ୱପୂର୍ଣ୍ଣ ଓ କାହିଁକି ?

## ଆକବରଙ୍କ ସାମ୍ରାଜ୍ୟ ବିସ୍ତାର:

ଆକବର ଜଣେ ବୀର ଓ ଯୋଦ୍ଧା ଥିଲେ  ତେଣୁ ସେ କ୍ଷମତାସୀନ ହେବା ପରେ ଆଜମୀର, ଗୋଆଲିଅର, ଅଯୋଧ୍ୟା, ଜୌନପୁର, ମାଳବ ଓ ଗଣ୍ଡୱାନା ଆଦି ରାଜ୍ୟ ଜୟ କରିଥିଲେ । ଫଳରେ ମୋଗଲ ସାମ୍ରାଜ୍ୟ ରାଜପୁତ୍ ରାଜ୍ୟଗୁଡ଼ିକର ସୀମାକୁ ସ୍ପର୍ଶ କଲା। ସେହି ସମୟରେ ରାଜପୁତ୍‌ମାନେ ଅତ୍ୟନ୍ତ ଯୁଦ୍ଧପ୍ରିୟ, ସାହସୀ ଏବଂ ଦେଶଭକ୍ତ ଥିଲେ  ତେଣୁ ଆକବର ହୃଦୟଙ୍ଗମ କଲେ ଯେ, ସେମାନଙ୍କର ସାହାଯ୍ୟ ନେଇ, ସେ ସାମ୍ରାଜ୍ୟକୁ ଆହୁରି ସୁଦୃଢ଼ କରିପାରିବେ ତେଣୁ ସେ ରାଜପୁତ୍‌ମାନଙ୍କ ପ୍ରତି ଉଦାରନୀତି ଗ୍ରହଣ କଲେ ଓ ସେମାନଙ୍କ ସହିତ ବୈବାହିକ ସଂପର୍କ ସ୍ଥାପନ କରିଥିଲେ । ସେ ନିଜେ ରାଜପୁତ୍ ରମଣୀଙ୍କୁ ବିବାହ କରିଥିଲେ । ରାଜା ମାନସିଂ ଆକବରଙ୍କ ଜଣେ ପ୍ରଧାନ ସେନାପତି ଥିଲେ । ମେୱାରର ରାଣା ପ୍ରତାପ ସିଂହ ଆକବରଙ୍କ ବଶତା  ସ୍ୱୀକାର କରି ନ ଥିଲେ ତେଣୁ ଆକବର ମାନସିଂହଙ୍କୁ ରାଣା ପ୍ରତାପଙ୍କ ରାଜ୍ୟ ଆକ୍ରମଣ ପାଇଁ ପଠାଇଥିଲେ । ୧୫୭୬ ଖ୍ରୀଷ୍ଟାବ୍ଦରେ ହଳଦୀଘାଟ ଯୁଦ୍ଧରେ ମାନସିଂହଙ୍କ ନେତୃତ୍ୱରେ ମୋଗଲମାନେ ରାଣା ପ୍ରତାପଙ୍କୁ ପରାଜିତ କରି ଚିତୋର ଦୁର୍ଗ ଅଧିକାର କଲେ ।





## ତୁମ ପାଇଁ କାମ

ଭାରତ ମାନଚିତ୍ରରେ ଆକବର ଜୟ କରିଥିବା ରାଜ୍ୟଗୁଡ଼ିକ ଚିହ୍ନଟ କରି ସେଗୁଡ଼ିକର ନାମ ଲେଖ ।

## ଚିନ୍ତା କର

ଆକବର ତୁମ ବୟସର ଥିବା ବେଳେ ଶାସନ ଭାର ଗ୍ରହଣ କରିଥିଲେ । ମନେକର, ତୁମେ ଏକ ରାଜ୍ୟ ପାଇଛ । ସେହି ରାଜ୍ୟକୁ ତୁମେ ସ୍ଥାୟୀ ଏବଂ ସମୃଦ୍ଧିଶାଳୀ କିପରି କରିବ ?

ତାପରେ ଆକବର ସେ ସମୟର ଧନଶାଳୀ ରାଜ୍ୟ ରୂପେ ପରିଗଣିତ ହେଉଥିବା ଗୁଜୁରାଟ ଜୟ କରିଥିଲେ । ଗୁଜୁରାଟର ବନ୍ଦରଗୁଡ଼ିକରୁ ଆରବ ତଥା ଇଉରୋପର ବିଭିନ୍ନ ଦେଶ ସହ ବାଣିଜ୍ୟ କାରବାର ହେଉଥିଲା। ତେଣୁ ରାଜକୋଷକୁ ବାଣିଜ୍ୟ କର ଆକାରରେ ପ୍ରଚୁର ଅର୍ଥ ଆସିଲା। ଠିକ୍ ସେହିପରି ବଙ୍ଗ ମଧ୍ୟ କୃଷି ଓ ବାଣିଜ୍ୟ ପାଇଁ ପ୍ରସିଦ୍ଧ ଥିଲା। ବଙ୍ଗକୁ ଚୀନ ଓ ଦକ୍ଷିଣ ପୂର୍ବ ଏସିଆର ବଣିକମାନେ ଆସି ଚିନାମାଟି ପାତ୍ର ଓ ମସଲା ଦ୍ରବ୍ୟ ବଦଳରେ ନାନା ରକମର ବସ୍ତ୍ର କିଣୁଥିଲେ । ଆକବର ବଙ୍ଗ ଜୟ କରି ବିଶେଷ ଭାବରେ ଲାଭବାନ ହୋଇଥିଲେ । ଆକବର ୧୫୯୫ ଖ୍ରୀଷ୍ଟାବ୍ଦ ସୁଦ୍ଧା କାଶ୍ମୀର, ସିନ୍ଧୁ, ଓଡ଼ିଶା, କାନ୍ଦାହାର ପ୍ରଭୃତି ଜୟ କରିଥିଲେ । କେବଳ ଆସାମ ବ୍ୟତୀତ ସମଗ୍ର ଉତ୍ତର ଭାରତ ଆକବରଙ୍କ ଅଧୀନରେ ରହିଲା। ମଧ୍ୟ ଏସିଆ ଓ ପାରସ୍ୟ ସହିତ ଭାରତର ସୁସଂପର୍କ ସ୍ଥାପିତ ହେବାରୁ ବାଣିଜ୍ୟ କାରବାର ବୃଦ୍ଧି ପାଇଲା ଓ ମୋଗଲ ସାମ୍ରାଜ୍ୟର ଉତ୍ତର ସୀମାନ୍ତ ସୁରକ୍ଷିତ ହୋଇ ପାରିଲା। ଆକବର ଦକ୍ଷିଣ ଭାରତର ଖାନ୍ଦେଶ, ବେରାର ଓ ଅହମ୍ମଦନଗର ରାଜ୍ୟଗୁଡ଼ିକର କେତେକାଂଶ ଜୟ କରିଥିଲେ ।



## ଆକବରଙ୍କ ଶାସନ

ଆକବରଙ୍କ ଶାସନ ନୀତି ଥିଲା ପ୍ରଜାମଙ୍ଗଳକାରୀ । ରାଜା ଥିଲେ ଶାସନର ସର୍ବୋଚ୍ଚ କର୍ତ୍ତା। ସେ ସେନାବାହିନୀର ମୁଖ୍ୟ ଓ ସର୍ବୋଚ୍ଚ ନ୍ୟାୟଧୀଶ । ଶାସନ କାର୍ଯ୍ୟର ସୁପରିଚାଳନା ପାଇଁ ଅନେକ ରାଜକର୍ମଚାରୀଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତି ଦେଇଥିଲେ । ସେମାନଙ୍କ ମଧ୍ୟରେ ଦେୱାନ୍ ଅର୍ଥ ବିଭାଗ ଦାୟିତ୍ୱରେ, ବକ୍ସି ସୈନ୍ୟ ବିଭାଗ, କାଜୀ ଆଇନ ଓ ବିଚାର ବିଭାଗ ଏବଂ ଡାକ ଚୌକି ଦାରୋଗା ଡାକ ଓ ଗୁପ୍ତଚର ବିଭାଗ ଦାୟିତ୍ୱରେ ଥିଲେ । ଆକବର ନିଜର ସାମ୍ରାଜ୍ୟକୁ ୧୫ଟି ସୁବା ବା

ପ୍ରଦେଶରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ସୁବା କେତେଗୁଡ଼ିଏ ସରକାର ବା ଜିଲ୍ଲା ଓ ପ୍ରତ୍ୟେକ ଜିଲ୍ଲା ଅନେକ ପ୍ରଗଣାରେ ବିଭକ୍ତ ହୋଇଥିଲା। କେତେଗୁଡ଼ିଏ ଗ୍ରାମର ସମଷ୍ଟିରେ ଏକ ପ୍ରଗଣା ଗଠିତ ହୋଇଥିଲା। ସୁବାର ମୁଖ୍ୟ ଶାସକ ଥିଲେ ସୁବାଦାର । ଆକବର ଦୁଇଟି ସୂତ୍ରରୁ ରାଜସ୍ୱ ଆଦାୟ କରୁଥିଲେ । ସେଥିରୁ ଗୋଟିଏ ଭୂ-ରାଜସ୍ୱ ଓ ଅନ୍ୟଟି ହେଲା ବାଣିଜ୍ୟ କର । ରାଜା ତୋଡ଼ରମଲ୍ଲ ତାଙ୍କର ରାଜସ୍ୱ ମନ୍ତ୍ରୀ ଥିଲେ । ତୋଡ଼ରମଲ୍ଲଙ୍କ ବନ୍ଦୋବସ୍ତ ଅନୁଯାୟୀ ଜମିଗୁଡ଼ିକୁ ମାପ କରାଯାଇ ଥିଲା। ସାଧାରଣତଃ କୃଷକମାନେ ଆୟର ଏକ ତୃତୀୟାଂଶ କର ଶସ୍ୟ କିମ୍ବା ମୁଦ୍ରା ଆକାରରେ ଦେଉଥିଲେ ।

ତୁମ ବାପା ବର୍ତ୍ତମାନ କି କି ପ୍ରକାର କର ଦେଉଛନ୍ତି, ବୁଝି ଲେଖ ।

**ତୁମେ ଜାଣିଛ କି?**

'ମନସବ'ର ଅର୍ଥ ଏକ ପଦବୀ ଏବଂ ଏହା ଜଣେ ବ୍ୟକ୍ତିଙ୍କୁ ଦିଆଯାଉଥିଲା, ଯାହାଙ୍କ ଅଧୀନରେ କିଛି ସଂଖ୍ୟକ ସୈନ୍ୟ ରହୁଥିଲେ ।

ସୈନ୍ୟବାହିନୀଙ୍କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆକବର ମନ୍‌ସବ୍‌ଦାରୀ ପ୍ରଥା ପ୍ରଚଳନ କରିଥିଲେ । ରାଜ କର୍ମଚାରୀ, ସାମନ୍ତ ଓ ସେନାପତିମାନଙ୍କୁ ଏହି ପଦବୀ ମିଳୁଥିଲା। ଆକବର ମନ୍‌ସବ୍‌ଦାରୀମାନଙ୍କୁ ୩୩ ଭାଗରେ ବିଭକ୍ତ କରିଥିଲେ। ବିଭିନ୍ନ ଶ୍ରେଣୀର ମନ ସବ୍‌ଦାରୀଙ୍କ ଅଧୀନରେ ୫ ରୁ ୧୦ହଜାର ପର୍ଯ୍ୟନ୍ତ ସୈନ୍ୟ ରହୁଥିଲେ ।

**ଚିନ୍ତା କର**

ଯେପରି ଆକବରଙ୍କ ଶାସନରେ ଦେୱାନ୍ ଅର୍ଥ ବିଭାଗ, କାଜୀ ଆଇନ ଓ ବିଚାର ମୁଖ୍ୟ ଥିଲେ ବର୍ତ୍ତମାନ ତୁମ ପ୍ରଦେଶର ବିଭିନ୍ନ ବିଭାଗର ମୁଖ୍ୟ କିଏ, ଆଲୋଚନା କରି ଲେଖ ।

## ଆକବରଙ୍କ ଧର୍ମନୀତି:

ଆକବର ତାଙ୍କ ଉଦାର ଧର୍ମନୀତି ପାଇଁ ସେ ଇତିହାସରେ ସ୍ମରଣୀୟ ହୋଇ ରହିଛନ୍ତି। ସେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଥିବା ଭେଦଭାବ ଦୂର କରିବାକୁ ଚେଷ୍ଟା କରିଥିଲେ । ଆକବର ହିନ୍ଦୁମାନଙ୍କ ଉପରୁ ଜିଜିୟା କର ଓ ତୀର୍ଥଯାତ୍ରୀ କର ଉଠାଇ ଦେଇଥିଲେ । ଆକବର ବେଳେ ବେଳେ ହିନ୍ଦୁମାନଙ୍କ ପରି ବେଶପୋଷାକ ପିନ୍ଧୁଥିଲେ । ସେ ହିନ୍ଦୁ ପର୍ବପର୍ବାଣୀ ଓ ଉତ୍ସବରେ ଯୋଗ ଦେଉଥିଲେ । ଅନେକ ହିନ୍ଦୁ ମନ୍ଦିର ମଧ୍ୟ ତାଙ୍କ ସମୟରେ ନିର୍ମିତ ହୋଇଥିଲା।

**ତୁମେ ଜାଣିଛ କି ?**

ଦିନ୍-ଇ-ଇଲାହୀର ପ୍ରକୃତ ଅର୍ଥ ହେଲା ସ୍ୱର୍ଗୀୟ ବିଶ୍ୱାସ



ଇବାଦତ୍‌ଖାନା

ଭାରତରେ ଏକ ସାର୍ବଜନୀନ ଧର୍ମ ପ୍ରତିଷ୍ଠା କରିବା ଆକବରଙ୍କର ଲକ୍ଷ୍ୟ ଥିଲା । ତେଣୁ ସେ ଫତେପୁରସିକ୍ରୀଠାରେ 'ଇବାଦତ୍‌ଖାନା' ନାମକ ଏକ ଉପାସନା ଗୃହ ୧୫୭୫ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରିଥିଲେ । ସେଠାରେ ହିନ୍ଦୁ, ମୁସଲମାନ, ପାର୍ସୀ, ଖ୍ରୀଷ୍ଟ ଓ ଜୈନଧର୍ମର ପଣ୍ଡିତମାନେ ଆକବରଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ

ଧର୍ମଚର୍ଚ୍ଚା କରୁଥିଲେ । ସବୁଧର୍ମର ସାରକଥାକୁ ନେଇ ଆକବର ଏକ ନୂତନ ଧର୍ମ ସୃଷ୍ଟି କରିଥିଲେ। ତାହା 'ଦିନ୍-ଇ-ଇଲାହୀ' ନାମରେ ପ୍ରସିଦ୍ଧ । ଏହି ଧର୍ମ ଗ୍ରହଣ କରିବା ପାଇଁ ସେ କାହାକୁ ବାଧ କରୁ ନ ଥିଲେ ।



ବୁଲନ୍ଦ ଦରୱାଜା

## କଳା ଓ ସାହିତ୍ୟ

ଆକବରଙ୍କ ରାଜତ୍ୱ କାଳରେ କଳା ଓ ସାହିତ୍ୟର ଅନେକ ଉନ୍ନତି ସାଧିତ ହୋଇଥିଲା । ଆଗ୍ରା ନିକଟବର୍ତ୍ତୀ ଫତେପୁରସିକ୍ରୀଠାରେ ଏକ ନୂତନ ରାଜଧାନୀ ଆକବର ନିର୍ମାଣ କରିଥିଲେ । ସେଠାରେ ଲାଲ ପଥରରେ ଏକ ଅତି ସୁନ୍ଦର ରାଜପ୍ରାସାଦ ନିର୍ମିତ ହୋଇଥିଲା । ସେଠାରେ ବୁଲନ୍ଦ ଦରୱାଜା ନାମକ ଏକ ବିଶାଳ ଫାଟକ ନିର୍ମିତ ହୋଇଥିଲା ।

ଆକବରଙ୍କ ସମୟରେ ସଂସ୍କୃତ, ଆରବୀ, ପାର୍ସୀ, ହିନ୍ଦି ଭାଷା ଓ ସାହିତ୍ୟର ପ୍ରସାର ହୋଇଥିଲା। ପାର୍ସୀ ରାଜ ଭାଷା ଥିଲା । ତାଙ୍କ ରାଜଦରବାରରେ ବହୁତ ପଣ୍ଡିତ ଥିଲେ । ସେମାନଙ୍କ ମଧ୍ୟରୁ ଆବୁଲ ଫାଜଲ 'ଆକବରନାମା', 'ଆଇନ-ଇ-ଆକବରୀ' ନାମକ ଦୁଇଟି ଐତିହାସିକ ଗ୍ରନ୍ଥ ପାର୍ସୀ ଭାଷାରେ ରଚନା କରିଥିଲେ । ମହାଭାରତ ଓ ରାମାୟଣ ମଧ୍ୟ ପାର୍ସୀ ଭାଷାରେ ଅନୁବାଦିତ ହୋଇଥିଲା। ତୁଳସୀ ଦାସ ହିନ୍ଦୀ ରାମାୟଣ ରଚନା କରିଥିଲେ । ଯାହା 'ରାମଚରିତ ମାନସ' ନାମରେ ପରିଚିତ । ତାନସେନ ଆକବରଙ୍କ ଦରବାରର ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ଥିଲେ । ୧୬୦୫ ଖ୍ରୀଷ୍ଟାବ୍ଦରେ ଆକବରଙ୍କର ମୃତ୍ୟୁ ହୋଇଥିଲା।



## ଜାହାଙ୍ଗୀର (୧୬୦୫-୧୬୨୭)

ଆକବରଙ୍କ ଶାସନ ଉତ୍ତମ ଥିବା ଯୋଗୁଁ ମୋଗଲ ସାମ୍ରାଜ୍ୟ ସୁଦୃଢ଼ ଓ ସମୃଦ୍ଧିଶାଳୀ ହୋଇ ପାରିଥିଲା ତେଣୁ ଆକବରଙ୍କ ଉତ୍ତରାଧିକାରୀମାନଙ୍କୁ ଯଥା- ଜାହାଙ୍ଗୀର, ଶାହାଜାହାନ ଓ ଔରଙ୍ଗଜେବଙ୍କୁ ରାଜ୍ୟ ଶାସନ କରିବାରେ ବିଶେଷ ଅସୁବିଧା ହୋଇ ନ ଥିଲା।

ସମ୍ରାଟ ଆକବରଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଜାହାଙ୍ଗୀର ଆଗ୍ରାଠାରେ ୧୬୦୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ୧୬୧୧ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀର ନୁର୍‌ଜାହାନ୍‌ଙ୍କୁ ବିବାହ କରିଥିଲେ । ନୁର୍‌ଜାହାନ୍ ଅତ୍ୟନ୍ତ ସୁନ୍ଦରୀ ଓ ବୁଦ୍ଧିମତୀ ଥିଲେ । ନିଜର ରୂପ, ଗୁଣ ଓ ବୁଦ୍ଧିବଳରେ ସେ ଜାହାଙ୍ଗୀରଙ୍କୁ ପ୍ରଭାବିତ କରି ପାରିଥିଲେ । ଜାହାଙ୍ଗୀର ବିଳାସପୂର୍ଣ୍ଣ ଜୀବନ ଯାପନ କରି ଯେତେବେଳେ ଶାସନ କାର୍ଯ୍ୟରେ ଅବହେଳା କରୁଥିଲେ, ନୁର୍‌ଜାହାନ୍ ଅନେକ ସମୟରେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ସରକାରୀ କାଗଜପତ୍ର ଓ ନିର୍ଦ୍ଦେଶନାମାରେ ନୁର୍‌ଜାହାନ୍ ଦସ୍ତଖତ କରୁଥିଲେ । ସେ ସମୟର ମୁଦ୍ରାରେ ଜାହାଙ୍ଗୀରଙ୍କ ସହିତ ନୁର୍‌ଜାହାନ୍‌ଙ୍କ ନାମ ମଧ୍ୟ ରହୁଥିଲା।

ଜାହାଙ୍ଗୀର ବଙ୍ଗଦେଶରେ ବିଦ୍ରୋହ ଦମନ କରି ସେଠାରେ ନିଜର କର୍ତ୍ତୃତ୍ୱ ଦୃଢ଼ କରିଥିଲେ । ମେୱାରର

ରାଜା ଅମର ସିଂହ ଜାହାଙ୍ଗୀରଙ୍କ ସହିତ ସନ୍ଧି କରି ତାଙ୍କର ବଶତା ସ୍ୱୀକାର କରିଥିଲେ । ଜାହାଙ୍ଗୀର ପଞ୍ଜାବର ପାହାଡ଼ିଆ ଅଂଚଳରେ ଅବସ୍ଥିତ କାଙ୍ଗ୍ରାଦୁର୍ଗ ଅଧିକାର କରିଥିଲେ । ଦାକ୍ଷିଣାତ୍ୟର ଅହମ୍ମଦନଗର ରାଜ୍ୟ ତାଙ୍କ ଅଧିନକୁ ଆସିଥିଲା । ସେ ତାଙ୍କ ପିତାଙ୍କ ଭଳି ରାଜପୁତମାନଙ୍କ ସହିତ ବୈବାହିକ ସଂପର୍କ ଦ୍ୱାରା ବନ୍ଧୁତା ସ୍ଥାପନ କରିଥିଲେ ।

ଇଂଲଣ୍ଡର ରାଜା ପ୍ରଥମ ଜେମସ୍ ତାଙ୍କ ଦୂତ ରୂପେ ସାର୍ ଟମାସ୍ ରୋଙ୍କୁ ଜାହାଙ୍ଗୀରଙ୍କ ଦରବାରକୁ ପଠାଇଥିଲେ । ସାର୍ ଟମାସ୍ ରୋ ଜାହାଙ୍ଗୀରଙ୍କୁ ଭେଟି ତାଙ୍କଠାରୁ ଇଂରେଜମାନଙ୍କ ପାଇଁ ବାଣିଜ୍ୟ ସୁବିଧା ହାସଲ କରିଥିଲେ ।

ରାଜକୁମାର ଖୁରମ୍ ଏବଂ ଶାହାଜାହାନ୍, ଜାହାଙ୍ଗୀରଙ୍କ ଶାସନର ଶେଷ ବର୍ଷରେ ବିଦ୍ରୋହ କରିଥିଲେ । ୧୬୨୭ ଖ୍ରୀଷ୍ଟାବ୍ଦରେ ସମ୍ରାଟ ଜାହାଙ୍ଗୀରଙ୍କ ମୃତ୍ୟୁ ହୋଇଥିଲା ।

## ଶାହାଜାହାନ୍ (୧୬୨୭-୧୬୫୮)



ଜାହାଙ୍ଗୀରଙ୍କ ତୃତୀୟ ପୁତ୍ର ଶାହାଜାହାନ୍ ପିତାଙ୍କ ମୃତ୍ୟୁ ପରେ ୧୬୨୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ୧୬୨୮ ଖ୍ରୀଷ୍ଟାବ୍ଦରେ ବୁନ୍ଦେଲଖଣ୍ଡର ବିଦ୍ରୋହ ଦମନ କଲେ । ସେହିପରି ୧୬୨୯ ଖ୍ରୀଷ୍ଟାବ୍ଦରେ ଗୁଜୁରାଟ ଓ ଦାକ୍ଷିଣାତ୍ୟ ପ୍ରଶାସନ ଦାୟିତ୍ୱରେ ଥିବା ଖାଁ ଜାହାନ୍ ଲୋଦୀଙ୍କ ବିଦ୍ରୋହକୁ ଦମନ କରିଥିଲେ । ଏହା ପରେ ସେ ବଙ୍ଗଳାରେ ଥିବା ପର୍ତ୍ତୁଗୀଜ୍‌ମାନଙ୍କୁ ଆକ୍ରମଣ କରିବା ଫଳରେ ସେମାନେ ଆତ୍ମସମର୍ପଣ କରିଥିଲେ । କାନ୍ଦାହାର ଦୁର୍ଗର ଗୁରୁତ୍ୱ ଉପଲବ୍ଧି କରି ଶାହାଜାହାନ୍ ବହୁ ଚେଷ୍ଟା କରି ପାରସ୍ୟର ସମ୍ରାଟଙ୍କ କବଳରୁ ଏହାର ଉଦ୍ଧାର କରିଥିଲେ ହେଁ କିଛି ଦିନ ପରେ ଏହା ହରାଇ ଥିଲେ । ସେ ତିନିଥର କାନ୍ଦାହାର ଅଧିକାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ଶେଷରେ ସେ ଅହମ୍ମଦନଗର ଜୟ କରିଥିଲେ ।

ବିଜାପୁର ଓ ଗୋଲକୁଣ୍ଡାର ସୁଲତାନ୍‌ମାନେ ଶାହାଜାହାନ୍‌ଙ୍କ ସହିତ ସନ୍ଧି କରି ତାଙ୍କର ଅଧୀନତା ସ୍ୱୀକାର କରିଥିଲେ । ଶାହାଜାହାନ୍ ନିଜର ପୁତ୍ର ଔରଙ୍ଗଜେବ୍‌ଙ୍କୁ ଦାକ୍ଷିଣାତ୍ୟର ସୁବାଦାର ରୂପେ ନିଯୁକ୍ତ କରିଥିଲେ ।

ଶାହାଜାହାନ୍‌ଙ୍କ ରାଜତ୍ୱରେ ମୋଗଲ କଳା ଓ ସ୍ଥାପତ୍ୟ ବିକାଶର ଚରମ ସୀମାରେ ପହଞ୍ଚିଥିଲା । ଆଗ୍ରାରେ ଯମୁନାନଦୀ କୂଳରେ ଥିବା 'ତାଜମହଲ' ଶାହାଜାହାନ୍ ନିଜ ପତ୍ନୀ ମମତାଜ୍‌ଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ତିଆରି କରିଥିଲେ । ଏହି ତାଜମହଲ ଆଜି ମଧ୍ୟ ତାର ସୌନ୍ଦର୍ଯ୍ୟରେ ଦର୍ଶକ ମନକୁ



ତାଜମହଲ

ଆକର୍ଷିତ କରୁଛି। ଏହା ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନ ପାଇଛି। ଏତଦ୍‌ବ୍ୟତୀତ ଶାହାଜାହାନ୍‌ଙ୍କ ଜୁମା ମସଜିଦ୍, ମୋତି ମସଜିଦ୍, ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ଥିଲା । ସେ ମଧ୍ୟ ଦିଲ୍ଲୀର ଉପକଣ୍ଠ ଯମୁନାନଦୀ କୂଳରେ, 'ଶାହାଜାହାନ୍‌ବାଦ' ନଗରୀ ପ୍ରତିଷ୍ଠା କରିଥିଲେ । ଏଠାରେ ଲାଲକିଲ୍ଲା ବା ରେଡଫୋର୍ଟ ନିର୍ମାଣ କରାଯାଇଥିଲା। ଏହି ଦୁର୍ଗ ମଧ୍ୟରେ ଥିବା ସୌଧମାନଙ୍କ ମଧ୍ୟରେ ମୋତି ମହଲ୍, ହୀରା ମହଲ୍, ରଙ୍ଗମହଲ୍, ଦେୱାନ୍-ଇ-ଖାସ୍ ଓ ଦେୱାନ୍-ଇ-ଆମ୍ ଉଲ୍ଲେଖନୀୟ ଅଟେ ।

ପରିଶେଷରେ ୧୬୬୬ ଖ୍ରୀଷ୍ଟାବ୍ଦରେ ୭୪ବର୍ଷ ବୟସରେ ଶାହାଜାହାନ ୮ ବର୍ଷ ବନ୍ଦୀଶାଳାରେ ଜୀବନ କଟାଇ ମୃତ୍ୟୁବରଣ କରିଥିଲେ ।


ଔରଙ୍ଗଜେବ୍

## ଔରଙ୍ଗଜେବ (୧୬୫୮-୧୭୦୭)

ପିତା ଶାହାଜାହାନ୍ ଜୀବିତ ଥିବା ଅବସ୍ଥାରେ ୧୬୫୮ ଖ୍ରୀଷ୍ଟାବ୍ଦରେ ଔରଙ୍ଗଜେବ୍ ସିଂହାସନ ଅଧିକାର କରିଥିଲେ ।

### ଧର୍ମନୀତି:

ଔରଙ୍ଗଜେବ୍ ଜଣେ ନୈଷ୍ଠିକ ମୁସଲମାନ ଥିଲେ । ହିନ୍ଦୁମାନଙ୍କ ପ୍ରତି ତାଙ୍କର ବିଦ୍ୱେଷ ମନୋଭାବ ଥିଲା। ସେ ହିନ୍ଦୁମାନଙ୍କ ଉପରେ ପୁଣିଥରେ ଜିଜିୟା ଓ ତୀର୍ଥଯାତ୍ରୀ କର ବସାଇଥିଲେ । ସେ ରାଜପୁତ୍‌ମାନଙ୍କୁ ମଧ୍ୟ ହତାଦର କରୁଥିଲେ। ଶିଖ ମାନଙ୍କ ଉପରେ ମଧ୍ୟ ଅତ୍ୟାଚାର କରୁଥିଲେ ଫଳରେ ଦେଶର ଚାରିଆଡେ ଅଶାନ୍ତି ଦେଖା ଦେଇଥିଲା। ଯାହାର ଫଳସ୍ୱରୂପ ଜାଠ୍, ଶିଖ, ସତ୍‌ନାମୀ, ବୁନ୍ଦେଲ୍, ରାଜପୁତ୍ ଓ ମରହଟ୍ଟାମାନେ ଔରଙ୍ଗଜେବଙ୍କ ଧର୍ମାନ୍ଧତା ଓ ହିନ୍ଦୁ ବିଦ୍ୱେଷ ନୀତି ବିରୁଦ୍ଧରେ ବିଦ୍ରୋହ କରିଥିଲେ ।

### ରାଜ୍ୟଜୟ ଓ ବିଦ୍ରୋହ ଦମନ:

ଔରଙ୍ଗଜେବ୍ ଆସାମ ଓ କୁଚବିହାର ଜୟ କରିଥିଲେ । ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ବାସ କରୁଥିବା ପାହାଡ଼ିଆ ଜାତିମାନଙ୍କର ବିଦ୍ରୋହ ଦମନ କରି ସେ ସୀମାନ୍ତରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ସେ ମଥୁରାର ଜାଠ ଓ ପଞ୍ଜାବର ସତ୍‌ନାମୀମାନଙ୍କର ବିଦ୍ରୋହ ଦୃଢ଼ ହସ୍ତରେ ଦମନ କରିଥିଲେ । ମେୱାରର ରାଜା ଜୟସିଂହ ଔରଙ୍ଗଜେବ୍‌ଙ୍କ ସହ ସନ୍ଧି କରିଥିଲେ କିନ୍ତୁ ଦୁର୍ଗାଦାସଙ୍କ ନେତୃତ୍ୱରେ ମାରୱାରର ରାଜପୁତମାନେ ଔରଙ୍ଗଜେବ୍‌ଙ୍କ ସହିତ ଅସୀମ ବୀରତ୍ୱର ସହ ଯୁଦ୍ଧ କରି ତାଙ୍କର ଅଧୀନତା ସ୍ୱୀକାର କରି ନ ଥିଲେ ।

ଔରଙ୍ଗଜେବ୍ ଶିଖ୍‌ମାନଙ୍କ ନବମଗୁରୁ 'ତେଗ୍ ବାହାଦୂର' ଇସଲାମଧର୍ମ ଗ୍ରହଣ କରିବାକୁ ମନା କରିବାରୁ ସେ ତାଙ୍କୁ ହତ୍ୟା କଲେ । ଫଳରେ ଶିଖମାନଙ୍କ ଦଶମଗୁରୁ ଗୋବିନ୍ଦସିଂହ ପିତାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଔରଙ୍ଗଜେବ୍‌ଙ୍କ ବିରୋଧରେ ସଂଗ୍ରାମ ଚଳାଇ ଥିଲେ ।

**ତୁମେ ଜାଣିଛ କି ?**

ଔରଙ୍ଗଜେବ୍ ନୈଷ୍ଠିକ ମୁସଲମାନ ଥିଲେ । ସେ କେବଳ ମୁସଲମାନଙ୍କୁ ହିଁ ଭଲ ପାଉଥିଲେ ।

**ଚିନ୍ତା କର ।**

ତୁମ ମତରେ, ଜଣେ ରାଜାଙ୍କର ଧର୍ମନୀତି ଓ ରାଜ୍ୟଶାସନ ନୀତି ମଧ୍ୟରୁ କେଉଁଟା ପ୍ରଧାନ ଓ କାହିଁକି ? ଔରଙ୍ଗଜେବ୍‌ଙ୍କୁ ଦୃଷ୍ଟିରେ ରଖି ଚିନ୍ତା କର ।

ଶିବାଜୀଙ୍କ ନେତୃତ୍ୱରେ ମରହଟ୍ଟାମାନେ ଦାକ୍ଷିଣାତ୍ୟରେ କ୍ରମଶଃ କ୍ଷମତା ବିସ୍ତାର କରିଥିଲେ କିନ୍ତୁ ଅହମ୍ମଦନଗର, ଗୋଲକୁଣ୍ଡା ଓ ବିଜାପୁର ଜୟ କରି ଔରଙ୍ଗଜେବ୍ ମୋଗଲ ସାମ୍ରାଜ୍ୟଭୁକ୍ତ କରିଥିଲେ । ଭାରତର ପୂର୍ବ ଓ ପଶ୍ଚିମ ଉପକୂଳକୁ ଔରଙ୍ଗଜେବ୍ ପର୍ତ୍ତୁଗୀଜ୍ ଓ ଇଂରେଜମାନଙ୍କ ଉପଦ୍ରବରୁ ରକ୍ଷା କରିଥିଲେ । ସେ ପର୍ତ୍ତୁଗୀଜ ଜଳଦସ୍ୟୁମାନଙ୍କୁ ଜବତ କରି ଚଟ୍ଟଗ୍ରାମ ଅଧିକାର କରିଥିଲେ । ଔରଙ୍ଗଜେବ୍ ଇଂରେଜ ଜଳଦସ୍ୟୁମାନଙ୍କୁ ଦମନ କରି ସେମାନଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ଜୋରିମାନା ଆଦାୟ କରିଥିଲେ ।




ଔରଙ୍ଗଜେବ୍ ୧୭୦୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ । ସେ ଜଣେ ସଂଯମୀ ଓ କର୍ତ୍ତବ୍ୟ ପରାୟଣ ରାଜା ଥିଲେ । ଅନ୍ୟ ମୋଗଲ ସମ୍ରାଟଙ୍କ ଭଳି ତାଙ୍କ ଜୀବନ ବିଳାସମୟ ନ ହୋଇ ସରଳ ଓ ନିରାଡ଼ମ୍ବର ଥିଲା ।

ନିମ୍ନ ଲିଖିତ ଟେବୁଲରେ ୧୫୨୬ ଖ୍ରୀଷ୍ଟାବ୍ଦରୁ ୧୭୦୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ଶାସନ କରିଥିବା ମୋଗଲ ସମ୍ରାଟମାନଙ୍କ ନାମ ଓ ସମୟ ତାଲିକା କର ।

| ନାମ | ଖ୍ରୀଷ୍ଟାବ୍ଦ |
|---|---|
| | |

## ମୋଗଲ ଶାସକମାନଙ୍କର ଅନ୍ୟ ଶାସକମାନଙ୍କ ସହ ସଂପର୍କ:

ମୋଗଲମାନେ ଅତ୍ୟନ୍ତ କ୍ଷମତାଶାଳୀ ଥିଲେ । ଭାରତର ଯେଉଁ ରାଜା ବଶତା ସ୍ୱୀକାର କରୁ ନ ଥିଲେ, ତାଙ୍କ ବିରୁଦ୍ଧରେ ସେମାନେ ଯୁଦ୍ଧ କରୁଥିଲେ ତେଣୁ ଭାରତର ଅନେକ ଶାସକ ସେମାନଙ୍କ ସହ ସନ୍ଧି କରିବା ପାଇଁ ଆଗେଇ ଆସୁଥିଲେ । ସେମାନଙ୍କମଧ୍ୟରୁ ରାଜପୁତ୍‌ମାନେ ପ୍ରଥମ ଥିଲେ । ଅନେକ ରାଜପୁତ୍ ରାଜା ସେମାନଙ୍କ କନ୍ୟାଙ୍କୁ ମୋଗଲ ପରିବାରରେ ବିବାହ କରାଇ ମୋଗଲ ଦରବାରରେ ଉଚ୍ଚ ପଦବୀ ପାଇଥିଲେ । ସେମାନଙ୍କ ମଧ୍ୟରୁ ଜାହାଙ୍ଗୀରଙ୍କ ମାତା ଅମ୍ବର(ଜୟପୁର)ର ଶାସକଙ୍କ ରାଜପୁତ କନ୍ୟା ଥିଲେ । ଶାହାଜାହାନ୍‌ଙ୍କ ମାତା ରାଠୋର ରାଜକୁମାରୀ ଥିଲେ, ଯେକି ମାରୱାରର (ଯୋଧପୁର) ଶାସକ ଥିଲେ ।

**ଚିନ୍ତା କର !**

ତୁମ ମତରେ ଜଣେ ଶାସକ ତାର ପଡୋଶୀ ରାଜ୍ୟମାନଙ୍କ ସହ କିପରି ସଂପର୍କ ରଖିବା ଉଚିତ ?

ଶିଶୋଦୀୟ ରାଜପୁତମାନେ ମୋଗଲ ଶାସକଙ୍କ ବଶତା ସ୍ୱୀକାର କରିବା ପାଇଁ ମନା କରିଥିଲେ । ମୋଗଲମାନେ ସେମାନଙ୍କୁ ପରାଜିତ କରିଥିଲେ । ମାତ୍ର ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେଇ ତାଙ୍କ ଜମିକୁ ଫେରାଇ ଦେଇଥିଲେ । ଶତ୍ରୁମାନେ ପରାଜିତ ହୋଇ ସାରିବା ପରେ ମଧ୍ୟ ମୋଗଲମାନେ ତାଙ୍କୁ ଅସମ୍ମାନ କରୁ ନ ଥିଲେ । ଫଳରେ ଅନେକ ରାଜପୁତ୍ ରାଜାମାନଙ୍କ ଉପରେ ମୋଗଲ ଶାସକମାନେ ପ୍ରଭାବ ବିସ୍ତାର କରିବା ଅତ୍ୟନ୍ତ ସୁବିଧା ହେଉଥିଲା କିନ୍ତୁ ଔରଙ୍ଗଜେବ୍ ଶାସକ ଥିବା ସମୟରେ ସେ ଶିବାଜୀଙ୍କୁ ଅପମାନିତ କରିବା ଦ୍ୱାରା ତାର କୁପ୍ରଭାବ ମୋଗଲ ସାମ୍ରାଜ୍ୟ ଉପରେ ପଡ଼ିଥିଲା।

## ମୋଗଲ ଶାସନ:

ମୋଗଲମାନେ ଭାରତରେ ଯେ କେବଳ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ତାହା ନୁହେଁ, ସୁଶାସନ ମଧ୍ୟ ପ୍ରତିଷ୍ଠା କରିଥିଲେ । ସୁଶାସନ ପାଇଁ ମୋଗଲ ସମ୍ରାଟ ଆକବର ଇତିହାସରେ ଅମର ହୋଇ ରହିଛନ୍ତି।

ଆକବରଙ୍କ ଶାସନ ନୀତି ଥିଲା କେନ୍ଦ୍ରୀୟ ରାଜତନ୍ତ୍ର । ରାଜା ଥିଲେ ଶାସନର ସର୍ବୋଚ୍ଚ କର୍ତ୍ତା- ସୈନ୍ୟବାହିନୀର ମୁଖ୍ୟ ଓ ସର୍ବୋଚ୍ଚ ନ୍ୟାୟାଧୀଶ । ଶାସନରେ ପରାମର୍ଶ ଦେବା ପାଇଁ ଏକ ମନ୍ତ୍ରୀ ପରିଷଦ ଓ ଅନ୍ୟାନ୍ୟ କର୍ମଚାରୀ ରଖିଥିଲେ ।

ଶାସନର ସୁପରିଚାଳନା ପାଇଁ ଆକବର ତାଙ୍କ ସାମ୍ରାଜ୍ୟକୁ ୧୫ଟି ସୁବା ବା ପ୍ରଦେଶରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ସୁବାକୁ ଜଣେ ଜଣେ ସୁବାଦାର ଶାସନ କରୁଥିଲେ । ତାଙ୍କ ନିକଟରେ ଅନେକ ନିମ୍ନ ପଦସ୍ଥ କର୍ମଚାରୀ ରହୁଥିଲେ । ପ୍ରତ୍ୟେକ ସୁବା କେତେକ ସରକାର ବା ଜିଲ୍ଲାରେ ବିଭକ୍ତ ହୋଇଥିଲା। ଏହାର ଶାସନ କାର୍ଯ୍ୟ ମୁଖ୍ୟତଃ ଚାରିଜଣ କର୍ମଚାରୀଙ୍କ ଉପରେ ନ୍ୟସ୍ତ ଥିଲା। ପ୍ରତ୍ୟେକ 'ସରକାର' କେତେକ ପ୍ରଗଣାରେ ବିଭକ୍ତ ହୋଇଥିଲ । ଏବଂ ପ୍ରତ୍ୟେକଟି ପାଇଁ ଚାରିଜଣ ମୁଖ୍ୟ କର୍ମଚାରୀ ନିଯୁକ୍ତ ପାଇଥିଲେ । ଗ୍ରାମଗୁଡ଼ିକୁ ନେଇ 'ପ୍ରଗଣା' ଗଠିତ ହୋଇଥିଲା।

ସାମରିକ ଶାସନ ବା ମନସବ୍‌ଦାରୀ ପ୍ରଥା ଆକବର ପ୍ରଚଳନ କରିଥିଲେ ।

**ଚିନ୍ତା କର।**

ମୋଗଲମାନଙ୍କ ଶାସନ ପ୍ରଣାଳୀ ସହିତ ବର୍ତ୍ତମାନ ଆମ ଭାରତର ଶାସନ ପ୍ରଣାଳୀର କଣ ସାମଞ୍ଜସ୍ୟ ଅଛି, ଲେଖ ।

ଆକବରଙ୍କ ସମୟରେ ସେ ହିନ୍ଦୁମାନଙ୍କ ଉପରୁ ତୀର୍ଥକର ଓ ଜିଜିୟା କର ଉଠାଇ ଦେଇଥିଲେ। ଭୂ-ରାଜସ୍ୱ ଦେଶର ସର୍ବଶ୍ରେଷ୍ଠ ଆୟ ଥିଲା। ଉତ୍ପାଦନର ୧/୩ ଅଂଶ ଭୂ-

ରାଜସ୍ୱ ରୂପେ ନେଉଥିଲେ । ଆକବରଙ୍କ ବିଚାର ବ୍ୟବସ୍ଥା ମଧ୍ୟ ବହୁତ ଉନ୍ନତ ଧରଣର ଥିଲା। ହିନ୍ଦୁମାନଙ୍କ ପାଇଁ ହିନ୍ଦୁ ବିଚାରପତି ନିଯୁକ୍ତି ପାଇଥିଲେ ।

**ତୁମେ ଜାଣିଛ କି?**

ଆକବର ଓ ଜାହାଙ୍ଗୀରଙ୍କ ଶାସନ କାଳରେ ଧନୀ, ଗରିବ, କ୍ଷମତାଶାଳୀ ଓ ଦୁର୍ବଳ ଶ୍ରେଣୀର ଲୋକମାନେ ସମାନ ନ୍ୟାୟ ପାଉଥିଲେ ।

## ମୋଗଲ ଶାସକମାନଙ୍କ ଧର୍ମନୀତି:

ମୋଗଲ ସମ୍ରାଟମାନେ ଇସଲାମ ଧର୍ମାବଲମ୍ବୀ ଥିଲେ ମଧ୍ୟ ଔରଙ୍ଗଜେବଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ମୁସଲମାନ ଶାସକମାନେ ଅତ୍ୟନ୍ତ ଉଦାର ଥିଲେ । ପ୍ରାଚୀନ କାଳରୁ ଭାରତରେ ଦେଖା ଦେଇଥିବା ଧର୍ମଭାବନା ପ୍ରତି ସେମାନେ ସମ୍ମାନ ଜଣାଇଥିଲେ । ଏହି ସମୟରେ ଭାରତରେ ଶୈବ ଧର୍ମ, ବୈଷ୍ଣବଧର୍ମ, ଶିଖ ଧର୍ମ, ଇସଲାମ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ଜୈନ ଧର୍ମ ଏବଂ ଜୋରାଷ୍ଟର ଧର୍ମ ମଧ୍ୟ ପ୍ରଚଳିତ ଥିଲା। ଫଳରେ ସମସ୍ତ ଧର୍ମାବଲମ୍ବୀ ମଧ୍ୟରେ ସୁସଂପର୍କ ଥିଲା।

ମୋଗଲ ସମ୍ରାଟମାନଙ୍କ ମଧ୍ୟରେ ମହାନୁଭବ ଆକବରଙ୍କ 'ଦିନ୍-ଇ-ଇଲାହୀ' ଧର୍ମ ଥିଲା ସବୁଠାରୁ ଶ୍ରେଷ୍ଠକୃତି । ପ୍ରତ୍ୟେକ ଧର୍ମ ମଧ୍ୟରେ ପ୍ରୀତି ସ୍ଥାପନ କରି ଏକ ସର୍ବଭାରତୀୟ ଜାତି ଗଠନ କରିବା ଆକବରଙ୍କ ଉଦ୍ଦେଶ୍ୟ ଥିଲା। ଆକବର ହିନ୍ଦୁମାନଙ୍କ ଉପରୁ ଘୃଣ୍ୟ ଯାତ୍ରୀ କର ଓ ଜିଜିୟା କର ଉଠାଇଦେଇ ସବୁ ଧର୍ମର ଲୋକଙ୍କୁ ସମାନ ସୁବିଧା ସୁଯୋଗ ଦେଇଥିଲେ ମାତ୍ର ଔରଙ୍ଗଜେବ୍‌ଙ୍କ ଶାସନ ସମୟରେ ହିନ୍ଦୁମାନଙ୍କୁ କୌଣସି ଉଚ୍ଚ ପଦ ପଦବୀରେ ନିଯୁକ୍ତି ଦିଆଗଲା ନାହିଁ । ଔରଙ୍ଗଜେବ୍‌ଙ୍କ ହିନ୍ଦୁ ବିରୋଧ ନୀତି ଯୋଗୁଁ ମୋଗଲ ସାମ୍ରାଜ୍ୟ ପତନଆଡ଼କୁ ଯାଇଥିଲା।

ମୋଗଲ ଶାସକଙ୍କ ଧର୍ମନୀତି ମଧ୍ୟରୁ ତୁମକୁ କାହା ଧର୍ମନୀତି ଭଲ ଲାଗୁଛି ଓ କାହିଁକି ? ଚିନ୍ତା କରି ଲେଖ ।

## ମୋଗଲ ଶାସନ ସମୟରେ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥା

ମୋଗଲ ଶାସନ କାଳରେ ସମ୍ରାଟ ସମାଜର ପ୍ରଥମ ନାଗରିକ ଥିଲେ ଏବଂ ସାମ୍ରାଜ୍ଞୀ ସମାଜର ପ୍ରଥମ ମହିଳା ଥିଲେ । ତତ୍‌କାଳୀନ ମୁସଲମାନ ସମାଜ ଚାରିଶ୍ରେଣୀରେ ବିଭକ୍ତ ହୋଇଥିଲା। ସମ୍ରାଟଙ୍କ ପରେ ସମାଜରେ ସମ୍ଭ୍ରାନ୍ତ ଶ୍ରେଣୀ, ମଧ୍ୟବିତ୍ତ ଶ୍ରେଣୀ ଓ ସର୍ବନିମ୍ନ ଶ୍ରେଣୀ ରହୁଥିଲେ । ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ ବିଳାସରେ ଜୀବନ ଅତିବାହିତ କରୁଥିଲେ । ମଧ୍ୟବିତ୍ତ ଶ୍ରେଣୀରେ ବ୍ୟବସାୟୀ, ଲେଖକ, ବୈଦ୍ୟ, କଳାକାର, ଇତ୍ୟାଦି ଥିଲେ । ସର୍ବନିମ୍ନ ଶ୍ରେଣୀରେ କୃଷକ, ବଣିକ, ଶ୍ରମିକ, ସୁନାରୀ ଇତ୍ୟାଦି ଥିଲେ । ଏମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା। ସୁଲତାନୀ ଶାସନ ପରି ମୋଗଲ ଶାସନ କାଳରେ ମଧ୍ୟ ସମାଜରେ ଦାସତ୍ୱ ପ୍ରଥା ପ୍ରଚଳନ ଥିଲା।

ମୁସଲମାନମାନେ ଭୋଜନରେ ଭାତ, ରୁଟି ଏବଂ ବିଭିନ୍ନ ପ୍ରକାର ମାଂସ ଖାଦ୍ୟରୂପେ ଗ୍ରହଣ କରୁଥିଲେ । ବିରିୟାନୀ ଏବଂ କଟମ୍ବର ସେମାନଙ୍କର ପ୍ରିୟ ଖାଦ୍ୟ ଥିଲା। ସେମାନେ ସେଓ, ଅଙ୍ଗୁର, ଡାଳିମ୍ବ ଆଦି ଫଳ ଖାଇବା ସହ ରଙ୍ଗୀନ ସରବତ ପାନୀୟ ଆକାରରେ ବ୍ୟବହାର କରୁଥିଲେ । ହିନ୍ଦୁମାନଙ୍କର ପ୍ରିୟଖାଦ୍ୟ ଖେଚୁଡ଼ି ଥିଲା। ଉତ୍ତର ଭାରତର

**ଚିନ୍ତା କର**

ମୋଗଲ ଯୁଗରେ ଯେଉଁ ଭଳି ସମାଜରେ ଶ୍ରେଣୀ ବିଭାଗ ଥିଲା, ବର୍ତ୍ତମାନ ଆମ ସମାଜରେ ସେପରି ଅଛି କି ?

ହିନ୍ଦୁମାନେ ମୁଖ୍ୟତଃ ରୁଟି ପ୍ରିୟ ଥିଲେ । ପର୍ବପର୍ବାଣୀରେ ହିନ୍ଦୁମାନେ ପୁରୀ, ଲୁଚି ଏବଂ ଖିରି ଆଦି ପ୍ରସ୍ତୁତ କରୁଥିଲେ ।

ମୋଗଲ ଶାସକମାନେ ଦାମୀ ପୋଷାକ ପରିଧାନ କରୁଥିଲେ । ମୁସଲମାନ ରମଣୀମାନେ ସାଲୱାର, କୁର୍ତ୍ତା ପରିଧାନ କରୁଥିଲେ । ସେମାନେ କଜ୍ଜଳ, ଅତର, ଗୋଲାପଜଳ, ନଖରଞ୍ଜକ, ମେହେନ୍ଦୀ ଆଦି ପ୍ରସାଧନ ସାମଗ୍ରୀ ବ୍ୟବହାର କରୁଥିଲେ । ସେପରି ସମ୍ଭ୍ରାନ୍ତ ହିନ୍ଦୁମାନେ ମୂଲ୍ୟବାନ ପୋଷାକ ପରିଧାନ କରୁଥିଲେ । ସାଧାରଣ ଜନତା ମୋଟା ସୂତାରେ ବୁଣା ଯାଉଥିବା ପୋଷାକ ପିନ୍ଧୁଥିଲେ ଏବଂ ମୁଣ୍ଡରେ ପଗଡ଼ି ବାନ୍ଧୁଥିଲେ । ନାରୀମାନେ କଜ୍ଜଳ, ସିନ୍ଦୁର, ଅତର ଏବଂ ନଖରଂଜକ ଆଦି ବ୍ୟବହାର କରୁଥିଲେ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଚିତା କୁଟାଉଥିଲେ ।

> ସେହି ସମୟରେ ମୁସଲମାନମାନେ ଖାଉଥିବା କେଉଁ ଖାଦ୍ୟ ବର୍ତ୍ତମାନ ମଧ୍ୟ ମୁସଲମାନଙ୍କର ପ୍ରିୟ ଖାଦ୍ୟ ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ମୋଗଲ ଯୁଗର ସମ୍ରାଟ ଓ ସମ୍ଭ୍ରାନ୍ତମାନେ ନୌବିହାର, ଶିକାର, ଖଣ୍ଡାଯୁଦ୍ଧ, ଘୋଡାଦୌଡ଼, ତୀରଚାଳନା ଦ୍ୱାରା ଅବସର ବିନୋଦନ କରୁଥିଲେ । ସାଧାରଣ ମୁସଲମାନମାନେ ଶତରଞ୍ଜ, ଗୁଡ଼ି ଉଡ଼ା, ପାରା ଉଡ଼ା, କୁକୁଡ଼ା ଲଢ଼େଇ ଆଦି ଖେଳରେ ଅବସର ବିନୋଦନ କରୁଥିଲେ । ଏହି ସମୟରେ ହିନ୍ଦୁମାନେ ମଲ୍ଲଯୁଦ୍ଧ, କୁସ୍ତୀ ଓ ଶିକାର ଆଦି ମାଧ୍ୟମରେ ଅବସର ବିନୋଦନ କରୁଥିଲେ । ଏହା ସହିତ ପଶାପାଲି, ବାଦ୍ୟଯନ୍ତ୍ର, ରାମଲୀଳା, କୃଷ୍ଣଲୀଳା ତଥା ଯାଦୁଖେଳ ଆଦି ଦର୍ଶନ କରି ଅବସର ବିନୋଦନ କରୁଥିଲେ ।

ମୁସଲମାନମାନେ ମହରମ୍, ଇଦ୍ ଏବଂ ହିନ୍ଦୁମାନେ ଜନ୍ମଉତ୍ସବ, ନାମକରଣ, ମୁଣ୍ଡନକର୍ମ, ରକ୍ଷାବନ୍ଧନ, ଜନ୍ମାଷ୍ଟମୀ, ଦୀପାବଳୀ, ଶିବରାତ୍ରୀ, ରାମ ନବମୀ ଆଦି ପର୍ବପର୍ବାଣୀ ପାଳନ କରୁଥିଲେ ।

> ମୋଗଲ ସମୟରେ ହିନ୍ଦୁ ଓ ମୁସଲମାନ ନାରୀମାନେ ବ୍ୟବହାର କରୁଥିବା ପୋଷାକ ଓ ପ୍ରସାଧନ ସାମଗ୍ରୀ ମଧ୍ୟରୁ ବର୍ତ୍ତମାନ କେଉଁଗୁଡ଼ିକ ବ୍ୟବହାର ହେଉଛି, ଲେଖ ।

ମୋଗଲ ଯୁଗରେ ମୁସଲମାନମାନେ ବିଦ୍ୟାଳୟ ଶିକ୍ଷା ସମାପନ କରି ମଦ୍ରାସାରେ ଅଧ୍ୟୟନ କରୁଥିଲେ । ହିନ୍ଦୁ ଛାତ୍ରମାନେ ପ୍ରାଥମିକ ବିଦ୍ୟାଳୟ ବା ଟୋଲ ବିଦ୍ୟା ଲାଭ କରି ଉଚ୍ଚ ଶିକ୍ଷା ପାଇଁ ଶିକ୍ଷାକେନ୍ଦ୍ରକୁ ଯାଉଥିଲେ ।

### ସାହିତ୍ୟ, କଳା ଓ ସ୍ଥାପତ୍ୟର ବିକାଶ:

ମୋଗଲ ରାଜତ୍ୱ କାଳରେ ପାର୍ସୀ, ଆରବୀ, ଉର୍ଦ୍ଦୁ, ହିନ୍ଦୀ ଭାଷା ଓ ସାହିତ୍ୟରେ ବିଶେଷ ଉନ୍ନତି ସାଧିତ ହୋଇଥିଲା। ମୋଗଲ ଦରବାରରେ ଅନେକ ବିଶିଷ୍ଟ କବି, ସାହିତ୍ୟିକ ଓ ଐତିହାସିକ ଥିଲେ । ଆକବର ନିଜେ ନିରକ୍ଷର ଥିଲେ ମଧ୍ୟ ସାହିତ୍ୟ ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା। ବାବର, ହୁମାୟୁନ୍, ଜାହାଙ୍ଗୀର ଓ ଔରଙ୍ଗଜେବ୍ ନିଜ ନିଜର ଆତ୍ମଚରିତ ଲେଖି ମୋଗଲ ଯୁଗର ସାହିତ୍ୟକୁ ପରିପୁଷ୍ଟ କରିଥିଲେ । କବୀର ଓ ତୁଳସୀଦାସଙ୍କ ରଚିତ ଗ୍ରନ୍ଥଗୁଡ଼ିକ ବେଶ ଜନପ୍ରିୟ ହୋଇ ପାରିଥିଲା। ଅନ୍ଧ କବି ସୁର ଦାସ 'ସୁରସାଗର' ରଚନା କରିଥିଲେ । ରସ ଖାଁଙ୍କ ଭକ୍ତି ଗୀତ ଗୁଡ଼ିକ ମଧ୍ୟରେ 'ପ୍ରେମ ବାଟିକା' ପ୍ରସିଦ୍ଧ । ଅନେକ ପ୍ରାଚୀନ ହିନ୍ଦୁ ଗ୍ରନ୍ଥ ପାର୍ସୀ ଭାଷାରେ ଅନୁବାଦିତ ହୋଇଥିଲା। ସାହିତ୍ୟ ମାଧ୍ୟମରେ ହିନ୍ଦୁ ଓ ଇସଲାମ ସଂସ୍କୃତିର ସମନ୍ୱୟ ଘଟିଥିଲା।

## କଳା ଓ ସ୍ଥାପତ୍ୟ:

ମୋଗଲ ଯୁଗର କଳା ଓ ସ୍ଥାପତ୍ୟ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଆଦୃତ ହୋଇଥିଲା। ମୋଗଲ ବଂଶର ଜନପ୍ରିୟ ଶାସକ ଆକବର ଏବଂ ଶାହାଜାହାନ୍‌ଙ୍କ ପୃଷ୍ଠପୋଷକତା ଲାଭ କରି ସେହି ସମୟରେ କଳା ଓ ସ୍ଥାପତ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା। ଶାହାଜାହାନ୍‌ଙ୍କ ରାଜତ୍ୱକାଳ ମୋଗଲ କଳା ଓ ସ୍ଥାପତ୍ୟର ସୁବର୍ଣ୍ଣ ଯୁଗ ରୂପେ ପ୍ରସିଦ୍ଧ ।

ମୋଗଲ ସମ୍ରାଟମାନେ ଅଜସ୍ର ଅର୍ଥ ବ୍ୟୟରେ କାରୁକାର୍ଯ୍ୟପୂର୍ଣ୍ଣ ମନୋରମ ରାଜପ୍ରସାଦ, ଦୁର୍ଗ, ମସଜିଦ, ସମାଧି, ସୌଧ ଆଦି ନିର୍ମାଣ କରିଥିଲେ । ଆକବରଙ୍କ ସମୟର ଆଗ୍ରାଦୁର୍ଗ, ଫତେପୁରସିକ୍ରିର ରାଜପ୍ରାସାଦ ଆଦି ଲାଲ ପଥରରେ ନିର୍ମିତ ହୋଇଥିଲା କିନ୍ତୁ ଶାହାଜାହାନ୍‌ଙ୍କ ସମୟରେ ମାର୍ବଲ ପଥରର ବ୍ୟବହାର ହେଲା। ଯମୁନା ନଦୀ କୂଳରେ ଥିବା ତାଜମହଲ ଶାହାଜାହାନ୍‌ଙ୍କ ଅଦ୍ୱିତୀୟ କୀର୍ତ୍ତି । ତାଙ୍କର ଅନ୍ୟାନ୍ୟ କୀର୍ତ୍ତିଗୁଡ଼ିକ ମଧ୍ୟରୁ ମୋତି ମସଜିଦ୍, ଲାଲକିଲ୍ଲା, ଜୁମା ମସଜିଦ୍ ଆଦି ପ୍ରସିଦ୍ଧ । ଏସବୁ କୀର୍ତ୍ତି ଇସଲାମ ଓ ଭାରତର କଳା ଶୈଳୀରେ ନିର୍ମିତ ହୋଇଥିଲା। ଏତଦ୍‌ବ୍ୟତୀତ ହୀରା, ମଣି ମୁକ୍ତା ଖଚିତ ବିଶ୍ୱ ବିଖ୍ୟାତ ମୟୂର ସିଂହାସନ ଶାହାଜାହାନ୍ ନିର୍ମାଣ କରିଥିଲେ ।

> ମୋଗଲ ସମ୍ରାଟମାନେ ତିଆରି କରିଥିବା କୀର୍ତ୍ତିଗୁଡ଼ିକୁ ତାଲିକା କର । ସେଗୁଡ଼ିକ ମଧ୍ୟରୁ ବର୍ତ୍ତମାନ କେଉଁ କେଉଁ କୀର୍ତ୍ତିଅଛି– ବୁଝି ଲେଖ ।

ଜାହାଙ୍ଗୀର୍‌ଙ୍କ ସମୟରେ ଚିତ୍ରକଳାର ବିକାଶ ହୋଇଥିଲା। ଜାହାଙ୍ଗୀର୍ ସାର୍ ଟମାସ୍ ରୋଙ୍କ ସଂସ୍ପର୍ଶରେ ଆସି ଇଉରୋପୀୟ ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇଥିଲେ । ବିସନ ଦାସ ତାଙ୍କ ଦରବାରର ଶ୍ରେଷ୍ଠ ଚିତ୍ରକର ଥିଲେ ।

### ଆମେ କଣ ଶିଖିଲେ ?

- ତୋଗଲକ ବଂଶର ପତନ ପରେ ଭାରତରେ ସୁଲତାନୀ ଶାସନ ଦୁର୍ବଳ ହୋଇ ପଡ଼ିଲା।
- ବାବର ପ୍ରଥମ ପାନିପଥ ଯୁଦ୍ଧରେ ଇବ୍ରାହୀମ ଲୋଦୀଙ୍କୁ ପରାସ୍ତ କରି ଭାରତରେ ମୋଗଲ ସାମ୍ରାଜ୍ୟର ମୂଳଦୁଆ ପକାଇଥିଲେ ।
- ବାବରଙ୍କ ପରେ ମୋଗଲ ସମ୍ରାଟ ହୁମାୟୁନ୍, ଆକବର, ଜାହାଙ୍ଗୀର, ଶାହାଜାହାନ ଓ ଔରଙ୍ଗଜେବ୍ ଦିଲ୍ଲୀ ସିଂହାସନରେ ବସି ଭାରତ ଶାସନ କରିଥିଲେ ।
- ମୋଗଲ ଶାସକମାନଙ୍କ ମଧ୍ୟରେ ଆକବର ସର୍ବଶ୍ରେଷ୍ଠ ଥିଲେ ।
- ଆକବର ସବୁ ଧର୍ମର ସାରକଥାକୁ ନେଇ 'ଦିନ୍–ଇ–ଇଲାହୀ' ନାମରେ ଏକ ନୂତନ ଧର୍ମ ସୃଷ୍ଟି କରିଥିଲେ ।
- ଶାହାଜାହାନ୍ ତାଜମହଲ ତିଆରି କରିଥିଲେ। ମୋଗଲ ସମ୍ରାଟମାନେ ଅନେକ ଗୁଡ଼ିଏ ମସଜିଦ୍, ଓ ଦୁର୍ଗ ଇତ୍ୟାଦି ତିଆରି କରିଥିଲେ ।
- ସୁଶାସନ ପାଇଁ ମୋଗଲ ସମ୍ରାଟ ଆକବର ବିଭିନ୍ନ ପ୍ରକାର ବ୍ୟବସ୍ଥା କରିଥିଲେ । ମୋଗଲ ଶାସନ ସମୟକୁ କଳା ଓ ସ୍ଥାପତ୍ୟର'ସୁବର୍ଣ୍ଣ ଯୁଗ'କୁହାଯାଏ ।

# ପ୍ରଶ୍ନାବଳୀ

୧. ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) ତୋଗଲକ ବଂଶର ପତନ ପରେ ସୁଲତାନୀ ଶାସନ ଦୁର୍ବଳ ହୋଇ ପଡ଼ିଲା କାହିଁକି ?

ଖ) ବାବର ଭାରତରେ ମୋଗଲ ସାମ୍ରାଜ୍ୟର ମୂଳଦୁଆ ପକାଇଲେ କିପରି ?

ଗ) ହୁମାୟୁନ୍ କେଉଁ କେଉଁ ବିପଦର ସମ୍ମୁଖୀନ ହୋଇଥିଲେ ?

ଘ) ଶେର୍ ଖାଁ ହୁମାୟୁନଙ୍କୁ କିପରି ଅସୁବିଧାରେ ପକାଇଥିଲେ ?

ଙ) ଆକବର ମୋଗଲ ସାମ୍ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିଥିଲେ କିପରି ?

ଚ) ହଳଦୀଘାଟ ଯୁଦ୍ଧ କେତେ ଖ୍ରୀଷ୍ଟାବ୍ଦରେ ହୋଇଥିଲା ? ଏହି ଯୁଦ୍ଧର ଫଳାଫଳ କ'ଣ ହୋଇଥିଲା ?

ଛ) ଆକବର କାହିଁକି ଉଦାର ଧର୍ମନୀତି ଗ୍ରହଣ କରିଥିଲେ ?

ଜ) ନୁର୍‌ଜାହାନ୍ କିଏ ? ଜାହାଙ୍ଗୀର ଶାସନ କାଳରେ ତାଙ୍କର ଭୂମିକା କିପରି ଥିଲା ?

ଝ) ଶାହାଜାହାନ୍‌ଙ୍କ ସଫଳ କୃତିଗୁଡ଼ିକ କଣ ଥିଲା ?

ଞ) ଔରଙ୍ଗଜେବ୍‌ଙ୍କର ହିନ୍ଦୁମାନଙ୍କ ପ୍ରତି ମନୋଭାବ କିପରି ଥିଲା ?

ଟ) ମୋଗଲ ଶାସକମାନଙ୍କର ଅନ୍ୟ ଶାସକମାନଙ୍କ ସହ ସଂପର୍କ କିପରି ଥିଲା ?

ଠ) ମୋଗଲମାନଙ୍କର ଧର୍ମନୀତି କିପରି ଥିଲା ?

ଡ) ମୋଗଲ ଶାସନ ସମୟରେ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥା କିପରି ଥିଲା ?

ଢ଼) ମୋଗଲ ରାଜତ୍ୱ କାଳରେ ଭାଷା ଓ ସାହିତ୍ୟର ଉନ୍ନତି କିପରି ହୋଇଥିଲା ?

ଣ) ମୋଗଲ ଶାସନ ସମୟକୁ କଳା ଓ ସ୍ଥାପତ୍ୟର ସୁବର୍ଣ୍ଣ ଯୁଗ କୁହାଯାଏ କାହିଁକି ?

୨. ତଳ ପ୍ରଶ୍ନର କେତେକ ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ସେଗୁଡ଼ିକ ମଧ୍ୟରୁ ଯେଉଁ ଉତ୍ତରଟି ଠିକ୍ ତା ପାଖରେ ଠିକ୍ (✓) ଚିହ୍ନ ଦିଅ।

କ) ବାବରଙ୍କ ପିତାଙ୍କ ନାମ କଣ ଥିଲା ?

( ) ଶେଖର ମିର୍ଜା, ( ) ଉମର୍ ଶେଖ୍ ମିର୍ଜା, ( ) ଶେଖ୍ ଉମର୍ ମିର୍ଜା, ( ) ଶେଖ୍ ମିର୍ଜା

ଖ) ଘାଘରା ଯୁଦ୍ଧ କେତେ ଖ୍ରୀଷ୍ଟାବ୍ଦରେ ହୋଇଥିଲା ?

( ) ୧୫୨୯ ଖ୍ରୀଷ୍ଟାବ୍ଦ, ( ) ୧୫୩୦ ଖ୍ରୀଷ୍ଟାବ୍ଦ, ( ) ୧୫୩୧ ଖ୍ରୀଷ୍ଟାବ୍ଦ, ( ) ୧୫୩୨ ଖ୍ରୀଷ୍ଟାବ୍ଦ

ଗ) ପାରସ୍ୟର ବର୍ତ୍ତମାନ ନାମ କ'ଣ ?

( ) ଇରାକ୍, ( ) କୁଏତ, ( ) ସାଉଦି ଆରବ, ( ) ଇରାନ

ଘ) ଆକବରଙ୍କ ଅଭିଭାବକଙ୍କ ନାମ କଣ ଥିଲା ?

( ) ବୈରାମ୍ ଖାଁ, ( ) ଛୋଟେ ଖାଁ, ( ) ବଡେ ଖାଁ, ( ) ଉମର୍ ଖାଁ

ଙ) ଆକବର୍ ନିଜ ସାମ୍ରାଜ୍ୟକୁ କେତୋଟି ସୁବାରେ ଭାଗ କରିଥିଲେ ?

( ) ୧୨ଟି, ( ) ୧୩ଟି, ( ) ୧୪ଟି, ( ) ୧୫ଟି

ଚ) ଆକବରଙ୍କର ଜ୍ୟେଷ୍ଠପୁତ୍ରଙ୍କ ନାମ କଣ ଥିଲା ?

( ) ଅଲିମ୍, ( ) ସଲିମ୍, ( ) ଖୁରମ୍, ( ) ହଲିମ୍

ଛ) ମୋଗଲ ଶାସନ ସମୟରେ ଗ୍ରାମଗୁଡ଼ିକୁ ନେଇ କ'ଣ ଗଠିତ ହୋଇଥିଲା ?

( ) ଜିଲ୍ଲା, ( ) ରାଜ୍ୟ, ( ) ପ୍ରଗଣା, ( ) ଦେଶ

ଜ) ଅନ୍ଧ କବି ସୁର ଦାସ କ'ଣ ରଚନା କରିଥିଲେ ?

( ) ସୁର ସାଗର, ( )ଅମୃତ ସାଗର, ( ) ରାମ ଚରିତ ମାନସ, ( ) ପ୍ରେମ ବାଟିକା

ଝ) ଫତେପୁର ସିକ୍ରି ରାଜପ୍ରାସାଦ କେଉଁ ପଥରରେ ନିର୍ମିତ ହୋଇଥିଲା ?
( ) ମୁଗୁନି ପଥର, ( ) ଲାଲ ପଥର, ( ) ମାର୍ବଲ ପଥର, ( ) ନୀଳ ପଥର

୩. ଭୁଲ ଥିଲେ ଠିକ୍ କରି ଲେଖ ।

କ) ବାବର ଚେଙ୍ଗିଜ ଖାଁଙ୍କ ବଂଶଧର ଥିଲେ ।
ଖ) ହୁମାୟୁନ୍ ମହମ୍ମଦ ଶାହାଙ୍କୁ ପରାସ୍ତ କରି ଗୁଜୁରାଟ ଓ ମାଳବ ଅଧିକାର କରିଥିଲେ ।
ଗ) ମାନ ସିଂଙ୍କ ନେତୃତ୍ୱରେ ମୋଗଲମାନେ ହଳଦୀଘାଟ ଯୁଦ୍ଧରେ ରାଣା ରତନଙ୍କୁ ପରାସ୍ତ କରିଥିଲେ ।
ଘ) ବୀରବଲ୍ ଆକବରଙ୍କ ଦରବାରରେ ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ଥିଲେ ।
ଙ) ଲାଲକିଲ୍ଲା ଆକବର ପ୍ରତିଷ୍ଠା କରିଥିଲେ ।
ଚ) ଔରଙ୍ଗଜେବ୍ ଶିଖମାନଙ୍କ ନବମ ଗୁରୁ ଗୋବିନ୍ଦ ସିଂଙ୍କୁ ହତ୍ୟା କରିଥିଲେ ।
ଛ) ମାରୱାରର ବର୍ତ୍ତମାନ ନାମ ଜୟପୁର ଅଟେ ।
ଜ) ଆକବର ଉତ୍ପାଦନର ଏକ ଚତୁର୍ଥାଂଶ ଭୂ-ରାଜସ୍ୱ ରୂପେ ନେଉଥିଲେ ।
ଝ) ମୋଗଲ ଶାସନ କାଳରେ ମୁସଲମାନ ସମାଜ ୫ ଭାଗରେ ବିଭକ୍ତ ହୋଇଥିଲେ ।
ଞ) ରମୁ ଖାଁ ସୁରସାଗର ରଚନା କରିଥିଲେ ।

୪. 'କ' ସ୍ତମ୍ଭରେ ଥିବା ସମୟକୁ 'ଖ' ସ୍ତମ୍ଭରେ ଥିବା ଘଟଣାକୁ ଗାର ଦେଇ ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧୫୩୦ ଖ୍ରୀଷ୍ଟାବ୍ଦ | ଆକବରଙ୍କ ଦ୍ୱାରା ଇବାଦତ୍‌ଖାନା ନିର୍ମାଣ |
| ୧୫୭୫ ଖ୍ରୀଷ୍ଟାବ୍ଦ | ଜାହାଙ୍ଗୀରଙ୍କ ସିଂହାସନ ଆରୋହଣ |
| ୧୬୦୫ ଖ୍ରୀଷ୍ଟାବ୍ଦ | ଶାହାଜାହାନ୍‌ଙ୍କ ମୃତ୍ୟୁ |
| ୧୬୬୬ ଖ୍ରୀଷ୍ଟାବ୍ଦ | ଔରଙ୍ଗଜେବ୍‌ଙ୍କ ସିଂହାସନ ଆରୋହଣ |
| ୧୬୫୮ ଖ୍ରୀଷ୍ଟାବ୍ଦ | ହୁମାୟୁନ୍‌ଙ୍କ ସିଂହାସନ ଆରୋହଣ |
| | ଆକବରଙ୍କ ମୃତ୍ୟୁ |

## ତୁମ ପାଇଁ କାମ

ବିଭିନ୍ନ ଐତିହାସିକ କୀର୍ତ୍ତିର ଫଟୋଚିତ୍ର ସଂଗ୍ରହ କରି ଆଲବମ୍‌ଟିଏ ପ୍ରସ୍ତୁତ କର ।

# ଚତୁର୍ଥ ଅଧ୍ୟାୟ

# ଇଉରୋପୀୟମାନଙ୍କର ଭାରତ ଆଗମନ

GGVCGE

## ଭାରତକୁ ଜଳପଥରେ ଆବିଷ୍କାର

ପଞ୍ଚଦଶ ଶତାବ୍ଦୀରେ ଇଉରୋପୀୟମାନେ ଭାରତକୁ ଜଳପଥ ଆବିଷ୍କାର କରି ଏକ ଯୁଗାନ୍ତକାରୀ ଘଟଣା ସୃଷ୍ଟି କରିଥିଲେ । ବହୁ ପୁରୁଣା କାଳରୁ ଇଉରୋପୀୟ ରାଷ୍ଟ୍ରସମୂହ ଭାରତ ସହ ବାଣିଜ୍ୟ କାରବାର କରି ଆସୁଥିଲେ । ପାଟବସ୍ତ୍ର, ଲବଙ୍ଗ, ମରିଚ ଆଦି ମସଲା, ମୂଲ୍ୟବାନ ପଥର, ହାତୀଦାନ୍ତ ଆଦି ବିଳାସ ସାମଗ୍ରୀ ଇଉରୋପୀୟମାନଙ୍କର ଅତି ପ୍ରିୟ ହୋଇଥିବାରୁ ଏଗୁଡ଼ିକ ପ୍ରଚୁର ପରିମାଣରେ ଇଉରୋପୀୟ ଦେଶମାନଙ୍କୁ ଭାରତରୁ ରପ୍ତାନୀ ହେଉଥିଲା ।

**ତୁମେ ଜାଣିଛ କି?**

ପ୍ରଥମ ଶତାବ୍ଦୀରେ ରୋମ୍‌ରେ ଶାସନ କରୁଥିବା ଅଗଷ୍ଟସ୍‌ଙ୍କ ରାଜତ୍ୱ ସମୟରେ ରୋମ ଓ ଭାରତର ବାଣିଜ୍ୟିକ ସଂପର୍କ ଚରମ ସୀମାରେ ପହଞ୍ଚିଥିଲା ।

ତ୍ରୟୋଦଶ ଶତାବ୍ଦୀରେ ଇଟାଲୀର ମାର୍କୋପୋଲୋ ନାମକ ଏକ ସାହାସୀ ଯୁବକ ଏସିଆ ଭ୍ରମଣ କରିଥିଲେ । ସେ ନିଜ ଦେଶକୁ ଫେରି ଭାରତର ହୀରା, ମୁକ୍ତା, ସୂକ୍ଷ୍ମ କାର୍ପାସ ବସ୍ତ୍ର ଓ ଅନ୍ୟାନ୍ୟ ଉତ୍କୃଷ୍ଟ ଜିନିଷ ବିଷୟରେ ଲୋକମାନଙ୍କ ଆଗରେ ବର୍ଣ୍ଣନା କଲେ । ମାର୍କୋପୋଲୋଙ୍କ ଏହି ବର୍ଣ୍ଣନା ବହୁ ସଂଖ୍ୟାରେ ଇଉରୋପୀୟମାନଙ୍କୁ ଭାରତ ଆସିବାକୁ ଉତ୍ସାହିତ କରିଥିଲା । ମାତ୍ର ସେତେବେଳେ ଇଉରୋପରୁ ଭାରତ ଆସିବାକୁ କୌଣସି ସିଧା ରାସ୍ତା ନଥିଲା । ତେଣୁ ଭାରତରେ ଉତ୍ପାଦିତ ହେଉଥିବା ଜିନିଷଗୁଡ଼ିକ କାବୁଲ, ଆଫଗାନିସ୍ଥାନ, ପାରସ୍ୟ ଓ କନଷ୍ଟାଣ୍ଟିନୋପଲ୍ ଇତ୍ୟାଦି ଦେଶ ଦେଇ ବୁଲାଣି ବାଟରେ ଇଉରୋପୀୟ ଦେଶମାନଙ୍କରେ ପହଞ୍ଚୁଥିଲା । ବୁଲାଣି ରାସ୍ତା ଦେଇ ମାଲଗୁଡ଼ିକ ପରିବହନ ହେଉଥିବାରୁ ଏହାର ମୂଲ୍ୟ ଅତ୍ୟଧିକ ହେଉଥିଲା । ଏହା ସତ୍ତ୍ୱେ ଇଉରୋପୀୟ ଦେଶମାନଙ୍କ ସହିତ ଭାରତର ବାଣିଜ୍ୟ କାରବାର ଚାଲୁଥିଲା ।



ଷୋଡ଼ଶ ଶତାବ୍ଦୀର ଏକ ଜାହାଜର ନମୁନା

ତୁମ ଅଂଚଳରେ କେଉଁ କେଉଁ ଜିନିଷ କିପରି ବାହାରକୁ ପଠାଯାଉଛି ଲେଖ ।
ଜଳ ପଥରେ ମାଲ ପରିବହନ ଅଧିକ ସୁବିଧା କାହିଁକି, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରେ (୧୪୫୩ ଖ୍ରୀଷ୍ଟାବ୍ଦରେ) ଅଟୋମାନ ତୁର୍କମାନେ ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରି କନଷ୍ଟାଣ୍ଟିନୋପଲ୍ ଅଧିକାର କରିଥିଲେ । ଫଳରେ ଏହି ବାଟ ଦେଇ ଭାରତରୁ ଇଉରୋପୀୟ ଦେଶମାନଙ୍କୁ

ମାଲ ପରିବହନ ବନ୍ଦ ହୋଇଗଲା । ତେଣୁ ଇଉରୋପୀୟ ଦେଶ ମାନଙ୍କ ସହିତ ଭାରତ ବାଣିଜ୍ୟ କାରବାର ହୋଇ ପାରି ନ ଥିଲା। ଏଥିପାଇଁ ଏକ ସିଧା ସଳଖ ଜଳପଥ (ଇଉରୋପରୁ ଭାରତ) ଆବିଷ୍କାର କରିବା ପାଇଁ ଇଉରୋପୀୟମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଥିଲା। କାଳକ୍ରମେ ଏହି ଆଗ୍ରହ ବାସ୍ତବ ରୂପ ନେଇ ପଞ୍ଚଦଶ ଶତାବ୍ଦୀରେ ଇଉରୋପରୁ ଭାରତକୁ ଏକ ଜଳପଥ ଆବିଷ୍କୃତ ହୋଇଥିଲା।


ଭାସ୍କୋଡ଼ାଗାମା

## ପର୍ତ୍ତୁଗୀଜମାନଙ୍କ ଭାରତ ଆଗମନ:

ଇଉରୋପୀୟମାନଙ୍କ ମଧ୍ୟରେ ଭାରତକୁ ଜଳପଥରେ ଆବିଷ୍କାର କରିବାରେ ପର୍ତ୍ତୁଗୀଜ୍‌ମାନେ ସବୁଠାରୁ ଆଗରେ ଥିଲେ । ଏହି କାର୍ଯ୍ୟ କରିବା ପାଇଁ ବହୁ ପର୍ତ୍ତୁଗୀଜ୍ ନାବିକ ନିରବଚ୍ଛିନ୍ନ ଭାବରେ ଉଦ୍ୟମ କରିଥିଲେ । ସେମାନଙ୍କ ମଧ୍ୟରେ ବାର୍ଥଲୋମିଓ ଡାଏଜ୍ ନାମକ ପର୍ତ୍ତୁଗୀଜ୍ ନାବିକ ଆଫ୍ରିକା ଉପକୂଳରୁ ନିଜର ଯାତ୍ରା ଆରମ୍ଭ କରି ଉତ୍ତମାଶା ଅନ୍ତରୀପ ପର୍ଯ୍ୟନ୍ତ ଆସି ପାରିଥିଲେ । ପରେ ପର୍ତ୍ତୁଗୀଜ୍ ସରକାରଙ୍କ କଲମ୍ବସ୍ ନାମକ ଅନ୍ୟ ଏକ ରାଜକର୍ମଚାରୀ ଭାରତକୁ ଜଳପଥ ଆବିଷ୍କାର କରିବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ସେ ଜଳଯାତ୍ରା କରି ଭାରତରେ ନପହଞ୍ଚି ଆମେରିକାରେ ପହଞ୍ଚିଥିଲେ । ଏହାର ଛଅବର୍ଷ ପରେ ଭାସ୍କୋଡାଗାମା ନାମକ ଜଣେ ଇଟାଲୀର ନାବିକ ଭାରତକୁ ଜଳପଥ ଆବିଷ୍କାର ପାଇଁ ଚେଷ୍ଟା କରିଥିଲେ ।




ଭାରତକୁ ଜଳପଥ ଆବିଷ୍କାର ପାଇଁ ଭାସ୍କୋଡାଗାମା ତିନୋଟି ଜାହାଜ ସହିତ ପର୍ତ୍ତୁଗାଲରୁ ଜଳଯାତ୍ରା ଆରମ୍ଭ କରିଥିଲେ । ସେ ଆଟଲାଣ୍ଟିକ୍ ମହାସାଗରରେ ଜାହାଜ ଚଳାଇ ଆଫ୍ରିକା ମହାଦେଶର ଦକ୍ଷିଣ ସୀମାରେ ଅବସ୍ଥିତ ଉତ୍ତମାଶା ଅନ୍ତରୀପ ଠାରେ ପହଞ୍ଚିଥିଲେ । ଏହାପରେ ଭାରତ ମହାସାଗର ଦେଇ ଜଳଯାତ୍ରା କରି ୧୪୯୮ ଖ୍ରୀଷ୍ଟାବ୍ଦରେ ଭାରତର ପଶ୍ଚିମ ଉପକୂଳରେ ଥିବା କାଲିକଟ୍ ନାମକ ସ୍ଥାନରେ ପହଞ୍ଚିଥିଲେ । ଏହା ଫଳରେ ଭାରତକୁ ଜଳପଥ ଆବିଷ୍କାର ହୋଇଥିଲା।

ତୁମେ ଯଦି ସେହି ସମୟରେ ଭାସ୍କୋଡାଗାମାଙ୍କ ସହ ଜଳପଥରେ ଭାରତ ଯାତ୍ରା କରିଥାନ୍ତ, ସାଙ୍ଗରେ କ'ଣ କ'ଣ ନେଇ ଯାଇଥାନ୍ତ,ଲେଖ ।

> ମାନଚିତ୍ର ଦେଖି ଭାସ୍କୋଡାଗାମା କେଉଁ ବାଟ ଦେଇ ଭାରତରେ ପହଞ୍ଚିଥିଲେ, ଚିହ୍ନଟ କରି ସେଗୁଡ଼ିକର ନାମ ଲେଖ ।

ସେତେବେଳେ କାଲିକଟ୍‌କୁ ଜାମୋରିନ୍ ନାମକ ହିନ୍ଦୁ ରାଜା ଶାସନ କରୁଥିଲେ । ସେ ଭାସ୍କୋଡାଗାମାଙ୍କୁ ଆତିଥେୟତା ପ୍ରଦାନ କରି ବନ୍ଧୁତାପୂର୍ଣ୍ଣ ବ୍ୟବହାର କରିଥିଲେ । ରାଜା ଜାମୋରିନ୍ ଭାସ୍କୋଡାଗାମାଙ୍କୁ ବାଣିଜ୍ୟ କରିବା ପାଇଁ ଅନୁମତି ଦେଇଥିଲେ । ଭାସ୍କୋଡାଗାମାଙ୍କ ଜଳଯାତ୍ରାର ଉଦ୍ଦେଶ୍ୟ ସଫଳ ହୋଇଥିଲା। ଏହା ଫଳରେ ଭାରତ ଓ ଇଉରୋପ ମଧ୍ୟରେ ବାଣିଜ୍ୟ ଯୋଗାଯୋଗ ସ୍ଥାପିତ ହୋଇଥିଲା।

> **ତୁମେ ଜାଣିଛ କି?**
>
> ଭାସ୍କୋଡାଗାମା ସମୁଦ୍ର ପଥ ଦେଇ ପର୍ତ୍ତୁଗାଲର ରାଜଧାନୀ ଲିସ୍‌ବନ୍‌କୁ ଫେରିବା ବେଳେ ଚାରୋଟି ଜାହାଜ ଓ ୧୭୦ ଜଣ ଲୋକଙ୍କୁ ହରାଇଥିଲେ । ତାଙ୍କ ସାଙ୍ଗରେ ମାତ୍ର ୫୪ ଜଣ ଲୋକ ନିଜ ଦେଶକୁ ଫେରିଥିଲେ ।

## ପର୍ତ୍ତୁଗୀଜ୍

ଭାସ୍କୋଡ଼ାଗାମା କାଲିକଟରେ ୬ ମାସ ରହି ଅନେକ ମସଲାଜାତ ଦ୍ରବ୍ୟ ଜାହାଜରେ ଭର୍ତ୍ତି କରି ପର୍ତ୍ତୁଗାଲକୁ ଫେରି ୧୪୯୯ ଖ୍ରୀଷ୍ଟାବ୍ଦରେ ଲିସବନ୍‌ରେ ପହଞ୍ଚିଥିଲେ । ସେ ପର୍ତ୍ତୁଗୀଜ ରାଜ ଦରବାରରେ ଭାରତରେ ଇଉରୋପୀୟ ଜିନିଷର ଚାହିଦା ବିଷୟରେ ପ୍ରକାଶ କରିଥିଲେ । ଫଳରେ ଭାରତରେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ପର୍ତ୍ତୁଗୀଜମାନେ ଉତ୍ସାହିତ ହୋଇଥିଲେ । ଫଳରେ ୧୫୦୦ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ପେଡ୍ରୋଆଲ୍‌ଭାରେଜ୍ କାବ୍ରେଲ୍ ନାମକ ଜଣେ ନାବିକ ୧୩ ଖଣ୍ଡ ବାଣିଜ୍ୟ ତରୀ ସହ ଲିସବନ୍‌ଠାରୁ ଭାରତ ଅଭିମୁଖେ ଜଳଯାତ୍ରା କରି ସେପ୍ଟେମ୍ବର ମାସରେ ଭାରତରେ ପହଞ୍ଚିଥିଲେ । କିନ୍ତୁ ରାଜା ଜାମୋରିନ୍‌ଙ୍କ ସହ ତାଙ୍କ ମତଭେଦ ହେବାରୁ ସେ କାଲିକଟ୍ ଛାଡ଼ି କୋଚିନଠାରେ ଆଶ୍ରୟ ନେଇଥିଲେ ।

୧୫୦୨ ଖ୍ରୀଷ୍ଟାବ୍ଦରେ ଭାସ୍କୋଡାଗାମା ପୁଣି କାଲିକଟ୍‌ଠାରେ ପହଞ୍ଚିଥିଲେ । ଜାମୋରିନ୍‌ଙ୍କ ଅନୁମତି କ୍ରମେ କାଲିକଟ୍‌ଠାରେ ଏକ ବାଣିଜ୍ୟ କୋଠି ନିର୍ମିତ ହୋଇଥିଲା। ୧୫୦୦ ଖ୍ରୀଷ୍ଟାବ୍ଦରୁ ୧୫୦୫ ପର୍ଯ୍ୟନ୍ତ ପର୍ତ୍ତୁଗୀଜ୍ ଓ ଆରବମାନଙ୍କ ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା। ଶେଷରେ ଆରବ ବଣିକମାନଙ୍କ ପ୍ରଭାବ ଲୋପ ପାଇ ମାଲବାର ଉପକୂଳରେ ପର୍ତ୍ତୁଗୀଜ୍‌ଙ୍କ ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଥିଲା।

> **ତୁମେ ଜାଣିଛ କି?**
>
> ❖ ଭାରତରେ ପର୍ତ୍ତୁଗୀଜ୍ ଗଭର୍ଣ୍ଣର ମାନେ ୩ ବର୍ଷ ପାଇଁ ନିଯୁକ୍ତି ପାଉଥିଲେ ।
>
> ❖ ଫ୍ରାନସିସ୍କୋଡି ଆଲ୍‌ମିଡ଼ା ପର୍ତ୍ତୁଗୀଜ୍-ମାନଙ୍କର ପ୍ରଥମ ଗଭର୍ଣ୍ଣର ଥିଲେ ।
>
> ❖ ଆଲ୍‌ବୁକର୍କଙ୍କୁ ପର୍ତ୍ତୁଗୀଜ୍ ଇତିହାସରେ କ୍ଲାଇବଙ୍କ ସ୍ଥାନ ଦିଆଯାଏ ।
>
> ❖ ପର୍ତ୍ତୁଗୀଜ୍ ମାନଙ୍କର ଦୁର୍ବଳ ଶାସନ ପ୍ରଣାଳୀ, ତ୍ରୁଟିପୂର୍ଣ୍ଣ ବାଣିଜ୍ୟ ବ୍ୟବସ୍ଥା, ହିନ୍ଦୁ ଓ ମୁସଲମାନଙ୍କ ପ୍ରତି ସେମାନଙ୍କ ମନୋଭାବ, ପରସ୍ପର ମଧ୍ୟରେ କଳହ ଓ ଇଉରୋପର ରାଜନୈତିକ ଘଟଣା ସେମାନଙ୍କର ବିପର୍ଯ୍ୟୟ ପାଇଁ ଦାୟୀ ଥିଲା।

> ପର୍ତ୍ତୁଗୀଜ୍ ଓ ଆରବମାନଙ୍କ ମଧ୍ୟରେ କେଉଁ କେଉଁ କାରଣ ପାଇଁ କଳହ ଲାଗିଥିଲା। ତଥ୍ୟ ସଂଗ୍ରହ କରି ଲେଖ।

ପରବର୍ତ୍ତୀ ସମୟରେ ପର୍ତ୍ତୁଗାଲ ରାଜାଙ୍କ ଦ୍ୱାରା ପର୍ତ୍ତୁଗୀଜ୍ ବାଣିଜ୍ୟ ପ୍ରତିଷ୍ଠାନ ପରିଚାଳନା ପାଇଁ ଗଭର୍ଣ୍ଣର ମାନେ ନିଯୁକ୍ତ ହୋଇଥିଲେ । ଭାରତରେ ପର୍ତ୍ତୁଗୀଜ୍ ଗଭର୍ଣ୍ଣର ପଦବୀରେ ନିଯୁକ୍ତି ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଆଲ୍‌ବୁକର୍କ ଶ୍ରେଷ୍ଠଥିଲେ । ସେ ବିଜାପୁର ସୁଲତାନ୍‌ଙ୍କଠାରୁ ଗୋଆ ବନ୍ଦର ଅଧିକାର କରିଥିଲେ । ପରବର୍ତ୍ତୀ ଗଭର୍ଣ୍ଣରମାନଙ୍କ ଶାସନ କାଳରେ ଡିଉ, ଡାମନ, ସାଲସେଟ୍‌ବେସିନ, ବମ୍ବେ ଓ ବଙ୍ଗ ଦେଶର ହୁଗୁଳି ପ୍ରଭୃତି ସ୍ଥାନ ଅଧିକାର କରିଥିଲେ । ସେମାନେ ପ୍ରାୟ ୧୦୦ ବର୍ଷ ଧରି ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ମାତ୍ର ଅଷ୍ଟାଦଶ ଶତାବ୍ଦୀ ବେଳକୁ ଭାରତର ବାଣିଜ୍ୟ କ୍ଷେତ୍ରରେ ପର୍ତ୍ତୁଗୀଜ୍‌ମାନଙ୍କ ପ୍ରଭାବ ଲୋପ ପାଇଥିଲା ।

ଆଲବୁକର୍କ ପର୍ତ୍ତୁଗୀଜମାନଙ୍କର ବାଣିଜ୍ୟ ବୃଦ୍ଧିପାଇଁ କି କି ପଦକ୍ଷେପ ନେଇଥିବେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

## ଡଚ୍ ବା ଓଲନ୍ଦାଜ୍

ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ହଲାଣ୍ଡ ଦେଶର ଅଧିବାସୀ ବା ଡଚ୍‌ମାନେ ଭାରତକୁ ବାଣିଜ୍ୟ କରିବାକୁ ଆସିଥିଲେ । ୧୬୦୨ ଖ୍ରୀଷ୍ଟାବ୍ଦରେ ସେମାନେ ଡଚ୍ ଇଷ୍ଟଇଣ୍ଡିଆ କଂପାନୀ ନାମକ ଏକ ବାଣିଜ୍ୟ ସଂସ୍ଥା ଗଠନ କରିଥିଲେ । ଭାରତ ଓ ଦକ୍ଷିଣ ପୂର୍ବ ଏସିଆରୁ ଗରମ ମସଲା ଆମଦାନୀ କରିବା ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଡଚ୍‌ମାନେ ପର୍ତ୍ତୁଗୀଜ୍‌ମାନଙ୍କୁ ପରାସ୍ତ କରି ସେମାନଙ୍କ ଅଧୀନସ୍ଥ ଅନେକ ଅଂଚଳ ଅଧିକାର କରିଥିଲେ । ସେମାନେ ଗୁଜୁରାଟ, କରମଣ୍ଡଳ ଉପକୂଳ ବଙ୍ଗ, ବିହାର ଆଦି ଅଂଚଳରେ ବାଣିଜ୍ୟ କୋଠିମାନ ସ୍ଥାପନ କରିଥିଲେ । ଏହା ବ୍ୟତୀତ ମଛଲିପଟ୍ଟନମ୍, ସୁରଟ୍, କାସିମ୍ ବଜାର, କୋଚିନ ଓ ବାଲେଶ୍ୱର ଇତ୍ୟାଦି ସ୍ଥାନମାନଙ୍କରେ ବାଣିଜ୍ୟ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଭାରତକୁ ଇଂରେଜମାନେ ଆସିଲା ପରେ ଡଚ୍‌ମାନେ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ । ପରିଶେଷରେ ସେମାନେ ଇଂରେଜ ଓ ଫରାସୀମାନଙ୍କୁ ପ୍ରତିରୋଧ କରି ନପାରି ଭାରତ ତ୍ୟାଗ କରି ଜାଭା, ସୁମାତ୍ରା ଓ ମାଳୟ ଦ୍ୱୀପପୁଞ୍ଜରେ ବାଣିଜ୍ୟ କାରବାର କରିଥିଲେ । ଏମାନଙ୍କ ବ୍ୟତୀତ ଡେନମାର୍କ ଦେଶର ଅଧିବାସୀ ବା ଦିନାମାରମାନେ ବଙ୍ଗଦେଶର ଶ୍ରୀରାମପୁରଠାରେ ବାଣିଜ୍ୟ କୋଠିମାନ ସ୍ଥାପନ କରି ବିଭିନ୍ନ ପ୍ରକାର ବ୍ୟବସାୟ କରିଥିଲେ ।

ଡଚ୍‌ମାନେ ଇଂରେଜ ଓ ଫରାସୀମାନଙ୍କଠାରୁ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେବାର କାରଣ କ'ଣ, ଅନ୍ୟମାନଙ୍କଠାରୁ ବୁଝି ଲେଖ ।

## ଇଂରେଜ ଇଷ୍ଟଇଣ୍ଡିଆ କଂପାନୀ

୧୫୯୯ ଖ୍ରୀଷ୍ଟାବ୍ଦରେ ଲଣ୍ଡନର କେତେକ ବଣିକ ଓ ନାବିକମାନେ ଏକ ବାଣିଜ୍ୟ ସଂସ୍ଥା ଗଠନ କରିଥିଲେ । ଏହି ସଂସ୍ଥାକୁ ଇଂଲଣ୍ଡ ରାଣୀ ଏଲିଜାବେଥ୍ ବାଣିଜ୍ୟ କରିବା ପାଇଁ ଅନୁମତି ଦେଇଥିଲେ । ପରବର୍ତ୍ତୀ କାଳରେ ଏହି କଂପାନୀ ଇଷ୍ଟ ଇଣ୍ଡିଆ କଂପାନୀ ନାମରେ ପରିଚିତ ହୋଇଥିଲା । ଇଷ୍ଟ ଇଣ୍ଡିଆ କଂପାନୀ ପ୍ରଥମେ ଜାଭା ଓ ସୁମାତ୍ରା ଇତ୍ୟାଦି ସ୍ଥାନରେ ବାଣିଜ୍ୟ କରିଥିଲେ । ଏସବୁ ସ୍ଥାନରେ ସେମାନଙ୍କୁ ଡଚ୍‌ମାନଙ୍କ ସହ ପ୍ରତିଦ୍ୱନ୍ଦିତା କରିବାକୁ ପଡ଼ିଥିଲା । ତେଣୁ ସେମାନେ

**ତୁମେ ଜାଣିଛ କି ?**

ରାଣୀ ଏଲିଜାବେଥ୍‌ଙ୍କ ରାଜତ୍ୱ କାଳ ଇଂଲଣ୍ଡ ଇତିହାସରେ ସୁବର୍ଣ୍ଣ ଯୁଗ ଥିଲା ।

ଏଲିଜାବେଥ୍‌ଙ୍କ ଶାସନ କାଳରେ ନାବିକ ଫ୍ରାନ୍‌ସିସ୍ ଡ୍ରେକ ଜଳପଥରେ ପୃଥିବୀ ପ୍ରଦକ୍ଷିଣ କରିଥିଲେ ।

ଭାରତରେ ବାଣିଜ୍ୟ କରିବା ପାଇଁ ଆଗ୍ରହୀ ହୋଇଥିଲେ । ଏହି କାର୍ଯ୍ୟ ପାଇଁ ସେ ସମୟରେ ଭାରତରେ ଶାସନ କରୁଥିବା ମୋଗଲ ସମ୍ରାଟ ଜାହାଙ୍ଗୀର୍‌ଙ୍କ ଦରବାରକୁ ଇଂରେଜମାନେ କ୍ୟାପଟେନ ହକିନ୍ସଙ୍କୁ ପଠାଇଥିଲେ । ଜାହାଙ୍ଗୀର୍ ଅତ୍ୟନ୍ତ ଖୁସି ହୋଇ ଇଂରେଜମାନଙ୍କୁ ସୁରାଟଠାରେ ବାଣିଜ୍ୟ କୋଠି ନିର୍ମାଣ ପାଇଁ ସୁଯୋଗ ଦେଇଥିଲେ  ମାତ୍ର ପର୍ତ୍ତୁଗୀଜ୍‌ମାନଙ୍କ **ଷଡ଼ଯନ୍ତ୍ର** ଯୋଗୁ ହକିନ୍ସ କୌଣସି ବାଣିଜ୍ୟ ସୁବିଧା ହାସଲ ନକରି ଇଂଲଣ୍ଡକୁ ଫେରି ଯାଇଥିଲେ ।

ତୁମେ ସେତେବେଳେ କ୍ୟାପଟେନ ହକିନ୍‌ସ ହୋଇ ଜାହାଙ୍ଗୀର୍‌ଙ୍କ ଦରବାରକୁ ଯାଇଥିଲେ ବାଣିଜ୍ୟ କାରବାର ପାଇଁ କିପରି ଅନୁମତି ହାସଲ କରିଥାନ୍ତ,  ଲେଖ ।

ପ୍ରଥମ ଜେମସ୍ ସାର୍ ଟମାସ୍ ରୋ ନାମକ ଏକ ବିଚକ୍ଷଣ ରାଜଦୂତଙ୍କୁ ଜାହାଙ୍ଗୀରଙ୍କ ଦରବାରକୁ ପଠାଇ ଅନେକ ବାଣିଜ୍ୟ ସୁବିଧା ହାସଲ କରିଥିଲେ । ସେ ୧୬୧୯ ଖ୍ରୀଷ୍ଟାବ୍ଦରେ ଭାରତରୁ ବିଦାୟ ନେବା ବେଳକୁ ଆଗ୍ରା, ଅହମ୍ମଦାବାଦ, ସୁରଟ ଇତ୍ୟାଦି ସ୍ଥାନରେ ବାଣିଜ୍ୟ କୋଠିମାନ ସ୍ଥାପିତ ହୋଇ ପାରିଥିଲା। ଏହାପରେ ଇଂରେଜମାନେ ଭାରତର ଦକ୍ଷିଣ ପୂର୍ବ ଉପକୂଳରେ ବାଣିଜ୍ୟ କୋଠି ନିର୍ମାଣ ପାଇଁ ଉଦ୍ୟମ କରିଥିଲେ। ଫଳରେ ଗୋଲକୁଣ୍ଡା ରାଜ୍ୟର ମୁଖ୍ୟ ପୋତାଶ୍ରୟ ମଛଲିପଟ୍ଟନମ୍, ବମ୍ବେ, ବଙ୍ଗଦେଶର ସୁତାନଟି ଓ ଓଡ଼ିଶାର ବାଲେଶ୍ୱରଠାରେ ଇଂରେଜମାନେ ବାଣିଜ୍ୟ କୋଠିମାନ ନିର୍ମାଣ କରିଥିଲେ । ଏହିପରି ଭାବରେ ଇଂରେଜମାନେ ସେମାନଙ୍କର ବାଣିଜ୍ୟର ପ୍ରସାର ଘଟାଇ ପରବର୍ତ୍ତୀ ସମୟରେ ଭାରତୀୟ ରାଜନୀତିରେ ହସ୍ତକ୍ଷେପ କରିଥିଲେ ।

**ତୁମେ ଜାଣିଛ କି?**

- ଇଂଲଣ୍ଡର ରାଜା ଦ୍ୱିତୀୟ ଚାର୍ଲସ୍ ପର୍ତ୍ତୁଗାଲର ରାଜକନ୍ୟା କାଥେରାଇନ୍‌ଙ୍କୁ ବିବାହ କରି ବମ୍ବେକୁ ଯୌତୁକ ରୂପେ ପାଇଥିଲେ ।
- ୧୭୧୭ ଖ୍ରୀଷ୍ଟାବ୍ଦରେ ମୋଗଲ ସମ୍ରାଟ ଫାରୁକ୍ ସୟାର ବଙ୍ଗ ଦେଶରେ ବାଣିଜ୍ୟ କରିବାକୁ ଇଂରେଜମାନଙ୍କୁ କେତେକ ସ୍ୱତନ୍ତ୍ର ସୁବିଧା ଦେଇଥିଲେ ।

ଇଂରେଜମାନେ ଉପକୂଳ ଅଂଚଳରେ ବାଣିଜ୍ୟ କୋଠି କାହିଁକି ନିର୍ମାଣ କରୁଥିଲେ, ତଥ୍ୟ ସଂଗ୍ରହ କରି ଲେଖ।

## ଫରାସୀ ଇଷ୍ଟଇଣ୍ଡିଆ କଂପାନୀ

ପର୍ତ୍ତୁଗୀଜ୍, ଡଚ୍ ଓ ଇଂରେଜମାନଙ୍କ ଆସିବାର ବହୁ ବର୍ଷ ପରେ ଫରାସୀମାନେ ବାଣିଜ୍ୟ କରିବା ପାଇଁ ଭାରତକୁ ଆସିଥିଲେ । ସେମାନେ ଭାରତକୁ ଆସି ୧୬୬୪ ଖ୍ରୀଷ୍ଟାବ୍ଦରେ ଫରାସୀ ଇଷ୍ଟଇଣ୍ଡିଆ କଂପାନୀ ଗଠନ କରିଥିଲେ । ପ୍ରାଚ୍ୟ ଦେଶମାନଙ୍କ ସହ ବାଣିଜ୍ୟ କାରବାର କରିବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପରବର୍ତ୍ତୀ ସମୟରେ ୧୬୬୮ ଖ୍ରୀଷ୍ଟାବ୍ଦରେ କେତେକ ଫରାସୀ ବଣିକ ସୁରାଟଠାରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ପରେ ସେମାନେ ଗୋଲକୁଣ୍ଡା ସୁଲତାନ୍‌ଙ୍କଠାରୁ ଅନୁମତି ପାଇ ମଛଲିପଟ୍ଟନମ୍‌ଠାରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ପରେ ପରେ ସେମାନେ ପଣ୍ଡିଚେରୀ, ବଙ୍ଗଦେଶର ଚନ୍ଦନନଗର ଓ ଓଡ଼ିଶାର ବାଲେଶ୍ୱରଠାରେ ବାଣିଜ୍ୟ କୋଠିମାନ ନିର୍ମାଣ କରିଥିଲେ । ଏହାଛଡ଼ା ମାଲବାର ଉପକୂଳର ମାହେବନ୍ଦର ଫରାସୀମାନେ ଅଧିକାର କରି ସେଠାରେ ବାଣିଜ୍ୟ କାରବାର କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀ ମଧ୍ୟ ଭାଗରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ବାଣିଜ୍ୟ ବ୍ୟବସାୟ ଓ ରାଜନୈତିକ କ୍ଷେତ୍ରରେ ପ୍ରବଳ ପ୍ରତିଦ୍ୱନ୍ଦିତା ହୋଇ ଯୁଦ୍ଧର ରୂପ ନେଲା। ଏହି ଯୁଦ୍ଧକୁ କର୍ଣ୍ଣାଟ ସମର କୁହାଯାଏ। ଫରାସୀ ଓ ଇଂରେଜମାନଙ୍କ ମଧ୍ୟରେ ତିନୋଟି କର୍ଣ୍ଣାଟ ସମର ହୋଇଥିଲା। ଏହି ସମରରେ ଫରାସୀମାନେ ଇଂରେଜମାନଙ୍କଠାରୁ ପରାଜିତ ହୋଇଥିଲେ । ଫଳରେ ଫରାସୀମାନଙ୍କର ବାଣିଜ୍ୟ କାରବାର ବିପର୍ଯ୍ୟସ୍ତ ହୋଇ ଯାଇଥିଲା ଏବଂ ସେମାନେ ଭାରତରେ ସାମ୍ରାଜ୍ୟ ପ୍ରତିଷ୍ଠା କରି ପାରି ନ ଥିଲେ ।

**ତୁମେ ଜାଣିଛ କି?**

ପ୍ରଥମ କର୍ଣ୍ଣାଟସମର :
୧୭୪୬-୧୭୪୮ ଖ୍ରୀଷ୍ଟାବ୍ଦ

ଦ୍ୱିତୀୟ କର୍ଣ୍ଣାଟସମର :
୧୭୪୯-୧୭୫୪ ଖ୍ରୀଷ୍ଟାବ୍ଦ

ତୃତୀୟ କର୍ଣ୍ଣାଟସମର :
୧୭୫୮-୧୭୬୩ ଖ୍ରୀଷ୍ଟାବ୍ଦ

**ଆମେ କଣ ଶିଖିଲେ**

- ବହୁ ପ୍ରାଚୀନ କାଳରୁ ଇଉରୋପୀୟ ଦେଶମାନଙ୍କ ସହ ଭାରତର ବାଣିଜ୍ୟ କାରବାର ହେଉଥିଲା।
- ତ୍ରୟୋଦଶ ଶତାବ୍ଦୀରେ ମାର୍କୋପୋଲୋ ନାମକ ଇଟାଲିର ଏକ ଯୁବକ ଏସିଆ ଭ୍ରମଣ କରିଥିଲେ ।
- ପର୍ତ୍ତୁଗୀଜ୍ ନାବିକ ଭାସ୍କୋଡାଗାମା ୧୪୯୮ ଖ୍ରୀଷ୍ଟାବ୍ଦରେ ଭାରତକୁ ଜଳପଥ ଆବିଷ୍କାର କରିଥିଲେ । ଫଳରେ ଇଉରୋପରୁ ଭାରତକୁ ଜଳପଥରେ ଯୋଗଯୋଗ ହୋଇଥିଲା।
- ଭାରତକୁ ଜଳପଥର ଆବିଷ୍କାର ପରେ ପର୍ତ୍ତୁଗୀଜ୍, ଡଚ୍, ଇଂରେଜ ଓ ଫରାସୀମାନେ ଭାରତ ସହ ବାଣିଜ୍ୟ କାରବାର କରିଥିଲେ ।

## ପ୍ରଶ୍ନାବଳୀ

୧. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ. ପ୍ରାଚୀନ କାଳରେ ଇଉରୋପ ମହାଦେଶର ଲୋକମାନେ ଭାରତରୁ କେଉଁ କେଉଁ ଜିନିଷ ଆମଦାନୀ କରୁଥିଲେ?

ଖ. ଇଉରୋପୀୟ ମାନେ ଭାରତକୁ ଆସିବାକୁ କାହିଁକି ଆଗ୍ରହ ପ୍ରକାଶ କରିଥିଲେ?

ଗ. ଭାରତର ବିଭିନ୍ନ ଜିନିଷଗୁଡ଼ିକ ଇଉରୋପ ମହାଦେଶରେ ମହଙ୍ଗାରେ ବିକ୍ରି ହେଉଥିଲା କାହିଁକି?

ଘ. ଇଉରୋପ ମହାଦେଶ ସହ ଭାରତର ବାଣିଜ୍ୟ କାରବାର ବନ୍ଦ ହେବାର କାରଣ କଣ ଥିଲା?

ଙ. ପର୍ତ୍ତୁଗୀଜ୍‌ମାନେ ଭାରତକୁ ଜଳପଥ ଆବିଷ୍କାର କରିବା ପାଇଁ କି କି ପଦକ୍ଷେପ ନେଇଥିଲେ?

ଚ. ଡଚ୍‌ମାନେ ଷୋଡ଼ଶ ଶତାବ୍ଦୀରେ ଭାରତକୁ କାହିଁକି ଆସିଥିଲେ?

ଛ. ୧୫୯୯ ମସିହାରେ ଲଣ୍ଡନର କେତେକ ନାବିକ ଓ ବଣିକମାନେ କେଉଁ ସଂସ୍ଥା ଗଠନ କରିଥିଲେ? ଏହା ଦ୍ୱାରା ସେମାନଙ୍କର କଣ ଲାଭ ହୋଇଥିଲା ?

ଜ. ଫରାସୀ ଇଷ୍ଟଇଣ୍ଡିଆ କଂପାନୀ କାହିଁକି ଗଠନ କରାଯାଇଥିଲା ?

ଝ. କର୍ଣ୍ଣାଟ ସମର କଣ ? ଏହା କାହିଁକି ହୋଇଥିଲା ?

୨. ରେଖାଙ୍କିତ ପଦ/ପଦଗୁଡ଼ିକ ବଦଳାଇ ଭ୍ରମ ସଂଶୋଧନ କର ।

କ. ଅଟୋମାନ ତୁର୍କମାନେ ୧୪୪୮ ଖ୍ରୀଷ୍ଟାବ୍ଦରେ କନଷ୍ଟାଣ୍ଟିନୋପଲ ଅଧିକାର କରିଥିଲେ ।

ଖ. ବାର୍ଥଲୋମିଓ ଫରାସୀ ନାବିକ ଥିଲେ ।

ଗ. ପେଡ୍ରୋଆଲଭାରେଜ୍ କାବ୍ରେଲ ୫୦ ଖଣ୍ଡ ବାଣିଜ୍ୟ ତରୀ ସହ ଲିସବନଠାରୁ ଭାରତ ଅଭିମୁଖେ ଜଳଯାତ୍ରା କରିଥିଲେ ।

ଘ. ଡଚ୍‌ମାନେ ଓଡ଼ିଶାର ପାରଦ୍ୱୀପଠାରେ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିଥିଲେ ।

ଙ. ଜାହାଙ୍ଗୀର୍ ଇଂରେଜମାନଙ୍କ ଉପରେ ଖୁସି ହୋଇ ବମ୍ବେଠାରେ ସେମାନଙ୍କୁ ବାଣିଜ୍ୟ କୋଠି ନିର୍ମାଣ ପାଇଁ ସୁଯୋଗ ଦେଇଥିଲେ ।

ଚ. ଫରାସୀମାନେ ମାଲବାର ଉପକୂଳର କୋଚିନ୍ ବନ୍ଦର ଅଧିକାର କରିଥିଲେ ।

୩. ଭୁଲଥିଲେ ଠିକ୍ କରି ଲେଖ ।

କ. ତ୍ରୟୋଦଶ ଶତାବ୍ଦୀରେ ଇଉରୋପୀୟମାନେ ଭାରତକୁ ଜଳ ପଥ ଆବିଷ୍କାର କରିଥିଲେ ।

ଖ. ଭାରତକୁ ଜଳପଥ ଆବିଷ୍କାର କରିବାରେ ଫରାସୀମାନେ ଆଗରେ ଥିଲେ ।

ଗ. ଶ୍ରୀରାମପୁର ଉତ୍ତର ପ୍ରଦେଶରେ ଅବସ୍ଥିତ ।

ଘ. ଫରାସୀମାନେ ହକିନ୍ସଙ୍କୁ ଜାହାଙ୍ଗୀର୍‌ଙ୍କ ଦରବାରକୁ ବାଣିଜ୍ୟ ସୁବିଧା ହାସଲ କରିବା ପାଇଁ ପଠାଇଥିଲେ ।

ଙ. ଫରାସୀ ଇଣ୍ଡିଇଣ୍ଡିଆ କଂପାନୀ ୧୬୬୨ ଖ୍ରୀଷ୍ଟାବ୍ଦରେ ଗଠିତ ହୋଇଥିଲା।

ଚ. ଚନ୍ଦନନଗର ଓଡ଼ିଶାରେ ଅବସ୍ଥିତ ।

**୪. ସଂକ୍ଷିପ୍ତ ଟିପ୍ପଣୀ ଦିଅ ।**

କ. ଭାସ୍କୋଡାଗାମାଙ୍କ ଭାରତକୁ ଜଳପଥର ଆବିଷ୍କାର

ଖ. ପେଡ୍ରୋଆଲଭାରେଜ କାବ୍ରେଲ

ଗ. ଡଚମାନଙ୍କର ଭାରତରେ ବାଣିଜ୍ୟ

ଘ. ୧୫୯୯ ଖ୍ରୀଷ୍ଟାବ୍ଦରେ ଲଣ୍ଡନରେ ଗଠିତ ଇଷ୍ଟଇଣ୍ଡିଆ କଂପାନୀ

ଙ. ଫରାସୀ ଇଷ୍ଟଇଣ୍ଡିଆ କଂପାନୀ

**ତୁମପାଇଁ କାମ**

ତୁମ ଅଂଚଳରେ କେଉଁ କେଉଁ ଜିନିଷ କିପରି ବାଣିଜ୍ୟ ବ୍ୟବସାୟ କରାଯାଉଛି,ଲେଖ ।

# ପଞ୍ଚମ ଅଧ୍ୟାୟ

GH58I2

# ଧର୍ମ ସଂସ୍କାର ଆନ୍ଦୋଳନ ଏବଂ ଆଞ୍ଚଳିକ ସଂସ୍କୃତିର ବିକାଶ

## ଭକ୍ତି ଏବଂ ସୁଫି ଧର୍ମ ଆନ୍ଦୋଳନ

ମଧ୍ୟଯୁଗରେ ଇସଲାମ ଏବଂ ହିନ୍ଦୁଧର୍ମର ପ୍ରଭାବ ପରସ୍ପର ଉପରେ ପଡ଼ିଥିଲା । ଏହା ଫଳରେ ଉଭୟ ହିନ୍ଦୁ ଏବଂ ମୁସଲମାନ ସନ୍ଥମାନେ ଧର୍ମ କ୍ଷେତ୍ରରେ ରହିଥିବା ଜଟିଳତାକୁ ଦୂର କରିବା ପାଇଁ ଚେଷ୍ଟା କରିଥିଲେ। ଏହା ଭକ୍ତି ଏବଂ ସୁଫି ଆନ୍ଦୋଳନକୁ ଜନ୍ମ ଦେଇଥିଲା ।

କବୀରଙ୍କ ଜନ୍ମ ଓ ମୃତ୍ୟୁ ସମ୍ବନ୍ଧରେ ସଠିକ ତଥ୍ୟ ନମିଳୁଥିବାରୁ ବିଭିନ୍ନ ବର୍ଷ ଉଲ୍ଲେଖ କରାଯାଇଛି । ଯଥା : ୧୪୪୦-୧୫୧୮ ଖ୍ରୀ.ଅ.

### ଭକ୍ତି ଆନ୍ଦୋଳନ

ଭକ୍ତି ଆନ୍ଦୋଳନର ସନ୍ଥମାନେ ସରଳ ଏବଂ ନିରାଡମ୍ବର ଧର୍ମ ଉପାସନା ଉପରେ ଗୁରୁତ୍ୱ ଦେଉଥିଲେ । ସେମାନେ ଭକ୍ତିକୁ ମୁଖ୍ୟ ଆଧାର କରି ଏହା ସାହାଯ୍ୟରେ ଈଶ୍ୱରଙ୍କୁ ଆରାଧନା କରିବା ପାଇଁ ଉପଦେଶ ଦେଇଥିଲେ । ଭକ୍ତି ଆନ୍ଦୋଳନର ସନ୍ଥମାନଙ୍କ ମଧ୍ୟରେ କବୀର, ନାନକ ଏବଂ ଶ୍ରୀଚୈତନ୍ୟ ପ୍ରସିଦ୍ଧ ଥିଲେ ।

### କବୀର(୧୪୪୦–୧୫୧୦ ଖ୍ରୀଷ୍ଟାବ୍ଦ):


କବୀର

ବନାରସରେ କବୀର ନାମକ ଏକ ତନ୍ତୀ ଭକ୍ତି ଧର୍ମର ପ୍ରମୁଖ ପ୍ରଚାରକ ଥିଲେ । ସେ ଜଣେ ବ୍ରାହ୍ମଣର ସନ୍ତାନ ଥିଲେ । ତାଙ୍କ ମା' ତାଙ୍କୁ ବନାରସରେ ଛାଡ଼ି ଦେଇ ଯାଇଥିଲେ । ତାଙ୍କୁ ଏକ ମୁସଲମାନ ତନ୍ତୀ ଦମ୍ପତ୍ତି ପାଳନ କରିଥିଲେ । ସେ କହୁଥିଲେ ଉଭୟ ହିନ୍ଦୁ ଏବଂ ମୁସଲମାନ ଏକ ଈଶ୍ୱରଙ୍କର ସନ୍ତାନ । ସେମାନେ ଭିନ୍ନ ଭିନ୍ନ ଗୋଷ୍ଠୀ ନୁହଁନ୍ତି । ଈଶ୍ୱର ଏକ ଏବଂ ତାଙ୍କ ନାମ ଉପରେ କଳହ ନକରି ତାଙ୍କୁ ପ୍ରେମ କରିବା ଉଚିତ । ଈଶ୍ୱରଙ୍କୁ ପାଇବାକୁ ହେଲେ ଭକ୍ତି ଏକମାତ୍ର ମାଧ୍ୟମ ବୋଲି ସେ କହିଥିଲେ । ତାଙ୍କ ମତରେ ପୃଥିବୀର ସମସ୍ତ ଜିନିଷ ଅସ୍ଥାୟୀ । କବୀର ଜାତିପ୍ରଥାର ଘୋର ବିରୋଧୀ ଥିଲେ । ଛୁଆଁ ଅଛୁଆଁ, ସାନ ବଡ଼ ଏସବୁ କଥା ମଣିଷ ତ୍ୟାଗ କରିବା ପାଇଁ ସେ ଉପଦେଶ ଦେଇଥିଲେ । ତାଙ୍କର ବାଣୀମାନ 'ବୀଜକ' ନାମକ ଗ୍ରନ୍ଥରେ ଲିପିବଦ୍ଧ । ଏହା ସରଳ ହିନ୍ଦୀ ଭାଷାରେ ରଚିତ ହୋଇଥିଲା । ଭଜନଗୁଡ଼ିକ 'ଦୋହା' ନାମରେ ପ୍ରସିଦ୍ଧ । କବୀରଙ୍କ ଅନୁଗାମୀମାନେ 'କବୀରପନ୍ଥୀ' ନାମକ ଏକ ଗୋଷ୍ଠୀ ସୃଷ୍ଟି କରି ତାଙ୍କ ବାଣୀକୁ ଲୋକପ୍ରିୟ କରାଇଥିଲେ ।

ଜଣେ 'କବୀରପନ୍ଥୀ' ଭାବରେ ତୁମେ କେଉଁ କେଉଁ କଥା ଉପରେ ପ୍ରାଧାନ୍ୟ ଦେବ, ଲେଖ ।

**ତୁମେ ଜାଣିଛ କି?**

ଦୋହା– ଦୁଇ ଧାଡ଼ିରେ ରଚିତ ଭଜନ ଯାହା ଗୋଟିଏ କଥା ବା ଭାବକୁ ବର୍ଣ୍ଣନା କରିଥାଏ। କବୀର ତାଙ୍କ ଦୋହା ମାଧ୍ୟମରେ ଭକ୍ତି ଆନ୍ଦୋଳନକୁ ଲୋକପ୍ରିୟ କରାଇଥିଲେ ।

## ଗୁରୁ ନାନକ(୧୪୬୯-୧୫୩୮ ଖ୍ରୀଷ୍ଟାବ୍ଦ):

ଏହି ସମୟରେ ଉତ୍ତର ଭାରତରେ ଅନ୍ୟ ଜଣେ ଭକ୍ତି ଧର୍ମର ପ୍ରଚାରକ ନାନକ ପଞ୍ଜାବର ତଲ୍‌ୱଣ୍ଡିଠାରେ ଜନ୍ମଗ୍ରହଣ କରିଥିଲେ । ସେ ଶିଖ୍‌ଧର୍ମର ପ୍ରତିଷ୍ଠାତା ଥିଲେ । ସେ କହୁଥିଲେ "ଈଶ୍ୱର ହିଁ ସର୍ବଶକ୍ତିମାନ ଏବଂ ଏ ପୃଥିବୀର ସୃଷ୍ଟି କର୍ତ୍ତା। ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କଲେ ମଣିଷ ଶାନ୍ତି ଏବଂ ମୁକ୍ତି ଲାଭ କରିପାରିବ। ନିର୍ମଳ ମନ ଏବଂ ଉତ୍ତମ ଚରିତ୍ରର ଅଧିକାରୀ ହେଲେ ଈଶ୍ୱରପ୍ରାପ୍ତି ସହଜ ହୋଇଥାଏ।" କବୀରଙ୍କ ପରି ସବୁ ମଣିଷ ସମାନ ଏବଂ ଏକ ଈଶ୍ୱରଙ୍କର ସନ୍ତାନ ବୋଲି ସେ କହୁଥିଲେ । ତାଙ୍କ ପ୍ରଚାରିତ ବାଣୀ 'ଆଦିଗ୍ରନ୍ଥ' ବା 'ଗୁରୁଗ୍ରନ୍ଥ ସାହେବ'ରେ ଲିପିବଦ୍ଧ । ଏହା ଶିଖ୍‌ମାନଙ୍କର ପବିତ୍ର ଧର୍ମଗ୍ରନ୍ଥ ।



ଗୁରୁନାନକ

'ଆଦିଗ୍ରନ୍ଥ' ଯେପରି ଶିଖ୍‌ମାନଙ୍କର ପବିତ୍ର ଧର୍ମଗ୍ରନ୍ଥ, ସେହିପରି ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କର ଧର୍ମଗ୍ରନ୍ଥଗୁଡ଼ିକର ନାମ ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

## ଶ୍ରୀଚୈତନ୍ୟ(୧୪୮୬-୧୫୩୩ ଖ୍ରୀଷ୍ଟାବ୍ଦ) :

କବୀର ଓ ନାନକଙ୍କ ପରି ଶ୍ରୀଚୈତନ୍ୟ ଭକ୍ତି ଆନ୍ଦୋଳନର ଅନ୍ୟତମ ପ୍ରଚାରକ ଥିଲେ । ସେ ପଶ୍ଚିମବଙ୍ଗର ନବଦ୍ୱୀପରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ବ୍ରାହ୍ମଣ୍ୟ ଧର୍ମର ସମସ୍ତ ପୂଜାପାଠକୁ ତୀବ୍ର ନିନ୍ଦା କରୁଥିଲେ । ଶ୍ରୀଚୈତନ୍ୟ ସଂକୀର୍ତ୍ତନ ଉପରେ ଗୁରୁତ୍ୱାରୋପ କରୁଥିଲେ । ସେ କହୁଥିଲେ- ପ୍ରକୃତ ଈଶ୍ୱର ଉପାସନା ପ୍ରେମ, ଭକ୍ତି, ଗୀତ ଏବଂ ନୃତ୍ୟ ଉପରେ ନିର୍ଭର କରେ । ସେ ସବୁଜାତିର ଲୋକଙ୍କୁ ଶିଷ୍ୟ ରୂପେ ଗ୍ରହଣ କରୁଥିଲେ । ଯବନ ହରିଦାସ ତାଙ୍କର ପ୍ରଧାନ ଶିଷ୍ୟ ଥିଲେ । ଶ୍ରୀଚୈତନ୍ୟଙ୍କ ବାଣୀ 'ଚୈତନ୍ୟ ଚରିତାମୃତ' ନାମକ ପୁସ୍ତକରେ ସଂଗୃହୀତ ହୋଇଅଛି ।



ଶ୍ରୀଚୈତନ୍ୟ

### ତୁମେ ଜାଣିଛ କି?

ଶ୍ରୀ ଚୈତନ୍ୟଙ୍କ ବାଲ୍ୟନାମ ଥିଲା ବିଶ୍ୱମ୍ଭର ବା ନିମାଇଁ । ତାଙ୍କ ପିତା ଜଗନ୍ନାଥ ମିଶ୍ର ଏବଂ ମାତା ଶାନ୍ତିଦେବୀ । ଗୁରୁ ଈଶ୍ୱରୀପୁରୀଙ୍କଠାରୁ ସେ କୃଷ୍ଣମନ୍ତ୍ର ଗ୍ରହଣ କରିଥିଲେ । ସେ ଭକ୍ତମାନଙ୍କ ସହିତ ମୃଦଙ୍ଗ, କରତାଳ ଏବଂ ଅନ୍ୟାନ୍ୟ ବାଦ୍ୟ ଯନ୍ତ୍ର ସହାୟତାରେ କୃଷ୍ଣନାମ ସଂକୀର୍ତ୍ତନ କରି ସେ ନଗର ଭ୍ରମଣ କରୁଥିଲେ ।

## ଭକ୍ତିଧର୍ମର ଅନ୍ୟାନ୍ୟ ସନ୍ଥ

ଭକ୍ତି ଧର୍ମର ଅନ୍ୟାନ୍ୟ ସନ୍ଥମାନଙ୍କ ମଧ୍ୟରୁ ମହାରାଷ୍ଟ୍ରର ଜ୍ଞାନେଶ୍ୱର ଥିଲେ ଅନ୍ୟତମ । ସେ ଗୀତାକୁ ମରାଠୀ ଭାଷାରେ ଲେଖି ସାଧାରଣ ଲୋକମାନଙ୍କୁ ବୁଝାଇ ପାରିଥିଲେ । ମହାରାଷ୍ଟ୍ରରେ ନାମଦେବ ଏବଂ ତୁକାରାମ ଭକ୍ତି ଆନ୍ଦୋଳନର ଅନ୍ୟ ଦୁଇ ପ୍ରମୁଖ ସନ୍ଥ ଥିଲେ । ତୁକାରାମ ଚୈତନ୍ୟଙ୍କ ପରି ଭଜନ କୀର୍ତ୍ତନ କରୁଥିଲେ । ଏହି ସନ୍ଥମାନଙ୍କର ସରଳ ଜୀବନ ଅନ୍ୟମାନଙ୍କୁ ପ୍ରଭାବିତ କରିଥିଲା ।


ନାମଦେବ


ତୁକାରାମ


ଜ୍ଞାନେଶ୍ୱର

## ସୁଫି ଧର୍ମ ଆନ୍ଦୋଳନ:

ଏକାଦଶ ଶତାବ୍ଦୀରେ ବହୁ ମୁସଲମାନ ସନ୍ଥ ଧର୍ମ କ୍ଷେତ୍ରରେ ରହିଥିବା ଜଟିଳତାକୁ ଦୂର କରିବା ପାଇଁ ଚେଷ୍ଟା କରିଥିଲେ । ସେମାନଙ୍କୁ ସୁଫି କୁହାଯାଉଥିଲା। ସୁଫି ସନ୍ଥମାନଙ୍କ ମଧ୍ୟରେ ଖ୍ୱାଜା ମୋଇନୁଦ୍ଦିନ୍ ଚିସ୍ତି ଅନ୍ୟତମ ଥିଲେ । ସେ ଆଜମିରରେ ଅବସ୍ଥାନ କରୁଥିଲେ । ଶେଖ୍ ନିଜାମୁଦ୍ଦିନ ଅଉଲିୟା ଥିଲେ ଅନ୍ୟ ଜଣେ ପ୍ରସିଦ୍ଧ ସୁଫି ସନ୍ଥ । ସେ ଦିଲ୍ଲୀ ନିକଟବର୍ତ୍ତୀ ଗିୟାସପୁରଠାରେ ରହୁଥିଲେ । ଆଜୋଧାନ୍ (ବର୍ତ୍ତମାନ ପାକିସ୍ତାନ)ର ବାବା ଫରିଦ୍, ଗୁଜୁରାଟର ସାହା ଆଲାମ୍ ବୁଖାରୀ, ମୁଲତାନ୍‌ର ବାହାଉଦ୍ଦିନ କାଜାରିଆ, ସିଲହଟର ଶେଖ ସିଆଉଦ୍ଦିନ୍ ଆଦି ସେ ସମୟର ଅନ୍ୟ ସୁଫି ସନ୍ଥ ଥିଲେ ।

**ତୁମେ ଜାଣିଛ କି?**

ସୁଫି-ସୁଫ୍ ବା ଉଲ୍‌ର ପୋଷାକ ପିନ୍ଧିଥିବା ମୁସଲମାନ ସନ୍ଥ ବା ଫକୀରଙ୍କୁ 'ସୁଫି' କୁହାଯାଏ ।

## ଭକ୍ତି ଓ ସୁଫି ଧର୍ମ ଆନ୍ଦୋଳନର ଫଳାଫଳ

ଭକ୍ତି ଏବଂ ସୁଫି ଧର୍ମ ଆନ୍ଦୋଳନର ଫଳାଫଳ ଉଲ୍ଲେଖଯୋଗ୍ୟ । ଏହି ଧର୍ମ ଆନ୍ଦୋଳନ ଉଭୟ ହିନ୍ଦୁ ଏବଂ ମୁସଲମାନଙ୍କୁ ପରସ୍ପର ନିକଟବର୍ତ୍ତୀ କରାଇଥିଲା । ଏହା ଏକ ନୂତନ ଭାରତୀୟ ସଂସ୍କୃତିର ବିକାଶ ଦିଗରେ ସହାୟକ ହୋଇଥିଲା। କବୀର ଓ ନାନକ ଆଦି ଧର୍ମଗୁରୁମାନେ ସମାଜରେ ଥିବା ଜାତିପ୍ରଥାକୁ ନିନ୍ଦା କରିଥିଲେ । ନାରୀ ଜଣେ ପୁରୁଷଠାରୁ ହୀନ ନୁହେଁ ବୋଲି ସେମାନେ ବିବେଚନା କରିଥିଲେ । ଏହି ସମୟରେ


ରାଣୀ ମୀରାବାଈ

ରାଜସ୍ଥାନର ଜଣେ ରାଜପୁତ୍ ରାଣୀ ମୀରାବାଈ କୃଷ୍ଣଙ୍କର ଭକ୍ତ ହୋଇ ସୁନ୍ଦର ଓ ସୁଲଳିତ ଭଜନମାନ ରଚନା କରିଥିଲେ । ଭକ୍ତି ଆନ୍ଦୋଳନ ଫଳରେ ହିନ୍ଦୁମାନେ ମୁସଲମାନମାନଙ୍କ 'ପୀର'ଙ୍କୁ ଉପାସନା କରି ଫକୀରମାନଙ୍କୁ ଦାନ କରୁଥିଲେ । ସେହିପରି ଭାବରେ ମୁସଲମାନମାନେ ହିନ୍ଦୁ ଦେବତା 'ନାରାୟଣ'ଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିଥିଲେ । ଏହି ସାଂସ୍କୃତିକ ମିଳନ ଯୋଗୁଁ ସୁଲତାନ୍ ହୁସେନ୍ ଶାହାଙ୍କ ସମୟରେ ବଙ୍ଗଦେଶରେ 'ସତ୍ୟପୀର' ଉପାସନା ପ୍ରସିଦ୍ଧି ଲାଭ କରିଥିଲା। ଏହି ଭକ୍ତି ଆନ୍ଦୋଳନ ଭାରତରେ ଏକତା ପ୍ରତିଷ୍ଠା କରିବା ଦିଗରେ ସହାୟକ ହୋଇଥିଲା।

ତୁମେ ଭକ୍ତି ଆନ୍ଦୋଳନର ଜଣେ ସନ୍ଥ ହୋଇଥିଲେ କେଉଁ କେଉଁ ଉପଦେଶମାନ ଦେଇଥାନ୍ତ, ଲେଖ ।

## ଆଂଚଳିକ ଭାଷା, ସାହିତ୍ୟ, ସଂଗୀତ ଓ ଚିତ୍ରକଳାର ବିକାଶ:

ମଧ୍ୟଯୁଗରେ ଆଂଚଳିକ ଭାଷା, ସାହିତ୍ୟ, ସଂଗୀତ ଓ ଚିତ୍ରକଳାର ପ୍ରଭୁତ ବିକାଶ ହୋଇଥିଲା। ସେଗୁଡ଼ିକ ମଧ୍ୟରୁ ଅନେକ ଗୁଡ଼ିଏ ଏବେ ମଧ୍ୟ ପ୍ରଚଳିତ ଅଛି ।

### ଆଂଚଳିକ ଭାଷା ଓ ସାହିତ୍ୟର ବିକାଶ :

ଭକ୍ତି ଧର୍ମ ଆନ୍ଦୋଳନର ପ୍ରଭାବ ଫଳରେ ଆଞ୍ଚଳିକ ଭାଷାରେ ଅନେକ ସାହିତ୍ୟ ରଚିତ ହୋଇଥିଲା। ଭକ୍ତିଧର୍ମର ପ୍ରଚାରକ ମାନେ ସେମାନଙ୍କ ଧର୍ମବାଣୀକୁ ଆଂଚଳିକ ଭାଷାରେ ପ୍ରଚାର କରୁଥିଲେ । ତେଣୁ ତେଲଗୁ, ତାମିଲ, କନ୍ନଡ, ଗୁଜୁରାଟୀ, ମରାଠୀ, ହିନ୍ଦୀ, ବଙ୍ଗାଳୀ, ଓଡ଼ିଆ ଓ ପଞ୍ଜାବୀ ଭାଷାରେ ଲିଖିତ ଭକ୍ତି ସଂଗୀତଗୁଡ଼ିକ ଲୋକମାନଙ୍କ ଦ୍ୱାରା ଆଦୃତ ହୋଇଥିଲା। ସଂସ୍କୃତରେ ଲିଖିତ ଅନେକ ପୁସ୍ତକ ମାତୃଭାଷାରେ ଅନୁବାଦ ହୋଇଥିଲା। ବଙ୍ଗଳାର ନସରତ୍ ଶାହା ମହାଭାରତ ଓ ରାମାୟଣକୁ ବଙ୍ଗଳା ଭାଷାରେ ଅନୁବାଦ କରିଥିଲେ ।

**ତୁମେ ଜାଣିଛ କି?**

- ଅମୀର ଖୁସ୍ରୁଙ୍କ ପ୍ରକୃତ ନାମ ମହମ୍ମଦ ହାସନ ଥିଲା।
- ସେ ଜଣେ କବି, ଐତିହାସିକ ଓ ସଂଗୀତଜ୍ଞ ଥିଲେ ।
- ଅମୀର ଖୁସ୍ରୁ ପାରସିକ ଭାଷାର ଏକ ନୂଆ ଶୈଳୀର ବିକାଶ କରିଥିଲେ। ଏହି ଶୈଳୀକୁ 'ସାବକ-ଇ-ହିନ୍ଦ' କୁହାଯାଏ।

ଓଡ଼ିଆ, ହିନ୍ଦୀ ପରି ଆଉ କେଉଁ କେଉଁ ଭାଷା, ଅଛି ଲେଖ ।

ସୁଫି ସନ୍ଥମାନେ ହିନ୍ଦୀରେ ଲିଖିତ ଭକ୍ତି ସଂଗୀତଗୁଡ଼ିକୁ ବିଭିନ୍ନ ସଂଗୀତ ସମାରୋହରେ ଗାନ କରୁଥିଲେ । ସୁଫି ସନ୍ଥମାନଙ୍କ ମଧ୍ୟରୁ ମାଲିକ ମହମ୍ମଦ ଜୟସୀ ହିନ୍ଦୀ ଭାଷାରେ 'ପଦ୍ମାବତୀ' କାବ୍ୟ ରଚନା କରିଥିଲେ। ଅମୀର୍ ଖୁସ୍ରୁ ହିନ୍ଦୀରେ ଅନେକ ପୁସ୍ତକ ରଚନା କରିଥିଲେ । ତୁଳସୀ ଦାସ ହିନ୍ଦୀରେ 'ରାମଚରିତ ମାନସ' ରଚନା କରିଥିଲେ ।

ଜିଆଉଦ୍ଦିନ୍ ବରାଣୀ, ମିନ୍‌ହାଜ୍-ଉଦ୍ଦିନ୍-ସିରାଜ୍ ଏବଂ ଇଜାମି ପାର୍ସୀଭାଷାରେ ଅନେକ ପୁସ୍ତକ ରଚନା କରିଥିଲେ । ପାର୍ସୀ ଓ ହିନ୍ଦୀ ଭାଷା ସମ୍ମିଶ୍ରଣରେ ଉର୍ଦ୍ଦୁଭାଷା ସୃଷ୍ଟି ହୋଇଥିଲା ଯାହା ଉତ୍ତର ଓ ଦକ୍ଷିଣ ଭାରତରେ ବହୁଳ ଭାବେ ପ୍ରଚଳିତ ହୋଇଥିଲା।

**ତୁମେ ଜାଣିଛ କି?**

- ଉର୍ଦ୍ଦୁ ଅର୍ଥ ହେଉଛି ଛାଉଣୀ । ସେ ସମୟରେ ସୈନ୍ୟମାନେ ନିଜ ନିଜ ଭିତରେ ଏହି ଭାଷାରେ କଥାବାର୍ତ୍ତା ହେଉଥିଲେ ।
- ଉର୍ଦ୍ଦୁ ଭାଷାକୁ ପ୍ରଥମେ ଜବନ୍-ଇ-ହୁଣ୍ଡାଭି କୁହାଯାଉଥିଲା।

ଦକ୍ଷିଣ ଭାରତରେ ବିଜୟନଗର ରାଜା କୃଷ୍ଣଦେବ ରାୟ ତେଲୁଗୁ ଭାଷାରେ 'ଆମୁକ୍ତମାଲ୍ୟଦା' କାବ୍ୟ ରଚନା କରିଥିଲେ । ଏହି ସମୟରେ ଓଡ଼ିଶାରେ ଓଡ଼ିଆ ଭାଷାରେ ସାରଳା ଦାସଙ୍କ 'ମହାଭାରତ', ଜଗନ୍ନାଥ ଦାସଙ୍କ 'ଭାଗବତ' ଓ ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ' ଆଦି ଗ୍ରନ୍ଥ ରଚିତ ହୋଇଥିଲା ।

ଭକ୍ତି ଆନ୍ଦୋଳନ ସମୟରେ ଆଞ୍ଚଳିକ ଭାଷାର ବିକାଶ ହୋଇଥିବାରୁ ଲୋକମାନଙ୍କର କି କି ସୁବିଧା ହୋଇଥିବ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

**ତୁମେ ଜାଣିଛ କି?**

ମଧ୍ୟଯୁଗର ବିଭିନ୍ନ ସାହିତ୍ୟ କୃତିଗୁଡ଼ିକ ହେଉଛି:-

- ସୁର ଦାସ- ସୁରସାଗର
- ରାମାନୁଜ - ବେଦାନ୍ତ ସଂଗ୍ରହ
- ଚାନ୍ଦ ବରଦାଇ - ପୃଥ୍ୱୀରାଜ ରାସୋ
- ମିନ୍‌ହାଜ-ଉଦ୍ଦିନ୍-ସିରାଜ୍-ତ୍‌ବାକତ୍-ଇ-ନାସିରୀ
- ଜିଆଉଦ୍ଦିନ ବରାଣୀ-ତାରିକ୍-ଇ-ଫିରୋଜ ଶାହୀ
- ଅମୀର୍ ଖୁସ୍ରୁ - ତାରିଖ-ଇ- ଆଲାହୀ

## ଚିତ୍ରକଳାର ବିକାଶ

ମଧ୍ୟଯୁଗରେ କାନ୍ଥମାନଙ୍କରେ ବଡ଼ ବଡ଼ ଚିତ୍ରମାନ ଅଙ୍କନ କରାଯାଉଥିଲା । ରାଜବାଟୀକୁ ସୁନ୍ଦର କରିବା ପାଇଁ ଏହାର କାନ୍ଥରେ ବଡ଼ ବଡ଼ ସୁନ୍ଦର ଚିତ୍ରମାନ ଅଙ୍କନ କରାଯାଉଥିଲା । ସୁଲତାନୀ ଶାସନ ସମୟରେ ବହିକୁ ସୁନ୍ଦର କରିବା ପାଇଁ ବହୁ କ୍ଷୁଦ୍ର ଚିତ୍ରମାନ ରଙ୍ଗଦ୍ୱାରା କରାଯାଉଥିଲା । ଅନେକ ସମୟରେ ରାଜାମାନଙ୍କର ଚିତ୍ରକୁ ରଙ୍ଗ ଦିଆଯାଇ ଆକର୍ଷଣୀୟ କରାଯାଉଥିଲା । ଆକବର ତସ୍‌ବୀରଖାନା (ଚିତ୍ରକରମାନଙ୍କର କାର୍ଯ୍ୟଶାଳା) ନିର୍ମାଣ କରିଥିଲେ । ଏଠାରେ ବିଭିନ୍ନ ଅଂଚଳରୁ ଚିତ୍ରକରମାନେ ଆସି ଏକାଠି ହୋଇ ଚିତ୍ର ତିଆରି କରୁଥିଲେ ।

ଏହି ଚିତ୍ରକରମାନେ ଭାରତୀୟ ଓ ପାର୍ସୀ ଚିତ୍ରକଳାର ସମ୍ମିଶ୍ରଣରେ ଏକ ନୂଆ ଚିତ୍ରକଳା ଶୈଳୀର ବିକାଶ ଘଟାଇଥିଲେ । ସାଧାରଣତଃ ଶିକାର, ପଶୁ, ପକ୍ଷୀମାନଙ୍କର ଚିତ୍ର ଓ ରାଜ ଦରବାରର ଦୃଶ୍ୟ ଚିତ୍ରକଳାରେ ବିଶେଷ ଭାବେ ସ୍ଥାନ ପାଇଥିଲା । ସେ ସମୟରେ ଚିତ୍ରକଳାରେ ନାଲି ଓ ଉଜ୍ଜ୍ୱଳ ନୀଳ ରଙ୍ଗର ବହୁଳ ବ୍ୟବହାର ହେଉଥିଲା ।



ମୋଗଲ ଚିତ୍ରକଳା

ଆକବର ଅନେକ ଦକ୍ଷ ଚିତ୍ରକରମାନଙ୍କୁ ଚିତ୍ର ତିଆରି କରିବା ପାଇଁ ନିଯୁକ୍ତ କରିଥିଲେ । ସେମାନଙ୍କ ମଧ୍ୟରେ



ମଧ୍ୟଯୁଗୀୟ ଦାକ୍ଷିଣାତ୍ୟ ଚିତ୍ରକଳା

ଦସ୍ୱନ୍ତ ଓ ବସ୍ୱାନି ଅନ୍ୟତମ । ଆକବରଙ୍କ ବ୍ୟତୀତ ଅନ୍ୟ ମୋଗଲ ଶାସକ ଓ ଦାକ୍ଷିଣାତ୍ୟର ଅନେକ ପ୍ରାଦେଶିକ ରାଜାମାନଙ୍କ ପୃଷ୍ଠପୋଷକତାରେ ଚିତ୍ରକଳାର ଅନେକ ଉନ୍ନତି ହୋଇଥିଲା।

ଯଦି ସେତେବେଳେ ଆକବରଙ୍କ ଦରବାରରେ ଚିତ୍ରକର ଭାବେ ନିଯୁକ୍ତ ହୋଇଥାନ୍ତ ତେବେ ତୁମେ କିପରି ଚିତ୍ର ଆଙ୍କିଥାନ୍ତ, ଲେଖ ।

**ତୁମେ ଜାଣିଛ କି?**

❖ ଆକବର ୧୭ଜଣ ବିଖ୍ୟାତ ଚିତ୍ରକରମାନଙ୍କୁ ଚିତ୍ର ତିଆରି ପାଇଁ ନିଯୁକ୍ତ କରିଥିଲେ । ସେମାନଙ୍କ ମଧ୍ୟରୁ ୧୩ଜଣ ହିନ୍ଦୁଥିଲେ ।

## ସଂଗୀତ କଳାର ବିକାଶ

ମଧ୍ୟଯୁଗୀୟ ରାଜା ଓ ସାମନ୍ତମାନଙ୍କ ପୃଷ୍ଠପୋଷକତାରେ ସଂଗୀତ କଳାର ଉନ୍ନତି ହୋଇଥିଲା। ସୁଫି ଓ ଭକ୍ତିଧର୍ମର ପ୍ରଚାରକମାନେ ସଂଗୀତ ସମାବେଶ ଆୟୋଜନ କରି ଭକ୍ତି ସଂଗୀତଗୁଡ଼ିକୁ ଜନପ୍ରିୟ କରିଥିଲେ । ଅମୀର୍ ଖୁସ୍ରୁ କବାଲି ମାଧ୍ୟମରେ ସୁଫି ଧର୍ମର ସଂଗୀତଗୁଡ଼ିକୁ ଜନପ୍ରିୟ କରାଇ ଥିବାବେଳେ ଭକ୍ତି ଧର୍ମର ଗୀତ ଗୁଡ଼ିକ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚି ପାରିଥିଲା।

ସଂଗୀତ ସମାବେଶରେ କ'ଣ କରାଯାଏ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ଭାରତୀୟ ଓ ପାର୍ସୀ ସଂଗୀତର ମିଳନରେ ଭାରତରେ ପ୍ରଚଳିତ ଶାସ୍ତ୍ରୀୟ ସଂଗୀତର ଉନ୍ନତି ହୋଇଥିଲା। ଅମୀର୍ ଖୁସ୍ରୁ ସଂଗୀତ କଳାର ଜଣେ ପ୍ରତିଭାବାନ ବ୍ୟକ୍ତି ଥିଲେ ।ସେ ପର୍ସିଆ-ଆରବୀୟ ସଂଗୀତ ଲୋକମାନଙ୍କ ନିକଟରେ ପରିଚିତ କରାଇଥିଲେ ।ଏହାଛଡ଼ା ସେ ଜଣେ ଜଣାଶୁଣା କବି ଓ ସଂଗୀତଜ୍ଞ ଥିଲେ ।ସେ ସୀତାର ଯନ୍ତ୍ର ନିର୍ମାଣ କରିଥିଲେ । ସେ ସମୟରେ ତବଲା ଓ ସାରଙ୍ଗୀ ବାଦ୍ୟ ଯନ୍ତ୍ର ଲୋକମାନଙ୍କ ପାଖରେ ବେଶ ଆଦୃତ ହୋଇଥିଲା।

ସୀତାର ବାଦ୍ୟଯନ୍ତ୍ର ପରି ତୁମେ ଜାଣିଥିବା ଅନ୍ୟ ବାଦ୍ୟଯନ୍ତ୍ର ଗୁଡ଼ିକର ନାମ ଲେଖ।

ଫିରୋଜ ଶାହା ତୁଗ୍‌ଲକ୍‌ଙ୍କ ସମୟରେ ପାର୍ସୀ ଭାଷାରେ ରାଗଦର୍ପଣ ଅନୁବାଦ ହୋଇଥିଲା। ଏହାଛଡ଼ା ଆକବରଙ୍କ ଦରବାର ମଣ୍ଡନ କରିଥିବା ସଂଗୀତଜ୍ଞ ତାନସେନ୍ ହିନ୍ଦୁସ୍ଥାନୀ ସଂଗୀତକୁ ଅଧିକ ଲୋକପ୍ରିୟ କରିଥିଲେ ।

ତୁମେ ଜାଣିଥିବା ବିଭିନ୍ନ ସଂଗୀତଜ୍ଞମାନଙ୍କ ନାମ ଲେଖ ।

ସଂଗୀତର ବହୁବିଧ ଉନ୍ନତି ପାଇଁ ଗୋୟାଲିୟର, ମାଳବ, ଗୁଜୁରାଟ, କାଶ୍ମୀର ଓ ଅନ୍ୟାନ୍ୟ ପ୍ରାଦେଶିକ ଶାସକମାନେ ଆବଶ୍ୟକ ପୃଷ୍ଠପୋଷକତା କରିଥିଲେ । ରାଜା ମାନ ସିଂଙ୍କ ପୃଷ୍ଠପୋଷକତାରେ ସଂଗୀତର ବିଭିନ୍ନ ରାଗଗୁଡ଼ିକର ନିୟମ 'ମାନ କୌତୁହଳ' ପୁସ୍ତକରେ ଲିପିବଦ୍ଧ ହୋଇଥିଲା।

ପାରସିକ-ଆରବିକ ସଂଗୀତ କଳା ଦାକ୍ଷିଣାତ୍ୟରେ ଅବସ୍ଥିତ ବିଜୟନଗର ରାଜ୍ୟର ସଂଗୀତକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା। ଏହା ମଧ୍ୟଯୁଗୀୟ କୃତି 'ସଂଗୀତ ରତ୍ନାକର'ରେ ବର୍ଣ୍ଣନା କରାଯାଇଛି।

ରାଗ ତୋଡ଼ି ପରି ସଂଗୀତର ବିଭିନ୍ନ ରାଗଗୁଡ଼ିକର ନାମ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ।

ହିନ୍ଦୁଧର୍ମ ଓ ଇସଲାମ ଧର୍ମର ମିଳନ ଫଳରେ ଉଭୟ ଧର୍ମର ଲୋକମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସୃଷ୍ଟି ହୋଇଥିଲା। ଯାହାର ଫଳସ୍ୱରୂପ ଭାରତରେ ସୁଫି ଓ ଭକ୍ତିଧର୍ମର ପ୍ରଚାର ହୋଇ ବିଭିନ୍ନ ପ୍ରକାର ଆଂଚଳିକ ଭାଷା, ସାହିତ୍ୟ, ସଂଗୀତ ଓ ଚିତ୍ରକଳାର ବିକାଶ ହୋଇଥିଲା।

## ଆମେ କଣ ଶିଖିଲେ?

- ମଧ୍ୟଯୁଗରେ ଇସଲାମ ଧର୍ମ ଓ ହିନ୍ଦୁ ଧର୍ମର ମିଳନ ଫଳରେ ଉଭୟ ଧର୍ମରେ ଥିବା ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ସୁଫି ଓ ଭକ୍ତିଧର୍ମର ଆବିର୍ଭାବ ହୋଇଥିଲା।
- ଭକ୍ତିଧର୍ମର ପ୍ରବକ୍ତାମାନଙ୍କ ମଧ୍ୟରେ କବୀର, ଗୁରୁ ନାନକ, ଶ୍ରୀଚୈତନ୍ୟ, ଜ୍ଞାନେଶ୍ୱର, ନାମଦେବ ଏବଂ ତୁକାରାମ ଅନ୍ୟତମ ।
- ସୁଫିଧର୍ମର ପ୍ରଚାରକମାନେ ହେଲେ ନିଜାମଉଦ୍ଦିନ୍ ଅଉଲିୟା, ଖ୍ୱାଜା ମୋଇନୁଦ୍ଦିନ୍ ଚିସ୍ତି, ବାବାଫରିଦ୍, ଶାହାଆଲାମ୍ ବୁଖାରି ଅନ୍ୟତମ ।
- ସୁଫି ଓ ଭକ୍ତିଧର୍ମର ସାରତତ୍ତ୍ୱଗୁଡ଼ିକ ଆଂଚଳିକ ଭାଷାରେ ପ୍ରଚାର ଫଳରେ ତେଲଗୁ, ତାମିଲ, କନ୍ନଡ, ଗୁଜୁରାଟୀ, ମରାଠୀ ଆଦି ଭାଷାର ବିକାଶ ହେବା ସଙ୍ଗେ ସଙ୍ଗେ ଅନେକଗୁଡ଼ିଏ ଉତ୍କୃଷ୍ଟ ସାହିତ୍ୟ ରଚିତ ହୋଇଥିଲା।
- ମଧ୍ୟଯୁଗରେ ସଂଗୀତ ଓ ଚିତ୍ରକଳାର ଉନ୍ନତି ଚରମ ସୀମାରେ ପହଞ୍ଚିଥିଲା।

# ପ୍ରଶ୍ନାବଳୀ

୧. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

କ) ଭକ୍ତି ଓ ସୁଫି ଧର୍ମ ପ୍ରଚାର ହେବାର କାରଣଗୁଡ଼ିକ କଣ ?

ଖ) ଭକ୍ତି ଆନ୍ଦୋଳନର ସାରକଥାଗୁଡ଼ିକ କଣ ?

ଗ) ଭକ୍ତିଧର୍ମର ପ୍ରଚାରକମାନଙ୍କର ନାମ ଲେଖ ?

ଘ) ସୁଫିଧର୍ମ କେଉଁମାନେ ପ୍ରଚାର କରିଥିଲେ ?

ଙ) ଭକ୍ତି ଓ ସୁଫି ଧର୍ମ ପ୍ରଚାରର ଫଳାଫଳ କଣ ଥିଲା ?

ଚ) ମଧ୍ୟଯୁଗରେ ଆଂଚଳିକ ଭାଷା ଓ ସାହିତ୍ୟର ବିକାଶ କାହିଁକି ହୋଇଥିଲା ?

ଛ) ଚିତ୍ରକଳାର ବିକାଶ ମଧ୍ୟଯୁଗରେ କିପରି ହୋଇଥିଲା ?

ଜ) ସଂଗୀତ କଳା ବିକାଶ ପାଇଁ ମଧ୍ୟ ଯୁଗରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଲେଖ ।

୨. **ତଳପ୍ରଶ୍ନର କେତେକ ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ସେଗୁଡ଼ିକ ମଧ୍ୟରୁ ଯେଉଁଟି ଠିକ୍ ତା ପାଖରେ ଠିକ୍ (✓)ଚିହ୍ନ ଦିଅ ।**

କ) କବୀର କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
ବନାରସ, କାନପୁର, ଲକ୍ଷ୍ନୌ, ଆହ୍ଲାବାଦ

ଖ) ଶିଖ୍‌ଧର୍ମ କିଏ ପ୍ରତିଷ୍ଠା କରିଥିଲେ ?
କବୀର, ଗୁରୁ ନାନକ, ଗୋବିନ୍ଦ ସିଂ, ତୁକାରାମ

ଗ) ଶ୍ରୀଚୈତନ୍ୟଙ୍କ ପ୍ରଧାନ ଶିଷ୍ୟ କିଏ ଥିଲେ ?
ଗୋପ ଦାସ, ମଧୁ ଦାସ, ହରି ଦାସ, ଗୋବିନ୍ଦ ଦାସ

ଘ) ନାମଦେବ କେଉଁ ରାଜ୍ୟର ଧର୍ମ ପ୍ରଚାରକ ଥିଲେ ?
ଗୁଜୁରାଟ, ମହାରାଷ୍ଟ୍ର, କେରଳ, ତାମିଲନାଡୁ

ଚ) ନିଜାମୁଦ୍ଦିନ୍ ଆଉଲିୟା କେଉଁଠାରେ ରହୁଥିଲେ ?
ଗିୟାସପୁର, ଦିଲ୍ଲୀ, ଗୁରୁଗାଁ, ମଥୁରା

ଛ) ମହାଭାରତ ଓ ରାମାୟଣକୁ କିଏ ବଙ୍ଗଳା ଭାଷାରେ ଅନୁବାଦ କରିଥିଲେ ?
ନସରତ୍ ଶାହ, ମହମ୍ମଦ ଶାହ, ଅହମ୍ମଦ ଶାହ, ହରିହର ଶାହ

ଜ) ଆମୁକ୍ତମାଲ୍ୟଦ କେଉଁ ଭାଷାରେ ଲେଖା ଯାଇଥିଲା ?
ତାମିଲ, ତେଲଗୁ, ବଙ୍ଗଳା, ମାଲାୟାଲାମ

ଝ) 'ତସ୍‌ବିରଖାନା' କିଏ ନିର୍ମାଣ କରିଥିଲେ ?
ଜାହାଙ୍ଗୀର, ଶାହାଜାହାନ, ଆକବର, ବାବର

ଞ) ରାଗଦର୍ପଣ କେଉଁ ସୁଲତାନଙ୍କ ସମୟରେ ଲେଖା ଯାଇଥିଲା ?
ବଲବନ୍, ବାବର, ମହମ୍ମଦ ତୁଗ୍‌ଲକ୍, ଫିରୋଜଶାହା ତୁଗ୍‌ଲକ୍

୩. **ଯେଉଁ ଗୋଟିକ ଅଲଗା ତା' ଚାରିପାଖରେ ଗୋଲ ବୁଲାଅ ।**

କ) କବୀର, ଗୁରୁ ନାନକ, ଶାହଆଲାମ୍ ବୁଖାରୀ, ଜ୍ଞାନେଶ୍ୱର

ଖ) ବୀଜକ, ଗୁରୁଗ୍ରନ୍ଥ ସାହେବ, ଚୈତନ୍ୟ ଚରିତାମୃତ, ବାବା ଫରିଦ୍

ଗ) ପଦ୍ମାବତୀ , ହିନ୍ଦୀ, ତେଲଗୁ, ପଞ୍ଜାବୀ

ଘ) ତବଲା, ଢ଼ୋଲକ, ହାରମୋନିୟମ, ମୃଦଙ୍ଗ

୪. **'କ' ସ୍ତମ୍ଭରେ ଦିଆଯାଇଥିବା ନାମ ସହିତ 'ଖ' ସ୍ତମ୍ଭରେ ଦିଆଯାଇଥିବା ପୁସ୍ତକକୁ ଗାରଟାଣି ଯୋଡ଼ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଗୁରୁ ନାନକ | ମହାଭାରତ |
| ଶାରଳା ଦାସ | ଭାଗବତ |
| ଜଗନ୍ନାଥ ଦାସ | ଦାଣ୍ଡିରାମାୟଣ |
| ବଳରାମ ଦାସ | ଆଦିଗ୍ରନ୍ଥ |
| | ରାଗଦର୍ପଣ |

## ତୁମ ପାଇଁ କାମ

ବିଭିନ୍ନ ଧର୍ମ ପ୍ରଚାରକମାନଙ୍କ ଫଟୋ ଚିତ୍ର ସଂଗ୍ରହ କରି ସେମାନଙ୍କ ବିଷୟରେ ବିବରଣୀଟିଏ ପ୍ରସ୍ତୁତ କର ।

ଷଷ୍ଠ ଅଧ୍ୟାୟ

# ମୋଗଲ ସାମ୍ରାଜ୍ୟର ପତନ

GHE4JP

ମୋଗଲମାନେ ଭାରତକୁ ଦୀର୍ଘ ଦୁଇଶହରୁ ଅଧିକ ବର୍ଷ ଶାସନ କରିଥିଲେ । ଆକବରଙ୍କର ଉଦାରନୀତି ଓ ସୁଶାସନ ଦ୍ୱାରା ମୋଗଲ ସାମ୍ରାଜ୍ୟର ଭିତ୍ତି ସୁଦୃଢ଼ ହୋଇପାରିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଔରଙ୍ଗଜେବ୍‌ଙ୍କ ଧର୍ମାନ୍ଧତା ଓ କୁଶାସନ ମୋଗଲ ସାମ୍ରାଜ୍ୟକୁ ଦୁର୍ବଳ ଓ ପତନାଭିମୁଖୀ କରିଥିଲା ।

**ଜାଣିଛ କି?**

ଯେ କୌଣସି ସାମ୍ରାଜ୍ୟର ସମୃଦ୍ଧି ସେହି ଦେଶର ଶାସକଙ୍କ ଦକ୍ଷତା ଏବଂ ଚରିତ୍ର ଉପରେ ନିର୍ଭର କରିଥାଏ ।

## କେନ୍ଦ୍ରଶକ୍ତିର ଦୁର୍ବଳତା:

ଔରଙ୍ଗଜେବ୍‌ଙ୍କ ପରେ ମୋଗଲ ସାମ୍ରାଜ୍ୟକୁ ଶାସନ କରିବା ପାଇଁ ଆବଶ୍ୟକ ଦକ୍ଷତା, ପରବର୍ତ୍ତୀ ଶାସକମାନଙ୍କର ନଥିଲା। ସେମାନେ ସର୍ବଦା ଭୋଗ ବିଳାସରେ ମଜ୍ଜି ରହିବା ଫଳରେ ସେମାନଙ୍କର ନୈତିକ ଅଧୋଗତି ଘଟିଲା। ଅମୀର ଏବଂ ରାଜ କର୍ମଚାରୀମାନେ ନିଜ ନିଜର ସ୍ୱାର୍ଥ ସାଧନ ପାଇଁ ମୋଗଲ ଦରବାରରେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ନାନା ଷଡ଼ଯନ୍ତ୍ରରେ ଲିପ୍ତ ରହିଲେ । କ୍ରମେ ସମ୍ରାଟମାନେ ସେମାନଙ୍କର ଚକ୍ରାନ୍ତର ଶିକାର ହେବା ଫଳରେ କେନ୍ଦ୍ର ଶାସନର ଅଧଃପତନ ଘଟିଲା। ଦିଲ୍ଲୀର ଆଖପାଖ ଅଂଚଳ ବ୍ୟତୀତ ସୁଦୂର ପ୍ରଦେଶଗୁଡ଼ିକରେ କେନ୍ଦ୍ରଶକ୍ତିର କୌଣସି କର୍ତ୍ତୃତ୍ୱ ରହିଲା ନାହିଁ ହେଲେ ମୋଗଲ ଦରବାର ଗୋଷ୍ଠୀ ବିବାଦ କେନ୍ଦ୍ରଶକ୍ତିକୁ ଆହୁରି ଦୁର୍ବଳ କରିଦେଲା ।

ଆମ ଦେଶର କେନ୍ଦ୍ର ଶାସନ ଦୁର୍ବଳ ହେଲେ, କଣ କଣ ଅସୁବିଧା ହେବ, ଆଲୋଚନା କରି ଲେଖ ।

## ଅର୍ଥନୈତିକ କାରଣ :

ମୋଗଲ ସମ୍ରାଟ ଆକବର ଏକ ସୁଚିନ୍ତିତ ଶାସନ ପ୍ରଣାଳୀ ପରିବର୍ତ୍ତନ କରି ମୋଗଲ ସାମ୍ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରି ପାରିଥିଲେ । ମାତ୍ର ପରବର୍ତ୍ତୀ ମୋଗଲ ସମ୍ରାଟମାନଙ୍କ ସମୟରେ ଶାସନ ପ୍ରଣାଳୀରେ ପରିବର୍ତ୍ତନ ଘଟିଲା। ଜାହାଙ୍ଗୀର୍ ଶାସନରେ ନୁରଜାହାନ୍ ପ୍ରକୃତ ଶାସନଭାର ଗ୍ରହଣ କରି, ଅର୍ଥନୀତି ପ୍ରତି ଦୃଷ୍ଟି ଦେଲେ ନାହିଁ । ଶାହାଜାହାନ୍‌ଙ୍କ ସମୟରେ ମଧ୍ୟ ଅନେକ ରାଜପ୍ରାସାଦ ଓ ସୌଧ ନିର୍ମାଣ ହୋଇଥିବାରୁ ବହୁ ଅର୍ଥ ଖର୍ଚ୍ଚ ହେଇଥିଲା। ତେଣୁ ତାଙ୍କ ରାଜତ୍ୱ କାଳରେ ଭୂ-ରାଜସ୍ୱ ଶତକଡ଼ା ୫୦ ଭାଗକୁ ବୃଦ୍ଧି ପାଇଥିଲା। ଏତଦ୍‌ବ୍ୟତୀତ ମୋଗଲ ସମ୍ରାଟମାନେ ଶତ୍ରୁ କବଳରୁ ନିଜ ଦେଶକୁ ରକ୍ଷା କରିବା ପାଇଁ କ୍ରମାଗତ ଯୁଦ୍ଧ କରିବା ଫଳରେ ରାଜକୋଷ ଶୂନ୍ୟ ହୋଇଥିଲା।

**ଚିନ୍ତା କର ।**

ତୁମେ ଯଦି ମୋଗଲ ସାମ୍ରାଜ୍ୟର ଜଣେ ରାଜା ହୋଇଥାନ୍ତ, ଅର୍ଥନୀତିର ସୁଧାର ଆଣିବା ପାଇଁ ତୁମେ କେଉଁ କେଉଁ ପଦକ୍ଷେପ ନେଇଥାନ୍ତ ଚିନ୍ତା କରି ଲେଖ ।

ଅର୍ଥ ଅଭାବରୁ ବ୍ୟବସାୟ ବାଣିଜ୍ୟ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏସବୁ ସାଙ୍ଗକୁ ଦୁର୍ଭିକ୍ଷ ହେବା ଫଳରେ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଥିଲା।

## ଧର୍ମଗତ କାରଣ :

ଔରଙ୍ଗଜେବ୍‌ଙ୍କ ହିନ୍ଦୁ ବିଦ୍ୱେଷ ନୀତି ମୋଗଲ ସାମ୍ରାଜ୍ୟର ପତନର ଅନ୍ୟ ଏକ କାରଣ ଥିଲା। ସେ ଉଠାଇ ଦିଆଯାଇଥିବା ଜିଜିୟା ଓ ତୀର୍ଥଯାତ୍ରୀ କର ହିନ୍ଦୁମାନଙ୍କ ଉପରେ ବସାଇଥିଲେ । ହିନ୍ଦୁମାନଙ୍କୁ ରାଜକାର୍ଯ୍ୟରୁ ବାହାର କରିଦେଲେ । ଶିଖମାନଙ୍କୁ ମଧ୍ୟ ସେ ଭଲ ବ୍ୟବହାର ଦେଖାଉ ନ ଥିଲେ ଫଳରେ ସେମାନେ ମଧ୍ୟ ଔରଙ୍ଗଜେବଙ୍କ ଶତ୍ରୁ ହୋଇ ଉଠିଲେ ।

**ଚିନ୍ତା କର ।**

ଔରଙ୍ଗଜେବ କଣ କରିଥିଲେ ତାଙ୍କ ଧର୍ମନୀତି ସମସ୍ତ ଶ୍ରେଣୀର ଲୋକମାନଙ୍କୁ ଭଲ ଲାଗିଥାନ୍ତା, ଚିନ୍ତା କରି ଲେଖ ।

## ପ୍ରାଦେଶିକ ଶାସକମାନଙ୍କ ସ୍ୱାଧୀନତା ଘୋଷଣା

ମୋଗଲ ଶାସନ ଦୁର୍ବଳ ହୋଇ ପଡ଼ିବା ଫଳରେ କେନ୍ଦ୍ରୀୟ ଶାସନ ଅଧୀନରୁ ପ୍ରଦେଶଗୁଡ଼ିକ ଆସ୍ତେ ଆସ୍ତେ ସ୍ୱାଧୀନ ହେଲା। ଦାକ୍ଷିଣାତ୍ୟ, ଅଯୋଧ୍ୟା ଓ ବଙ୍ଗଳା କ୍ରମେ ସ୍ୱାଧୀନ ହୋଇଗଲା। ଶିବାଜୀଙ୍କ ନେତୃତ୍ୱରେ ମରହଟ୍ଟାମାନେ ଦାକ୍ଷିଣାତ୍ୟରେ କ୍ରମଶଃ କ୍ଷମତା ବିସ୍ତାର କରିବାକୁ ଲାଗିଲେ । ସେମାନେ ଅହମ୍ମଦନଗର, ବିଜାପୁର ଓ ଗୋଲକୁଣ୍ଡା ରାଜ୍ୟଗୁଡ଼ିକୁ ଆକ୍ରମଣ କରି କେତେକ ଦୁର୍ଗ ଅଧିକାର କରିଥିଲେ ଫଳରେ ବିଭିନ୍ନ ସ୍ୱାଧୀନ ରାଜ୍ୟର ଅଭ୍ୟୁଥାନ ହେଲା ଓ ମୋଗଲ ସାମ୍ରାଜ୍ୟର ସୀମା ସଙ୍କୁଚିତ ହୋଇଥିଲା ।

ଶିଖ୍, ରାଜପୁତ୍, ଜାଠ ଓ ରୋହିଲାମାନେ ମୋଗଲମାନଙ୍କ ସହ ସଂପର୍କ ଛିନ୍ନ କରିଥିଲେ । ବଙ୍ଗଳାର ଶାସକ, ବଙ୍ଗ ସହିତ ଓଡ଼ିଶା ଓ ବିହାରକୁ ମିଶାଇ ଏକ ବିରାଟ ଅଂଚଳ ଉପରେ ନିଜର ସ୍ୱାଧୀନତା ଘୋଷଣା କରିଥିଲେ । ଏହି କାରଣ ଯୋଗୁଁ ମୋଗଲ ସାମ୍ରାଜ୍ୟ ପତନର ରାସ୍ତା ଫିଟିଯାଇଥିଲା ।

ମୋଗଲ ଶାସକଙ୍କ ଦୁର୍ବଳତାର ସୁଯୋଗ ନେଇ କେଉଁ କେଉଁ ପ୍ରାଦେଶିକ ଶାସକ ସ୍ୱାଧୀନତା ଘୋଷଣା କଲେ, ତାର ଏକ ତାଲିକା ପ୍ରସ୍ତୁତ କର ।

## ବୈଦେଶିକ ଶତ୍ରୁ ଆକ୍ରମଣ:

ପାରସ୍ୟର ସମ୍ରାଟ ନାଦିର ଶାହା ୧୭୩୯ ଖ୍ରୀଷ୍ଟାବ୍ଦରେ ମୋଗଲ ସାମ୍ରାଜ୍ୟ ଦୁର୍ବଳତାର ସୁଯୋଗ ନେଇ ଦିଲ୍ଲୀ ଆକ୍ରମଣ କରି ପ୍ରଚୁର ଧନରତ୍ନ ଲୁଣ୍ଠନ କରିଥିଲେ । ସେ ଶାହାଜାହାନ୍‌ଙ୍କ ପ୍ରସିଦ୍ଧ ମୟୂର ସିଂହାସନ ଓ କୋହିନୂର ନାମକ ବିଶ୍ୱବିଖ୍ୟାତ ହୀରା ଭାରତରୁ ତାଙ୍କ ଦେଶ ପାରସ୍ୟ (ଇରାନ) କୁ ନେଇ ଯାଇଥିଲେ । ଏହି ଆକ୍ରମଣ ଫଳରେ ସିନ୍ଧୁପ୍ରଦେଶ, ଲାହୋର,କାବୁଲ ପ୍ରଭୃତି ଅଂଚଳ ପାରସ୍ୟ ସାମ୍ରାଜ୍ୟରେ ମିଶିଥିଲା।

ନାଦିରଶାହାଙ୍କ ପରେ ଆଫଗାନିସ୍ଥାନର ଶାସକ ଅହମ୍ମଦଶାହ ଅବ୍‌ଦଲୀ ୧୭୪୮ ଖ୍ରୀଷ୍ଟାବ୍ଦରୁ ୧୭୬୧ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅନେକ ଥର ଭାରତ ଆକ୍ରମଣ କରିଥିଲେ । ୧୭୬୧ ଖ୍ରୀଷ୍ଟାବ୍ଦରେ ଅହମ୍ମଦଶାହ ଅବଦଲୀ ତୃତୀୟ ପାନିପଥ ଯୁଦ୍ଧରେ ମରହଟ୍ଟାମାନଙ୍କୁ ପରାସ୍ତ କରିଥିଲେ ।



ନାଦିରଶାହା



ଅହମ୍ମଦଶାହା ଅବଦଲୀ

ଇଉରୋପୀୟ ବଣିକମାନେ ମଧ୍ୟ ମୋଗଲ ସାମ୍ରାଜ୍ୟର ଦୁରବସ୍ଥାର ସୁଯୋଗ ନେଇଥିଲେ । ପର୍ତ୍ତୁଗୀଜ୍‌ମାନଙ୍କ ପରେ ଓଲନ୍ଦାଜ୍, ଦିନାମାର, ଇଂରେଜ ଓ ଫରାସୀମାନେ ନିଜ ନିଜର ବାଣିଜ୍ୟ କଂପାନୀ ସହ ଭାରତକୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଇଂରେଜ ଓ ଫରାସୀ ଇଷ୍ଟଇଣ୍ଡିଆ କଂପାନୀ ଅଧିକ ଶକ୍ତିଶାଳୀ ହୋଇ ଉଠିଲେ । ଶେଷରେ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଇଂରେଜମାନେ ଅଧିକ ଶକ୍ତିଶାଳୀ ହୋଇ ଭାରତରେ ରାଜ୍ୟ ବିସ୍ତାର କରିଥିଲେ ଫଳରେ ମୋଗଲ ସାମ୍ରାଜ୍ୟର ପତନ ଘଟିଥିଲା ।

**ଚିନ୍ତା କର:**

ଭାରତକୁ ବିଭିନ୍ନ ସମୟରେ ବୈଦେଶିକ ଶତ୍ରୁମାନେ ଆକ୍ରମଣ କରିବା ପଛରେ କଣ କାରଣ ଅଛି ?

## ଆମେ କଣ ଶିଖିଲେ

- କେନ୍ଦ୍ରଶକ୍ତିର ଦୁର୍ବଳତା, ଅର୍ଥନୈତିକ, ବିପର୍ଯ୍ୟୟ, ଧର୍ମ ବିଦ୍ୱେଷ ନୀତି ପ୍ରାଦେଶିକ ଶାସକମାନଙ୍କ ସ୍ୱାଧୀନତା ଘୋଷଣା ଆଦି କାରଣ ମୋଗଲ ସାମ୍ରାଜ୍ୟର ପତନ ଘଟାଇଥିଲା ।
- ନାଦିର ଶାହା ଭାରତରୁ ଶାହାଜାହାନଙ୍କ ପ୍ରସିଦ୍ଧ ମୟୂର ସିଂହାସନ ଓ କୋହିନୂର ହୀରା ନେଇ ଯାଇଥିଲେ ।
- ଅହମ୍ମଦଶାହ ଅବଦଲୀ ତୃତୀୟ ପାନିପଥ ଯୁଦ୍ଧରେ ମରହଟ୍ଟାମାନଙ୍କୁ ପରାସ୍ତ କରିଥିଲେ ।

# ପ୍ରଶ୍ନାବଳୀ

**୧. ନିମ୍ନଲିଖିତ ପ୍ରଶ୍ନମାନଙ୍କ ଉତ୍ତର ଦିଅ।**

କ. କେନ୍ଦ୍ରଶକ୍ତିର ଦୁର୍ବଳତା କିପରି ମୋଗଲ ସାମ୍ରାଜ୍ୟର ପତନ ଘଟାଇଥିଲା, ଆଲୋଚନା କର ।

ଖ. ଔରଙ୍ଗଜେବ୍‌ଙ୍କ ଧର୍ମନୀତି ମୋଗଲ ସାମ୍ରାଜ୍ୟର ପତନ ପାଇଁ କିପରି ଦାୟୀ ଥିଲା, ଲେଖ ।

ଗ. କେଉଁ କେଉଁ ପ୍ରାଦେଶିକ ଶକ୍ତିମାନଙ୍କର ସ୍ୱାଧୀନତା ଘୋଷଣା ମୋଗଲ ସାମ୍ରାଜ୍ୟର ପତନ ଘଟାଇଥିଲା ?

ଘ. ବୈଦେଶିକ ଶତ୍ରୁମାନଙ୍କର ଭାରତ ଆକ୍ରମଣ କିପରି ମୋଗଲ ସାମ୍ରାଜ୍ୟର ପତନ ପାଇଁ ଦାୟୀ, ଉଲ୍ଲେଖ କର ।

**୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

କ. କାହାର ଧର୍ମନୀତି ମୋଗଲ ସାମ୍ରାଜ୍ୟର ପତନ ପାଇଁ ଦାୟୀ ଥିଲା ?
(ବାବର, ଜାହାଙ୍ଗୀର, ଔରଙ୍ଗଜେବ୍, ଶାହାଜାହାନ୍)

ଖ. କିଏ ଭାରତରୁ ମୟୂର ସିଂହାସନ ନେଇ ଯାଇଥିଲେ ?
(ବୈରାମ ଖାଁ, ଶିବାଜୀ, ନାଦୀର ଶାହ, ଅହମ୍ମଦ ଶାହ ଅବଦଲୀ)

ଗ. କେଉଁ ବୈଦେଶିକ ଆକ୍ରମଣକାରୀ ମରହଟ୍ଟାମାନଙ୍କୁ ତୃତୀୟ ପାନିପଥ ଯୁଦ୍ଧରେ ପରାସ୍ତ କରିଥିଲେ?
(ତୈମୁରଲଙ୍ଗ, ନାଦିରଶାହା, ଅହମ୍ମଦଶାହ ଅବଦଲୀ, ରବର୍ଟ କ୍ଲାଇବ)

ଘ. କେଉଁ ଖ୍ରୀଷ୍ଟାବ୍ଦରେ ନାଦିର ଶାହା ଭାରତ ଆକ୍ରମଣ କରିଥିଲେ ?
(୧୫୪୨, ୧୭୩୯, ୧୭୪୮, ୧୭୬୧)

ଙ. ତୃତୀୟ ପାନିପଥ ଯୁଦ୍ଧ କେଉଁ ଖ୍ରୀଷ୍ଟାବ୍ଦରେ ହୋଇଥିଲା ?
(୧୭୪୧, ୧୭୫୧, ୧୭୫୭, ୧୭୬୧)

୩. ମୋଗଲ ସାମ୍ରାଜ୍ୟର ପତନ ପାଇଁ ଅର୍ଥନୈତିକ ଓ ଧର୍ମଗତ କାରଣ ମଧ୍ୟରୁ ତୁମେ କେଉଁଟିକୁ ପ୍ରାଧାନ୍ୟ ଦେବ ଏବଂ କାହିଁକି?

୪. ମରହଟ୍ଟା ଓ ବଙ୍ଗର ଶାସକ ମଧ୍ୟରୁ କିଏ ମୋଗଲ ସାମ୍ରାଜ୍ୟର ପତନ ପାଇଁ ବେଶି ଦାୟୀ ଥିଲେ, ପ୍ରମାଣ ସହ ଦର୍ଶାଅ?

୫. କେଉଁ ବୈଦେଶିକ ଆକ୍ରମଣ ମୋଗଲ ସାମ୍ରାଜ୍ୟର ବିଶେଷ କ୍ଷତି ଘଟାଇଥିଲା ଓ କାହିଁକି?

## ତୁମ ପାଇଁ କାମ

ମୋଗଲ ସମ୍ରାଟମାନଙ୍କର ଫଟୋଚିତ୍ର ସଂଗ୍ରହ କରି ସେମାନଙ୍କ ପ୍ରଧାନ କାର୍ଯ୍ୟାବଳୀ ସଂପର୍କରେ ଉଲ୍ଲେଖ କର ।

# ସପ୍ତମ ଅଧ୍ୟାୟ

# ଓଡ଼ିଶାରେ ସୂର୍ଯ୍ୟବଂଶୀ ନରପତିଗଣ

GHMZLC

ଗଙ୍ଗବଂଶର ପତନ ପରେ ଓଡ଼ିଶାରେ ଏକ ନୂତନ ରାଜବଂଶର ଅଭ୍ୟୁଦୟ ଘଟିଥିଲା। ତାହା ସୂର୍ଯ୍ୟବଂଶ ନାମରେ ପ୍ରସିଦ୍ଧ। ଏହି ବଂଶର ରାଜାମାନେ 'ଗଜପତି' ଉପାଧିରେ ଭୂଷିତ ହୋଇଥିଲେ। ସୂର୍ଯ୍ୟବଂଶୀ ରାଜାମାନଙ୍କର ରାଜତ୍ୱ କାଳରେ ଓଡ଼ିଶାର ସାମାଜିକ ଏବଂ ସାଂସ୍କୃତିକ ଜୀବନରେ ଉନ୍ନତି ପରିଲକ୍ଷିତ ହୋଇଥିଲା।

## କପିଳେନ୍ଦ୍ରଦେବ (୧୪୩୫–୧୪୬୭ ଖ୍ରୀଷ୍ଟାବ୍ଦ) :

କପିଳେନ୍ଦ୍ରଦେବ ସୂର୍ଯ୍ୟବଂଶର ପ୍ରତିଷ୍ଠାତା। ସେ ଗଙ୍ଗବଂଶର ଶେଷ ରାଜା ଚତୁର୍ଥ ଭାନୁଦେବଙ୍କର ସେନାପତି ଥିଲେ। ସେ ଅପୁତ୍ରିକ ଥିବାରୁ ତାଙ୍କ ମୃତ୍ୟୁ ପରେ ନିଜ ଶକ୍ତି ବଳରେ ଏବଂ ପାତ୍ରମନ୍ତ୍ରୀଙ୍କର ସମର୍ଥନ ଲାଭ କରି ୧୪୩୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲେ। ସେହି ବର୍ଷ ସେ 'କପିଳାବ୍ଦ' ପ୍ରଚଳନ କରିଥିଲେ।

### ରାଜ୍ୟଜୟ:

କପିଳେନ୍ଦ୍ରଦେବ ଜଣେ ବିଚକ୍ଷଣ ଯୋଦ୍ଧା ଏବଂ ଦିଗ୍‌ବିଜୟୀ ସମ୍ରାଟ ଥିଲେ। ସେ ଗୌଡ଼ର ସୁଲତାନ୍‌ଙ୍କୁ ପରାଜିତ କରି 'ଗୌଡେଶ୍ୱର' ଉପାଧି ଧାରଣ କରିଥିଲେ। ଦାକ୍ଷିଣାତ୍ୟର ଶକ୍ତିଶାଳୀ ବିଜୟନଗରର ରାଜାଙ୍କୁ ପରାଜିତ କରି କର୍ଣ୍ଣାଟ ଅଂଚଳ (ବର୍ତ୍ତମାନର କର୍ଣ୍ଣାଟକ ରାଜ୍ୟ) ଅଧିକାର କରି 'ନବକୋଟି କର୍ଣ୍ଣାଟ' ଉପାଧିରେ ଭୂଷିତ ହୋଇଥିଲେ। ସେ ମଧ୍ୟ ବାହମନୀର ସୁଲତାନଙ୍କୁ ପରାସ୍ତ କରି ସେହି ରାଜ୍ୟର ରାଜଧାନୀ କଲବର୍ଗ (ବର୍ତ୍ତମାନର କର୍ଣ୍ଣାଟକ ରାଜ୍ୟରେ ଥିବା ଗୁଲବର୍ଗା ସହର) ଅଧିକାର କରିଥିଲେ। ଏହାପରେ ସେ ନିଜକୁ 'କଲବର୍ଗେଶ୍ୱର' ଉପାଧିରେ ଭୂଷିତ କରିଥିଲେ। ତାଙ୍କର ବିଶାଳ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ କୃଷ୍ଣା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ସେ ମଧ୍ୟ ନିଜକୁ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର' ଉପାଧିରେ ଭୂଷିତ କରିଥିଲେ।

**ତୁମେ ଜାଣିଛ କି?**

ସମ୍ରାଟ କପିଳେନ୍ଦ୍ରଦେବଙ୍କର ଉପାଧି ଥିଲା – 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର'। କପିଳେନ୍ଦ୍ରଦେବ ବିଶାଳ ଗଜ (ହସ୍ତୀ) ସେନାର ଅଧିପତି ଥିବାରୁ ସେ 'ଗଜପତି' ଉପାଧି ଧାରଣ କରିଥିଲେ। ସେ ଗୌଡ଼ (ବଙ୍ଗ)ର କିଛି ଅଂଚଳ ଜୟ କରିଥିବାରୁ 'ଗୌଡେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ। ସେ କର୍ଣ୍ଣାଟ (ବିଜୟନଗର ସାମ୍ରାଜ୍ୟ) ଅଂଚଳ ତଥା ବାହମନୀ ରାଜ୍ୟର ପ୍ରାଚୀନ ରାଜଧାନୀ କଲବର୍ଗ (ଗୁଲବର୍ଗା) ଜୟ କରିଥିବାରୁ 'ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର' ଉପାଧି ଧାରଣ କରିଥିଲେ।

ତୁମ ଅଂଚଳରେ ଆଗ କାଳରେ ବିଶିଷ୍ଟ ଲୋକମାନଙ୍କୁ କେଉଁ କେଉଁ ଉପାଧି ଦିଆଯାଉଥିଲା, ଅନ୍ୟମାନଙ୍କୁ ପଚାରି ଲେଖ।

## ରାଜ୍ୟ ଶାସନ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ:

ଜଣେ ସୁଶାସକ ଭାବେ କପିଳେନ୍ଦ୍ର ଦେବ ଇତିହାସ ପ୍ରସିଦ୍ଧ । ସେ ରାଜ୍ୟ ପରିଚାଳନାରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ । ସେ ଥିଲେ ଜଣେ ପ୍ରଜାବତ୍ସଳ ସମ୍ରାଟ । ସେ ରାଜ୍ୟର ପ୍ରତ୍ୟେକ ଅଂଚଳ ଗସ୍ତ କରି ପ୍ରଜାମାନଙ୍କର ଗୁହାରି ଶୁଣୁଥିଲେ ଏବଂ ବିଭିନ୍ନ ସମସ୍ୟାର ସମାଧାନ କରୁଥିଲେ । ସେ ପ୍ରଜାମାନଙ୍କ ଉପରୁ ଲବଣ ଓ କଉଡ଼ି କର ଉଠାଇ ଦେଇଥିଲେ । ତାଙ୍କ ରାଜତ୍ୱ କାଳରେ ସର୍ବସାଧାରଣଙ୍କ ଧନଜୀବନ ନିରାପଦ ଥିଲା। ପ୍ରଜାମାନେ ସୁଖଶାନ୍ତିରେ ବସବାସ କରୁଥିଲେ । ସେ ସମୟରେ ରାଜ୍ୟର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା ଯାହା କୃଷି ଓ ବାଣିଜ୍ୟର ଉନ୍ନତି ଦ୍ୱାରା ସମ୍ଭବପର ହୋଇଥିଲା।

କପିଳେନ୍ଦ୍ରଦେବଙ୍କ ସମୟରେ ତୁମେ ଜଣେ ପ୍ରଜା ହୋଇଥିଲେ କେଉଁ କେଉଁ ଅଧିକ ସୁବିଧା ହାସଲ ପାଇଁ ରାଜାଙ୍କୁ ଅନୁରୋଧ କରିଥାନ୍ତ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

କପିଳେନ୍ଦ୍ର ଦେବ କଳା ଓ ସାହିତ୍ୟର ପୃଷ୍ଠପୋଷକ ଥିଲେ । ଭୁବନେଶ୍ୱର ନିକଟବର୍ତ୍ତୀ କପିଳେଶ୍ୱର ଶିବ ମନ୍ଦିରର ତାଙ୍କ ସମୟରେ ନିର୍ମିତ ହୋଇଥିଲା । ସେ କପିଳେଶ୍ୱରପୁର ଏବଂ ଦାମୋଦରପୁର ନାମକ ଦୁଇଟି ଶାସନ ପ୍ରତିଷ୍ଠା କରିଥିଲେ । ସଂସ୍କୃତ ଭାଷା ଓ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ସେ 'ପରଶୁରାମ ବିଜୟ' ନାମକ ଏକ ସଂସ୍କୃତ ନାଟକ ରଚନା କରିଥିଲେ । ତାଙ୍କ ସମୟରେ ନୃସିଂହ ବାଜପେୟୀ ସଂସ୍କୃତରେ 'ସଂକ୍ଷେପ ଶାରୀରିକ ବର୍ତ୍ତିକା' ନାମକ ଏକ ପୁସ୍ତକ ରଚନା କରିଥିଲେ । ତାଙ୍କ ରାଜତ୍ୱକାଳରେ ଶୂଦ୍ରମୁନି ସାରଳା ଦାସ ଓଡ଼ିଆ ଭାଷାରେ 'ମହାଭାରତ' ଏବଂ 'ଚଣ୍ଡୀ ପୁରାଣ' ରଚନା କରିଥିଲେ ।

ଦକ୍ଷିଣ ଭାରତରେ ଶାସନ କାର୍ଯ୍ୟ ତଦାରଖ କରୁଥିବା ସମୟରେ କୃଷ୍ଣାନଦୀ ତୀରରେ କପିଳେନ୍ଦ୍ରଦେବ ୧୪୬୭ ଖ୍ରୀଷ୍ଟାବ୍ଦରେ ପ୍ରାଣ ତ୍ୟାଗ କରିଥିଲେ ।

'ପର୍ଶୁରାମ ବିଜୟ' ପରି ଅନ୍ୟ ସଂସ୍କୃତ କାବ୍ୟଗୁଡ଼ିକର ନାମ ସଂଗ୍ରହ କରି ସେଗୁଡ଼ିକର ରଚୟିତାଙ୍କ ନାମ ଲେଖ ।

### ତୁମେ ଜାଣିଛ କି ?

- ଶାସନ– କେବଳ ବ୍ରାହ୍ମଣମାନେ ବସବାସ କରୁଥିବା ଗ୍ରାମକୁ ଶାସନ କୁହାଯାଏ। ଅତୀତରେ ଓଡ଼ିଶାର ରାଜାମାନେ ବ୍ରାହ୍ମଣମାନଙ୍କୁ ପୃଷ୍ଠପୋଷକତା ଦେଖାଇବା ପାଇଁ ଶାସନମାନ ବସାଇ ଥିଲେ ।
- ହମ୍ବୀର– ସେ ଥିଲେ କପିଳେନ୍ଦ୍ର ଦେବଙ୍କର ଜ୍ୟେଷ୍ଠ ପୁତ୍ର । ଦାକ୍ଷିଣାତ୍ୟ ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କପିଳେନ୍ଦ୍ରଦେବ ମୃତ୍ୟୁ ପୂର୍ବରୁ ତାଙ୍କର ଅନ୍ୟତମ କନିଷ୍ଠ ପୁତ୍ର ପୁରୁଷୋତ୍ତମ ଦେବଙ୍କୁ ଓଡ଼ିଶାର ରାଜା ରୂପେ ଘୋଷଣା କରିବା ହେତୁ ତାଙ୍କ ମୃତ୍ୟୁ ପରେ ହମ୍ବୀର ପୁରୁଷୋତ୍ତମ ଦେବଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ ଏବଂ ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା।

## ପୁରୁଷୋତ୍ତମ ଦେବ (୧୪୬୭ – ୧୪୯୭ ଖ୍ରୀଷ୍ଟାବ୍ଦ) :

ପୁରୁଷୋତ୍ତମ ଦେବ ଥିଲେ କପିଳେନ୍ଦ୍ରଦେବଙ୍କ ପୁତ୍ର । ପିତାଙ୍କ ମୃତ୍ୟୁ ପରେ ସେ ୧୪୬୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ ।ଏହି ସମୟରେ ସେ କପିଳେନ୍ଦ୍ରଦେବଙ୍କର ଜ୍ୟେଷ୍ଠପୁତ୍ର ହମ୍ବୀରଙ୍କ ସହିତ ତୀବ୍ର ଭ୍ରାତୃ ବିବାଦରେ ଲିପ୍ତ ରହିଥିଲେ । ଏହାର ସୁଯୋଗ ନେଇ ଶତ୍ରୁମାନେ ଶକ୍ତିଶାଳୀ ହୋଇ ଉଠିଲେ ।

### ତୁମେ ଜାଣିଛ କି ?

❖ କାଞ୍ଚି ଅଧିକାର- ପୁରୁଷୋତ୍ତମ ଦେବ କାଞ୍ଚି ଅଧିକାର କରିବା କଥା ଓଡ଼ିଶାର ଏକ ପ୍ରାଚୀନ କିମ୍ବଦନ୍ତୀ। ସେ ପଲ୍ଲବମାନଙ୍କର ରାଜଧାନୀ କାଞ୍ଚିପୁରମ ଅଧିକାର କରି ନଥିଲେ । ସେ ଉଦୟଗିରି ରାଜ୍ୟ ଅଧିକାର କରିଥିଲେ, ଯାହା କିମ୍ବଦନ୍ତୀରେ କାଞ୍ଚିରୂପେ ବର୍ଣ୍ଣିତ ।

### ରାଜ୍ୟଜୟ:

କପିଳେନ୍ଦ୍ରଦେବଙ୍କ ମୃତ୍ୟୁର ସୁଯୋଗ ନେଇ ଉଦୟଗିରି ରାଜ୍ୟର ରାଜା ସାଲ୍ୱ ନରସିଂହ ଦକ୍ଷିଣରେ ଓଡ଼ିଶାର କେତେକ ଦୁର୍ଗ ଅଧିକାର କରିଥିଲେ । ପୁରୁଷୋତ୍ତମ ଦେବ ବିଶାଳ ସୈନ୍ୟବାହିନୀ ସହିତ ଅଗ୍ରସର ହୋଇ ସାଲ୍ୱ ନରସିଂହଙ୍କୁ ପରାଜିତ କରି ଉଦୟଗିରି ରାଜ୍ୟ ଅଧିକାର କରିଥିଲେ । ସାଲ୍ୱ ନରସିଂହ ପୁରୁଷୋତ୍ତମ ଦେବଙ୍କ ସହିତ ସନ୍ଧି କରିଥିଲେ ଏବଂ ନିଜର କନ୍ୟାଙ୍କୁ ପୁରୁଷୋତ୍ତମ ଦେବଙ୍କ ସହିତ ବିବାହ କରାଇଥିଲେ ।

❖ 'କାଞ୍ଚି ଅଭିଯାନ' ସଂପର୍କରେ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ନେଇ ଅନ୍ୟମାନଙ୍କ ସହ ଆଲୋଚନା କରି ଏକ ଗଳ୍ପ ରଚନା କର ।

❖ ଜଗନ୍ନାଥ, କଳା-ଧଳା ଘୋଡ଼ା, ଗଉଡୁଣୀ, ପୁରୁଷୋତ୍ତମଦେବ, ସାଲ୍ୱ ନରସିଂହଦେବ, ପଦ୍ମାବତୀ, ଚଣ୍ଡାଳ, ଚତୁର ମନ୍ତ୍ରୀ, ରଥ ଯାତ୍ରା, ଛେରା-ପହଁରା, ପୁରୁଷୋତ୍ତମଙ୍କ ସହିତ ପଦ୍ମାବତୀଙ୍କ ବିବାହ

ବାହାମନୀ ସୁଲତାନ ରାଜମହେନ୍ଦ୍ରୀ ଅଧିକାର କରିଥିଲେ । ପୁରୁଷୋତ୍ତମ ବାହମନୀ ରାଜ୍ୟ ଆକ୍ରମଣ କରି ରାଜମହେନ୍ଦ୍ରୀ ସମେତ ଗୋଦାବରୀ ଓ କୃଷ୍ଣାନଦୀ ମଧ୍ୟବର୍ତ୍ତୀ ଅଂଚଳ ଅଧିକାର କରି ଗଜପତି ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ।

### ରାଜ୍ୟ ଶାସନ ଓ ଅନ୍ୟାନ୍ୟ କୀର୍ତ୍ତି:

ପୁରୁଷୋତ୍ତମ ଦେବ ଜଣେ ଧର୍ମପ୍ରାଣ, ପ୍ରଜାବତ୍ସଳ ଏବଂ ସୁଶାସକ ରୂପେ ବିଖ୍ୟାତ ।ସେ ୧୬ଟି ବ୍ରାହ୍ମଣ ଶାସନ ସ୍ଥାପନ କରିଥିଲେ । ସଂସ୍କୃତ ସାହିତ୍ୟ ଓ ଧର୍ମଶାସ୍ତ୍ରରେ ତାଙ୍କର ଗଭୀର ଜ୍ଞାନ ଥିଲା। ସେ 'ଅଭିନବ ଗୀତ ଗୋବିନ୍ଦ' ରଚନା କରିଥିଲେ ବୋଲି ବିଶ୍ୱାସ କରାଯାଏ ।

ପୁରୁଷୋତ୍ତମ ଦେବ ୧୪୯୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ ।

ପୁରୁଷୋତ୍ତମଦେବ ଜଣେ ସଫଳ ଶାସକ ଥିଲେ କି ? ସପକ୍ଷରେ/ବିପକ୍ଷରେ ନିଜ ମତାମତ ପ୍ରକାଶ କର ।

## ପ୍ରତାପରୁଦ୍ର ଦେବ (୧୪୯୭ – ୧୫୩୮ ଖ୍ରୀଷ୍ଟାବ୍ଦ) :

ପ୍ରତାପରୁଦ୍ରଦେବ ଥିଲେ ସୂର୍ଯ୍ୟବଂଶର ଶେଷ ସମ୍ରାଟ । ପୁରୁଷୋତ୍ତମଦେବଙ୍କ ପରେ ତାଙ୍କ ପୁତ୍ର ପ୍ରତାପରୁଦ୍ରଦେବ ୧୪୯୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ସିଂହାସନ ଆରୋହଣ କରିବା ପରେ ଓଡ଼ିଶା ଘନ ଘନ ବହିଃ ଶତ୍ରୁମାନଙ୍କର ଆକ୍ରମଣରେ ଅତିଷ୍ଠ ହୋଇ ପଡ଼ିଥିଲା। ଏହା ଗଜପତି ସାମ୍ରାଜ୍ୟର ପତନ ପାଇଁ ପଥ ପରିଷ୍କାର କରିଦେଲା।

## ଶତ୍ରୁମାନଙ୍କ ସହିତ ଯୁଦ୍ଧ:

ପ୍ରତାପରୁଦ୍ରଦେବ ଦାକ୍ଷିଣାତ୍ୟରେ ବିଜୟନଗର ସହିତ ଯୁଦ୍ଧରତ ଥିଲାବେଳେ ବଙ୍ଗର ସୁଲତାନ ଆଲ୍ଲାଉଦ୍ଦିନ ହୁସେନ ଶାହଙ୍କ ସୈନ୍ୟମାନେ ଓଡ଼ିଶା ଆକ୍ରମଣ କରି ପୁରୀ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଏହି ସମ୍ବାଦ ପାଇ ପ୍ରତାପରୁଦ୍ରଦେବ ଦାକ୍ଷିଣାତ୍ୟରୁ ପ୍ରତ୍ୟାବର୍ତ୍ତନ କରି ଶତ୍ରୁସୈନ୍ୟମାନଙ୍କୁ ଓଡ଼ିଶାରୁ ତଡ଼ି ଦେଇଥିଲେ ।

ପ୍ରତାପରୁଦ୍ରଦେବ ଦାକ୍ଷିଣାତ୍ୟରୁ ପ୍ରତ୍ୟାବର୍ତ୍ତନ କରି ନଥିଲେ କଣ ହୋଇଥାନ୍ତା ବୋଲି ତୁମେ ଭାବୁଛ, ଲେଖ ।

ସେହି ସମୟରେ ବିଜୟନଗର ରାଜ୍ୟର ରାଜା କୃଷ୍ଣଦେବ ରାୟ ପ୍ରବଳ ପ୍ରତାପୀ ହୋଇ ଉଠିଥିଲେ । ସେ ଉଦୟଗିରି ସମେତ ଓଡ଼ିଶାର ବହୁ ଅଂଚଳ ଅଧିକାର କରି ସୀମାଚଳମ୍ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ପ୍ରତାପରୁଦ୍ରଦେବ ତାଙ୍କର ଗତିରୋଧ କରି ପରାଜିତ ହୋଇଥିଲେ । ସେ କୃଷ୍ଣଦେବ ରାୟଙ୍କ ସହିତ ସନ୍ଧି ସ୍ଥାପନ କରି ତାଙ୍କୁ ଗୋଦାବରୀ ନଦୀର ଦକ୍ଷିଣକୁ ଥିବା ଓଡ଼ିଶା ରାଜ୍ୟର ଅଂଚଳ ଛାଡ଼ି ଦେବା ସହିତ ନିଜ କନ୍ୟା ଜଗନ୍ମୋହିନୀଙ୍କୁ ତାଙ୍କ ସହ ବିବାହ କରାଇଥିଲେ । ଏହି ସବୁ ଆକ୍ରମଣ ଫଳରେ ଓଡ଼ିଶାର ଗଜପତି ସାମ୍ରାଜ୍ୟ ଦୁର୍ବଳ ହୋଇ ପଡ଼ିଲା ।

ଯଦି ପ୍ରତାପରୁଦ୍ରଦେବ କୃଷ୍ଣଦେବ ରାୟଙ୍କ ସହ ସନ୍ଧି ସ୍ଥାପନ କରି ନଥାନ୍ତେ, ତାହା ହେଲେ କଣ ସବୁ ଅସୁବିଧା ହୋଇଥାନ୍ତା, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

### ତୁମେ ଜାଣିଛ କି?

ବୀରଭଦ୍ର– ସେ ପ୍ରତାପରୁଦ୍ରଦେବଙ୍କର ଏକମାତ୍ର ପୁତ୍ର । ଦାକ୍ଷିଣାତ୍ୟରେ କୋଣ୍ଡାଭିଡୁ ଦୁର୍ଗ ଅଧିକାର କଲାବେଳେ ସେ ବିଜୟନଗରର ସୈନ୍ୟବାହିନୀଙ୍କ ହାତରେ ଧରାପଡ଼ିଥିଲେ । ଅସୀ ଚାଳନାରେ ସେ ଥିଲେ ଦକ୍ଷ । କୃଷ୍ଣଦେବ ରାୟଙ୍କ ଦରବାରରେ ତାଙ୍କୁ ଜଣେ ସାଧାରଣ ଲୋକ ସହିତ ଅସୀଯୁଦ୍ଧ କରିବାକୁ କୁହାଯିବାରୁ ଅପମାନିତ ହୋଇ ନିଜ ତରବାରୀ ଛାତିରେ ବିଦ୍ଧ କରି ପ୍ରାଣତ୍ୟାଗ କରିଥିଲେ । ଏହା ପ୍ରତାପରୁଦ୍ରଦେବଙ୍କୁ ଦୁର୍ବଳ କରି ଦେଇଥିଲା।

## କଳା ଓ ସାହିତ୍ୟର ପୃଷ୍ଠପୋଷକତା:

ପ୍ରତାପରୁଦ୍ରଦେବ ଜଣେ ପ୍ରଜାବତ୍ସଳ ସମ୍ରାଟ ଥିଲେ । ସେ ଜଣେ ବିଶିଷ୍ଟ କବି ଓ ବିଦ୍ୱାନ ଥିଲେ । ସଂସ୍କୃତ ଭାଷାରେ ତାଙ୍କ ଦ୍ୱାରା ରଚିତ 'ସରସ୍ୱତୀ ବିଳାସ' ହିନ୍ଦୁ ଆଇନ ସଂପର୍କରେ ଏକ ଅମୂଲ୍ୟ ଗ୍ରନ୍ଥ ରୂପେ ବିବେଚିତ । ସେହି ସମୟରେ ଜଗନ୍ନାଥ ଦାସ ଓଡ଼ିଆରେ 'ଭାଗବତ' ଏବଂ ବଳରାମ ଦାସ 'ଦାଣ୍ଡି ରାମାୟଣ' ରଚନା କରିଥିଲେ । କବି ଜୀବଦେବ ଆଚାର୍ଯ୍ୟ 'ଭକ୍ତି ଭାଗବତ' ରଚନା କରିଥିଲେ । ରାୟ ରାମାନନ୍ଦ 'ଜଗନ୍ନାଥ ବଲ୍ଲଭ' ନାଟକ ରଚନା କରିଥିଲେ । ବହୁ କବି ଏବଂ ପଣ୍ଡିତ ପ୍ରତାପରୁଦ୍ରଦେବଙ୍କ ପୃଷ୍ଠପୋଷକତା ଲାଭ କରିଥିଲେ ।

**ତୁମେ ଜାଣିଛ କି?**

ପଞ୍ଚସଖା- ସେମାନେ ହେଲେ ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ଏବଂ ଯଶୋବନ୍ତ ଦାସ । ସେମାନେ ପ୍ରତାପରୁଦ୍ରଦେବଙ୍କ ସମସାମୟିକ ଥିଲେ । ସେମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥମାନ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ ।

ପ୍ରତାପରୁଦ୍ରଦେବଙ୍କ ସମୟରେ ପଞ୍ଚସଖାଙ୍କର ଆବିର୍ଭାବ ଘଟିଥିଲା। ସେମାନଙ୍କ ମଧ୍ୟରୁ ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କ ପୁସ୍ତକ ସଂପର୍କରେ ସୂଚନା ଦିଆଯାଇଛି। ଅନ୍ୟ ସଖାମାନଙ୍କ କୃତି ସଂପର୍କରେ ଗୁରୁଜନମାନଙ୍କ ସହିତ ଆଲୋଚନା କରି ଲେଖ ।

ପ୍ରତାପରୁଦ୍ରଦେବ ପୁରୀର ଜଗନ୍ନାଥ ମନ୍ଦିର ବେଢ଼ା ମଧ୍ୟରେ ଥିବା ମୁକ୍ତି ମଣ୍ଡପ ନିର୍ମାଣ କରିଥିଲେ । ସେ କଟକ ନିକଟରେ ଧବଳେଶ୍ୱର ମନ୍ଦିର ଏବଂ ଢେଙ୍କାନାଳର କପିଳାସ ପର୍ବତ ଉପରେ ଚନ୍ଦ୍ରଶେଖର ମନ୍ଦିର ନିର୍ମାଣ କରିଥିଲେ ।

ପ୍ରତାପରୁଦ୍ରଦେବ ଶ୍ରୀଚୈତନ୍ୟଙ୍କ ଦ୍ୱାରା ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ । ସେ ୧୫୩୮ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

ପ୍ରତାପରୁଦ୍ରଦେବଙ୍କ ସମୟରେ ଘଟିଥିବା ବିଶିଷ୍ଟ ଘଟଣାଗୁଡ଼ିକ ମଧ୍ୟରୁ କେଉଁ ଘଟଣାଟି ଅଧିକ ଗୁରୁତ୍ୱପୂର୍ଣ୍ଣ ଓ କାହିଁକି, ଲେଖ ।

## ମୁକୁନ୍ଦ ହରିଚନ୍ଦନ:

ପ୍ରତାପରୁଦ୍ରଦେବଙ୍କ ପରେ ତାଙ୍କ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ଷଡ଼ଯନ୍ତ୍ର କରି ଓଡ଼ିଶାର ରାଜା ହୋଇଥିଲେ । ସେ ଭୋଇବଂଶ ପ୍ରତିଷ୍ଠା କରିଥିଲେ । ଗୋବିନ୍ଦ ବିଦ୍ୟାଧରଙ୍କ ପରେ ତାଙ୍କ ପୁତ୍ର ଚକ୍ର ପ୍ରତାପ ରାଜତ୍ୱ କରିଥିଲେ । ତାଙ୍କ ପରେ ମୁକୁନ୍ଦ ହରିଚନ୍ଦନ (୧୫୬୦-

**ତୁମେ ଜାଣିଛ କି?**

ତେଲେଙ୍ଗା ମୁକୁନ୍ଦ- ଗଜପତି ସାମ୍ରାଜ୍ୟର ରାଜମହେନ୍ଦ୍ରୀ ଅଂଚଳରେ ରାଜତ୍ୱ କରୁଥିବା ଚାଲୁକ୍ୟ ବଂଶରେ ସେ ଜନ୍ମଗ୍ରହଣ କରିଥିଲେ । ସେଥିପାଇଁ ସେ ଓଡ଼ିଶା ଇତିହାସରେ 'ତେଲେଙ୍ଗା ମୁକୁନ୍ଦ' ନାମରେ ପ୍ରସିଦ୍ଧ । ସେ ପ୍ରତାପରୁଦ୍ରଙ୍କ ସୈନ୍ୟବାହିନୀରେ ଜଣେ ସୁଦକ୍ଷ ସୈନିକ ଥିଲେ । ଗୋବିନ୍ଦ ବିଦ୍ୟାଧରଙ୍କ ରାଜତ୍ୱ କାଳରେ ସେ କଟକ ସହରର ଶାସନକର୍ତ୍ତା ଥିଲେ । ସେ ମଧ୍ୟ ମୁକୁନ୍ଦ ହରିଚନ୍ଦନ ଏବଂ ମୁକୁନ୍ଦଦେବ ରୂପେ ଓଡ଼ିଶା ଇତିହାସରେ ପ୍ରସିଦ୍ଧ ।

୧୫୬୮ ଖ୍ରୀଷ୍ଟାବ୍ଦ) ରାଜତ୍ୱ କରିଥିଲେ । ସେ ଥିଲେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା। କୁହାଯାଏ, ସେ କଟକର ବାରବାଟୀ ଦୁର୍ଗ ମଧ୍ୟରେ ନବତଳ ପ୍ରାସାଦ ନିର୍ମାଣ କରିଥିଲେ ।



ବାରବାଟୀ ଦୁର୍ଗ

## ସାମ୍ରାଜ୍ୟ ବିସ୍ତାରଃ

ମୁକୁନ୍ଦ ହରିଚନ୍ଦନ ୧୫୬୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ସିଂହାସନ ଆରୋହଣକରି ମୁକୁନ୍ଦଦେବ ନାମରେ ଖ୍ୟାତ ହେଲେ ।ଓଡ଼ିଶାର ଆଭ୍ୟନ୍ତରୀଣ ବିଶୃଙ୍ଖଳାର ସୁଯୋଗ ନେଇ ବଙ୍ଗର ସୁଲତାନ ଗିୟାସୁଦ୍ଦିନ୍ ଜଲାଲ ଶାହ ୧୫୬୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଆକ୍ରମଣ କରି ଯାଜପୁର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ମୁକୁନ୍ଦଦେବ ଗିୟାସୁଦ୍ଦିନ୍‌ଙ୍କୁ ପରାସ୍ତ କରି ଓଡ଼ିଶା ସାମ୍ରାଜ୍ୟର ସୀମାକୁ ଗଙ୍ଗାନଦୀ ପର୍ଯ୍ୟନ୍ତ ବିସ୍ତାର କରିବାକୁ ସମର୍ଥ ହୋଇଥିଲେ ।ଏହି ବିଜୟର ସ୍ମୃତି ସ୍ୱରୂପ ସେ ହୁଗୁଳି ଜିଲ୍ଲାର ଗଙ୍ଗାନଦୀ କୂଳରେ ତ୍ରିବେଣୀ ଘାଟ ନିର୍ମାଣ କରିଥିଲେ ।

## ଯୁଦ୍ଧ ଏବଂ ବିପର୍ଯ୍ୟୟଃ

ମୋଗଲ ସମ୍ରାଟ ଆକବର ବଙ୍ଗ ଦେଶ ଜୟ କରିବା ଉଦ୍ଦେଶ୍ୟରେ ମୁକୁନ୍ଦଦେବଙ୍କ ସହିତ ସଂପର୍କ ସ୍ଥାପନ କରିଥିଲେ । ଏହାଦ୍ୱାରା ବଙ୍ଗର ଆଫଗାନ ସୁଲତାନ୍ ସୁଲେମାନ୍ କର୍‌ରାଣୀ କ୍ଷୁବ୍ଧ ହୋଇଥିଲେ । ୧୫୬୮ ଖ୍ରୀଷ୍ଟାବ୍ଦରେ ସେ ନିଜର ସୈନ୍ୟବାହିନୀକୁ ଦୁଇ ଭାଗରେ ବିଭକ୍ତ କରି ଓଡ଼ିଶା ଆକ୍ରମଣ କରିଥିଲେ ।ସୁଲେମାନ୍ କର୍‌ରାଣୀଙ୍କ ସହ ଯୁଦ୍ଧ କରି ମୁକୁନ୍ଦଦେବ ପରାଜିତ ହୋଇଥିଲେ ।କର୍‌ରାଣୀଙ୍କ ଅନ୍ୟ ଏକ ସୈନ୍ୟଦଳ ତାଙ୍କର ପୁତ୍ର ବାୟାଜିଦ୍ ଏବଂ ସେନାପତି କଳାପାହାଡ଼ଙ୍କ ନେତୃତ୍ୱରେ ଅଗ୍ରସର ହୋଇ କଟକ ଅଧିକାର କରିଥିଲେ ।ଏହି

ଘଡ଼ିସନ୍ଧି ମୁହୂର୍ତ୍ତରେ ସାରଙ୍ଗଗଡ଼ର ସାମନ୍ତରାଜା ରାମଚନ୍ଦ୍ର ଭଞ୍ଜ ମୁକୁନ୍ଦଦେବଙ୍କ ବିରୁଦ୍ଧରେ ବିଦ୍ରୋହ କରି ନିଜକୁ ଗଜପତି ରାଜା ରୂପେ ଘୋଷଣା କରିଥିଲେ । ତାଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଗଙ୍ଗାନଦୀ କୂଳରୁ ଫେରୁଥିବା ବେଳେ ରାମଚନ୍ଦ୍ର ଭଞ୍ଜଙ୍କ ସହିତ ଯାଜପୁର ନିକଟବର୍ତ୍ତୀ ଗୋହିରୀଟିକିରାଠାରେ ୧୫୬୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବଙ୍କର ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧରେ ମୁକୁନ୍ଦଦେବ ନିହତ ହେଲେ । ମୁକୁନ୍ଦଦେବଙ୍କ ପରେ ଓଡ଼ିଶାର ସ୍ୱାଧୀନତା ଲୋପ ପାଇଲା।

'କଳାପାହାଡ଼' ସଂପର୍କିତ କିମ୍ବଦନ୍ତୀ ବିଷୟରେ ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ।

## ଆମେ କଣ ଶିଖିଲେ ?

- ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ରଦେବ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।
- ପୁରୁଷୋତ୍ତମ ଦେବ ଦାକ୍ଷିଣାତ୍ୟର ଉଦୟଗିରି ରାଜ୍ୟ ଅଧିକାର କରିଥିଲେ ।
- ପ୍ରତାପରୁଦ୍ରଦେବ ସୂର୍ଯ୍ୟବଂଶର ଶେଷ ସମ୍ରାଟ ଥିଲେ ।
- ମୁକୁନ୍ଦ ହରିଚନ୍ଦନ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଥିଲେ ।

# ପ୍ରଶ୍ନାବଳୀ

୧. ତଳଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) କପିଳେନ୍ଦ୍ରଦେବଙ୍କ ରାଜ୍ୟ ଜୟ ବିଷୟରେ ଲେଖ ।

ଖ) ପ୍ରତାପରୁଦ୍ରଦେବ ଏବଂ କୃଷ୍ଣଦେବ ରାୟଙ୍କ ମଧ୍ୟରେ ଥିବା ସଂପର୍କ ବିଷୟରେ ଲେଖ ।

ଗ) ପ୍ରତାପରୁଦ୍ରଦେବଙ୍କ ସମୟରେ ସୃଷ୍ଟି ହୋଇଥିବା ସାହିତ୍ୟ ସଂପର୍କରେ ସୂଚନା ପ୍ରଦାନ କର ।

ଘ) ମୁକୁନ୍ଦ ହରିଚନ୍ଦନ ଏବଂ ସୁଲେମାନ୍ କରରାଣୀଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ଫଳାଫଳ କଣ ହେଲା ?

**୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) _______ ସୂର୍ଯ୍ୟବଂଶର ପ୍ରତିଷ୍ଠାତା।

(ମୁକୁନ୍ଦଦେବ, କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ, ପ୍ରତାପରୁଦ୍ରଦେବ)

ଖ) 'ଚଣ୍ଡିପୁରାଣ' _______ ରଚନା କରିଥିଲେ ।

(ବଳରାମ ଦାସ, ଅନନ୍ତ ଦାସ, ଶାରଳା ଦାସ, ଜଗନ୍ନାଥ ଦାସ)

ଗ. _______ କପିଳେନ୍ଦ୍ରଦେବଙ୍କ ଜ୍ୟେଷ୍ଠପୁତ୍ର ।

(ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ରଦେବ, ହମ୍ୱୀର, ସାଲ୍ୱ ନରସିଂହ)

ଘ. 'ଅଭିନବ ଗୀତଗୋବିନ୍ଦ'ର ରଚୟିତା _______

(ପ୍ରତାପରୁଦ୍ରଦେବ, କବିଚନ୍ଦ୍ର ରାୟ ଦିବାକର, ପୁରୁଷୋତ୍ତମ ଦେବ, ସାରଳା ଦାସ)

ଙ. _______ ଓଡ଼ିଶାର ଶେଷ ସ୍ୱାଧୀନ ରାଜା।

(ପ୍ରତାପରୁଦ୍ରଦେବ, ଗୋବିନ୍ଦ ବିଦ୍ୟାଧର, କପିଳେନ୍ଦ୍ରଦେବ, ମୁକୁନ୍ଦ ହରିଚନ୍ଦନ)

**୩. 'କ' ସ୍ତମ୍ଭର ଖ୍ରୀଷ୍ଟାବ୍ଦ ସହିତ 'ଖ' ସ୍ତମ୍ଭର ଘଟଣାକୁ ଗାର ଟାଣି ଯୋଡ଼ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧୪୯୭ ଖ୍ରୀଷ୍ଟାବ୍ଦ | କପିଳେନ୍ଦ୍ରଦେବଙ୍କ ସିଂହାସନ ଆରୋହଣ |
| ୧୫୩୮ ଖ୍ରୀଷ୍ଟାବ୍ଦ | ମୁକୁନ୍ଦ ହରିଚନ୍ଦନଙ୍କ ସିଂହାସନ ଆରୋହଣ |
| ୧୫୬୦ ଖ୍ରୀଷ୍ଟାବ୍ଦ | ପୁରୁଷୋତ୍ତମ ଦେବଙ୍କ ମୃତ୍ୟୁ |
| ୧୪୩୫ ଖ୍ରୀଷ୍ଟାବ୍ଦ | ପ୍ରତାପରୁଦ୍ରଦେବଙ୍କ ମୃତ୍ୟୁ |

**୪. ସଂକ୍ଷିପ୍ତ ଟିପ୍ପଣୀ ଲେଖ ।**

କପିଳାବ୍ଦ, ସାଲ୍ୱ ନରସିଂହ, କୃଷ୍ଣଦେବ ରାୟ, ହୁସେନ ଶାହା, ପ୍ରତାପରୁଦ୍ରଦେବଙ୍କ ସାହିତ୍ୟାନୁରାଗ, ଗିୟାସୁଦ୍ଦିନ୍ ଜଲାଲ ଶାହା, ଗୋହିରୀଟିକିରା।

**୫. ରେଖାଙ୍କିତ ପଦଗୁଡ଼ିକୁ ପରିବର୍ତ୍ତନ ନ କରି ଭ୍ରମ ସଂଶୋଧନ କର ।**

କ) ପୁରୁଷୋତ୍ତମ ଦେବ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ ।

ଖ) ରାୟରାମାନନ୍ଦ କପିଳେଶ୍ୱରଦେବଙ୍କର ଜ୍ୟେଷ୍ଠପୁତ୍ର ଥିଲେ ।

ଗ) 'ଚଣ୍ଡି ପୁରାଣ' ଏବଂ ଓଡ଼ିଆ 'ମହାଭାରତ' ବଳରାମ ଦାସଙ୍କ ଦ୍ୱାରା ରଚିତ ହୋଇଥିଲା।

ଘ) ପ୍ରତାପରୁଦ୍ରଦେବ ଗଙ୍ଗାନଦୀ କୂଳରେ ତ୍ରିବେଣୀଘାଟ ନିର୍ମାଣ କରିଥିଲେ ।

୬. କପିଳେନ୍ଦ୍ର ଦେବ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧିରେ ଭୂଷିତ ହେବାର କାରଣ କଣ ?

୭. ଓଡ଼ିଶାର ସୂର୍ଯ୍ୟବଂଶୀ ନରପତିମାନଙ୍କ ସମୟରେ ରଚିତ ହୋଇଥିବା ସାହିତ୍ୟକୃତି ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

୮. ମୁକୁନ୍ଦ ହରିଚନ୍ଦନଙ୍କୁ କାହିଁକି ଓଡ଼ିଶାର ଶେଷ ସ୍ୱାଧୀନ ରାଜା ବୋଲି କୁହାଯାଏ ?

୯. ଓଡ଼ିଆ ସାହିତ୍ୟ କପିଳେନ୍ଦ୍ରଦେବ ବା ପ୍ରତାପରୁଦ୍ରଦେବଙ୍କ ସମୟରେ ବେଶି ବିକଶିତ ହୋଇଥିଲା ? ପ୍ରମାଣ ସହିତ ଦର୍ଶାଅ ।

## ତୁମ ପାଇଁ କାମ :

ବାରବାଟୀ ଦୁର୍ଗ ଚିତ୍ର ସଂଗ୍ରହ କରି ରଙ୍ଗ ଦେଇ ଏକ ବିବରଣୀ ପ୍ରସ୍ତୁତ କର ।




ରାଜନୀତି ବିଜ୍ଞାନ



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

* ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
* ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
* ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା ;
* ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ପ୍ରଥମ ଅଧ୍ୟାୟ

# ସମ୍ବିଧାନ

# (CONSTITUTION)

ସହର-ବଜାରରେ, ପର୍ବ-ପର୍ବାଣୀରେ, ଯାନି-ଯାତ୍ରା ସମୟରେ ଲୋକମାନଙ୍କୁ ଭିଡ଼ରୁ ରକ୍ଷା କରିବା ପାଇଁ ସହରମାନଙ୍କରେ ଜନସାଧାରଣ ଓ ଗାଡ଼ି-ମୋଟରକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନର ଆବଶ୍ୟକତା ପଡ଼ିଥାଏ।


ସେହିପରି ଆହୁରି ଏକ ଉଦାହରଣ ଏଠାରେ ଦିଆଯାଉଅଛି। ବର୍ଷା ଦିନେ ପ୍ରବଳ ବର୍ଷା ହେଲେ ନଈ ସବୁ କୂଳ ଲଘି ଗାଁ-ଗଣ୍ଡା ସବୁ ଭସାଇ ନିଏ। ମାତ୍ର ଯଦି ବନ୍ଧଟିଏ ବନ୍ଧା ଯାଏ ତେବେ ନଈର ପ୍ରଖର ସ୍ରୋତ ସହଜରେ କୂଳ ଲଘି ଯାଇ ପାରେ ନାହିଁ ଏବଂ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୁଅନ୍ତି ନାହିଁ ବରଂ ବନ୍ଧ ପାଣିକୁ ନିୟନ୍ତ୍ରଣ କରି ରଖେ।

ପୋଲିସ ବାହିନୀ ବିଭିନ୍ନ ପଦକ୍ଷେପ ନେଇ ଜନସାଧାରଣଙ୍କୁ ଯେପରି ସାହାଯ୍ୟ କରନ୍ତି, ବନ୍ଧଟିଏ ଯେପରି ବଢ଼ିଲା ନଈର ପ୍ରଖର ସ୍ରୋତକୁ ନିୟନ୍ତ୍ରଣ କରେ ଠିକ୍ ସେହିପରି ଗୋଟିଏ ଦେଶର ସମ୍ବିଧାନ ଦେଶର ଜନସାଧାରଣଙ୍କୁ ଶୃଙ୍ଖଳିତ କରିବା ସହିତ ସରକାରଙ୍କୁ ସୁନିୟନ୍ତ୍ରଣ କରେ । ସରକାରର ଉତ୍ତରଦାୟିତ୍ୱ ବଢ଼ାଏ ।

## ସମ୍ବିଧାନ କ'ଣ ?

ସମ୍ବିଧାନ କହିଲେ ଆମେ କ'ଣ ବୁଝୁ? ସମ୍ବିଧାନ ହେଉଛି ଗୋଟିଏ ରାଷ୍ଟ୍ରର ମୌଳିକ ଆଇନ । ଏହି ମୌଳିକ ଆଇନ ଦ୍ୱାରା ସରକାର ଗଠନ କରାଯାଏ ଏବଂ ବିଭିନ୍ନ ପ୍ରକାର ସରକାରରେ (ସଂସଦୀୟ ସରକାର, ରାଷ୍ଟ୍ରପତୀୟ ସରକାର, ଐକିକ ରାଷ୍ଟ୍ର, ସଂଘୀୟ ରାଷ୍ଟ୍ର ଏବଂ ଗଣତନ୍ତ୍ର ) ସାର୍ବଭୌମ କ୍ଷମତାର ସୁନିୟନ୍ତ୍ରଣ ଏବଂ ବଣ୍ଟନ ମଧ୍ୟ କରାଯାଇଥାଏ। ସମ୍ବିଧାନ ବ୍ୟତୀତ ଅଧୁନା ଗୋଟିଏ ରାଷ୍ଟ୍ରର ପରିକଳ୍ପନା କରାଯାଇପାରିବ ନାହିଁ । ବିଶେଷତଃ ଗୋଟିଏ ସଂଘୀୟ ରାଷ୍ଟ୍ରରେ ସମ୍ବିଧାନର ଆବଶ୍ୟକତା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ କାରଣ ଗୋଟିଏ ସମ୍ବିଧାନ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ କ୍ଷମତାର ବଣ୍ଟନ ଏବଂ ସେମାନଙ୍କର ବିବାଦର ସମାଧାନ ପାଇଁ ବ୍ୟବସ୍ଥାମାନ ରହିଥାଏ। ସମ୍ବିଧାନ ହେଉଛି ରାଷ୍ଟ୍ରର ସର୍ବୋଚ୍ଚ ଆଇନ । ଅନ୍ୟାନ୍ୟ ଆଇନଗୁଡ଼ିକ ସମ୍ବିଧାନଦ୍ୱାରା ମାନ୍ୟତା ପାଇଥା'ନ୍ତି ।

> **ତୁମେ ଜାଣିଛକି ?**
> **ଫାଇନରଙ୍କ ମତରେ:**
> ସମ୍ବିଧାନ ମୌଳିକ ରାଜନୈତିକ ଅନୁଷ୍ଠାନ ମାନଙ୍କର ଏକ ବ୍ୟବସ୍ଥା ଅଟେ ।
> **ଉଲ୍‌ସେଙ୍କ ମତରେ (Woolsey) :**
> ସମ୍ବିଧାନ ହେଉଛି ନୀତିମାନଙ୍କର ସମାହାର । ଯାହାଦ୍ୱାରା ସରକାରଙ୍କର କ୍ଷମତା, ନାଗରିକମାନଙ୍କର ଅଧିକାର ଏବଂ ସରକାର-ନାଗରିକମାନଙ୍କ ମଧ୍ୟରେ ସଂପର୍କର ସମନ୍ୱୟ ହୋଇଥାଏ।




## ଆମେ କଣ ଶିଖିଲେ?

ସମ୍ବିଧାନ କହିଲେ ଆମେ ନିମ୍ନଲିଖିତ ବିଷୟକୁ ବୁଝୁ ।

(କ) ସରକାର ଗଠନ ଓ କ୍ଷମତା

(ଖ) ଦେଶର ସୁପରିଚାଳନା ପାଇଁ ନିୟମ ଓ ବିଧି

(ଗ) ଜନସାଧାରଣ ଏବଂ ସରକାର ମଧ୍ୟରେ ସଂପର୍କ

(ଘ) ଜନସାଧାରଣଙ୍କର ଅଧିକାର ଓ କର୍ତ୍ତବ୍ୟର ବିବରଣୀ ଓ ସୁରକ୍ଷା

ସମ୍ବିଧାନକୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି ।

(୧) କ୍ରମ ବିକଶିତ ସମ୍ବିଧାନ

(୨) ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ପ୍ରଣୀତ ସମ୍ବିଧାନ

### (୧) କ୍ରମ ବିକଶିତ ସମ୍ବିଧାନ :

ଏହି ସମ୍ବିଧାନକୁ କେହି ପ୍ରଣୟନ କରିନଥାନ୍ତି । ଏହା ଆପେ ଆପେ ଘଟଣାଚକ୍ରରେ, ଐତିହାସିକ

### ତୁମେ ଜାଣିଛ କି?

❖ ସଂକୀର୍ଣ୍ଣ ଅର୍ଥରେ ସମ୍ବିଧାନ କହିଲେ କେବଳ ଲିଖିତ ସମ୍ବିଧାନକୁ ହିଁ ବୁଝାଏ, ଯେଉଁଥିରେ ସରକାରଙ୍କର କ୍ଷମତା, ସଂଗଠନ, ଜନସାଧାରଣ ଏବଂ ସରକାର ମଧ୍ୟରେ ସଂପର୍କ ତଥା ଜନସାଧାରଣଙ୍କର ଅଧିକାର, କର୍ତ୍ତବ୍ୟ ଲିପିବଦ୍ଧ ହୋଇଥାଏ ମାତ୍ର ବ୍ୟାପକ ଅର୍ଥରେ ସମ୍ବିଧାନ କହିଲେ ଲିଖିତ ସାମ୍ବିଧାନିକ ନୀତି ସହିତ ଅଲିଖିତ ପ୍ରଥା, ପରମ୍ପରା ଓ ଚଳଣୀ ଯାହାଦ୍ୱାରା ରାଷ୍ଟ୍ର ମଧ୍ୟରେ ସରକାରର କ୍ଷମତା କାର୍ଯ୍ୟକାରୀ ହୁଏ,ତାହାକୁ ବୁଝାଏ ।

❖ ବ୍ରିଟେନର ସମ୍ବିଧାନ ବିକଶିତ ସମ୍ବିଧାନର ଏକ ଜ୍ୱଳନ୍ତ ଉଦାହରଣ ।

ବିବର୍ତ୍ତନ, କ୍ରମ ବିକଶିତ ରାଜନୈତିକ ଆବଶ୍ୟକତା ଦ୍ୱାରା ବିକାଶ ଲାଭ କରିଥାଏ । ଏ ପ୍ରକାର ସମ୍ବିଧାନ ସାମାଜିକ ଆଚରଣ, ଚଳଣୀ, ପ୍ରଥା ଏବଂ ପରମ୍ପରା ଉପରେ ପର୍ଯ୍ୟବେସିତ ।

ତୁମ ସମାଜରେ ବିଭିନ୍ନ ପ୍ରଥାଗୁଡ଼ିକର ଉଦାହରଣ ଦିଅ ?




## (୨) ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ପ୍ରଣୀତ ସମ୍ବିଧାନ :

ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ସମ୍ବିଧାନ ପ୍ରଣୟନ ସଭା କରାଯାଇ, ଉକ୍ତ ସଭା କିମ୍ବା ଅନ୍ୟ କୌଣସି କ୍ଷମତାପ୍ରାପ୍ତ ସଂସ୍ଥା ଦ୍ୱାରା ସମ୍ବିଧାନକୁ ଲିଖିତ ଦଲିଲ ଆକାରରେ ଲିପିବଦ୍ଧ ହେଲେ, ଏହାକୁ ଲିଖିତ ସମ୍ବିଧାନ କୁହାଯାଏ । ଉକ୍ତ ସମ୍ବିଧାନର ସଂଶୋଧନ ପାଇଁ ନିର୍ଦ୍ଦିଷ୍ଟ ପଦ୍ଧତି ଆବଶ୍ୟକ ।

**ଜାଣିଛ କି?**

ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, ଫ୍ରାନ୍ସ ଆଦିର ସମ୍ବିଧାନ ହେଉଛି ଲିଖିତ ସମ୍ବିଧାନର ଉଦାହରଣ ।

କେଉଁ କେଉଁ ପରିସ୍ଥିତିରେ ଏକ ଲିଖିତ ଦଲିଲ୍ ଏବଂ ସଂବିଧାନର ଆବଶ୍ୟକତା ପଡେ? ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ।

## ଲିଖିତ ସମ୍ବିଧାନ (Written Constitution)

ଲିଖିତ ସମ୍ବିଧାନ ଗୋଟିଏ ଦେଶର ସାମ୍ବିଧାନିକ ଆଇନ, ଯାହାକୁ ସେହି ଦେଶର ସରକାର ଏବଂ ଜନସାଧାରଣ ମାନିବାକୁ ବାଧ୍ୟ । ଏହି ସମ୍ବିଧାନରେ ସରକାରର ସଂଗଠନ, ସରକାରର ବିଭିନ୍ନ ଅଙ୍ଗମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ, ନାଗରିକମାନଙ୍କର ଅଧିକାର ଏବଂ ସୁରକ୍ଷା ସରକାର ଓ ନାଗରିକମାନଙ୍କ ମଧ୍ୟରେ ସଂପର୍କ ଆଦିର ବର୍ଣ୍ଣନା କରାଯାଇଥାଏ । ଏହା ଗୋଟିଏ ଦେଶର ସର୍ବୋଚ୍ଚ ଆଇନ ।

**ତୁମେ ଜାଣିଛ କି ?**

ଗାର୍ନରଙ୍କ ମତରେ:

ଲିଖିତ ସମ୍ବିଧାନ ଏକ ସୁଚିନ୍ତିତ ଯୋଜନା ଯାହାକି ଯତ୍ନ ସହକାରେ ସମ୍ବିଧାନ ପ୍ରଣୟନ ସଭା କିମ୍ବା ଅନ୍ୟ କୌଣସି କ୍ଷମତାପ୍ରାପ୍ତ ସଭା ଦ୍ୱାରା ପ୍ରଣୟନ ଓ ଅନୁମୋଦନ ଲାଭ କରିଥାଏ ।

ଭାରତର ସମ୍ବିଧାନକୁ ଆଇନଜୀବୀମାନଙ୍କର ଭୂସ୍ୱର୍ଗ କୁହାଯାଏ। (*Lawyers' Paradise*)

**ଭାରତୀୟ ସମ୍ବିଧାନକୁ ବିଶ୍ୱର ସର୍ବବୃହତ ଲିଖିତ ସମ୍ବିଧାନ (୩୯୫ ଧାରା ବିଶିଷ୍ଟ) ରୂପେ ଗ୍ରହଣ କରାଯାଉଛି ।**

ବିଶ୍ୱର କେଉଁ କେଉଁ ଦେଶର ସମ୍ବିଧାନ ଲିଖିତ ସେହିପରି ଛଅଟି ଦେଶର ନାମ, ତଥ୍ୟ ସଂଗ୍ରହ କରି ଲେଖ।

କେହି କେହି ସମ୍ବିଧାନବିତ୍ ମତ ଦିଅନ୍ତି ଯେ, ଗୋଟିଏ ଦେଶର ଭବିଷ୍ୟତକୁ ଆଖି ଆଗରେ ନ ରଖି ଲିଖିତ ସମ୍ବିଧାନଟିଏ ପ୍ରସ୍ତୁତ କରିବା ଅର୍ଥ ଜଣେ ଦରଜୀ ଗୋଟିଏ ବ୍ୟକ୍ତିର ଭବିଷ୍ୟତରେ ଶରୀରର ବିକାଶକୁ ଆଖି ଆଗରେ ନ ରଖି ବର୍ତ୍ତମାନ ସମୟରୁ ପୋଷାକଟିଏ ପ୍ରସ୍ତୁତ କରିବା ସହିତ ସମାନ ।

### ତୁମେ ଜାଣିଛ କି?

ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ବିଶ୍ୱର ସର୍ବପ୍ରାଚୀନ ଲିଖିତ ସମ୍ବିଧାନ।ଏହା ୧୭୮୯ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଅଛି।

୧୯୪୬ ମସିହା କ୍ୟାବିନେଟ ମିଶନର ସୁପାରିଶ ଅନୁସାରେ ଭାରତରେ ଲୋକପ୍ରତିନିଧିମାନଙ୍କୁ ନେଇ ଏକ ସମ୍ବିଧାନ ପ୍ରଣୟନ ସଭା ତିଆରି ହୋଇଥିଲା। ଉକ୍ତ ସଭା ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ କାର୍ଯ୍ୟ ସମାପ୍ତ କଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ ତାରିଖଠାରୁ ଏହି ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହେଲା।

ଦୁଇ ଦଳ ମଧ୍ୟରେ କ୍ରିକେଟ ଖେଳ ପ୍ରତିଯୋଗୀତା ହେଉଥିଲେ ଏବଂ କୌଣସି କାରଣରୁ ରେଫରୀଙ୍କ ନିଷ୍ପତ୍ତିରେ ଗୋଟିଏ ଦଳ ସନ୍ତୁଷ୍ଟ ନହେଲେ ରେଫରୀ କଣ କରିବେ?

## ଅଲିଖିତ ସମ୍ବିଧାନ (Unwritten Constitution)

ଅଲିଖିତ ସମ୍ବିଧାନ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ତିଆରି ହୋଇ ନ ଥାଏ କିମ୍ବା କୌଣସି ଲିଖିତ ପୁସ୍ତକ ବା ଦଲିଲ ଆକାରରେ ଲିପିବଦ୍ଧ ହୋଇ ପ୍ରକାଶ ଲାଭ କରେ ନାହିଁ। ଏହାର ଉତ୍ପତ୍ତି ମୁଖ୍ୟତଃ ପ୍ରଥା, ପରମ୍ପରା ଚଳଣି ଉପରେ ପର୍ଯ୍ୟବେସିତ ହୋଇଥାଏ ଏବଂ କ୍ଷମତାଗୁଡ଼ିକ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଲିଖିତ ଆଇନ ଏବଂ ପ୍ରଥା ଦ୍ୱାରା ପରିଚାଳିତ ହୁଏ।

ଗୋଟିଏ ଲିଖିତ ସମ୍ବିଧାନରେ ମଧ୍ୟ ସଂପୂର୍ଣ୍ଣ ବ୍ୟବସ୍ଥା ଲିଖିତ ଆକାରରେ ନ ଥାଏ।ଏପରିକି ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଆମ ଭାରତର ସମ୍ବିଧାନ ଲିଖିତ ସମ୍ବିଧାନ ହେଲେ ମଧ୍ୟ

### ତୁମେ ଜାଣିଛ କି?

ବିଶ୍ୱର କୌଣସି ସମ୍ବିଧାନ ସଂପୂର୍ଣ୍ଣ ଅଲିଖିତ ନୁହେଁ। ଏପରିକି ୧୨୧୫- ମାଗ୍ନାର୍କାଟା, ୧୬୨୮- ପିଟିସନ ଅଫ ରାଇଟସ୍, ୧୯୧୧- ପାର୍ଲାମେଣ୍ଟାରୀ ଆକ୍ଟ ଇତ୍ୟାଦିକୁ ବ୍ରିଟିଶ ସାମ୍ବିଧାନିକ ଦଲିଲ ହିସାବରେ ଗ୍ରହଣ କରାଯାଏ। ବ୍ରିଟିଶ ସଂବିଧାନ ଏକ ଅଲିଖିତ ସମ୍ବିଧାନର ଉଦାହରଣ ଅଟେ ।

ଏହି ସମ୍ବିଧାନରେ ଅନେକ ପ୍ରଥା, ସାମାଜିକ ଆଚରଣ, ପରମ୍ପରା ଓ ଚଳଣୀ ପରି ଅନେକ ଅଲିଖିତ ଜିନିଷ ରହିଅଛି ଯାହାକୁ କି ଉକ୍ତ ଲିଖିତ ସଂବିଧାନର ଏକ ମୁଖ୍ୟ ଅଂଶ ରୂପେ ଗ୍ରହଣ କରାଯାଏ।

**ଗାର୍ନରଙ୍କ ମତରେ ଏକ ଅଲିଖିତ ସମ୍ବିଧାନରେ ଅଧିକାଂଶ ଆଇନ ଅଲିଖିତ ମାତ୍ର ସମସ୍ତ ଆଇନ ଅଲିଖିତ ନୁହେଁ ।**

ଗୋଟିଏ ଲିଖିତ ଓ ଅଲିଖିତ ସମ୍ବିଧାନ ମଧ୍ୟରେ କେଉଁଟି ତୁମ ମତରେ ଉତ୍କୃଷ୍ଟ ଏବଂ କାହିଁକି ?

**ଜାଣିଛ କି ?**

ଭାରତରେ ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ରୂପେ ବାଛିବା ସମ୍ବିଧାନରେ ଲିପିବଦ୍ଧ ହୋଇ ନ ଥିଲେ ମଧ୍ୟ ଏହା ଏକ ପ୍ରଥା ତଥା ପରମ୍ପରାର ଉଦାହରଣ ।

## ଅନମନୀୟ ସମ୍ବିଧାନ (RIGID CONSTITUTION)

ଯେଉଁ ସମ୍ବିଧାନକୁ ସହଜରେ ସଂଶୋଧନ ଏବଂ ପରିବର୍ତ୍ତନ କରାଯାଇ ପାରେ ନାହିଁ ତାହାକୁ ଅନମନୀୟ ସମ୍ବିଧାନ କୁହାଯାଏ। ଏହାର ସଂଶୋଧନ ପ୍ରଣାଳୀ କଷ୍ଟସାଧ୍ୟ । ଏଠାରେ ନମନୀୟ ସମ୍ବିଧାନ ପରି ସାମ୍ବିଧାନିକ ଆଇନ (Constitutional Law) ଓ ସାଧାରଣ ଆଇନ (Ordinary Law)ର ପରିବର୍ତ୍ତନ ବା ସଂଶୋଧନ ଗୋଟିଏ ଶ୍ରେଣୀର ବୋଲି ପରିଗଣିତ ହୁଏ ନାହିଁ। ଏଠାରେ ସାମ୍ବିଧାନିକ ଆଇନର ସଂଶୋଧନ ପ୍ରଣାଳୀ ସାଧାରଣ ଆଇନର ସଂଶୋଧନ ପ୍ରଣାଳୀଠାରୁ ସଂପୂର୍ଣ୍ଣ ଭିନ୍ନ । ସାମ୍ବିଧାନିକ ଆଇନ ସମ୍ବିଧାନର ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସାରେ ସଂଶୋଧନ କରାଯାଇ ପାରିବ । ବ୍ୟବସ୍ଥାପକ ସଭା ଯେତେବେଳେ ଏବଂ ଯେଉଁ ଉପାୟରେ ଚାହିଁଲେ ଏହାର ସଂଶୋଧନ କରିପାରିବେ ନାହିଁ। ସଂଶୋଧନ ପାଇଁ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ସମ୍ବିଧାନରେ ଉଲ୍ଲିଖିତ ଥାଏ ।

**ତୁମେ ଜାଣିଛ କି ?**

ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ଏକ ଅନମନୀୟ ସମ୍ବିଧାନ ।

ସମ୍ବିଧାନରେ ଥିବା ବ୍ୟବସ୍ଥା ଗୁଡ଼ିକ ସାମ୍ବିଧାନିକ ଆଇନର ଅନ୍ତର୍ଭୁକ୍ତ ଅଟେ ।

ଭାରତ ସମ୍ବିଧାନର ୩୬୮ ଧାରାରେ ସମ୍ବିଧାନ ସଂଶୋଧନ ପ୍ରଣାଳୀ ବର୍ଣ୍ଣିତ ହୋଇଅଛି । ଭାରତ ସମ୍ବିଧାନ ଏକ ଅନମନୀୟ ସମ୍ବିଧାନ ହେଲେ ମଧ୍ୟ କେନ୍ଦ୍ର ସଂସଦ କେତେକ ବ୍ୟବସ୍ଥାରେ ସହଜରେ ସଂଶୋଧନ ଆଣି ପାରେ ଯଥା ନୂତନ ରାଜ୍ୟ ସୃଷ୍ଟି, ନାଗରିକମାନଙ୍କ ପାଇଁ ଆଇନ, ରାଜ୍ୟ ବିଧାନ ପରିଷଦର ସୃଷ୍ଟି ଏବଂ ଉଚ୍ଛେଦ ଇତ୍ୟାଦି ।

ଏକ ଅନମନୀୟ ସମ୍ବିଧାନରେ ସମ୍ବିଧାନର ବ୍ୟାଖ୍ୟା ଓ ତର୍ଜମା ନ୍ୟାୟାଳୟର ନିଷ୍ପତ୍ତି ଉପରେ ନିର୍ଭର କରେ ।

## ନମନୀୟ ସମ୍ବିଧାନ (Flexible Constitution)

ସମ୍ବିଧାନର ସଂଶୋଧନ ପ୍ରଣାଳୀ ଅନୁସାରେ ସମ୍ବିଧାନକୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ ଯଥା ଅନମନୀୟ(Rigid) ଏବଂ ନମନୀୟ (Flexible) ସମ୍ବିଧାନ ।

**ତୁମେ ଜାଣିଛ କି ?**

ବ୍ରିଟିଶ ସମ୍ବିଧାନ ଏକ ନମନୀୟ ସମ୍ବିଧାନର ଜ୍ୱଳନ୍ତ ଉଦାହରଣ ଅଟେ ।

ଏକ ନମନୀୟ ସମ୍ବିଧାନର ସଂଶୋଧନ ପ୍ରଣାଳୀ ଅତି ସହଜ । ଅନ୍ୟ ଅର୍ଥରେ କହିଲେ ଯେଉଁ ସମ୍ବିଧାନରେ - ସାମ୍ବିଧାନିକ ଆଇନ (Constitutional Law) ଓ ସାଧାରଣ ଆଇନ(Ordinary Law)ର ସଂଶୋଧନ ପ୍ରଣାଳୀରେ କୌଣସି ପାର୍ଥକ୍ୟ ନଥାଏ ତାହାକୁ ନମନୀୟ ସମ୍ବିଧାନ କୁହାଯାଏ। ବ୍ୟବସ୍ଥାପକ ସଭା ସାଧାରଣତଃ ସମ୍ବିଧାନକୁ ସଂଶୋଧନ କରିଥାଏ।

ଖଣ୍ଡିଏ କାଠ ଏବଂ ଗୋଟିଏ ବେଲୁନ ମଧ୍ୟରେ କେଉଁଟି ଅନମନୀୟ ଏବଂ କେଉଁଟି ନମନୀୟ ଦର୍ଶାଅ ?

ଏକ ନମନୀୟ ସମ୍ବିଧାନ ରାସ୍ତା ଉପରକୁ ଲଟକି ଆସିଥିବା ଏକ କୋମଳ ଲତା ସ୍ୱରୂପ । ଯେ କୌଣସି ଯାନ ରାସ୍ତାରେ ଯିବା ଆସିବା କରିବା ସମୟରେ କୋମଳ ଲତାଟିକୁ ଆଡେଇ ଦେଲେ ଯାନଟି ସେହି ରାସ୍ତାରେ ଚାଲିଗଲା ପରେ ଉକ୍ତ କୋମଳ ଲତାଟି ତାର ପୂର୍ବ ସ୍ଥିତିକୁ ଯେପରି ପୁନର୍ବାର ଫେରି ଆସେ, ସେହିପରି ଏକ ନମନୀୟ ସମ୍ବିଧାନ ଏହାର ଆକୃତି ନଷ୍ଟ ନ କରି ଯେ କୌଣସି ପରିସ୍ଥିତିର ମୁକାବିଲା କରିପାରେ ।

ନମନୀୟ ସମ୍ବିଧାନ ଏକ ସଂଘୀୟ ରାଷ୍ଟ୍ରପାଇଁ ଉପଯୋଗୀ ନୁହେଁ। ସଂଘୀୟ ରାଷ୍ଟ୍ର ପାଇଁ ଏକ ଲିଖିତ ଓ ଅନମନୀୟ ସମ୍ବିଧାନ ଆବଶ୍ୟକ । ନମନୀୟ ସମ୍ବିଧାନ ପରିବର୍ତ୍ତନଶୀଳ ହୋଇଥିବାରୁ ଦେଶର ଶାସନ କ୍ଷେତ୍ରରେ ସ୍ଥିରତା ଆଣିପାରେ ନାହିଁ। ସଂସଦରେ ଥିବା ଶାସକ ଗୋଷ୍ଠୀଙ୍କ ମନମୁଖୀ ଶାସନକୁ ପ୍ରଶ୍ରୟ ଦିଏ।

ଗୋଟିଏ ଅନମନୀୟ ଓ ନମନୀୟ ସମ୍ବିଧାନ ମଧ୍ୟରେ ପାର୍ଥକ୍ୟ ଲେଖ ।

## ସମ୍ବିଧାନର ଆବଶ୍ୟକତା (Need of Constitution)

ସମ୍ବିଧାନ ଗଣତନ୍ତ୍ରର ମୂଳଭିତ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସମ୍ବିଧାନର ଆବଶ୍ୟକତାଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା।

୧. ସରକାରଙ୍କର କ୍ଷମତା ନିୟନ୍ତ୍ରଣ କରେ ।

୨. ସରକାରଙ୍କର କାର୍ଯ୍ୟ ସଂପର୍କରେ ସୂଚନା ଦିଏ।

୩. ଜନସାଧାରଣଙ୍କୁ ସୁନାଗରିକ କରିବା ପାଇଁ ସୁଯୋଗ ପ୍ରଦାନ କରେ ।

୪. ବର୍ତ୍ତମାନ ଓ ଭବିଷ୍ୟତ ବଂଶଧର ମାନଙ୍କର ବିଭିନ୍ନ କାର୍ଯ୍ୟକଳାପକୁ ଶୃଙ୍ଖଳିତ କରିବାରେ ସମ୍ବିଧାନର ବିଶେଷ ଆବଶ୍ୟକତା ରହିଅଛି।

୫. ଏକ ସଂଘୀୟ ଶାସନ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ ସମ୍ବିଧାନ ଜରିଆରେ ହୋଇଥାଏ।

### ତୁମେ ଜାଣିଛ କି ?

ସମ୍ବିଧାନବିତ୍‌ମାନେ ମତ ପୋଷଣ କରନ୍ତି ଯେ, ଗୋଟିଏ ଦେଶର ସମ୍ବିଧାନ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ତିଆରି ହେବା ଆବଶ୍ୟକ କାରଣ ଏକ ନୂତନ ସମ୍ବିଧାନ ଏକ ନୂତନ ଯୁଗର ଆହ୍ୱାନକୁ ମୁକାବିଲା କରିପାରେ । ସମ୍ବିଧାନ ପୁରୁଣା ହୋଇଗଲେ ନୂତନ ସମାଜ ସହିତ ତାଳ ମିଳାଇ ରହିପାରେ ନାହିଁ ଯାହା ଫଳରେ ପୁରୁଣା ସମ୍ବିଧାନର ସଂଶୋଧନର ଆବଶ୍ୟକତା ପଡ଼ିଥାଏ। ଅବଶ୍ୟ ଗୋଟିଏ ଅନମନୀୟ ସମ୍ବିଧାନର ସଂଶୋଧନ ଅନିବାର୍ଯ୍ୟ। ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ୨୬ ଥର ସଂଶୋଧନ ହୋଇଥିବା ସ୍ଥଳେ ଭାରତର ସମ୍ବିଧାନ ୧୦୪ ଥରରୁ ଅଧିକ ସଂଶୋଧନ ହୋଇ ସାରିଲାଣି। ସେହି ଦୃଷ୍ଟିରୁ ସମ୍ବିଧାନ ନମନୀୟ ହେଲେ ସମୟ ସହିତ ପାଦ ମିଳାଇ ଚାଲିବାରେ ବିଶେଷ ଅସୁବିଧା ହୁଏ ନାହିଁ।

୬. ନାଗରିକ ଏବଂ ସରକାର ମଧ୍ୟରେ ସଂପର୍କ ସ୍ଥାପନ କରେ ।

୭. ଜନସାଧାରଣଙ୍କର ସ୍ୱାର୍ଥ ଓ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା କରେ ।

୮. ପ୍ରଚଳିତ ଶାସନ ବ୍ୟବସ୍ଥାକୁ ଆଇନ ସମ୍ମତ କରାଏ।

**ତୁମେ ଜାଣିଛ କି?**

ସମ୍ବିଧାନ ଯଦି ଅତ୍ୟଧିକ ନମନୀୟ ହୁଏ ତେବେ ବ୍ୟବସ୍ଥାପକ ସଭା ହାତରେ ଏହା ଏକ ଖେଳନା ସାଜିଲେ ଦେଶ ପ୍ରତି ବିପଦ ମାଡ଼ି ଆସେ।

ସମ୍ବିଧାନ କାହିଁକି ଦରକାର ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ।

## ଆମେ କଣ ଶିଖିଲୁ?

- ଗୋଟିଏ ରାଷ୍ଟ୍ରର ସୁପରିଚାଳନା ପାଇଁ ଯେଉଁ ମୌଳିକ ଆଇନ ଆବଶ୍ୟକ, ତାକୁ ସେ ଦେଶର ସମ୍ବିଧାନ କୁହାଯାଏ।
- ସମ୍ବିଧାନ ପ୍ରଣୟନ ସଭା ବା ଅନ୍ୟ କୌଣସି କ୍ଷମତା ପ୍ରାପ୍ତ ସଭା ଦ୍ୱାରା ଲିଖିତ ସମ୍ବିଧାନ ପ୍ରଣୟନ ଓ ଅନୁମୋଦନ ଲାଭ କରିଥାଏ।
- ଯୁକ୍ତରାଷ୍ଟ୍ର ଆମେରିକା ଓ ଭାରତର ସମ୍ବିଧାନ ଲିଖିତ ସମ୍ବିଧାନ ଅଟେ ।
- ଅଲିଖିତ ସମ୍ବିଧାନ କୌଣସି ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ତିଆରି ହୋଇନଥାଏ ଏବଂ ଏହା କୌଣସି ଲିଖିତ ପୁସ୍ତକ ବା ଦଲିଲ ଆକାରରେ ଲିପିବଦ୍ଧ ହୋଇ ପ୍ରକାଶ ଲାଭ କରେ ନାହିଁ। ଏହାର ଉତ୍ପତ୍ତି ମୁଖ୍ୟତଃ ପ୍ରଥା, ପରମ୍ପରା ଓ ଚଳଣି ଉପରେ ଆଧାରିତ ।
- ବ୍ରିଟିଶ ସମ୍ବିଧାନ ଏକ ଅଲିଖିତ ସମ୍ବିଧାନ ।
- ଯେଉଁ ସମ୍ବିଧାନକୁ ସହଜ ଉପାୟରେ ସଂଶୋଧନ କରାଯାଇ ପାରେ, ତାହାକୁ ନମନୀୟ ସମ୍ବିଧାନ କୁହାଯାଏ । ବ୍ରିଟିଶ ସମ୍ବିଧାନ ଏକ ନମନୀୟ ସମ୍ବିଧାନ ।
- ଯେଉଁ ସମ୍ବିଧାନର ସଂଶୋଧନ ପ୍ରଣାଳୀ କଷ୍ଟ ସାଧ୍ୟ ଏବଂ ସାମ୍ବିଧାନିକ ଆଇନ ସମ୍ବିଧାନର ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସାରେ ସଂଶୋଧନ କରାଯାଇ ପାରେ, ତାହାକୁ ଅନମନୀୟ ସମ୍ବିଧାନ କୁହାଯାଏ। ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ଏକ ଅନମନୀୟ ସମ୍ବିଧାନ ।

# ପ୍ରଶ୍ନାବଳୀ

୧. **ସଂକ୍ଷେପରେ ଉତ୍ତର ଲେଖ ।**

(କ) ସମ୍ବିଧାନ କହିଲେ କଣ ବୁଝ ?

(ଖ) ସମ୍ବିଧାନର ପ୍ରକାର ଭେଦ ଲେଖ ।

(ଗ) ଲିଖିତ ସମ୍ବିଧାନର ଆବଶ୍ୟକତା କଣ ?

(ଘ) ଅଲିଖିତ ଏବଂ ଅନମନୀୟ ସମ୍ବିଧାନ ମଧ୍ୟରେ ପାର୍ଥକ୍ୟ କଣ ?

(ଙ) କେଉଁ ରାଷ୍ଟ୍ରରେ ଅନମନୀୟ ସମ୍ବିଧାନର ଆବଶ୍ୟକତା ଅଛି ଏବଂ କାହିଁକି ?

(ଚ) ନମନୀୟ ସମ୍ବିଧାନ ଦେଶର ପ୍ରଗତିରେ କିପରି ସହାୟକ ହୁଏ ?

୨. 'କ' ସ୍ତମ୍ଭରେ ଲିଖିତ ଶବ୍ଦଗୁଡ଼ିକୁ 'ଖ' ସ୍ତମ୍ଭରେ ଥିବା ସଂପର୍କିତ ଶବ୍ଦ ସହିତ ଗାରଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଅନମନୀୟ ସମ୍ବିଧାନ | ନମନୀୟ ସମ୍ବିଧାନ |
| ନାଗରିକମାନଙ୍କର ଅଧିକାର ସୁରକ୍ଷା | ଯୁକ୍ତରାଷ୍ଟ୍ର ଆମେରିକା ସମ୍ବିଧାନ |
| ବ୍ରିଟିଶ ସମ୍ବିଧାନ | ବୃହତ ସମ୍ବିଧାନ |
| ଯୁଗୋସ୍ଲୋଭିଆ ସମ୍ବିଧାନ | ଲିଖିତ ସମ୍ବିଧାନ |
| | ଅଲିଖିତ ସମ୍ବିଧାନ |

GI6RPH

ଦ୍ୱିତୀୟ ଅଧ୍ୟାୟ

# ସ୍ୱାଧୀନତା ସଂଗ୍ରାମ ଓ ଭାରତ ସମ୍ବିଧାନର ଗଠନ ପ୍ରକ୍ରିୟା

(୧୮୫୮ – ୧୯୪୯)

ବିଲାତର ଇଷ୍ଟଇଣ୍ଡିଆ କଂପାନୀ ପ୍ରଥମେ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଭାରତରେ ପ୍ରବେଶ କଲେ। ଅଙ୍ଗୁଳି ପ୍ରବେଶରୁ ବାହୁ ପ୍ରବେଶ ପରି ଚତୁର ଇଂରେଜ କଂପାନୀ ଆସ୍ତେ ଆସ୍ତେ ତାଙ୍କର ସାମ୍ରାଜ୍ୟ ବିସ୍ତାର କରିବାକୁ ଲାଗିଲେ । ଭାରତୀୟମାନଙ୍କୁ ଶୋଷଣ କରି ସେମାନଙ୍କ ଧନସବୁ ତାଙ୍କ ଦେଶକୁ ବୋହି ନେଲେ । ଭାରତୀୟମାନଙ୍କ ମନରେ ଇଂରେଜମାନଙ୍କ ବିରୁଦ୍ଧରେ ଅସନ୍ତୋଷର ନିଆଁ ଜଳିବାକୁ ଲାଗିଲା। ୧୮୫୭ ମସିହାରେ ହିନ୍ଦୁ ଓ ମୁସଲମାନ ସିପାହୀମାନେ ଏକତ୍ରିତ ହୋଇ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ନେତୃତ୍ୱରେ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ, ଯାହାକୁ 'ସିପାହୀ ବିଦ୍ରୋହ' ନାମରେ ନାମିତ କରାଗଲା। ଏହି ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଅଭିହିତ । ଇଂରେଜମାନଙ୍କର ଶକ୍ତିଦ୍ୱାରା ବିଦ୍ରୋହକୁ ଦବେଇ ଦିଆଗଲା। ଭାରତୀୟମାନଙ୍କର ଅସନ୍ତୋଷର ସୂଚନା ପାଇ ଇଂରେଜ ସରକାର ଭାରତରେ କେତେକ ଶାସନ ସଂସ୍କାର ଆଣିବାକୁ ଚାହିଁଲେ ।

> **ଜାଣିଛ କି?**
>
> ୧୮୫୭ ମସିହା ସିପାହୀ ବିଦ୍ରୋହ ଭାରତର ଇଂରେଜ ଶାସନ ବିରୁଦ୍ଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ।

## ୧୮୫୮ ମସିହାର ଭାରତ ଶାସନ ସଂପର୍କିତ ଘୋଷଣାନାମା

ସିପାହୀ ବିଦ୍ରୋହର ଅବସାନ ପରେ ୧୮୫୮ ମସିହାରେ ଇଂଲଣ୍ଡର ରାଣୀ ଭିକ୍ଟୋରିଆଙ୍କ ନାମରେ ଏକ ଘୋଷଣାନାମା ପ୍ରକାଶ ପାଇଲା। ଏହି ଘୋଷଣାନାମା ବଳରେ ଭାରତୀୟ ପ୍ରଜାମାନେ ବ୍ରିଟିଶ ସାମ୍ରାଜ୍ୟର ଯେ କୌଣସି ସ୍ଥାନରେ ରହିଲେ ମଧ୍ୟ ବ୍ରିଟିଶ ପ୍ରଜାମାନଙ୍କପରି ସମାନ ଅଧିକାର ଉପଭୋଗ କରିବେ । ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଭାରତୀୟମାନେ ସରକାରୀ ଚାକିରୀରେ ନିଯୁକ୍ତି ପାଇପାରିବେ।

> **ଜାଣିଛ କି?**
>
> ❖ ୧୮୫୮ ମସିହା ଭାରତ ଶାସନ ଆଇନକୁ ବୁଦ୍ଧିଜୀବୀମାନଙ୍କ ଦ୍ୱାରା 'ମାଗ୍ନାକାର୍ଟା'ର ଆଖ୍ୟା ଦିଆଯାଇଥିଲା।
>
> ❖ ସିପାହୀ ବିଦ୍ରୋହ ପରେ ୧୮୫୮ ଘୋଷଣାନାମା ବଳରେ ଇଷ୍ଟଇଣ୍ଡିଆ କଂପାନୀ ହାତରୁ କ୍ଷମତା ହସ୍ତାନ୍ତରିତ ହୋଇ ବ୍ରିଟିଶର ରାଣୀଙ୍କ ହାତକୁ ଗଲା।

## ୧୮୬୧ ମସିହା ଭାରତୀୟ ପରିଷଦ ଆଇନ

ଏହି ଆଇନ ବଳରେ ଭାଇସରାୟଙ୍କର ଏକ ଇମ୍ପେରିଆଲ ବିଧାନ ପରିଷଦ ଗଠନ କରାଗଲା ଏବଂ ଏହାର ସଦସ୍ୟମାନେ ଭାଇସରାୟଙ୍କ ଦ୍ୱାରା ମନୋନୀତ ହେଲେ ଯାହା ଫଳରେ ଖ୍ୟାତିସମ୍ପନ୍ନ ଭାରତୀୟମାନେ ଆଇନ ପ୍ରଣୟନ ପାଇଁ ଅଧିକ ସୁଯୋଗ ପାଇଲେ ।

**ତୁମେ ଜାଣିଛ କି ?**

ବମ୍ବେ ଏବଂ ମାଡ୍ରାସ ସରକାରଙ୍କୁ ବୈଧାନିକ କ୍ଷମତା ପ୍ରଦାନ କରିବା ସହିତ ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ଅନୁରୂପ ବିଧାନ ପରିଷଦମାନ ଗଠନ କରିବାକୁ ବ୍ୟବସ୍ଥାମାନ ରହିଲା।

## ୧୮୯୨ ମସିହା ଶାସନ ସଂସ୍କାର ଆଇନ

୧୮୬୧ ମସିହା ଭାରତୀୟ ଶାସନ ସଂସ୍କାର ଆଇନ ଯେଉଁ ଉଦ୍ଦେଶ୍ୟରେ ପ୍ରଣୟନ ହୋଇଥିଲା, ତାହାର ସଫଳ ରୂପାୟନ ହୋଇ ପାରିଲା ନାହିଁ ବୋଲି ତତ୍କାଳୀନ ଭାଇସରାୟ ଲର୍ଡ ରିପନ୍ ପ୍ରକାରାନ୍ତରେ ପ୍ରକାଶ କଲେ । ଭାରତୀୟମାନଙ୍କ ଦାବୀକୁ ଇଂରେଜ ସରକାରଙ୍କ ନିକଟରେ ଉପସ୍ଥାପନ କରି ଭାରତରେ ସ୍ୱାଧୀନତା ଆଣିବା ପାଇଁ ୧୮୮୫ ମସିହାରେ ଆଲାନ୍ ଅକ୍ଟାଭିୟାନ୍ ହ୍ୟୁମଙ୍କ ଉଦ୍ୟମରେ ଭାରତୀୟ ଜାତୀୟ କଂଗ୍ରେସ ସୃଷ୍ଟି ହେଲା। କଂଗ୍ରେସ ଦଳର ନେତୃବୃନ୍ଦ ପ୍ରାଦେଶିକ ବିଧାନ ପରିଷଦମାନଙ୍କର କ୍ଷମତା ବୃଦ୍ଧି ପାଇଁ ପ୍ରସ୍ତାବମାନ ଦେଲେ । ୧୮୯୨ ମସିହା ଭାରତୀୟ ଶାସନ ସଂସ୍କାର ଆଇନ ବଳରେ ସର୍ବୋଚ୍ଚ ବିଧାନ ପରିଷଦ ଏବଂ ବମ୍ବେ ଓ ମାଡ୍ରାସ ପରି ପ୍ରାଦେଶିକ ବିଧାନ ପରିଷଦର ସଭ୍ୟ ସଂଖ୍ୟା ବୃଦ୍ଧି ସହିତ କ୍ଷମତାର ପରିସରର ମଧ୍ୟ ବୃଦ୍ଧି ଘଟିଲା।

**ତୁମେ ଜାଣିଛ କି ?**

- ଉମେଶଚନ୍ଦ୍ର ବାନାର୍ଜୀ ଭାରତୀୟ କଂଗ୍ରେସର ପ୍ରଥମ ସଭାପତି ଥିଲେ।
- ସଂରକ୍ଷିତ କ୍ଷମତାଗୁଡ଼ିକ ଗଭର୍ଣ୍ଣରଙ୍କ ହାତରେ ରହିଲା ଓ ହସ୍ତାନ୍ତରିତ କ୍ଷମତା ଭାରତୀୟ ସଦସ୍ୟମାନଙ୍କ ହାତରେ ରହିଲା।
- ୧୯୧୯ ମସିହାରେ 'ରାଉଲଟ ଆକ୍ଟ' ଗୃହୀତ ହୋଇଥିଲା। ଏହାକୁ 'କଳା ଆଇନ' ବୋଲି ଆଖ୍ୟା ଦେଇ ଭାରତୀୟମାନେ ଆନ୍ଦୋଳନ ଜାରୀ ରଖିଲେ।
- ୧୯୧୯ ରେ ଅମୃତସରର ଜାଲିଆନା ଓ୍ୱାଲବାଗଠାରେ ଜେନେରାଲ ଡାୟର ଦ୍ୱାରା ଗଣହତ୍ୟା ହୋଇଥିଲା।
- ୧୯୧୯ ମସିହାରେ ଖିଲାଫତ ଆନ୍ଦୋଳନ ହୋଇଥିଲା।

## ୧୯୦୯ ମସିହା ମର୍ଲେ-ମିଣ୍ଟୋ ଶାସନ ସଂସ୍କାର

୧୯୦୫ ମସିହାରେ ବଂଗ ବିଭାଜନ ପରେ ଔପନିବେଶିକ ସରକାରର ଉଦ୍ଦେଶ୍ୟ ଜଣା ପଡ଼ିଗଲା । ସାଂପ୍ରଦାୟିକ ବିଭେଦ ସୃଷ୍ଟି କରିବା ପ୍ରଶାସନର ଲକ୍ଷ୍ୟ ଥିଲା । ୧୯୦୯ ମସିହା ଶାସନ ସଂସ୍କାରରେ ପ୍ରଥମ ଥର ପାଇଁ ମୁସଲମାନଙ୍କ ପାଇଁ ପୃଥକ ନିର୍ବାଚନ ମଣ୍ଡଳୀ ସୁପାରିଶ କରାଗଲା । ଭାଇସ୍‌ରାୟଙ୍କ କାର୍ଯ୍ୟପାଳିକା ପରିଷଦକୁ ଜଣେ ଭାରତୀୟ ମନୋନୀତ ହେବାର ବ୍ୟବସ୍ଥା କରାଗଲା । ବିଧାନ ପରିଷଦର କାର୍ଯ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ କରାଗଲା ।

## ୧୯୧୯ ମସିହା ଭାରତ ଶାସନ ସଂସ୍କାର ଆଇନ

୧୯୧୮ ମସିହାରେ ଶାସନ ସଚିବ ମଣ୍ଟେଗ୍ୟୁ ଏବଂ ଭାଇସରାୟ ଚେମସ୍‌ଫୋର୍ଡ ଭାରତ ଆସି କଂଗ୍ରେସର ନେତୃବୃନ୍ଦଙ୍କ ସହ ଆଲୋଚନା କରି ସାରିବା ପରେ ସେମାନେ ୧୯୧୯ ମସିହାରେ ଭାରତରେ ଶାସନ ସଂସ୍କାର ଆଣିବା ପାଇଁ ଯେଉଁ ପ୍ରସ୍ତାବମାନ ଦେଇଥିଲେ ଏହା ୧୯୧୯ ମସିହା ଭାରତ ସଂସ୍କାର ଆଇନ ବା ମଣ୍ଟେଗ୍ୟୁ-ଚେମସ୍‌ଫୋର୍ଡ ଶାସନ ସଂସ୍କାର ନାମରେ ଅଭିହିତ । ଏହି

ଶାସନ ସଂସ୍କାର ଆଇନରେ ପ୍ରଦେଶ ମାନଙ୍କରେ ଦ୍ୱୈତ ଶାସନ ବ୍ୟବସ୍ଥା ରହିଲା। ଶାସନ ବ୍ୟବସ୍ଥାରେ କ୍ଷମତାଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଗଲା। ଯଥା ସଂରକ୍ଷିତ (Reserved) ଏବଂ ହସ୍ତାନ୍ତରିତ (Transferred) କ୍ଷମତା

**ତୁମେ ଜାଣିଛ କି ?**

୧୯୩୫ ମସିହା ଭାରତ ଶାସନ ଆଇନ ଏକ ବୃହତ୍ତମ ଆଇନ ଏବଂ ଏଥିରେ ୩୨୧ଟି ଭାଗ ଥିଲା।

୧୯୩୫ ମସିହା ଆଇନରେ ବ୍ରିଟିଶ ସରକାରଙ୍କର ବିଭାଜନ ଓ ଶାସନ (*Divide & Rule*) ପ୍ରତିଫଳିତ ହୋଇଥିଲା।

## ୧୯୩୫ ମସିହା ଭାରତ ଶାସନ ଆଇନ

- ୧୯୩୫ ମସିହାରେ ବ୍ରିଟିଶ ପାର୍ଲାମେଣ୍ଟ ଭାରତ ଶାସନ ଆଇନ ପ୍ରଣୟନ କଲେ । ଏହାର ବୈଶିଷ୍ଟ୍ୟ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା।
- ଏଥିରେ ଭାରତରେ ଏକ ସଂଘୀୟ-ରାଷ୍ଟ୍ର ସୃଷ୍ଟି କରିବାର ବ୍ୟବସ୍ଥା ରହିଲା।
- ବ୍ରିଟିଶ ପାର୍ଲାମେଣ୍ଟ ହାତରେ ଉକ୍ତ ଆଇନରେ ସଂଶୋଧନ ଏବଂ ପରିବର୍ତ୍ତନ କରିବାର ଅଧିକାର ନ୍ୟସ୍ତ କରାଗଲା।
- ୧୯୧୯ ମସିହା ଆଇନରେ ପ୍ରଦେଶମାନଙ୍କୁ ପ୍ରଦତ୍ତ 'ସଂରକ୍ଷିତ' ଓ 'ହସ୍ତାନ୍ତରିତ' କ୍ଷମତା ବାଦ ଦିଆଯାଇ କେନ୍ଦ୍ର ସରକାରଙ୍କ କ୍ଷମତାଗୁଡ଼ିକୁ 'ସଂରକ୍ଷିତ' ଓ 'ହସ୍ତାନ୍ତରିତ' କ୍ଷମତାରେ ଭାଗ କରାଗଲା।
- କେନ୍ଦ୍ର-ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନର ବ୍ୟବସ୍ଥା କରାଗଲା
- ସାମ୍ପ୍ରଦାୟିକ ପ୍ରତିନିଧିତ୍ୱର ବ୍ୟବସ୍ଥା ରହିଲା।
- କେନ୍ଦ୍ର-ରାଜ୍ୟ ମଧ୍ୟରେ ବିବାଦର ସମାଧାନ ଏବଂ ଆଇନର ତର୍ଜମା କରିବା ପାଇଁ ସଂଘୀୟ ନ୍ୟାୟାଳୟର ବ୍ୟବସ୍ଥା ରହିଲା।



## ୧୯୪୭ ମସିହା ଭାରତର ସ୍ୱାଧୀନତା ଆଇନ

ବ୍ରିଟିଶ ସରକାରଙ୍କର ପ୍ରତିନିଧି ହିସାବରେ ଭାରତୀୟମାନଙ୍କର ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଲର୍ଡ ମାଉଣ୍ଟବାଟେନ୍ ବଡ଼ଲାଟ୍ ଭାବରେ ଭାରତକୁ ୧୯୪୭ ମସିହାରେ ଆସିଥିଲେ। ସେ ଭାରତରେ କଂଗ୍ରେସର ନେତୃବୃନ୍ଦ, ମୁସଲିମ ଲିଗର ନେତା ଏବଂ ଭାରତର କେତେକ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଆଲୋଚନା କରି ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ବ୍ରିଟିଶ ସରକାରଙ୍କ ଅନୁମୋଦନ ଲାଭ କରିଥିଲା।

ଏହି ବ୍ୟବସ୍ଥା ଗୁଡ଼ିକ ହେଲା :

- ଭାରତକୁ ବିଭାଜନ କରାଯାଇ ଭାରତ ଏବଂ ପାକିସ୍ତାନ ନାମରେ ଦୁଇଟି ସ୍ୱାଧୀନ ରାଷ୍ଟ୍ର ସୃଷ୍ଟି କରାଯିବ।

**ତୁମେ ଜାଣିଛ କି ?**

୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଦିନ ପାକିସ୍ତାନ ସ୍ୱାଧୀନତା ଦିବସ ପାଳନ କରାଯାଉଥିବା ବେଳେ ଭାରତର ସ୍ୱାଧୀନତା ଦିବସ ହେଉଛି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ।

- ପ୍ରତ୍ୟେକ ରାଷ୍ଟ୍ର ପାଇଁ ପୃଥକ ଭାବରେ ସାର୍ବଭୌମ ବ୍ୟବସ୍ଥାପକ ସଭା ରହିବ ।
- ପ୍ରତ୍ୟେକ ରାଷ୍ଟ୍ର ପାଇଁ ବଡ଼ଲାଟ୍ ନିଯୁକ୍ତି ବ୍ୟବସ୍ଥା ରହିବ ।
- ରାଜ୍ୟମାନଙ୍କରେ ଗଭର୍ଣ୍ଣର ନିଯୁକ୍ତି ପାଇବେ ।
- ଭାରତରେ ବ୍ରିଟିଶ ସରକାରଙ୍କର ଶାସନ ରହିବ ନାହିଁ ।

## ସମ୍ବିଧାନ ପ୍ରଣୟନ ସଭା (CONSTITUENT ASSEMBLY)

କ୍ୟାବିନେଟ ମିଶନର ସୁପାରିଶ କ୍ରମେ ସମ୍ବିଧାନ ପ୍ରଣୟନ ପାଇଁ ଏକ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଯାଇଥିଲା। ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟମାନେ ପରୋକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । ମୁସଲିମ ଲିଗ ଏହି ସଭାରୁ ଅଲଗା ହୋଇଯାଇଥିଲା । ସଭାର ସଦସ୍ୟ ସଂଖ୍ୟା ୩୮୯ ଥିଲା।

ସମ୍ବିଧାନ ପ୍ରଣୟନ ସଭା ପ୍ରଥମେ ୧୯୪୬ ମସିହା ଡିସେମ୍ବର ୯ ତାରିଖରେ ବସିଥିଲା। ଡକ୍ଟର ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ପ୍ରଣୟନ ସଭାର ସଭାପତି ଥିବା ବେଳେ ଡକ୍ଟର ଭୀମରାଓ ଆମ୍ବେଦକର ଚିଠା ପ୍ରସ୍ତୁତ କମିଟିର ଅଧ୍ୟକ୍ଷ ଥିଲେ । ନୂତନ ସମ୍ବିଧାନ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଗ୍ରହଣ କରାଯାଇ ୧୯୫୦ ମସିହା ଜାନୁଆରୀ ୨୬ ତାରିଖଠାରୁ କାର୍ଯ୍ୟକାରୀ ହୋଇ ଆସୁଅଛି।

### ତୁମେ ଜାଣିଛ କି ?

- ୧୯୪୬ ମସିହାରେ ଭାରତ ପରିସ୍ଥିତିର ସମୀକ୍ଷା କରିବା ପାଇଁ ବିଲାତର ତିନି ଜଣ କ୍ୟାବିନେଟ ମନ୍ତ୍ରୀ ଭାରତକୁ ଆସିଥିଲେ । ଏହାକୁ କ୍ୟାବିନେଟ ମିଶନ' କୁହାଯାଏ। ଏହି ମିଶନର ସୁପାରିଶ ଅନୁସାରେ ଭାରତରେ ନିର୍ବାଚନ କରାଯାଇ ଭାରତର ସମ୍ବିଧାନ ପ୍ରଣୟନ କରିବା ପାଇଁ ଏକ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଯାଇଥିଲା।
- ୧୯୪୬ ମସିହା ଡିସେମ୍ବର ମାସରେ ପଣ୍ଡିତ ଜବାହାରଲାଲ ନେହେରୁ ଭାରତ ସମ୍ବିଧାନର ଉଦ୍ଦେଶ୍ୟ ସମ୍ବଳିତ ପ୍ରସ୍ତାବ 'ଅବ୍‌ଜେକ୍ଟିଭ ରିଜୋଲ୍ୟୁସନ' ଆଗତ କରିଥିଲେ । ଏଥିରେ ଭାରତର ପ୍ରସ୍ତାବିତ ସମ୍ବିଧାନର ଉଦ୍ଦେଶ୍ୟ ସଂପର୍କରେ ସୂଚନା ମିଳେ ।

### ଆମେ କଣ ଶିଖିଲେ ?

- ୧୮୫୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ସିପାହୀ ବିଦ୍ରୋହ ନାମରେ ଅଭିହିତ ।
- ୧୮୫୮ ମସିହାର ମହାରାଣୀ ଭିକ୍ଟୋରିଆଙ୍କର ଘୋଷଣାନାମା ବଳରେ ଇଷ୍ଟଇଣ୍ଡିଆ କଂପାନୀଠାରୁ କ୍ଷମତା ମହାରାଣୀଙ୍କୁ ହସ୍ତାନ୍ତରିତ ହେଲା ।
- ୧୮୬୧ ମସିହା ଭାରତୀୟ ପରିଷଦ ଆଇନ ବଳରେ ଇମ୍ପେରିଆଲ ବିଧାନ ପରିଷଦ ଗଠନ କରାଗଲା।
- ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ସୃଷ୍ଟି ହେଲା।
- ୧୮୯୨ ମସିହା ଶାସନ ସଂସ୍କାର ଆଇନ ବଳରେ ପ୍ରଦେଶମାନଙ୍କରେ ବିଧାନ ପରିଷଦର ପରିସର ବୃଦ୍ଧି କରାଗଲା।
- ୧୯୦୯ ମସିହା ମର୍ଲେ-ମିଣ୍ଟୋ ଶାସନ ସଂସ୍କାର ଆଇନ ଦ୍ୱାରା ମୁସଲମାନଙ୍କ ପାଇଁ ପୃଥକ ନିର୍ବାଚନ ବ୍ୟବସ୍ଥା ପ୍ରଚଳନ କରାଗଲା ।
- ୧୯୧୯ ମସିହା ଭାରତ ଶାସନ ସଂସ୍କାର ଆଇନ ଦ୍ୱାରା ଦ୍ୱୈତ ଶାସନ ପ୍ରଚଳିତ ହେଲା।
- ୧୯୩୫ ମସିହା ଭାରତ ଶାସନ ଆଇନରେ ଭାରତରେ ଏକ ସଂଘୀୟ ରାଷ୍ଟ୍ର ସୃଷ୍ଟି କରିବାର ବ୍ୟବସ୍ଥା ରହିଲା।

❖ ୧୯୪୭ ମସିହା ଭାରତର ସ୍ୱାଧୀନତା ଆଇନରେ ବ୍ରିଟିଶ ସାମ୍ରାଜ୍ୟର ଆଧିପତ୍ୟ ଭାରତରେ ଲୋପ ପାଇ ଭାରତ ଏବଂ ପାକିସ୍ତାନ ଦୁଇଟି ଅଲଗା ଅଲଗା ରାଷ୍ଟ୍ର ସୃଷ୍ଟି କରାଯିବା ପାଇଁ ବ୍ୟବସ୍ଥା ରହିଲା।

❖ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ଭାରତର ନୂତନ ସମ୍ବିଧାନ ତିଆରି ହେଲା।

# ପ୍ରଶ୍ନାବଳୀ

୧. ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ବ୍ରିଟିଶ ସାମ୍ରାଜ୍ୟ ଅଧୀନରେ କେଉଁ ଶାସନ ଆଇନ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ କାହିଁକି ? ପାଞ୍ଚଧାଡ଼ିରେ ଲେଖ।

୨. ୧୮୫୭ ମସିହା ସିପାହୀ ବିଦ୍ରୋହର ତାତ୍ପର୍ଯ୍ୟ କ'ଣ ? ସଂକ୍ଷେପରେ ବୁଝାଅ।

୩. ମହାରାଣୀ ଭିକ୍ଟୋରିଆଙ୍କର ଘୋଷଣାନାମା ବଳରେ ଭାରତ ଶାସନରେ କି କି ପରିବର୍ତ୍ତନ ଘଟିଲା ?

୪. ଦ୍ୱୈତ ଶାସନ କ'ଣ ?

୫. ୧୯୩୫ ମସିହା ଭାରତ ଶାସନ ଆଇନ,ଆମ ଭାରତର ନୂଆ ସମ୍ବିଧାନକୁ କିପରି ପ୍ରଭାବିତ କରିଅଛି ?

୬. ୧୯୪୭ ମସିହା ଭାରତୀୟ ସ୍ୱାଧୀନତା ଆଇନ ଭାରତକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ହେବାରେ କିପରି ସହାୟକ ହେଲା ?

୭. **ସଂଶୋଧନ କରି ଲେଖ।**

(କ) ୧୯୧୯ ମସିହା ଭାରତ ସଂସ୍କାର ଶାସନ ଆଇନ ବଳରେ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଭାରତୀୟମାନେ ସରକାରୀ ଚାକିରୀରେ ନିଯୁକ୍ତି ପାଇପାରିବେ।

(ଖ) ୧୮୯୨ ମସିହା ଶାସନ ସଂସ୍କାର ଆଇନ ବଳରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ବିବାଦର ସମାଧାନ କରିବା ପାଇଁ ରାଜ୍ୟ ନ୍ୟାୟାଳୟ ବ୍ୟବସ୍ଥା ରହିଲା।

(ଗ) ୧୮୬୧ ମସିହା ଶାସନ ଆଇନ ବଳରେ ଭାରତରେ ବ୍ରିଟିଶ ସାମ୍ରାଜ୍ୟର କ୍ଷମତା ଆଉ ରହିଲା ନାହିଁ।

(ଘ) ଭାରତର ନୂତନ ସମ୍ବିଧାନ ୧୯୪୯ ମସିହା ନଭେମ୍ବର ୨୬ ତାରିଖରୁ କାର୍ଯ୍ୟକାରୀ ହୋଇ ଆସୁଅଛି।

ତୃତୀୟ ଅଧ୍ୟାୟ

# ଭାରତ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ

## (BASIC FEATURES OF INDIAN CONSTITUTION)

୧୯୪୬ ମସିହାରେ ଭାରତର ଅବସ୍ଥା ଅନୁଧ୍ୟାନ କରି କ୍ୟାବିନେଟ ମିଶନର ପ୍ରସ୍ତାବ ଅନୁଯାୟୀ ସମ୍ବିଧାନ ପ୍ରଣୟନ ସଭା (*Constituent Assembly*) ଗଠନ ପାଇଁ ଜୁଲାଇ ମାସରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୯୪୬ ମସିହା ଡିସେମ୍ବର ମାସ ୯ ତାରିଖରୁ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ସମ୍ବିଧାନ ପ୍ରଣୟନ ସଭା ବସିଥିଲା । ଭାରତର ନୂତନ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖଠାରୁ କାର୍ଯ୍ୟକାରୀ ହୋଇ ଆସୁଅଛି।

ଭାରତର ସମ୍ବିଧାନ ପ୍ରସ୍ତୁତ କରିବା ସମୟରେ ସମ୍ବିଧାନ ପ୍ରଣୟନ ସଭା ପୃଥିବୀର ବିଭିନ୍ନ ଦେଶର ସମ୍ବିଧାନକୁ ଅନୁଧ୍ୟାନ କରିଥିଲେ।

ଭାରତୀୟ ସମ୍ବିଧାନର ଅନେଗୁଡ଼ିଏ ମୌଳିକ ବୈଶିଷ୍ଟ୍ୟ ଅଛି। ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା।

**ତୁମେ ଜାଣିଛ କି ?**

- ସଚ୍ଚିଦାନନ୍ଦ ସିହ୍ନାଙ୍କ ସଭାପତିତ୍ୱରେ ଏହି ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ଅଧିବେଶନ ଡିସେମ୍ବର ୯, ୧୯୪୬ ମସିହାରେ ବସିଥିଲା।
- ଏହାର ସ୍ଥାୟୀ ସଭାପତି ଭାବେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ନିର୍ବାଚିତ ହୋଇଥିଲେ।
- ଡକ୍ଟର ଭୀମ ରାଓ ଆମ୍ବେଦକର ଚିଠା ପ୍ରଣୟନ କମିଟି (*Drafting Committee*)ର ଅଧ୍ୟକ୍ଷ ରୂପେ ନିଯୁକ୍ତି ପାଇଥିଲେ।
- ସମ୍ବିଧାନ ପ୍ରଣୟନ ସଭା ୨ ବର୍ଷ ୧୧ ମାସ ୧୮ ଦିନ କାର୍ଯ୍ୟ କରି ଭାରତର ସମ୍ବିଧାନ ପ୍ରଣୟନ କରିଥିଲେ।
- ବ୍ରିଟିଶ ସମ୍ବିଧାନ, ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ, ଜର୍ମାନୀ, କାନାଡା ଓ ଅଷ୍ଟ୍ରେଲିଆର ସମ୍ବିଧାନ, ଭାରତର ସମ୍ବିଧାନକୁ ବିଶେଷ ଭାବେ ପ୍ରଭାବିତ କରିଅଛି।

### ପ୍ରାକ୍‌କଥନ (Preamble):

ପ୍ରତ୍ୟେକ ଲିଖିତ ସମ୍ବିଧାନରେ ଏକ ପ୍ରସ୍ତାବନା ଥାଏ। ଏହାକୁ ସମ୍ବିଧାନର ମୁଖବନ୍ଧ ଏବଂ ଜାତକ ବୋଲି କୁହାଯାଇପାରେ । ଏହା ସମ୍ବିଧାନର ଆଭିମୁଖ୍ୟ ପ୍ରକାଶ କରେ ।

ଆମ ସମ୍ବିଧାନର ପ୍ରସ୍ତାବନା ଏହିପରି ଅଟେ:

### ପ୍ରାକ୍‌କଥନ ବା ପ୍ରସ୍ତାବନା :

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

ଭାରତ ଏକ ସାର୍ବଭୌମ ରାଷ୍ଟ୍ର ହୋଇଥିବାରୁ ଏହା ଆଭ୍ୟନ୍ତରୀଣ ଏବଂ ବାହ୍ୟ ନିୟନ୍ତ୍ରଣରୁ ସଂପୂର୍ଣ୍ଣ ମୁକ୍ତ।

ସମାଜବାଦୀ ରାଷ୍ଟ୍ର ହୋଇଥିବାରୁ ଦାରିଦ୍ର୍ୟ ଦୂରୀକରଣ ଏହାର ମୂଳଲକ୍ଷ୍ୟ।

ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ରାଷ୍ଟ୍ର ଦୃଷ୍ଟିରେ ସବୁ ଧର୍ମ ସମାନ ।

ଗଣତାନ୍ତ୍ରିକ ରାଷ୍ଟ୍ର କହିଲେ ଯେଉଁଠାରେ ଲୋକପ୍ରତିନିଧିମାନଙ୍କ ଜରିଆରେ ଶାସନ ପରିଚାଳନା କରାଯାଏ।

ସାଧାରଣତନ୍ତ୍ର ରାଷ୍ଟ୍ର କହିଲେ ଭାରତର ରାଷ୍ଟ୍ରମୁଖ୍ୟ ବଂଶାନୁକ୍ରମିକ ନୀତିରେ ଶାସନ କ୍ଷମତାକୁ ଆସନ୍ତି ନାହିଁ। ସେ ନିର୍ବାଚିତ ହୁଅନ୍ତି।



ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର

ଭାରତୀୟ ସମ୍ବିଧାନ ଚିଠା ପ୍ରଣୟନ କମିଟିର ଡକ୍ଟର ଆମ୍ବେଦକର ଅଧ୍ୟକ୍ଷ ଥିଲେ । ତାଙ୍କୁ ଆଧୁନିକ ଭାରତର ମନୁ ଏବଂ ଭାରତ ସମ୍ବିଧାନର ପିତା କହିଲେ ଅତ୍ୟୁକ୍ତି ହେବନାହିଁ। ସେ ୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ଉପଖଣ୍ଡରେ ଜନ୍ମଲାଭ କରିଥିଲେ । ସେ ଜାତିରେ ମାହାର ଥିଲେ। ଦଳିତ ଜାତି ମାନଙ୍କର ସାମାଜିକ ଉତ୍ଥାନ ପାଇଁ ଆଜୀବନ ସଂଗ୍ରାମ ଚଳାଇଥିଲେ । ତାଙ୍କର ପ୍ରକୃତ ନାମ ଆମ୍ବାଭାଦେକରରୁ ଶ୍ରେଣୀ ଶିକ୍ଷକଙ୍କ ପରାମର୍ଶ କ୍ରମେ ଆମ୍ବେଦକର ହୋଇଥିଲା।

### ତୁମେ ଜାଣିଛ କି ?

- ବିଶିଷ୍ଟ ସମ୍ବିଧାନବିତ୍ ପାଲଖିୱାଲାଙ୍କ ଭାଷାରେ ଏହି ପ୍ରସ୍ତାବନା ସମ୍ବିଧାନର ଏକ 'ପରିଚୟ ପତ୍ର' (*Identity Card*)।
- ୧୯୭୩ ମସିହାରେ କେଶବାନନ୍ଦ ଭାରତୀ ମାମଲାରେ ଭାରତରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରସ୍ତାବନା ସମ୍ବିଧାନର ଏକ ଅଂଶ ବିଶେଷ ବୋଲି ଘୋଷଣା କରିଥିଲେ ।
- ୧୯୫୦ ମସିହାଠାରୁ କାର୍ଯ୍ୟକାରୀ ହୋଇ ଆସୁଥିବା ସମ୍ବିଧାନରେ ପ୍ରଥମ ଥର ପାଇଁ ୧୯୭୬ ମସିହାରେ ୪୨ତମ ସଂଶୋଧନ ବ୍ୟବସ୍ଥା ଅନୁଯାୟୀ ପ୍ରସ୍ତାବନାରେ ତିନୋଟି ଶବ୍ଦ ଯୋଡ଼ା ଯାଇଅଛି ଯଥା:- 'ସମାଜବାଦୀ' (*Socialist*), 'ଧର୍ମନିରପେକ୍ଷ' (*Secular*) ଏବଂ ସଂହତି (*Integrity*) ।

❖ ସାର୍ବଭୌମ, ସମାଜବାଦ, ଧର୍ମନିରପେକ୍ଷ, ଗଣତନ୍ତ୍ର ଓ ସାଧାରଣତନ୍ତ୍ରର ବିପରୀତ ଶବ୍ଦଗୁଡ଼ିକ ଲେଖ ।

❖ ତୁମ ବିଧାନମଣ୍ଡଳୀ (Constituency)ରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ପ୍ରତିନିଧିଙ୍କର ନାମ କ'ଣ ?

## ଲିଖିତ ସମ୍ବିଧାନ (WRITTEN CONSTITUTION)

ସମ୍ବିଧାନ ପ୍ରଣୟନ ସଭା ୨ ବର୍ଷ ୧୧ମାସ ୧୮ଦିନ ଧରି ବିଭିନ୍ନ ଦେଶର ସମ୍ବିଧାନ ଅଧ୍ୟୟନ କରି ବିଶେଷ ଭାବରେ ବ୍ରିଟିଶ ସରକାରଙ୍କର ଭାରତରେ ରାଜୁତି ସମୟରେ ପ୍ରଣୀତ ୧୯୩୫ ମସିହା ଶାସନ ଖସଡ଼ାକୁ ମଧ୍ୟ ବିଶ୍ଳେଷଣ କରି ଭାରତ ପାଇଁ ଏକ ଦୀର୍ଘ ଓ ବୃହତ୍ତମ ସମ୍ବିଧାନ ପ୍ରଣୟନ କରିଥିଲେ। ଏହି ମୂଳ ସମ୍ବିଧାନରେ ୩୯୫ଟି ଧାରା, ୮ଟି ଅନୁସୂଚୀ ଏବଂ ୨୨ଟି ଭାଗ ଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରେ ମାତ୍ର ୭ଟି ଧାରା ଅଛି।

ସମ୍ବିଧାନବିତ୍ ଏମ.ଭି. ପାଇଲି ଭାରତ ସମ୍ବିଧାନର ସ୍ଥୂଳ ଆକାରକୁ ଏକ ହାତୀର ଶରୀର ସହିତ ତୁଳନା କରିଅଛନ୍ତି।

## ନମନୀୟ ଏବଂ ଅନମନୀୟ ସମ୍ବିଧାନର ମିଶ୍ରଣ (MIXTURE OF FLEXIBLE AND RIGID CONSTITUTION)

ଆଗରୁ ବର୍ଣ୍ଣନା କରାଯାଇ ଅଛି ଯେ, ସମ୍ବିଧାନର ସଂଶୋଧନ ପ୍ରଣାଳୀ ଅନୁଯାୟୀ ସମ୍ବିଧାନକୁ ନମନୀୟ ଏବଂ ଅନମନୀୟ ଶ୍ରେଣୀଭୁକ୍ତ କରାଯାଇପାରେ ।

ଭାରତୀୟ ସମ୍ବିଧାନର କେତେଗୁଡ଼ିଏ ଧାରାର ସଂଶୋଧନ ପ୍ରଣାଳୀ ଜଟିଳ ହୋଇଥିବା ବେଳେ ଅନ୍ୟ କେତେଗୁଡ଼ିଏ ଧାରା କେବଳ ସଂସଦର ଉଭୟ ଗୃହରେ ସାଧାରଣ ସଂଖ୍ୟା ଗରିଷ୍ଠତା (Simple Majority) ସମର୍ଥନ ଦ୍ୱାରା ସଂଶୋଧନ କରାଯାଇଥାଏ। ଏହି କାରଣ ସକାଶେ ଭାରତୀୟ ସମ୍ବିଧାନକୁ ନମନୀୟ ଏବଂ ଅନମନୀୟ ସମ୍ବିଧାନର ମିଶ୍ରଣ ବୋଲି କୁହାଯାଏ।

❖ ଯେଉଁ ସମ୍ବିଧାନର ସଂଶୋଧନ ପ୍ରଣାଳୀ ଜଟିଳ ଓ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସାରେ ସଂଶୋଧନ କରାଯାଏ, ତାହାକୁ ଅନମନୀୟ ସମ୍ବିଧାନ କୁହାଯାଏ। ମାତ୍ର ଯେଉଁ ସମ୍ବିଧାନରେ ସାମ୍ବିଧାନିକ ଆଇନ ଏବଂ ସାଧାରଣ ଆଇନର ସଂଶୋଧନ ପ୍ରଣାଳୀରେ କୌଣସି ପାର୍ଥକ୍ୟ ନ ଥାଏ ଏବଂ ଏହାର ସଂଶୋଧନ ପ୍ରଣାଳୀ ସରଳ ଏବଂ ସହଜ ଏହାକୁ ନମନୀୟ ସମ୍ବିଧାନ କୁହାଯାଏ।

## ସଂସଦୀୟ ଶାସନ ବ୍ୟବସ୍ଥା (Parliamentary form of Government)

ସମ୍ବିଧାନର ପ୍ରଣେତାମାନେ ବ୍ରିଟିଶ ସମ୍ବିଧାନର ଅନୁକରଣରେ (ଯଦିଓ ଅବିକଳ ନୁହେଁ) ଭାରତକୁ ଏକ ସଂସଦୀୟ ରାଷ୍ଟ୍ର ରୂପେ ତିଆରି କରିବା ପାଇଁ ଚେଷ୍ଟା କରିଅଛନ୍ତି। ସେଗୁଡ଼ିକ ଏହିପରି:

୧) ଗୋଟିଏ ସଂସଦୀୟ ଶାସନ ବ୍ୟବସ୍ଥାରେ ଦୁଇଜଣ ମୁଖ୍ୟ ଥାଆନ୍ତି, ଜଣେ ନାମକୁ ମାତ୍ର ରାଷ୍ଟ୍ରମୁଖ୍ୟ ହେଲେ, ଅନ୍ୟ ଜଣେ ବାସ୍ତବରେ ସରକାରଙ୍କ ମୁଖ୍ୟ ହୁଅନ୍ତି।

ବ୍ରିଟେନରେ ରାଜା ବା ରାଣୀ ରାଷ୍ଟ୍ର ମୁଖ୍ୟ ହେଲେ ମଧ୍ୟ ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ହୁଅନ୍ତି। ସେହିପରି ଆମ ଭାରତବର୍ଷରେ ଭାରତର ରାଷ୍ଟ୍ରପତି ରାଷ୍ଟ୍ରର ମୁଖ୍ୟ ରହିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଶାସନର ମୁଖ୍ୟ ଅଟନ୍ତି। ରାଷ୍ଟ୍ରମୁଖ୍ୟ ନାମକୁ ମାତ୍ର ମୁଖ୍ୟ ରହିଲେ ପ୍ରକୃତ କ୍ଷମତା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୁଏ।



ଭାରତର ପାର୍ଲିଆମେଣ୍ଟ

୨) ଗୋଟିଏ ସଂସଦୀୟ ଶାସନ ବ୍ୟବସ୍ଥାରେ କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ହୋଇଥାଏ।

୩) ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ସେମାନଙ୍କର ଶାସନଗତ କାର୍ଯ୍ୟ ପାଇଁ ସଂସଦର ନିମ୍ନ ସଦନ ତଥା ଭାରତର ଲୋକସଭା ନିକଟରେ ଉତ୍ତର ଦାୟୀ ରହିବେ।

୪) ମନ୍ତ୍ରିପରିଷଦର କାର୍ଯ୍ୟକାଳ ନିମ୍ନ ସଦନର ସଂଖ୍ୟା ଗରିଷ୍ଠ ସମର୍ଥନ ଉପରେ ନିର୍ଭର କରେ ।

୫) ସାଧାରଣତଃ ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ରୂପେ ବାଛନ୍ତି।

ଯଦି ଲୋକସଭା ମନ୍ତ୍ରୀପରିଷଦ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣେ ଏବଂ ତାହା ଗୃହୀତ ହୁଏ ତେବେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ ଇସ୍ତଫା ଦେବାକୁ ବାଧ୍ୟ ହୁଅନ୍ତି। ଯଦିଓ ସେମାନଙ୍କ କାର୍ଯ୍ୟକାଳ ସାଧାରଣତଃ ୫ବର୍ଷ, କାର୍ଯ୍ୟକାଳ ନ ପୁରୁଣୁ ସଂସଦର ନିମ୍ନ ସଦନ ଚାହିଁଲେ ସମୟ ପୁରିବା ପୂର୍ବରୁ ଏହାର କାର୍ଯ୍ୟକାଳ ସଂପୂର୍ଣ୍ଣ ହୁଏ। ୧୯୯୦ ନଭେମ୍ବର ୭ ତାରିଖରେ ଭି.ପି.ସିଂହ ସରକାରର ପତନ ଏହି ପ୍ରକ୍ରିୟାରେ ପ୍ରଥମ ଥର ହୋଇଥିଲା ।

ଭାରତର ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟ ହୋଇଥିଲେ ମଧ୍ୟ ଭାରତ ଏକ ସଂଘୀୟ ରାଷ୍ଟ୍ର ନୁହେଁ କାହିଁକି ? ଅନ୍ୟମାନଙ୍କ ସହ ଆଲୋଚନା କର।

## କେନ୍ଦ୍ରାଭିମୁଖୀ ସଂଘୀୟ ବ୍ୟବସ୍ଥା (FEDERAL WITH UNITARY FEATURES)

ଭାରତର ସମ୍ବିଧାନର କୌଣସି ସ୍ଥାନରେ ଭାରତ ଏକ ସଂଘୀୟ ରାଷ୍ଟ୍ର ବୋଲି ଉଲ୍ଲେଖ କରାଯାଇ ନଥିଲେ ମଧ୍ୟ ଭାରତ ଏକ ସଂଘୀୟ ରାଷ୍ଟ୍ର ଅଟେ।

ଗୋଟିଏ ସଂଘୀୟ ରାଷ୍ଟ୍ରରେ ନିମ୍ନଲିଖିତ ଲକ୍ଷଣମାନ ଦେଖିବାକୁ ମିଳେ ।

୧) ଏକ ଲିଖିତ ଅନମନୀୟ ସମ୍ବିଧାନ

୨) ଦ୍ୱୈତ ଶାସନ

୩) କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ

୪) ସ୍ୱାଧୀନ ଏବଂ ନିରପେକ୍ଷ ନ୍ୟାୟାଳୟ

ଭାରତରେ ଉପରଲିଖିତ ବ୍ୟବସ୍ଥାମାନ ପରିଲକ୍ଷିତ ହେଉଥିବାରୁ ଏହା ଏକ ସଂଘୀୟ ରାଷ୍ଟ୍ର ପଦବାଚ୍ୟ।

କେନ୍ଦ୍ର-ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ ହେଉଥିବାରୁ ରାଜ୍ୟମାନଙ୍କର କି ପ୍ରକାର ସୁବିଧା ହେଉଛି । ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ଭାରତର ସର୍ବୋଚ୍ଚ ନ୍ୟାୟଳୟର ସର୍ବପ୍ରଥମ ମୁଖ୍ୟ ବିଚାରପତିଙ୍କ ନାମ କଣ? ଏବଂ ବର୍ତ୍ତମାନର ମୁଖ୍ୟ ବିଚାରପତି କିଏ? ଆଲୋଚନା କରି ଲେଖ ।

ଗୋଟିଏ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ ହୋଇଥିଲେ ମଧ୍ୟ ନିମ୍ନଲିଖିତ କାରଣ ସକାଶେ ଭାରତରେ ସଂଘୀୟ ରାଷ୍ଟ୍ରକୁ ସମ୍ବିଧାନବିତ୍‌ମାନେ କେନ୍ଦ୍ରାଭିମୁଖୀ ସଂଘୀୟ ବ୍ୟବସ୍ଥା ନାମରେ ଅଭିହିତ କରିଛନ୍ତି।

୧) କେନ୍ଦ୍ର ସରକାର ମଧ୍ୟରେ କ୍ଷମତା ବଣ୍ଟନରେ ରାଜ୍ୟମାନଙ୍କୁ ରାଜ୍ୟ ତାଲିକାଭୁକ୍ତ ବିଷୟ ବସ୍ତୁ ଉପରେ ଆଇନ ପ୍ରଣୟନ କରିବା ପାଇଁ କ୍ଷମତା ଦିଆଯାଇଥିଲେ ମଧ୍ୟ ଜରୁରୀ ପରିସ୍ଥିତି ସମୟରେ କେନ୍ଦ୍ର ସରକାର ରାଜ୍ୟ ତାଲିକାଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିପାରିବେ ।

୨) ରାଜ୍ୟପାଳ ମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇ ପ୍ରତ୍ୟେକ ରାଜ୍ୟରେ କେନ୍ଦ୍ରର ପ୍ରତିନିଧି ହିସାବରେ କାର୍ଯ୍ୟ କରନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ବାଛନ୍ତି ଏବଂ ଦରକାର ପଡ଼ିଲେ ବରଖାସ୍ତ ମଧ୍ୟ କରନ୍ତି।

୩) ଯୁକ୍ତରାଷ୍ଟ୍ର ଆମେରିକାରେ ରାଜ୍ୟମାନଙ୍କର ନିଜର ସମ୍ବିଧାନ ଥିବା ବେଳେ ଭାରତରେ ଗୋଟିଏ ସମ୍ବିଧାନ କେନ୍ଦ୍ର ଓ ରାଜ୍ୟମାନଙ୍କୁ ନିୟନ୍ତ୍ରଣ କରେ ।

୪) ଯୁକ୍ତରାଷ୍ଟ୍ର ଆମେରିକା ପରି ସଂଘୀୟ ରାଷ୍ଟ୍ରରେ ଦ୍ୱୈତ ନାଗରିକତା ରହିଥିବା ବେଳେ ଭାରତରେ ଜନସାଧାରଣ ଏକ ନାଗରିକତା ଗ୍ରହଣ କରିଥାନ୍ତି। ଆମେ ସମସ୍ତେ କେବଳ ଭାରତୀୟ ନାଗରିକ ଗ୍ରହଣ କରିଥାନ୍ତି।

ମାତ୍ର ଅଧ୍ୟାପକ କେ.ସି.ହୋୟାରଙ୍କ ମତରେ, ଭାରତ ଏକ ସଂଘୀୟ ରାଷ୍ଟ୍ର ହୋଇଥିଲେ ମଧ୍ୟ ସମ୍ବିଧାନରେ କେନ୍ଦ୍ର ସରକାର ଅଧିକ କ୍ଷମତାଶାଳୀ ହୋଇଅଛନ୍ତି। ସେହି କାରଣରୁ ଏହାକୁ ଅର୍ଦ୍ଧସଂଘୀୟ (*Quasi-Federation*) ବୋଲି ଆଖ୍ୟା ଦେଇଛନ୍ତି।


### ତୁମେ ଜାଣିଛ କି ?

ଆମ ସମ୍ବିଧାନର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଇଂଲଣ୍ଡର ଐକିକ, ସଂସଦୀୟ ଗଣତନ୍ତ୍ର ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ସଂଘୀୟ ରାଷ୍ଟ୍ର ସମ୍ବିଧାନର ସମ୍ମିଶ୍ରଣ।

ଯୁକ୍ତରାଷ୍ଟ୍ର ଆମେରିକା ପରି ଆମ ଦେଶରେ ରାଷ୍ଟ୍ର ସଂଘୀୟ ବ୍ୟବସ୍ଥା ରହିଥିଲେ ମଧ୍ୟ ବ୍ରିଟେନ ଭଳି କେତେକ ଐକିକ ବ୍ୟବସ୍ଥା ଦେଖିବାକୁ ମିଳେ ।

## ଧର୍ମନିରପେକ୍ଷ ରାଷ୍ଟ୍ର (SECULAR STATE)

ଭାରତର କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରୀୟ ଧର୍ମ ନାହିଁ। ଆମ ଦେଶରେ ବିଭିନ୍ନ ଧର୍ମର ଲୋକ ବାସ କରନ୍ତି ଏବଂ ସେମାନେ ଯେକୌଣସି ଧର୍ମ ଗ୍ରହଣ କରି ଏହାର ପ୍ରଚାର ଏବଂ ପ୍ରସାର କରିପାରିବେ। ଭାରତର ସମ୍ବିଧାନର ମୌଳିକ ଅଧିକାରରେ ୨୫ ଧାରାରୁ ୨୮ ଧାରା ମଧ୍ୟରେ ଧର୍ମଗତ ଅଧିକାର ଦିଆଯାଇଛି। ୧୯୭୬ ମସିହାରେ ସମ୍ବିଧାନର ୪୨ତମ ସଂଶୋଧନ ଆଇନ ଅନୁସାରେ ସମ୍ବିଧାନର ପ୍ରସ୍ତାବନା (Preamble)ରେ ମଧ୍ୟ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ଉଲ୍ଲେଖ କରାଯାଇଅଛି। ରାଷ୍ଟ୍ର କୌଣସି ଧର୍ମର ବିରୋଧାଚରଣ କରେନାହିଁ।



## ମୌଳିକ ଅଧିକାର (FUNDAMENTAL RIGHTS)

ଗୋଟିଏ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ର ନାଗରିକମାନଙ୍କୁ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ପାଇଁ କେତେକ ମୌଳିକ ଅଧିକାର ପ୍ରଦାନ କରିଥାଏ। ଭାରତର ସମ୍ବିଧାନର ତୃତୀୟ ପରିଚ୍ଛେଦରେ ୧୨ ଧାରା ଠାରୁ ୩୫ ଧାରା ମଧ୍ୟରେ ୭ ଗୋଟି ମୌଳିକ ଅଧିକାର ପ୍ରଦାନ କରାଯାଇଥିଲା। ମାତ୍ର ୧୯୭୮ ମସିହାରେ ୪୪ତମ ସମ୍ବିଧାନ ସଂଶୋଧନ ବ୍ୟବସ୍ଥା ଅନୁସାରେ ୭ ଗୋଟି ଅଧିକାରରୁ ସଂପତ୍ତିଗତ ଅଧିକାରକୁ ମୌଳିକ ଅଧିକାରରୁ ପୃଥକ କରାଯାଇ ଆଇନଗତ ଅଧିକାର ରୂପେ ଅନ୍ତର୍ଭୁକ୍ତ କରାଯାଇଅଛି। ଯାହା ଫଳରେ ଭାରତୀୟ ନାଗରିକମାନେ ବର୍ତ୍ତମାନ ମାତ୍ର ୬ ଗୋଟି ମୌଳିକ ଅଧିକାର ଉପଭୋଗ କରୁଅଛନ୍ତି। ସେଗୁଡ଼ିକ ହେଲା:-

୧) ସମାନତାର ଅଧିକାର (Right to Equality)

୨) ସ୍ୱାଧୀନତା ଅଧିକାର (Right to Freedom)

୩) ଶୋଷଣ ବିରୁଦ୍ଧରେ ଅଧିକାର (Right against Exploitation)

୪) ଧର୍ମଗତ ସ୍ୱାଧୀନତା ଅଧିକାର (Right to Freedom of Religion)

୫) ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର (Cultural and Educational Rights)

୬) ସାମ୍ବିଧାନିକ ପ୍ରତିକାର ଅଧିକାର (Right to Constitutional Remedies)

ଉକ୍ତ ମୌଳିକ ଅଧିକାରଗୁଡ଼ିକ ଦେଶର ସ୍ୱାର୍ଥ ଦୃଷ୍ଟିରୁ କେତେକ ସମୟରେ ନିୟନ୍ତ୍ରିତ ହୋଇପାରିବ । ପ୍ରକୃତ ଅର୍ଥରେ ଦେଖିବାକୁ ଗଲେ ଭାରତୀୟ ନାଗରିକମାନେ ପ୍ରଥମ ୫ ଗୋଟି ଅଧିକାର ଉପଭୋଗ କରନ୍ତି ଏବଂ କୌଣସି ପରିସ୍ଥିତିରେ ସରକାର କିମ୍ବା ବ୍ୟକ୍ତି ବିଶେଷ ଯଦି ଉକ୍ତ ଅଧିକାରରେ ହସ୍ତକ୍ଷେପ କରନ୍ତି ତେବେ ସାମ୍ବିଧାନିକ ପ୍ରତିକାର ଅଧିକାର ବଳରେ ଜଣେ ବ୍ୟକ୍ତି ନ୍ୟାୟାଳୟର ଆଶ୍ରୟ ନେଇପାରିବ । ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ନାଗରିକର ଅଧିକାରର ସୁରକ୍ଷା କରିବା ପାଇଁ 'ସାମ୍ବିଧାନିକ ପ୍ରତିକାର ଅଧିକାର' ଜରିଆରେ ବ୍ୟବସ୍ଥା କରାଯାଇଅଛି।

**ତୁମେ ଜାଣିଛ କି ?**

୨୦୦୨ ମସିହାରେ ସମ୍ବିଧାନ ସଂଶୋଧନ କରାଯାଇ ଧାରା ୨୧(କ)ରେ ୬ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ମୌଳିକ ଅଧିକାର ଏକ ଅଂଶ ବୋଲି ଗ୍ରହଣ କରାଯାଇଅଛି ।

ଯଦୁନାଥ ଓ ସୌମିତ୍ର ଦୁଇଜଣ ଦଶମ ଶ୍ରେଣୀର ଛାତ୍ର । ଦୁଇଜଣ ବୋର୍ଡ ଅଧୀନରେ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ ଏବଂ ଦୁଇଜଣ ପରୀକ୍ଷାରେ ଖୁବ୍ ଭଲ କରିଥିଲେ । ଶିକ୍ଷକଙ୍କ କହିବା ଅନୁସାରେ ଦୁଇଜଣ ଖୁବ୍ ଭଲ ଛାତ୍ର ଏବଂ ଶ୍ରେଣୀ ପରୀକ୍ଷାରେ ସମାନ ନମ୍ବର ରଖନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇଲା ବେଳକୁ ଯଦୁନାଥ ୯୮ ପ୍ରତିଶତ ନମ୍ବର ରଖିଥିବା ବେଳେ ସୌମିତ୍ର ୩୮% ପ୍ରତିଶତ ନମ୍ବର ରଖି ଆଶ୍ଚର୍ଯ୍ୟ ହେଲା ଏବଂ ବିଶେଷ ଦୁଃଖ ପ୍ରକାଶ କଲା। ସୌମିତ୍ର ନ୍ୟାୟ ପାଇବା ପାଇଁ ନ୍ୟାୟାଳୟର ଆଶ୍ରୟ ନେବାକୁ ଚାହିଁଲା। ତେବେ ପ୍ରଶ୍ନ ହେଉଛି ସମ୍ବିଧାନର କେଉଁ ମୌଳିକ ଅଧିକାର ଉଲ୍ଲଙ୍ଘନ ବଳରେ ସେ ନ୍ୟାୟାଳୟର ଆଶ୍ରୟ ନେବ?

ଚଗଲାର ବୟସ ଦଶ ବର୍ଷ। ପିଲା ଦିନରୁ ସେ ବାପା ମା'ଙ୍କୁ ହରାଇଛି। ଯା' ଘରେ ତା' ଘରେ ବୋଲ ହାକ କରି ପେଟ ପୋଷେ ସେ । ବାଟିଖେଳ ଓ ଗୁଡ଼ି ଉଡାଇ ସମୟ ତାର କଟିଯାଏ । ଚାହୁଁ ଚାହୁଁ ତାକୁ ଦଶ ବର୍ଷ ହୋଇଗଲା। ଭୀମସେନଙ୍କର ଭୁବନେଶ୍ୱର ମାଷ୍ଟରକାଣ୍ଟିନ ଛକରେ ଗୋଟିଏ ଛୋଟ ଭୋଜନାଳୟଟିଏ ଅଛି । ଚଗଲାକୁ ଡାକି ନେଇ ତାଙ୍କ ଭୋଜନାଳୟରେ କାମଦାମ କରାଇ ଦିଓଳି ଖାଇବାକୁ ଦେଲେ, ସେ ବାସନପତ୍ର ଧୁଆଧୋଇ କରେ, ଟେବୁଲ ପୋଛେ । ଦିନେ ହାକିମ ଯାଇ ଭୀମସେନଙ୍କୁ ଡାକିଆଣି ଦଣ୍ଡ ବିଧାନ କଲେ । ତେବେ ପ୍ରଶ୍ନ ହେଉଛି କେଉଁ ଅପରାଧରେ ଏବଂ କେଉଁ ଅଧିକାରର ଉଲ୍ଲଙ୍ଘନ ଫଳରେ ଭୀମସେନଙ୍କୁ ହାକିମ ଦଣ୍ଡବିଧାନ କଲେ ?

## ରାଷ୍ଟ୍ରର ନିର୍ଦ୍ଦେଶ ମୂଳକ ନୀତି (DIRECTIVE PRINCIPLES OF STATE POLICY)

ଭାରତ ସମ୍ବିଧାନର ଚତୁର୍ଥ ଭାଗରେ ୩୬ ଧାରାରୁ ୫୧ ଧାରା ମଧ୍ୟରେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ମାଧ୍ୟମରେ ନାଗରିକମାନଙ୍କୁ ସାମାଜିକ ଓ ଆର୍ଥିକ ଅଧିକାର ପ୍ରଦାନ କରାଯାଇଅଛି। ଉକ୍ତ ନିର୍ଦ୍ଦେଶମୂଳକ ନୀତିକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଅଛି ।

ଯଥା – ୧) ସମାଜବାଦୀ ନୀତି
୨) ଉଦାରବାଦୀ ନୀତି
୩) ଗାନ୍ଧିବାଦୀ ନୀତି

୧) **ସମାଜବାଦୀ ନୀତି:** ସଂପତ୍ତି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ହାତରେ ଠୁଳହୋଇ ନ ରହି ସଂପତ୍ତିର ସୁଷମ ବଣ୍ଟନ କରାଯିବ ।

- ମହିଳା, ପୁରୁଷଙ୍କୁ ସମାନ କାମ ପାଇଁ ସମାନ ମଜୁରୀ ପ୍ରଦାନ କରାଯିବ ।
- ବୃଦ୍ଧ, ରୋଗୀ ଓ ଅକ୍ଷମ ଲୋକମାନଙ୍କ ପାଇଁ ସାହାଯ୍ୟର ବ୍ୟବସ୍ଥା ରହିବ ।
- ରାଷ୍ଟ୍ର ସମସ୍ତଙ୍କର ବଞ୍ଚି ରହିବାର ମାନ ଉନ୍ନତ କରିବା ସହ ଜନସାଧାରଣଙ୍କର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଦୃଷ୍ଟିଦେବ ।

୨) **ଉଦାରବାଦୀ ନୀତି :**

- ନ୍ୟାୟପାଳିକାକୁ କାର୍ଯ୍ୟପାଳିକାଠାରୁ ପୃଥକ କରିବା
- ରାଷ୍ଟ୍ରର ସମସ୍ତ ଜନସାଧାରଣଙ୍କ ପାଇଁ ଏକ ପ୍ରକାର ଦେୱାନୀ ଆଇନ ପ୍ରଚଳନ କରିବା
- ଗୁରୁତ୍ୱପୂର୍ଣ୍ଣ ପୀଠଗୁଡ଼ିକର ସୁରକ୍ଷା କରିବା
- ପଡୋଶୀ ରାଷ୍ଟ୍ରମାନଙ୍କ ସହିତ ଉତ୍ତମ ସଂପର୍କ ସ୍ଥାପନ କରିବା
- ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା କରିବା

୩) **ଗାନ୍ଧିବାଦୀ ନୀତି :**

- ଗାନ୍ଧିବାଦର କେତେକ ପ୍ରଭାବ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିରେ ପ୍ରତୀୟମାନ ହୁଏ ଯଥା
- ଗ୍ରାମପଞ୍ଚାୟତ ସ୍ଥାପନ
- କୁଟୀର ଶିଳ୍ପର ବିକାଶ
- ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ବିଶେଷଯତ୍ନ
- ଗୋହତ୍ୟା ନିଷେଧ

ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ଭାରତକୁ ଏକ ଜନମଙ୍ଗଳ ତଥା ଆଦର୍ଶ ରାଷ୍ଟ୍ରରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ ।

ମୌଳିକ ଅଧିକାରର ସୁରକ୍ଷା ପାଇଁ ନ୍ୟାୟାଳୟର ଆଶ୍ରୟ ନେଇ ହେବ, ମାତ୍ର ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିରେ ବର୍ଣ୍ଣନା କରାଯାଇଥିବା ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ ନ ହେଲେ କୌଣସି ନ୍ୟାୟାଳୟର ଆଶ୍ରୟ ନେଇ ହେବ ନାହିଁ।

**ତୁମେ ଜାଣିଛ କି ?**

ମୌଳିକ ଅଧିକାରଗୁଡ଼ିକ ନାଗରିକମାନଙ୍କୁ ରାଜନୈତିକ ଅଧିକାର ପ୍ରଦାନ କରୁଥିବା ସ୍ଥଳେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ସାମାଜିକ ଏବଂ ଆର୍ଥିକ ଅଧିକାର ପ୍ରଦାନ କରୁଅଛି ।

**ତୁମେ ଜାଣିଛ କି ?**

ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ଗୋଲକନାଥ ମାମଲାରେ ମୌଳିକ ଅଧିକାରକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ କେଶବାନନ୍ଦ ଭାରତୀ ମାମଲାରେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିକୁ ପ୍ରାଧାନ୍ୟ ଦିଆଯାଇଅଛି । ୧୯୭୮ ମସିହା ୪୪ ତମ ସମ୍ବିଧାନ ସଂଶୋଧନ ଜରିଆରେ ମଧ୍ୟ ଉକ୍ତ ନୀତିକୁ ପ୍ରାଧାନ୍ୟ ଦିଆଯାଇଅଛି ।

## ନ୍ୟାୟାଳୟର ସ୍ୱାଧୀନତା: (INDEPENDENCE OF JUDICIARY)

ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକ ତଥା ଦେଶର ଜନସାଧାରଣ ସ୍ୱାଧୀନତା ପାଇବା ପାଇଁ ହକଦାର୍ । ମାତ୍ର ସମୟ ସମୟରେ ଉକ୍ତ ସ୍ୱାଧୀନତାରେ ହସ୍ତକ୍ଷେପ ଅଗଣତାନ୍ତ୍ରିକ ଅଟେ । ଭାରତର



ଭାରତର ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମ କୋର୍ଟ)

ନାଗରିକମାନେ ମୌଳିକ ଅଧିକାର ଉପଭୋଗ କରନ୍ତି ଏବଂ ସେହି ମୌଳିକ ଅଧିକାର ଗୁଡ଼ିକର ସୁରକ୍ଷା ଦେଶର ବିଚାର ବ୍ୟବସ୍ଥା ଉପରେ ନିର୍ଭର କରେ । ସର୍ବୋପରି ଭାରତ ପରି ଏକ ସଂଘୀୟ ରାଷ୍ଟ୍ରରେ ସମ୍ବିଧାନକୁ ସବୁଠାରୁ ବେଶୀ ଗୁରୁତ୍ୱ ଦିଆଯାଇଅଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟକୁ 'ସମ୍ବିଧାନର ରକ୍ଷକ' ବୋଲି କୁହାଯାଏ। ବିଚାର ବ୍ୟବସ୍ଥାର ସୁପରିଚାଳନା ପାଇଁ ବିଚାର ବ୍ୟବସ୍ଥା କେବଳ ସ୍ୱାଧୀନ ନ ହୋଇ ନିରପେକ୍ଷ ହେବା ଆବଶ୍ୟକ। ସ୍ୱାଧୀନ ବିଚାରବ୍ୟବସ୍ଥା କହିଲେ ନ୍ୟାୟପାଳିକା, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାଠାରୁ ସଂପୂର୍ଣ୍ଣ ପୃଥକ ଏବଂ ସ୍ୱାଧୀନ ହେବା ଆବଶ୍ୟକ ।

**ତୁମେ ଜାଣିଛ କି ?**

ଭାରତରେ ବିଚାରପତି ମାନଙ୍କର ନିଯୁକ୍ତି ଓ ବହିଷ୍କାର ପଦ୍ଧତିରେ ସ୍ୱଚ୍ଛତା, ଆକର୍ଷଣୀୟ ଦରମା, ଦୀର୍ଘକାର୍ଯ୍ୟକାଳ, ବିଚାର ବ୍ୟବସ୍ଥାର ସ୍ୱାଧୀନତାରେ ବିଶେଷ ସହାୟକ ହୋଇଥାଏ ।

ଭାରତର ଉଚ୍ଚ ନ୍ୟାୟାଳୟ (High Court)ର ବିଚାର ପତି ମାନେ ୬୨ ବର୍ଷରେ ଏବଂ ସର୍ବୋଚ୍ଚ ନ୍ୟାୟଳୟର ବିଚାରପତିମାନେ ୬୫ ବର୍ଷ ବୟସରେ ଅବସର ଗ୍ରହଣ କରନ୍ତି।

## ସାର୍ବଜନୀନ ସାବାଳକ ଭୋଟ ପ୍ରଥା (UNIVERSAL ADULT FRANCHISE)

ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାବାଳକମାନଙ୍କର ଭୋଟ ଦେବାର ଅଧିକାର ରହିଥାଏ। ସମ୍ବିଧାନର ୩୨୬ ଧାରା ଅନୁସାରେ ଭୋଟଦାତାର ବୟସ ୨୧ ବର୍ଷ ଥିଲା। ମାତ୍ର ଏହାକୁ ପରିବର୍ତ୍ତନ କରାଯାଇ ବର୍ତ୍ତମାନ ୧୮ ବର୍ଷ ରଖାଯାଇଛି ।



## ଏକକ ନାଗରିକତା (SINGLE CITIZENSHIP)

ଭାରତରେ ବସବାସ କରୁଥିବା ସମସ୍ତ ଜନସାଧାରଣ କେବଳ ଭାରତର ନାଗରିକ ହିସାବରେ ଗଣା ହୁଅନ୍ତି। କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକା ପରି ସଂଘୀୟ ରାଷ୍ଟ୍ରରେ ବସବାସ କରୁଥିବା ଜନସାଧାରଣ ପ୍ରଥମେ ଯେଉଁ ରାଜ୍ୟରେ ବାସ କରନ୍ତି ସେ ରାଜ୍ୟର ନାଗରିକ ଏବଂ ତା ସହିତ ଯୁକ୍ତରାଷ୍ଟ୍ର ଆମେରିକାର ନାଗରିକ ହୋଇଥାଆନ୍ତି।

ଭାରତ ଯୁକ୍ତରାଷ୍ଟ୍ର ଆମେରିକା ପରି ଏକ ସଂଘୀୟ ରାଷ୍ଟ୍ର ହେଲେ ମଧ୍ୟ ରାଜ୍ୟରେ ବାସ କରୁଥିବା ଅଧିବାସୀ ସେ ରାଜ୍ୟର ନାଗରିକ ହୁଅନ୍ତି ନାହିଁ ମାତ୍ର ସମସ୍ତେ ଭାରତୀୟ ନାଗରିକ।

- ତୁମ ନିଜ ଅଂଚଳରେ କେଉଁ କେଉଁ ଉନ୍ନତିମୂଳକ କାର୍ଯ୍ୟ କରାଯାଇ ପାରିବ ସେଥିରୁ ତିନି ଗୋଟିର ଉଦାହରଣ ଦିଅ ?

- ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ବ୍ୟତୀତ ସମ୍ବିଧାନର ଅନ୍ୟ କୌଣସି ସ୍ଥାନରେ ଏହାର ବିଶେଷତ୍ୱ ବିଷୟରେ ଉଲ୍ଲେଖ କରାଯାଇ ଅଛି କି?

- ୨୬ ନଭେମ୍ବର ୨୦୦୮ ମସିହାରେ ପଡୋଶୀ ଦେଶର କେତେକ ଆତଙ୍କବାଦୀ ମୁମ୍ବାଇ ସହର ସମୁଦ୍ରକୂଳରେ ଅବସ୍ଥିତ ଥିବା ତାଜ ହୋଟେଲ, ଛତ୍ରପତି ଶିବାଜୀ ରେଳ ଷ୍ଟେସନରେ ଉପସ୍ଥିତ ରହି ଆଖିବୁଜା ଗୁଳିଚାଳନା କରିବା ସମୟରେ କିଛି ନିରୀହ ଜନସାଧାରଣ ମୃତ୍ୟୁବରଣ କଲେ ।ଏଭଳି ନାରକୀୟ ଏବଂ ହୃଦୟ ବିଦାରକ ଘଟଣା ପରେ ମଧ୍ୟ ଆମ୍ଭେ ଭାରତବାସୀ ପଡୋଶୀ ଦେଶ ସହିତ ବନ୍ଧୁତା ସ୍ଥାପନ କରିବା ପାଇଁ ଆଗ୍ରହୀ। ଉକ୍ତ ବନ୍ଧୁତା ସ୍ଥାପନ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିର କେଉଁ ବିଭାଗରେ ଅନ୍ତର୍ଭୁକ୍ତ ଅଟେ?

## ମୌଳିକ କର୍ତ୍ତବ୍ୟ (Fundamental Duties)

ଭାରତୀୟ ନାଗରିକମାନେ ୧୯୭୬ ମସିହାଠାରୁ ଦଶ ଗୋଟି ମୌଳିକ କର୍ତ୍ତବ୍ୟ ଉପଭୋଗ କରି ଆସୁଛନ୍ତି। ମାତ୍ର ବର୍ତ୍ତମାନ ଭାରତର ନାଗରିକମାନଙ୍କର ୧୧ଗୋଟି ମୌଳିକ କର୍ତ୍ତବ୍ୟ ରହିଅଛି।

୫୧ (କ) ଧାରାରେ ସମ୍ବିଧାନ, ଜାତୀୟ ପତାକା ଏବଂ ଜାତୀୟ ସଂହତିକୁ ସମ୍ମାନ ଦେବା, ଭାରତର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତା ବଜାୟ ରଖିବା, ଭାରତୀୟ ସଂସ୍କୃତିର ସୁରକ୍ଷା କରିବା, ପ୍ରାକୃତିକ ପରିବେଶର ସୁରକ୍ଷା, ମାନବିକତା ଓ ବୈଜ୍ଞାନିକ ମନୋବୃତ୍ତି, ଜାତୀୟ ସଂପତ୍ତିର ସୁରକ୍ଷା ଆଦି ମୌଳିକ କର୍ତ୍ତବ୍ୟରେ ସ୍ଥାନ ପାଇଅଛି ଏବଂ ପରିଶେଷରେ ୨୦୦୨ ମସିହାରେ ଯେଉଁ କର୍ତ୍ତବ୍ୟଟି ସ୍ଥାନ ପାଇଲା ତାହା ବର୍ତ୍ତମାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କର ଶିକ୍ଷାଦାନ ଅଭିଭାବକଙ୍କର ମୌଳିକ କର୍ତ୍ତବ୍ୟ ।

### ତୁମେ ଜାଣିଛ କି ?

୧୯୭୬ ମସିହାର ୪୨ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସମ୍ବିଧାନର ୫୧(କ) ଧାରାରେ ୧୦ ଗୋଟି ମୌଳିକ କର୍ତ୍ତବ୍ୟ ଗୁଡ଼ିକ ସ୍ଥାନ ପାଇଅଛି।

୨୦୦୨ ମସିହା ୮୬ତମ ସମ୍ବିଧାନ ସଂଶୋଧନ ଦ୍ୱାରା ଆହୁରି ଗୋଟିଏ ମୌଳିକ କର୍ତ୍ତବ୍ୟ ଯୋଗ କରାଯାଇ ୧୧ଟି ମୌଳିକ କର୍ତ୍ତବ୍ୟ ହୋଇଅଛି।

### ଆମେ କ'ଣ ଶିଖିଲେ ?

- ଭାରତୀୟ ସମ୍ବିଧାନର ବୈଶିଷ୍ଟ୍ୟ ।
- ଭାରତ ସମ୍ବିଧାନରେ ପ୍ରସ୍ତାବନା ୧୯୭୩ ମସିହାଠାରୁ ସମ୍ବିଧାନର ଏକ ଅଂଶ ବୋଲି ଗ୍ରହଣ କରାଯାଉଅଛି।
- ଭାରତର ସମ୍ବିଧାନ,ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ପ୍ରସ୍ତୁତ ହୋଇଅଛି।
- ଭାରତ ସମ୍ବିଧାନ ଏକ ଲିଖିତ ସମ୍ବିଧାନ ।
- ଭାରତ ସମ୍ବିଧାନ ନମନୀୟ ଓ ଅନମନୀୟ ସମ୍ବିଧାନର ମିଶ୍ରଣ ।
- ଭାରତରେ ସଂସଦୀୟ ଶାସନ ବ୍ୟବସ୍ଥା ପ୍ରଚଳିତ ।
- ଭାରତ ଏକ ସଂଘୀୟରାଷ୍ଟ୍ର ହୋଇଥିଲେ ମଧ୍ୟ ଐକିକ ରାଷ୍ଟ୍ରର କେତେକ ଗୁଣାବଳୀ ଭାରତ ଶାସନରେ ପରିଲକ୍ଷିତ ହୁଏ ।
- ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ।
- ଭାରତୀୟ ନାଗରିକମାନଙ୍କର ୬ଗୋଟି ମୌଳିକ ଅଧିକାର ଅଛି।
- ସମ୍ବିଧାନର ୪ର୍ଥ ଭାଗରେ ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ପ୍ରଦାନ କରାଯାଇଅଛି।
- ଭାରତରେ ନ୍ୟାୟିକ ବ୍ୟବସ୍ଥା ସ୍ୱାଧୀନ ଅଟେ ।
- ଭାରତରେ ୧୮ ବର୍ଷରେ ପଦାର୍ପଣ କରିଥିବା ନାଗରିକମାନଙ୍କର ଭୋଟଦାନ ଅଧିକାର ଅଛି।
- ନାଗରିକମାନଙ୍କର ଭାରତ ବର୍ଷରେ ଦେଶ ପ୍ରତି କେତେକ କର୍ତ୍ତବ୍ୟ ରହିଅଛି।

# ପ୍ରଶ୍ନାବଳୀ

୧. ଭାରତର ସମ୍ବିଧାନରେ ପ୍ରସ୍ତାବନା କାହିଁକି ସ୍ଥାନ ପାଇଅଛି?

୨. ଭାରତ ସମ୍ବିଧାନ ଏକ ଲିଖିତ ସମ୍ବିଧାନ ହେଲେ ମଧ୍ୟ ସମ୍ବିଧାନରେ ଥିବା ଦୁଇଗୋଟି ଅଲିଖିତ ବିଷୟବସ୍ତୁର ଉଦାହରଣ ଲେଖ ।

୩. ଭାରତର ସମ୍ବିଧାନରେ କେତେକ ଅଂଶ ନମନୀୟ– ଏହାର ୩ଗୋଟି ଉଦାହରଣ ଦିଅ ।

୪. ଭାରତକୁ କାହିଁକି ସଂଘୀୟ ରାଷ୍ଟ୍ର କୁହାଯାଏ? ଏହାର ତିନିଗୋଟି ମୁଖ୍ୟ ବୈଶିଷ୍ଟ୍ୟ ଲେଖ ।

୫. ଭାରତକୁ କାହିଁକି ଏକ ଧର୍ମନିରପେକ୍ଷ ରାଷ୍ଟ୍ର କୁହାଯାଏ? ଧର୍ମ ନିରପେକ୍ଷ ହୋଇ ନ ଥିବା ଏକ ରାଷ୍ଟ୍ରର ନାମ ଲେଖ ।

୬. ସାମ୍ବିଧାନିକ ପ୍ରତିକାର ଅଧିକାର କଣ ? ୩ ଧାଡ଼ିରେ ବୁଝାଇ ଲେଖ ।

୭. ଏକକ ନାଗରିକତା କହିଲେ କଣ ବୁଝ? ପୃଥିବୀର କେଉଁ ରାଷ୍ଟ୍ରରେ ଏକାଧିକ ନାଗରିକତା ଅଛି?

**ଉତ୍ତର ଦିଅ ।**

୮. ଭାରତ ସମ୍ବିଧାନର ପିତା କାହାଙ୍କୁ କୁହାଯାଏ?

୯. ଏକ ଧର୍ମଭିତ୍ତିକ ରାଷ୍ଟ୍ରର ଉଦାହରଣ ଦିଅ?

୧୦. ୧୯୭୬ ମସିହାଠାରୁ କେଉଁ ସବୁ ଶବ୍ଦ ସମ୍ବିଧାନର ପ୍ରସ୍ତାବନାରେ ଯୋଗ କରାଗଲା?

୧୧. ଭାରତ ସଂଘୀୟରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ହେଲେ କିଏ ସମାଧାନ କରନ୍ତି ?

୧୨. ଭାରତୀୟ ସଂସ୍କୃତିର ସୁରକ୍ଷା କରିବାର ଦାୟିତ୍ୱ ସମ୍ବିଧାନର କେଉଁ ଧାର ରେ ସ୍ଥାନ ପାଇଅଛି ?

ଚତୁର୍ଥ ଅଧ୍ୟାୟ

# ମାନବିକ ଅଧିକାର

## (HUMAN RIGHTS)

GIPISX

ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ୨୦୦୧ ମସିହା ସେପ୍ଟେମ୍ବର ୧୧ ଦିନ ଆତଙ୍କବାଦୀଙ୍କ ଦ୍ୱାରା ଧ୍ୱଂସ ଓ ୨୦୦୮ ମସିହା ନଭେମ୍ବର ୨୬ ତାରିଖରେ ଭାରତର ବମ୍ବେ ନଗରୀର ତାଜ ହୋଟେଲରେ ଅବସ୍ଥାପିତ ନିରୀହ ନାଗରିକଙ୍କ ଉପରେ ଆତଙ୍କବାଦୀଙ୍କ ଦ୍ୱାରା ଆଖିବୁଜା ଗୁଳିଚାଳନା, ମାନବିକ ଅଧିକାରର ଉଲ୍ଲଘନ ବୋଲି ଧରାଯାଏ।


ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର

ତେବେ ମାନବିକ ଅଧିକାର କ'ଣ ?

ଜାତି, ଧର୍ମ, ଲିଙ୍ଗ, ବର୍ଣ୍ଣ, ସରକାରର ପ୍ରକାର ଭେଦ ନିର୍ବିଶେଷରେ ଗୋଟିଏ ମଣିଷ ଧରାପୃଷ୍ଠରେ ଜନ୍ମ ନେବା ସମୟଠାରୁ ଆନନ୍ଦରେ ମଣିଷ ଭଳି ବଞ୍ଚିବା ପାଇଁ ତାର ଅଧିକାରକୁ ମାନବିକ ଅଧିକାର କୁହାଯାଏ। ବିଂଶ ଶତାବ୍ଦୀରେ ଏହା ସାର୍ବଜନୀନ ମାନ୍ୟତା ଲାଭ କରିଅଛି।

ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନେ ଅଧିକ ଅଧିକାର ଉପଭୋଗ କରୁଥିବା ସମୟରେ ଏକ


ମୁମ୍ବାଇ ନଗରୀର ତାଜ୍ ହୋଟେଲ୍‌ରେ ଆତଙ୍କବାଦୀ ଆକ୍ରମଣ

ସ୍ୱେଚ୍ଛାଚାରୀ କିମ୍ବା ଏକଛତ୍ରବାଦୀ ରାଷ୍ଟ୍ରରେ ଜନସାଧାରଣ ଅପେକ୍ଷାକୃତ କମ୍ ଅଧିକାର ଉପଭୋଗ କରନ୍ତି। ଗଣତନ୍ତ୍ର ହେଉ କିମ୍ବା ଏକଛତ୍ରବାଦୀ ରାଷ୍ଟ୍ର ହେଉ ମଣିଷମାନେ ମଣିଷ ପରି ଆନନ୍ଦରେ ଜୀବନଯାପନ କରିବାର ଅଧିକାର ରହିଅଛି। ସମାଜରେ ବାସ କରୁଥିବା ବ୍ୟକ୍ତିମାନଙ୍କର ଶୋଷଣକୁ ଏହା ବିରୋଧ କରେ ।

**ତୁମେ ଜାଣିଛ କି ?**

୧୨୧୫ ମସିହା ବିଲାତର 'ମାଗ୍ନାକାର୍ଟା' ୧୭୭୬ ମସିହା ଆମେରିକା ସ୍ୱାଧୀନତା ଘୋଷଣାନାମା, ୧୭୮୯ ଫ୍ରାନ୍ସର ମାନବିକ ଅଧିକାର ଘୋଷଣା ମାନବିକ ଅଧିକାର ରୂପେ ଗ୍ରହଣ କରାଯାଇଛି ।

## ମାନବିକ ଅଧିକାରର ଘୋଷଣା (DECLARATION OF HUMAN RIGHTS)

ମିଳିତ ଜାତିସଂଘର ସନନ୍ଦ (Charter) ଯାହାକି ୧୯୪୫ ମସିହାରେ ଗ୍ରହଣ କରାଯାଇଥିଲା ଏବଂ ୨୪ ଅକ୍ଟୋବର ୧୯୪୫ ମସିହାରୁ କାର୍ଯ୍ୟକାରୀ ହେଲା, ସେଥିରେ ଆନ୍ତର୍ଜାତୀୟ ସହଯୋଗ, ଭାତୃଭାବ ଓ ମାନବିକ ଅଧିକାର ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଇଅଛି। ମାନବିକ ଅଧିକାର ଉପରେ ଆହୁରି ଅଧିକ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ୧୯୪୮ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ସାର୍ବଜନୀନ ମାନବିକ ଅଧିକାର ଘୋଷଣା କରାଗଲା।

ପୃଥିବୀରେ କେନ୍ଦ୍ରୀଭୂତ କ୍ଷମତାର ପ୍ରୟୋଗ ଦ୍ୱାରା ବିକାଶମୁଖୀ ରାଷ୍ଟ୍ରମାନେ ବିକାଶଶୀଳ ରାଷ୍ଟ୍ରମାନଙ୍କ ଶୋଷଣର ଶିକାର ହେବା ଫଳରେ ବିକାଶମୁଖୀ ରାଷ୍ଟ୍ରମାନଙ୍କରେ ବାସ କରୁଥିବା ମଣିଷମାନଙ୍କର ମାନବିକ ଅଧିକାର ଉଲ୍ଲଙ୍ଘନ ହେଉଅଛି । କେବଳ କ୍ଷମତାଶାଳୀ ରାଷ୍ଟ୍ର ଦ୍ୱାରା ମାନବିକ ଅଧିକାର ଉଲ୍ଲଙ୍ଘନ ହେଉନାହିଁ ଏପରିକି ଲୋକମାନଙ୍କୁ ସୁରକ୍ଷା ଦେବା ଦାୟିତ୍ୱରେ ଥିବା ପୋଲିସ ପ୍ରଶାସନ ମଧ୍ୟ ଅନେକ ସମୟରେ ବନ୍ଦୀମାନଙ୍କୁ, ସୁରକ୍ଷା ଦେବା ବଦଳରେ ନିଷ୍ଠୁର, ବର୍ବର, ନୃଶଂସ ବ୍ୟବହାର ଦେଖାଇଥାନ୍ତି ଯାହାଫଳରେ ଆମ୍ଭେମାନେ ଦୈନିକ ସମ୍ବାଦପତ୍ରମାନଙ୍କରେ 'ଥାନା ହାଜତରେ ବନ୍ଦୀର ମୃତ୍ୟୁ' ଶୀର୍ଷକରେ ସମ୍ବାଦମାନ ପଢ଼ିଥାଉ ।

**ତୁମେ ଜାଣିଛ କି ?**

ପ୍ରତିବର୍ଷ ଡିସେମ୍ବର ମାସ ୧୦ ତାରିଖକୁ ମାନବିକ ଅଧିକାର ଦିବସ ରୂପେ ଗ୍ରହଣ କରାଯାଇଅଛି ।

୧୯୯୩ ମସିହାରୁ ଜାତୀୟ ମାନବାଧିକାର ଆୟୋଗ ଏବଂ ୨୦୦୩ ମସିହାରୁ ଆମ ରାଜ୍ୟରେ ମାନବାଧିକାର ଆୟୋଗ କାର୍ଯ୍ୟ କରୁଅଛି।

ସେହିପରି ଆନ୍ତର୍ଜାତୀୟ ଆତଙ୍କବାଦ ମାନବିକ ଅଧିକାର ପ୍ରତି ଏକ ଆହ୍ୱାନ ଭାବରେ ଦେଖା ଦେଇଛି, ଯାହାର ଶିକାର ନିରୀହ ଜନସାଧାରଣ ହେଉଅଛନ୍ତି।

ସାଂପ୍ରତିକ ସମାଜରେ ମହିଳା, ଶିଶୁ ଓ ପଛୁଆବର୍ଗମାନଙ୍କର ମାନବିକ ଅଧିକାର ଉଲ୍ଲଙ୍ଘନ ହେଉଅଛି ବୋଲି ମତ ପ୍ରକାଶ ପାଉଅଛି।

ବିକାଶଶୀଳ ରାଷ୍ଟ୍ରମାନଙ୍କରେ କି ପ୍ରକାର ମାନବିକ ଅଧିକାର ଉଲ୍ଲଙ୍ଘନ ହେଉଅଛି– ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ।

## ନାରୀ ଅଧିକାର (WOMEN RIGHTS)

ନାରୀମାନଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ, ନାରୀ ନିର୍ଯ୍ୟାତନା, ନାରୀ ଧର୍ଷଣ, ଯୌତୁକଜନିତ ହତ୍ୟା, କନ୍ୟାଭ୍ରୂଣ ହତ୍ୟା ପରି ଅନେକଗୁଡ଼ିଏ ଘଟଣା ଆଜିକାଲି ସମାଜରେ ବହୁଳ ଭାବରେ ପରିଲକ୍ଷିତ ହେଉଅଛି। ପୁରୁଷ ପରି ନାରୀ ମଧ୍ୟ ସମାଜର ଏକ ବଳିଷ୍ଠ ଅଙ୍ଗ। ସେ ଭଗ୍ନୀ, ସେ ଜାୟା ଓ ସେ ଜନନୀ। ନାରୀର ସମୃଦ୍ଧି ହେଲେ ସମାଜର ଅଭିବୃଦ୍ଧି ହେବ । ଗୋଟିଏ ସନ୍ତାନର ବାଲ୍ୟ ଶିକ୍ଷା ମା'କୋଳରୁ ହିଁ ଆରମ୍ଭ ହୁଏ। ତେଣୁ ନାରୀମାନଙ୍କୁ ସମାଜରେ ପୁରୁଷମାନଙ୍କ ପରି ଅଧିକାର ପ୍ରଦାନ କରାଯିବା ଆବଶ୍ୟକ । ରାଜନୈତିକ, ସାମାଜିକ, ସାଂସ୍କୃତିକ ଏବଂ ଆର୍ଥିକ କ୍ଷେତ୍ରରେ ନାରୀମାନେ ବିଶେଷ ଅଧିକାର ଉପଲବ୍ଧ କରିବା ଆବଶ୍ୟକ ।

ହିନ୍ଦୁଶାସ୍ତ୍ର ଅନୁସାରେ ଉଭୟ ପୁରୁଷ ଏବଂ ନାରୀ ଦେବତା ଏକତ୍ର ପୂଜା ପାଆନ୍ତି । ଯଥା–ଶିବ–ପାର୍ବତୀ, ରାମ–ସୀତା, କୃଷ୍ଣ–ରାଧା, ନାରାୟଣ–ଲକ୍ଷ୍ମୀ ଇତ୍ୟାଦି। ନାରୀମାନେ ପୁରୁଷମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ।

ଭାରତର ସଂସଦରେ ନାରୀମାନଙ୍କର ବିଶେଷ ସ୍ୱାଧୀନତା ପାଇଁ ସଂସଦ ଏବଂ ବିଧାନସଭାରେ ଆସନ ସଂରକ୍ଷଣ ବ୍ୟବସ୍ଥା ବିଚାରାଧୀନ ଅଛି ମାତ୍ର ଭାରତରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ ନାରୀମାନଙ୍କ ପାଇଁ ସଂରକ୍ଷିତ ଆସନର ବ୍ୟବସ୍ଥା ରହିଅଛି।

### ତୁମେ ଜାଣିଛ କି ?

ଭାରତରେ ୧୯୭୬ ମସିହା ସମାନ ମଜୁରୀ ଆଇନ ବଳରେ ଏକା କାମ ପାଇଁ ନାରୀ ଓ ପୁରୁଷ ସମାନ ମଜୁରୀ ପାଇବେ ।

ମହାତ୍ମାଗାନ୍ଧୀ କହିଥିଲେ, ଭାରତ ସ୍ୱାଧୀନ ହେଲା ସତ, ମାତ୍ର ସ୍ୱାଧୀନତାର ପ୍ରକୃତ ଅର୍ଥ ଆମେ ଉପଲବ୍ଧି କରିପାରିବା ଯେତେବେଳେ ଭାରତରେ ଜଣେ ନାରୀ ରାତି ଅଧରେ ଏକାକୀ ନିର୍ଭୟରେ ଚାଲି କରି ଯିବା ଆସିବା କରିପାରିବ ।

ନାରୀମାନେ କାହିଁକି ଅଧିକାର ପାଇବା ଆବଶ୍ୟକ? ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

## ଶିଶୁ ଅଧିକାର (CHILD RIGHTS)

ଶିଶୁ ହସିଲେ ଦୁନିଆ ହସେ । ଆଜି ଯେ ଶିଶୁ କାଲି ସେ ହେବ ଦେଶର ନାଗରିକ । ରାଷ୍ଟ୍ର ନିର୍ମାଣରେ ସେ ନିଜକୁ ହଜାଇ ଦେବ । କଢ଼ଟିକୁ ଫୁଲ ଫୁଟିବା ପର୍ଯ୍ୟନ୍ତ ସମସ୍ତ ସୁଯୋଗ ଦିଆଯିବା ଆବଶ୍ୟକ ।

୬ ବର୍ଷରୁ ୧୪ ବର୍ଷ ବୟସ ମଧ୍ୟରେ ଥିବା ଶତକଡ଼ା ୫୦ ଭାଗରୁ ଅଧିକ ଶିଶୁ ବିଦ୍ୟାଳୟ ଶିକ୍ଷାରୁ ବଂଚିତ ହେଉଅଛନ୍ତି । ଉପଯୁକ୍ତ ଖାଦ୍ୟ, କ୍ରୀଡା ଏବଂ ଆମୋଦ ପ୍ରମୋଦ ପାଇବାରୁ ବଞ୍ଚିତ ହେଉଅଛନ୍ତି। ସେମାନଙ୍କ ପାଇଁ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବା ଏକ ଦିବାସ୍ୱପ୍ନ ।



୮୬ ତମ ସମ୍ବିଧାନ ସଂଶୋଧନ ଦ୍ୱାରା ୬ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଏକ ମୌଳିକ ଅଧିକାର ରୂପେ

ଗ୍ରହଣ କରାଯାଇଅଛି ଏବଂ ଶିଶୁମାନଙ୍କୁ ଶିକ୍ଷାଦାନ ଅଭିଭାବକମାନଙ୍କର ମୌଳିକ କର୍ତ୍ତବ୍ୟ ବୋଲି ଭାରତୀୟ ନାଗରିକମାନଙ୍କର କର୍ତ୍ତବ୍ୟରେ ଉପରୋକ୍ତ ସଂଶୋଧନ ଦ୍ୱାରା ଗ୍ରହଣ କରାଯାଇଅଛି । ଏତଦ୍‌ବ୍ୟତୀତ ୧୪ବର୍ଷରୁ କମ୍ ପିଲାଙ୍କୁ ଖଣି ଓ କଠିନ କାମରେ ନିଯୁକ୍ତି ପାଇଁ ମୌଳିକ ଅଧିକାରରେ ନିଷେଧ କରାଯାଇଅଛି ।



ଶିକ୍ଷକମାନଙ୍କୁ ଅନୁରୋଧ ଯଦି ବିଦ୍ୟାଳୟରେ ଟେଲିଭିଜନର ସୁବିଧା ଥାଏ ତେବେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଦୁଇଟି ଆନ୍ତର୍ଜାତିକ ସ୍ୱୀକୃତି ଲାଭ କରିଥିବା ଚଳଚିତ୍ର ଦେଖିବା ପାଇଁ ସୁଯୋଗ ଦେବା ନିହାତି ଆବଶ୍ୟକ । ପ୍ରଥମଟି– 'ତାରେ ଜମିନ ପର' ଅନ୍ୟଟି ସ୍ଲମ ଡଗ ମିଲେନେୟାର' ଶିକ୍ଷକମାନେ ପିଲାମାନଙ୍କୁ ଉକ୍ତ ଚଳଚ୍ଚିତ୍ର ବୁଝାଇ ସାରିଲା ପରେ ପିଲାମାନେ ଏହା ଉପରେ ଏକ ଟିପ୍ପଣୀ ଦେବେ ।




## ନାରୀ ସଶକ୍ତିକରଣ (WOMEN EMPOWERMENT)

'ନାରୀ ଶକ୍ତି ଜିନ୍ଦାବାଦ'– ଏହା ହେଉଛି ନାରୀ ସଶକ୍ତିକରଣର ସ୍ଲୋଗାନ୍ ।

ଭାରତରେ ପୁରୁଷ ପ୍ରଧାନ ସମାଜ ପ୍ରତିଷ୍ଠା ଲାଭ କରିଅଛି । ଭାରତୀୟ ସମାଜରେ ପୁରୁଷମାନଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯାଏ । ଝିଅଟିଏ ବାହା ହେଲେ ତାର ବାପ ଘର ଛାଡ଼ି ସାଧାରଣତଃ ସ୍ୱାମୀ ଘରକୁ ଆସେ । ତାକୁ ସ୍ୱାମୀଙ୍କର କଥା ମାନି ଚଳିବାକୁ ପଡ଼ିଥାଏ । କୁଟୁମ୍ବ ବା ପରିବାର ଭିତରେ ମା'ଙ୍କ ଅପେକ୍ଷା ବାପାଙ୍କର ପ୍ରାଧାନ୍ୟ ଅଧିକ ।


ଶ୍ରୀମତୀ ଇନ୍ଦିରା ଗାନ୍ଧୀ


ଶ୍ରୀମତୀ ପ୍ରତିଭା ସିଂହ ପାଟିଲ

ବ୍ରିଟିଶ ସାମ୍ରାଜ୍ୟ ସମୟରେ ଭାରତରେ ସ୍ୱାଧୀନତା ସଂଗ୍ରାମରେ ଝାନସୀ ରାଣୀ, ରାଣୀ ଲକ୍ଷ୍ମୀବାଈ ପ୍ରଭୃତି ବିଶେଷ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ସେ ସମୟରେ ନାରୀଶିକ୍ଷାର ପ୍ରସାର ନ ଥିଲା ।

ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ଏବଂ ମେ'ମାସ ଦ୍ୱିତୀୟ ରବିବାରକୁ ମାତୃ ଦିବସ ରୂପେ ପାଳନ କରାଯାଏ ।

ବାଲ୍ୟବିବାହ, ସତୀଦାହ ପ୍ରଥା ଆଦି ଅନ୍ଧବିଶ୍ୱାସ ସମାଜକୁ କଳୁଷିତ କରିବା ସହିତ ନାରୀମାନଙ୍କର ସ୍ୱାଧୀନତାକୁ ସଂକୁଚିତ କରିଥିଲା। ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଜ୍ୟୋତିବାଫୁଲେ, ସ୍ୱାମୀ ବିବେକାନନ୍ଦ, ଦୟାନନ୍ଦ ସରସ୍ୱତୀ ଓ ମହାତ୍ମାଗାନ୍ଧି ପ୍ରଭୃତି ସମାଜରୁ କୁସଂସ୍କାର ଦୂର କରିବା ସହିତ ନାରୀମାନଙ୍କୁ ପୁରୁଷମାନଙ୍କ ସହିତ ସମକକ୍ଷ କରିବା ପାଇଁ ଚେଷ୍ଟା କରିଥିଲେ ।



ପ୍ରଥମ ମହିଳା I.P.S ଅଧିକାରୀ
ଶ୍ରୀମତୀ କିରଣ ବେଦୀ

ଯୁଗ ବଦଳି ଯାଇଛି। ଭାରତୀୟ ନାରୀ ଆଜି ଆଉ ଅବଳା-ଦୁର୍ବଳା ନୁହେଁ। ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ନାରୀ ଆଜି ତାର ମହତ୍ତ୍ୱ ପ୍ରତିପାଦନ କରିବାରେ ପଛାଇ ନାହିଁ। ରାଜନୀତି, ଶିକ୍ଷା, ବିଚାର ବ୍ୟବସ୍ଥା, ବିଜ୍ଞାନ ପ୍ରଭୃତିରେ ନାରୀ ଆଜି ଆଗୁଆ ଏବଂ ସମ୍ମାନୀତା। ଯେକୌଣସି ପରୀକ୍ଷାର ଫଳାଫଳ ପ୍ରକାଶନ ସମୟରେ ସମ୍ବାଦପତ୍ରମାନଙ୍କରେ ବିଶେଷ ଭାବରେ ନାରୀ ବା ବାଳିକାମାନଙ୍କର ଫଟୋ ଦେଖିବାକୁ ମିଳୁଛି।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ଶ୍ରୀମତୀ ପ୍ରତିଭା ଦେବୀସିଂ ପାଟିଲ, ଶ୍ରୀମତୀ ଅନିତା ଦେଶାଇ, ଅରୁନ୍ଧତୀ ରାୟ, ଶ୍ରୀମତୀ କିରଣ ବେଦୀ, ବିଜୟଲକ୍ଷ୍ମୀ ପଣ୍ଡିତ, ସରୋଜିନୀ ନାଇଡୁ, ନନ୍ଦିନୀ ଶତପଥୀ, ଶ୍ରୀମା, ପି.ଟି. ଉଷା, କଳ୍ପନା ଚାଓ୍ୱଲା, ସୁନୀତା ଉଇଲିୟମ, ସାନିଆ ମିର୍ଜା, ଶକୁନ୍ତଳା ଦେବୀ, ମଦର ଟେରେସା, ମାଲେଶ୍ୱରୀ, ଲତା ମଙ୍ଗେଶକର ପ୍ରଭୃତି ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଲାଭ କରିଅଛନ୍ତି।

ବର୍ତ୍ତମାନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ ନାରୀ ସୁରକ୍ଷା ପାଇଁ ଜନନୀ ସୁରକ୍ଷା ଯୋଜନା ପରି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ହିନ୍ଦୁ ସଂସ୍କୃତିରେ ମା'ଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଅଛି। ଶାରଦୀୟ ଉତ୍ସବ ଦଶହରା ଓ ଦୀପାବଳୀରେ ଶକ୍ତିମୟୀ ଦୁର୍ଗା ଏବଂ କାଳୀଙ୍କର ଆରାଧନା କରାଯାଏ।

**ତୁମେ ଜାଣିଛ କି ?**

୧୯୭୫ ମସିହାକୁ ଆନ୍ତର୍ଜାତୀୟ ନାରୀ ବର୍ଷ ରୂପେ ପାଳନ କରାଯାଇଥିଲା ।

ନିକଟରେ ଜର୍ମାନ ଲେଖିକା ହର୍ଟା ମୁଲର ସାହିତ୍ୟରେ ନୋବେଲ ପୁରସ୍କାର ପାଇଛନ୍ତି ଏବଂ ବ୍ରିଟିଶ ଔପନ୍ୟାସିକା ହିଲାରୀ ମଣ୍ଟେଲ୍ୟାନ ବୁକ୍‌ର ବିଜେତା ହୋଇଅଛନ୍ତି।

ଆମେରିକାର ଏଲିନର ଓଷ୍ଟ୍ରମ୍ ହେଉଛନ୍ତି ପ୍ରଥମ ମହିଳା ଯିଏକି ଅର୍ଥଶାସ୍ତ୍ରରେ ସମ୍ମାନଜନକ ନୋବେଲ ପୁରସ୍କାର ଗ୍ରହଣ କରିଛନ୍ତି।

ନାରୀ ସକଳ ଶକ୍ତିର ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ। ମାତୃଶକ୍ତି ବିନା ସୃଷ୍ଟି ଅସମ୍ଭବ। କଥାରେ ଅଛି– 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ' ।



ମଦର ଟେରେସା

କିରଣବେଦୀ, ସୁନୀତା ଉଇଲିଅମ ଓ କେ.ମାଲେଶ୍ୱରୀ କେଉଁ କେଉଁ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଅଛନ୍ତି ? ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

## ଆମେ କ'ଣ ଶିଖିଲେ ?

- ପୃଥିବୀରେ ସବୁ ମଣିଷର ମଣିଷ ଭଳି ବଞ୍ଚିବାର ଅଧିକାର ଅଛି। ଏହାକୁ ମାନବିକ ଅଧିକାର କୁହାଯାଏ।
- ୧୯୪୮ ମସିହା ଡିସେମ୍ବର ୧୦ ତାରିଖ ଦିନ ସାର୍ବଜନୀନ ମାନବିକ ଅଧିକାର ଘୋଷଣା କରାଗଲା।
- ନାରୀମାନେ ସମାଜରେ ଅବହେଳିତ ହେବା ଅନୁଚିତ । ପୁରୁଷମାନଙ୍କ ପରି ନାରୀମାନଙ୍କୁ ମଧ ସମାନ ସ୍ୱାଧୀନତା ଅଧିକାର ଦିଆଯିବା ଆବଶ୍ୟକ ।
- ଶିଶୁମାନେ ନିର୍ଯାତିତ ହେବା ସମାଜରେ ଗ୍ରହଣୀୟ ନୁହେଁ । ଶିଶୁମାନଙ୍କର ଶିକ୍ଷାଦାନ ବ୍ୟବସ୍ଥା ଏବଂ ଶିଶୁମାନଙ୍କୁ ଶୋଷଣ ନ କରିବା ପାଇଁ ଭାରତୀୟ ସମ୍ବିଧାନରେ ବ୍ୟବସ୍ଥା ରହିଅଛି।
- ଆଧୁନିକ ଯୁଗରେ ନାରୀମାନେ ସବୁ କ୍ଷେତ୍ରରେ ପାରଦର୍ଶିତା ଲାଭ କଲେଣି ।

# ପ୍ରଶ୍ନାବଳୀ

୧. ମଣିଷମାନଙ୍କୁ ଅଧିକାର ଦିଆଯିବାର ତାତ୍ପର୍ଯ୍ୟ କ'ଣ? ପାଞ୍ଚ ଧାଡ଼ିରେ ଲେଖ ।

୨. ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ପାଞ୍ଚଗୋଟି ମାନବିକ ଅଧିକାର ଲେଖ ।

୩. ନାରୀମାନେ ପୁରୁଷମାନଙ୍କ ପରି ଅଧିକାର ଉପଭୋଗ କରିବା ପଛରେ ତିନି ଗୋଟି ବଳିଷ୍ଠ ଯୁକ୍ତି ଉପସ୍ଥାପନ କର ।

୪. ଶିଶୁମାନଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ମୌଳିକ ଅଧିକାରରେ କାହିଁକି ଅନ୍ତର୍ଭୁକ୍ତ ହେଲା? ପାଞ୍ଚଧାଡ଼ିରେ ଲେଖ ।

୫. କେଉଁ ସ୍ୱାଧୀନତା ସଂଗ୍ରାମୀ ନାରୀ ଶିକ୍ଷାର ପ୍ରସାର ଓ ନାରୀମାନଙ୍କର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିଥିଲେ ଲେଖ ।

**ଉତ୍ତର ଦିଅ**

୬. କେଉଁ ଦିନ ସାର୍ବଜନୀନ ମାନବିକ ଅଧିକାର ଘୋଷଣା କରାଗଲା ?

୭. ଶିଶୁମାନଙ୍କ ଶିକ୍ଷା ସଂପର୍କରେ କେଉଁ ନୂଆ ଅଧିକାର ସମ୍ବିଧାନ ସଂଶୋଧନ କରି ଯୋଗ କରାଯାଇଅଛି ?

୮. ତୁମ ବହିରେ ଦିଆଯାଇଥିବା ନାରୀ ସଶକ୍ତିକରଣର ଉଦାହରଣ ବ୍ୟତୀତ ଆଉ ଦୁଇ ଜଣ ନାରୀ ଯେଉଁମାନେ କି ସେମାନଙ୍କ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି, ଲେଖ ।